

୪୦୦ କୋଟିର 'ରାମାୟଣ'

▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-24 ◆FRIDAY ◆18 JULY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୪ ◆ଶୁକ୍ରବାର ◆୧୮ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଇରାକ ସପିଙ୍ଗ୍ ମଲ୍‌ରେ ଅଗ୍ନିକାଣ୍ଡ; ୬୦ ମୃତ



■ **ବାଗଦାଦ, ୧୭ ।୭ (ଏଜେନ୍ସି):** ଇରାକ୍‌ର କୁଟ୍ ସହରର ଏକ ବଡ଼ ସପିଙ୍ଗ୍ ମଲ ତଥା ସୁପର ମାର୍କେଟ୍‌ରେ ଭୀଷଣ ଅଗ୍ନିକାଣ୍ଡ ଯୋଗୁଁ ୬୦ ଜଣ ବ୍ୟକ୍ତି ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି । ଏଥିରେ ୫୦ରୁ ଅଧିକ ଆହତ ହୋଇଛନ୍ତି । ସେମାନଙ୍କୁ ବିଭିନ୍ନ ହସପିଟାଲରେ ଭର୍ତ୍ତି କରାଯାଇଛି । ଅଗିକାଣ୍ଡକୁ ଆୟତ୍ତ କରାଯାଇଥିଲେ ମଧ୍ୟ ୧୧ ଜଣ ନିଖୋଜ ରହିଛନ୍ତି ବୋଲି ଇରାକର ସରକାରୀ ସମାଚାର ଏଜେନ୍ସି ଆଇଏନ୍‌ଏ ସୂଚନା ଦେଇଛି । ଏଥିରେ କୁହାଯାଇଛି ଯେ ୫୯ ଜଣ ମୃତକଙ୍କ ପରିଚୟ ମିଳିସାରିଛି ଏବଂ ଜଣେ ବ୍ୟକ୍ତିର ମୃତଦେହ ଅତି ଭୟଙ୍କର ଭାବେ ଜଳି ଯାଇଥିବାରୁ ତା'ର ପରିଚୟ ମିଳିପାରି ନାହିଁ । ୫ ଦିନ ପୂର୍ବରୁ ଏହି ସୁପରମାର୍କେଟ ଖୋଲାଯାଇଥିଲା । ତେବେ କ'ଣ ପାଇଁ ଏହି ଅଗ୍ନିକାଣ୍ଡ ଘଟିଥିଲା ତାହାର କାରଣ ଜଣାପଡ଼ିନାହିଁ । ଘଟଣା ଯାଞ୍ଚ ପାଇଁ ଇରାକ ପ୍ରଧାନମନ୍ତ୍ରୀ ମହମ୍ମଦ ସିଆ ଅଲ-ସୁଦାନୀ ନିର୍ଦ୍ଦେଶ ଦେଇଛନ୍ତି । ଗତ ୨୦୨୩ରେ ଉତ୍ତର ଇରାକର ଏକ ୱେଡିଂ ହଲ୍‌ରେ ନିଆଁ ଲାଗିଯିବାରୁ ୧୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ ।

## ପାଟନା ହସ୍ପିଟାଲ୍‌ରେ ଗ୍ୟାଙ୍ଗଷ୍ଟରକୁ ଗୁଳିକରି ହତ୍ୟା



■ **ପାଟନା, ୧୭ ।୭(ଏଜେନ୍ସି):** ୫ ଜଣ ସଶସ୍ତ୍ର ଯୁବକ ଆସିଲେ । ହାତରେ ପିସ୍ତଲ ଧରି ମେଡିକାଲ ଭିତରେ ପଶିଲେ । ମେଡିକାଲରେ ଚିକିତ୍ସାଧୀନ ଥିବା ରୋଗୀ ଉପରେ ଗୁଳି ବର୍ଷା କଲେ । ସେ ମରିଯିବା ପରେ ୩୦ ସେକେଣ୍ଡ ଭିତରେ ମେଡିକାଲରୁ ଫେରାର ହୋଇଯାଇଥିଲେ । ଏହା କୌଣସି ଚଳଚ୍ଚିତ୍ରର ଦୃଶ୍ୟ ନୁହେଁ, ବରଂ ଏହା ହେଉଛି ବିହାର ରାଜଧାନୀ ପାଟନାରେ ଅପରାଧୀଙ୍କ ଜଘନ୍ୟ କାଣ୍ଡର ନଗ୍ନ ନମୁନା । ମୃତ ବ୍ୟକ୍ତି ଜଣକ ହେଉଛି ଦୁର୍ଦ୍ଦାନ୍ତ ଅପରାଧୀ ଚନ୍ଦନ ମିଶ୍ରା । ୧୨ଟି ହତ୍ୟା ମାମଲାରେ ଜେଲରେ ସଜା କାଟୁଥିବା ଚନ୍ଦନ ପାରୋଲରେ ଆସି ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ତାକୁ ଏଭଳି ହତ୍ୟା କରାଯାଇଛି । ଏହି ହତ୍ୟାକାଣ୍ଡ ପଛରେ ବିରୋଧୀ ଗୋଷ୍ଠୀ ଶେରୁ ସିଂ ଗ୍ୟାଙ୍ଗର ହାତ ଥିବାର ସନ୍ଦେହ କରାଯାଉଛି ।

ପାଟନାର ପାରସ ହସ୍ପିଟାଲ୍‌ରେ ସ୍ପଷ୍ଟ ଦିବାଲୋକରେ ଗୁରୁବାର ଫିଲ୍ମ ଷ୍ଟାଇଲ୍‌ରେ ଗ୍ୟାଙ୍ଗଷ୍ଟର ହତ୍ୟାକାଣ୍ଡର ସିସିଟିଭି ଫୁଟେଜ୍ ସାମ୍ନାକୁ ଆସିଛି । ଏଥିରେ ୫ ଜଣ ▶ପୃଷ୍ଠା-୭

## ସୌମ୍ୟାଶ୍ରୀ ନିର୍ଯାତନା ନିଆଁ; ସାରା ରାଜ୍ୟରେ କ୍ରୋଧ

# ବନ୍ଦ ସ୍ୱତଃସ୍ଫୂର୍ତ୍ତ, ଶାନ୍ତିପୂର୍ଣ୍ଣ

**ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ଆତ୍ମାହୁତି ଘଟଣାର ପ୍ରତିବାଦରେ ଗୁରୁବାର ଓଡ଼ିଶା ବନ୍ଦ ଶାନ୍ତିପୂର୍ଣ୍ଣ ଓ ସଫଳ ହୋଇଛି । ମିଳିତ ବିରୋଧୀ ଦଳ ପକ୍ଷରୁ ଦିଆଯାଇଥିବା ଏହି ବନ୍ଦ ଡକରାକୁ ସ୍ୱତଃସ୍ଫୂର୍ତ୍ତ ସମର୍ଥନ ଦେଇ ସାରା ଓଡ଼ିଶାର ଜନସାଧାରଣ ଦିବଂଗତ ଛାତ୍ରୀଙ୍କୁ ସମ୍ମାନ ଓ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ବ୍ୟବସ୍ଥାଗତ ତ୍ରୁଟିକୁ ପରୋକ୍ଷରେ ଧିକ୍କାର କରିଛନ୍ତି । ନାରୀ ସୁରକ୍ଷା ଓ ମହିଳା ସଶକ୍ତୀକରଣର ନାରା ଦେଇ କ୍ଷମତାକୁ ଆସିଥିବା ରାଜ୍ୟ ବିଜେପି ସରକାରର ମାତ୍ର ଏକ ବର୍ଷର ଶାସନ ପରେ ସାଧାରଣ ଜନତାଙ୍କ ତିକ୍ତ ଉପଲବ୍ଧିର ସ୍ୱର ସରକାରଙ୍କ ପାରିବାପଣିଆକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛି ।**

### ଦୋକାନବଜାର ବନ୍ଦ, ବସ୍ ଓ ରେଳ ଚଳାଚଳ ପ୍ରଭାବିତ

### କଂଗ୍ରେସ ସମେତ ସାମିଲ ହେଲେ ୮ ସମଭାବାପନ୍ନ ଦଳ

### ଯୋଗଦେଲେ ମହିଳା ଓ ଛାତ୍ର କଂଗ୍ରେସ ଜାତୀୟ ସଭାପତି



■ **ଭୁବନେଶ୍ୱର, ୧୭।୭ (ସମିସ):** ସାରା ରାଜ୍ୟବାସୀଙ୍କ ମନରେ କ୍ରୋଧ ସୃଷ୍ଟି କରିଛି ସୌମ୍ୟାଶ୍ରୀ ନିର୍ଯାତନା ଓ ଆତ୍ମଦାହ ନିଆଁ । ଗାଁରୁ ସହର, ଉପାନ୍ତରୁ ଉପକୂଳ ପର୍ଯ୍ୟନ୍ତ ସବୁଠି ସୌମ୍ୟାଶ୍ରୀଙ୍କ ମୃତ୍ୟୁ ସୃଷ୍ଟି କରିଛି ଆଲୋଡ଼ନ । ଯାହାର ପ୍ରତିଫଳନ ଆଜି ସାରା ରାଜ୍ୟରେ ଦେଖିବାକୁ ମିଳିଛି କଂଗ୍ରେସ ଓ ସମଭାବାପନ୍ନ ୮ ବିରୋଧୀଦଳ ଡକରାରେ ଆଜି ବନ୍ଦ ହୋଇ ଯାଇଛି ଅଖଚକ, ଦୋକାନବଜାର । ଶୂନଶାନ ହୋଇ ଯାଇଛି ସଡ଼କ, ଅଚଳ ହୋଇଯାଇଛି ବେପାରବଣିଜ । ଏଫ୍‌ଏମ୍ କଲେଜ ଛାତ୍ରୀଙ୍କୁ ନ୍ୟାୟ ଦାବିରେ ଗୁରୁବାର ଦିଆଯାଇଥିବା ୧୨ ଘଣ୍ଟିଆ ବନ୍ଦ ଡାକରା ପ୍ରଭାବରେ ସାରା ରାଜ୍ୟରେ ଏଭଳି ସ୍ଥିତି ସୃଷ୍ଟି ହୋଇଛି । ଲୋକମାନେ ସ୍ୱତଃପ୍ରବୃତ୍ତ ଭାବରେ ବନ୍ଦକୁ ସମର୍ଥନ ପ୍ରଦାନ କରିଛନ୍ତି । କେବଳ ଜରୁରୀକାଳୀନ ସେବାରେ ନିୟୋଜିତ କିଛି ଗାଡ଼ିକୁ ଛାଡ଼ି ଦେଲେ ରାଜ୍ୟସାରା ବନ୍ଦ ପ୍ରଭାବ ଦେଖିବାକୁ ମିଳିଛି । ଭୁବନେଶ୍ୱର, କଟକ, ସମ୍ବଲପୁର, ବ୍ରହ୍ମପୁର, ରାଉରକେଲା, ପୁରୀ, ବାରିପଦା, ଅନୁଗୋଳ, ଜୟପୁର, ବଲାଙ୍ଗିର ସହ ରାଜ୍ୟର ବିଭିନ୍ନ ସହରରେ ଯାନବାହନ ଚଳାଚଳ ବନ୍ଦ ହୋଇ ଯାଇଛି । ଜିଲ୍ଲା ମୁଖ୍ୟାଳୟ, ବ୍ଲକ୍, ଏପରିକି ଗାଁରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଛି ।

ସାରା ରାଜ୍ୟରେ ଖାଁ ଖାଁ ସ୍ଥିତି ସୃଷ୍ଟି ହୋଇଛି । ସକାଳ ୬ଟାରୁ ବନ୍ଦର ପ୍ରଭାବ ଆରମ୍ଭ ହୋଇଥିବାରୁ କଂଗ୍ରେସ ଓ ସହଯୋଗୀ ବିରୋଧୀ ଦଳର ନେତାମାନେ ବିଭିନ୍ନ ସ୍ଥାନରେ ପିକେଟିଂ କରି ବନ୍ଦରେ ସାମିଲ ହେବାକୁ ଲୋକଙ୍କୁ ନିବେଦନ କରିଛନ୍ତି । ବସ୍ ଓ ଟ୍ରେନ୍ ଚଳାଚଳ ବ୍ୟାହତ ହେବା ଯୋଗୁଁ ପରିବହନ ବ୍ୟବସ୍ଥା ଉପରେ ଗୁରୁତର ପ୍ରଭାବ ପଡ଼ିଛି । କାଁ ଭାଁ ଛୋଟଛୋଟ ଘଟଣାକୁ ବାଦ ଦେଲେ ରାଜ୍ୟର ପ୍ରାୟ ସବୁ ସ୍ଥାନରେ ବନ୍ଦ ଶାନ୍ତିପୂର୍ଣ୍ଣ ରହିଛି । ରାଜଧାନୀ ଭୁବନେଶ୍ୱରରେ ସକାଳୁ ସକାଳୁ ପିସିସି ▶ପୃଷ୍ଠା-୭

**୨୧ରୁ ସଂସଦର ମୌସୁମୀ ଅଧିବେଶନ**

# କେନ୍ଦ୍ର ପାଇଁ ଶିରପୀଡ଼ା ହେବ ଓଡ଼ିଶା ପ୍ରସଙ୍ଗ

■ **ଭୁବନେଶ୍ୱର/ନୂଆଦିଲ୍ଲୀ ୧୭।୭ (ସମିସ):** ଆସନ୍ତା ୨୧ରୁ ଆରମ୍ଭ ହେବ ସଂସଦର ମୌସୁମୀ ଅଧିବେଶନ । ଏଥିପାଇଁ ୨୦ ତାରିଖରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ । ମାତ୍ର ଆଗାମୀ ଅଧିବେଶନରେ କେନ୍ଦ୍ର ସରକାରଙ୍କୁ ଘେରିବା ନିମନ୍ତେ ୧୯ରେ ରଣନୀତି ପ୍ରସ୍ତୁତ କରିବ ବିରୋଧୀଙ୍କ ଇଣ୍ଡିମେଣ୍ଟ । ବିଶେଷ ଭାବରେ ଆଗାମୀ ଅଧିବେଶନରେ ଜାତୀୟ ପ୍ରସଙ୍ଗ ସହ ବିରୋଧୀଙ୍କ ପାଇଁ ଓଡ଼ିଶା ଘଟଣା ପ୍ରମୁଖ ପ୍ରସଙ୍ଗ ପାଲଟିବ ବୋଲି କୁହାଯାଉଛି । ଗତ ଦୁଇ ମାସ ମଧ୍ୟରେ ବିଭିନ୍ନ ଘଟଣା ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଓଡ଼ିଶାର ଛବିକୁ ମଳିନ କରିଛି । ଗୋପାଳପୁର ଗଣ ବଳାତ୍କାର ଘଟଣା, ରଥଯାତ୍ରା ଅଘଟଣ ଓ ଦଳାଚକଟାରେ ୩ ମୃତ, ବିଏମ୍‌ସି କାର୍ଯ୍ୟାଳୟରେ ଅତିରିକ୍ତ କମିଶନରଙ୍କୁ ଘୋଷାରି ଘୋଷାରି ମାଡ଼, ଧରାକୋଟରେ ଦୁଇ ଦଳିତଙ୍କ ପ୍ରତି ବର୍ବର ବ୍ୟବହାର ଏବଂ ଏବେ ବ୍ୟବସ୍ଥା ଦ୍ୱାରା ନିର୍ଯାତିତ ହୋଇ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମଦାହ ଘଟଣା ଓଡ଼ିଶାକୁ ଜାତୀୟସ୍ତରରେ ନିନ୍ଦିତ କରିଛି । ରାଜ୍ୟର ଆଇନଶୃଙ୍ଖଳା ଓ ପ୍ରଶାସନିକ ଅପାରଗତା ଯୋଗୁଁ ଏପରି ଘଟଣା ଘଟୁଥିବା ଜାତୀୟ ରାଜନୈତିକ ଦଳଗୁଡ଼ିକ ଅଭିଯୋଗ କରିଛନ୍ତି । ବିଶେଷ ଭାବରେ ବିରୋଧୀଦଳ ନେତା ରାହୁଲ ଗାନ୍ଧୀ, ସାଂସଦ ପ୍ରିୟଙ୍କା ଗାନ୍ଧୀ, ଏଆଇସିସି ସଭାପତି ମଲ୍ଲିକାର୍ଜ୍ଜୁନ ଖଡ଼୍‌ଗେ, ବରିଷ୍ଠ ନେତା ଜୟରାମ ରମେଶ, ତୃଣମୂଳ କଂଗ୍ରେସ ମୁଖ୍ୟ ମମତା ବାନାର୍ଜୀ ଯେପରି ଓଡ଼ିଶା ପ୍ରସଙ୍ଗରେ ସକ୍ରିୟ ହୋଇଛନ୍ତି; ତାହା ବିରୋଧୀଙ୍କ ଆଭିମୁଖ୍ୟକୁ ସ୍ପଷ୍ଟ କରିଛି । ସେହିପରି ଓଡ଼ିଶାରେ ବଙ୍ଗଳାଭାଷୀ ଶ୍ରମିକଙ୍କୁ ଅଟକ ପ୍ରସଙ୍ଗକୁ ନେଇ ତୃଣମୂଳ



### ୧୯ରେ ଇଣ୍ଡିମେଣ୍ଟ ବୈଠକ; ପ୍ରସ୍ତୁତ ହେବ ରଣନୀତି

କଂଗ୍ରେସ କଠୋର ଆଭିମୁଖ୍ୟ ପୋଷଣ କରିଛି । ଗତକାଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହି ପ୍ରସଙ୍ଗରେ ବିଜେପି ଓ ଏହି ଦଳ ଶାସିତ ରାଜ୍ୟକୁ ନିଶାଣ କରିଛନ୍ତି । ପଶ୍ଚିମ ବଙ୍ଗ ଲୋକଙ୍କୁ ବିଜେପି ଶାସିତ ରାଜ୍ୟରେ ଅଟକ ରଖାଯାଇଥିବାରୁ ଏହାର ପ୍ରତିବାଦ କରି କୋଲକାତାରେ ଏକ ବିଶାଳ ରାଲିର ଆୟୋଜନ କରିଥିଲେ । ତୃଣମୂଳ କଂଗ୍ରେସ ଏହି ପ୍ରସଙ୍ଗକୁ ▶ପୃଷ୍ଠା-୭

**ଏଫ୍‌ଏମ୍ ଛାତ୍ରୀ ଆତ୍ମଦାହ ଘଟଣା**

# କ୍ରାଇମବ୍ରାଞ୍ଚ ଟିମ୍‌ର ଖୋଳତାଡ଼

■ **ବାଲେଶ୍ୱର/କଟକ, ୧୭ ।୭ (ସମିସ):** ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମଦାହ ଘଟଣାରେ ତଦନ୍ତ ପ୍ରକ୍ରିୟାକୁ ଜୋରଦାର୍ କରିଛି କ୍ରାଇମବ୍ରାଞ୍ଚ । ଆଜି ଅପରାହ୍ଣରେ କ୍ରାଇମବ୍ରାଞ୍ଚର ୫ ଜଣିଆ ଟିମ୍ କଲେଜରେ ପହଞ୍ଚି ଖୋଳତାଡ଼ କରିଛି । ଏହି ଟିମ୍‌ରେ ୱିମେନ ୱିଙ୍ଗର ଆଇଜି ଏସ୍‌ଏସ୍ ସାଇନିଙ୍କ ସହ ଡିଏସ୍‌ପି ଇମାମ କଲ୍ୟାଣ ନାୟକ, ଇନ୍ସପେକ୍ଟର ପାଂଚାଳି ରାଉତ ପ୍ରମୁଖ ରହିଥିଲେ । ଅପରାହ୍ଣ ପ୍ରାୟ ୪ଟା୧୫ରେ ସର୍କିଟ ହାଉସଠାରୁ ବାହାରି ଉକ୍ତ ଟିମ୍ ଫକୀର ମୋହନ ମହାବିଦ୍ୟାଳୟକୁ ଯାଇଥିଲେ । ଆଜି ପେଟ୍ରୋଲକୁ ନେଇ ତନାଘନା ହୋଇଥିବା ଜଣାଯାଇଛି । ଘଟଣା ଦିନ ସୌମ୍ୟାଶ୍ରୀ ସାଙ୍ଗରେ କଲେଜକୁ ପେଟ୍ରୋଲ ଆଣିଥିଲେ ନା ତାଙ୍କୁ କିଏ ପେଟ୍ରୋଲ ଦେଇଥିଲା, ଯଦି ଅନ୍ୟ କିଏ ତାଙ୍କୁ ଯୋଗାଇଛି ତେବେ ସେ କିଏ? ସେହିପରି, କଲେଜ ପରିସରକୁ ପଲିଥିନ୍‌ରେ ପେଟ୍ରୋଲ ଅଣାଯାଇଥିଲା ନା କୌଣସି ଡବାରେ ଏବଂ କେଉଁ ପେଟ୍ରୋଲ ପମ୍ପରୁ ପେଟ୍ରୋଲ ଅଣାଯାଇଥିଲା, ସେନେଇ କ୍ରାଇମବ୍ରାଞ୍ଚ ତନାଘନା କରିଛି । ଘଟଣା ଘଟିବାର କିଛି ସମୟ ପୂର୍ବରୁ ଜଣେ କଲେଜ ଛାତ୍ର ନିକଟସ୍ଥ ▶ପୃଷ୍ଠା-୭

**କ୍ୟାମ୍ପସକୁ କିଏ ଆଣିଥିଲା ପେଟ୍ରୋଲ, ଦିଆସିଲି?**

**ଏସ୍‌ସିବିରେ ଜ୍ୟୋତିପ୍ରକାଶଙ୍କୁ ପଚରାଉଚରା**

## ଆଜିଠୁ ଉଚ୍ଚସ୍ତରୀୟ କମିଟି ତଦନ୍ତ

**ବ୍ୟକ୍ତିଗତ ହାଜିରା ଦେବେ ସମସ୍ତ ଆଇସିସି ସଦସ୍ୟ**

■ **ଭୁବନେଶ୍ୱର, ୧୭ ।୭ (ସମିସ):** ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀ ଆତ୍ମଦାହ ମାମଲାରେ କ୍ରାଇମବ୍ରାଞ୍ଚ ଓ ଉଚ୍ଚଶିକ୍ଷା ବିଭାଗ ତଦନ୍ତ କରିଛି । ମାମଲାରେ ସମ୍ପୃକ୍ତ ଅଧ୍ୟାପକ ଓ ଅଧ୍ୟକ୍ଷ ଜେଲ୍ ଯାଇଥିବା ବେଳେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଙ୍କ ଭୂମିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହାର ତଦନ୍ତ ପାଇଁ ଆସନ୍ତାକାଲି ଅର୍ଥାତ୍ ଶୁକ୍ରବାର ଆଉ ଏକ ଉଚ୍ଚସ୍ତରୀୟ କମିଟି କଲେଜକୁ ଯିବ । ଆଇସିସି କମିଟିର ସମସ୍ତ ସଦସ୍ୟଙ୍କୁ ଗୋଟି ଗୋଟି କରି ପଚରାଉଚରା ▶ପୃଷ୍ଠା-୭

## ଛାତ୍ରୀଙ୍କୁ ଯୌନ ଶୋଷଣ; ଅଧ୍ୟାପକ ଗିରଫ



**ସମ୍ବଲପୁରରେ ଲଜ୍ଜା!**

■ **ସମ୍ବଲପୁର, ୧୭ ।୭ (ସମିସ):** ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟାପକଙ୍କ ନିର୍ଯାତନାର ଶିକାର ହୋଇ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଜୀବନ ହାରିବା ଘଟଣାକୁ ଦିନ ୨ଟା ନ ବିତୁଣୁ ସମ୍ବଲପୁରରୁ ପୁଣି ଏକ ଛାତ୍ରୀ ନିର୍ଯାତନାର ଖବର ଆସିଛି । ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଜଣେ ଅଧ୍ୟାପକ ବିବାହର ପ୍ରଲୋଭନ ଦେଖାଇ ଜଣେ ଛାତ୍ରୀଙ୍କୁ ଯୌନ ଶୋଷଣ କରୁଥିବା ଭଳି ସଂଗିନ୍ ଅଭିଯୋଗ ହୋଇଛି । ଏନେଇ ଥାନାରେ ମାମଲା ପରେ ପୁଲିସ୍ ଏଜୁକେସନ୍ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର୍ ଡ. ଗୋପିକାନ୍ତ ସୁନା (୩୨)ଙ୍କୁ ଗିରଫ କରିଛି । ତାଙ୍କ ଘର ବରଗଡ଼ ଜିଲ୍ଲାରେ । ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କୁ ନିଲମ୍ବିତ କରିଛନ୍ତି ।

ସୂଚନାନୁସାରେ, ବିଶ୍ୱବିଦ୍ୟାଳୟର ବିଏ ବିଏଡ୍ ଯୁକ୍ତ ଦୁଇବର୍ଷର ଜଣେ ଛାତ୍ରୀ ଗତକାଲି ମହିଳା ଥାନାର ଦ୍ୱାରସ୍ଥ ହୋଇଥିଲେ । ଅଭିଯୋଗ ଅନୁସାରେ, ୨୦୨୩ ଡିସେମ୍ବରରୁ ଏକାଡେମିକ୍ କ୍ଷେତ୍ରରେ ସାହାଯ୍ୟ କରିବା ଆଳରେ ଗୋପିକାନ୍ତ ତାଙ୍କ ସହ ସଂପର୍କ ବଢ଼ାଇଥିଲେ । ଏପରିକି, ପରେ ବିବାହର ପ୍ରତିଶ୍ରୁତି ଦେଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ । କିନ୍ତୁ, ବର୍ତ୍ତମାନ ଅଧ୍ୟାପକ ଜଣଙ୍କ ବିବାହ କରିବା ପାଇଁ ରାଜି ହେଉନାହାନ୍ତି । ଏଥିରେ ଛାତ୍ରୀଜଣଙ୍କ ମାନସିକସ୍ତରରେ ଭାଙ୍ଗିପଡ଼ିଛନ୍ତି । ତେଣୁ, ନ୍ୟାୟ ପାଇବା ଆଶାରେ ବାଧ୍ୟ ହୋଇ ବୁଧବାର ମହିଳା ଥାନାର ଦ୍ୱାରସ୍ଥ ହୋଇଥିଲେ । ପୁଲିସ୍ ମାମଲା ରୁଜୁ କରି ଅଭିଯୁକ୍ତ ଗୋପିକାନ୍ତଙ୍କୁ ବୁଢ଼ାରଜାରୁ ଗିରଫ କରି କୋର୍ଟଚାଲାଣ କରିଛି । ଏହି ଘଟଣା ସାମ୍ନାକୁ ଆସିବା ▶ପୃଷ୍ଠା-୭

### ମଙ୍ଗଳ ବିଭାଗରେ ପୁଣି ଅମଙ୍ଗଳ

## ଆବାସିକ ବିଦ୍ୟାଳୟ ଆଦିବାସୀ ଛାତ୍ରୀ ଗର୍ଭବତୀ

■ **ବିଷମ କଟକ, ୧୭।୭ (ସମିସ):** ମଙ୍ଗଳ ବିଭାଗରେ ପୁଣି ଅମଙ୍ଗଳ । ରାୟଗଡ଼ା ଜିଲ୍ଲାରେ ଘଟିଛି ଆଉ ଏକ ଲଜ୍ଜାଜନକ ଘଟଣା । ବିଷମକଟକ ବ୍ଲକ୍ ଡକୁମ୍ ଗ୍ରାମରେ ଥିବା ଅନୁସୂଚିତ ଜାତି ଓ ଜନଜାତି ତଥା କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଆବାସିକ ବିଦ୍ୟାଳୟର ଜଣେ ନାବାଳିକା ଛାତ୍ରୀ ଗର୍ଭବତୀ ହୋଇଛନ୍ତି । ବୁଧବାର ରାତିରେ ବିଷମକଟକ ଥାନାରେ ଏତଲା ଦିଆଯାଇଛି । ପୁଲିସ ଜଣେ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି । ଛାତ୍ରୀଙ୍କ ପୁନଃ ଡାକ୍ତରୀମାଇନା ପରେ ତାଙ୍କୁ ଶିଶୁ ମଙ୍ଗଳ କମିଟିରେ ହାଜର କରାଯିବ ବୋଲି ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢ଼ୀ କହିଛନ୍ତି ।

ଗତକାଲି ବିଷମ କଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭ୍ରାମ୍ୟମାଣ ଦଳ ଡୁକୁମ ସରକାରୀ ଉଚ୍ଚ ଆବାସିକ ବିଦ୍ୟାଳୟ ଆନ୍ତେବାସୀ ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ସମ୍ପୃକ୍ତ ଛାତ୍ରୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥିବା ବେଳେ ପରୀକ୍ଷାରୁ ସେ ଗର୍ଭବତୀ ଥିବା ଜଣାପଡ଼ିଥିଲା । ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ଚିକିତ୍ସକ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବଗତ କରାଇଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ଛାତ୍ରୀଙ୍କୁ ଡାକି ସମସ୍ତ କଥା ପଚାରି ବୁଝିଥିଲେ । ଛାତ୍ରୀଜଣଙ୍କ ଗ୍ରୀଷ୍ମଛୁଟିରେ ଘରକୁ ଯାଇଥିବା ବେଳେ ତାଙ୍କ ମାମୁପୁଅ ତାଙ୍କ ସହ ଅନୈତିକ ସମ୍ପର୍କ ରଖିଥିଲା । ଏ ସମସ୍ତ କଥା ଝିଅର ବାପା, ମା'ଙ୍କୁ ଶିକ୍ଷୟିତ୍ରୀ ସୂଚନା ଦେଇଥିଲେ । ଛାତ୍ରୀଜଣଙ୍କ ଗର୍ଭବତୀ ରହିଥିବା ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ମଧ୍ୟ ଅବଗତ କରିଥିଲେ । କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରଧାନ ଶିକ୍ଷୟିତ୍ରୀ ବିଷମକଟକ ଥାନାରେ ଲିଖିତ ଅଭିଯୋଗ କରିଥିଲେ ।

**ନାଳିଫିତା ତଳେ ତଦନ୍ତ**

# ନ୍ୟାୟ ଅପେକ୍ଷାରେ ଆଉଜଣେ ସୌମ୍ୟା

■ **ପଟ୍ଟାମୁଣ୍ଡାଇ, ୧୭।୭ (ସମିସ):** ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟା ବିଶିଙ୍କ ଆତ୍ମଦାହ ଘଟଣାକୁ ନେଇ ସାରା ଓଡ଼ିଶାର ବିଭିନ୍ନ ରାଜନୈତିକ ସଂଗଠନ, ଗଣ ସଂଗଠନ ଓ ଛାତ୍ର ସଂଗଠନ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ତେବେ ବହୁଚର୍ଚ୍ଚିତ ପଟ୍ଟାମୁଣ୍ଡାଇ କଲେଜର ଯୁକ୍ତ ୨ ଛାତ୍ରୀ ସୌମ୍ୟା ଶାଶ୍ୱତୀ ନାୟକଙ୍କ ଆତ୍ମହତ୍ୟା ଘଟଣାର ପର୍ଦ୍ଦାଫାଶ କେବେ ହେବ ଓ ଦୋଷୀ ଦଣ୍ଡ ପାଇବେ ସେନେଇ ଅଞ୍ଚଳବାସୀ ଅପେକ୍ଷା କରିଛନ୍ତି । ଘଟଣାର ୫ ମାସ ପରେ ବି ତଦନ୍ତ ନାଳିଫିତା ତଳେ ଚାପି ହୋଇରହିଛି । ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାର ରହସ୍ୟ ଏବେ ମଧ୍ୟ ସାର୍ବଜନୀନ ହୋଇପାରି ନାହିଁ । ପୁଲିସର ତଦନ୍ତ ମଧ୍ୟ ସନ୍ଦେହ ଘେରରେ ରହିଛି ।

ଅନ୍ୟପକ୍ଷରେ ଉଚ୍ଚ ଶିକ୍ଷା ବିଭାଗର ତଦନ୍ତ ମଧ୍ୟ ଦିଶାହୀନ ହୋଇପଡ଼ିଥିବା ପଟ୍ଟାମୁଣ୍ଡାଇ କଲେଜ ଆଲମୁନି ଆସୋସିଏସନର ସମ୍ପାଦକ ଆଡଭୋକେଟ ଗୋପୀନାଥ ତ୍ରିପାଠୀ ଓ ପଟ୍ଟାମୁଣ୍ଡାଇ ବିକାଶ ପରିଷଦର ସଭାପତି ତଥା କାଉନସିଲର ଗୋପୀବଲ୍ଲଭ ନାୟକ କ୍ଷୋଭକ୍ତି ପ୍ରକାଶ କରିଛନ୍ତି । କାହା ଇଙ୍ଗିତରେ ତଦନ୍ତ ବାଟବଣା ହେଉଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କେନ୍ଦ୍ରାପଡ଼ା ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ପଟ୍ଟାମୁଣ୍ଡାଇ କଲେଜରେ ଏଭଳି ସମ୍ବେଦନଶୀଳ ଘଟଣା କଲେଜର ଖ୍ୟାତି ଓ ପ୍ରତିଷ୍ଠାରେ ଆଞ୍ଚ ଆଣିଛି । ଏହି ସମ୍ବେଦନଶୀଳ ଘଟଣାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ନିର୍ଦ୍ଦେଶ ଏବେ ମଧ୍ୟ କାର୍ଯ୍ୟକାରୀ ହୋଇନଥିବାରୁ ବିଭାଗୀୟ ପାରିବାପଣିଆକୁ ପଦାରେ ପକାଇଛି ।

ଘଟଣାରେ ତତ୍କାଳୀନ ଅଧ୍ୟକ୍ଷଙ୍କ ବିବାଦୀୟ ବୟାନକୁ ନେଇ ବହୁ ଛାତ୍ର, ଅଣଛାତ୍ର, ରାଜନୈତିକ ସଂଗଠନ ପକ୍ଷରୁ ଦୃଢ ନିନ୍ଦା କରାଯିବା ସହିତ ଅଧ୍ୟକ୍ଷ ଦିଲ୍ଲୀପ ଭୂୟାଁଙ୍କୁ ତଦନ୍ତ ପରିସରଭୁକ୍ତ କରିବା ପାଇଁ ଦାବି ହୋଇ ଆସୁଥିବା ବେଳେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ । ଏନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଗୋଟିଏ ପଟେ ଘଟଣାର ତଦନ୍ତ କରୁଥିବା ପୁଲିସ ସ୍ଥାନୀୟ ଲୋକ ଓ ବିଭିନ୍ନ ସଂଗଠନର ନେତୃବର୍ଗଙ୍କ କଥାକୁ ଗୁରୁତ୍ୱ ଦେଇନଥିବା ବେଳେ ମୃତା ଛାତ୍ରୀଙ୍କ ମାଆଙ୍କ ଉପରେ କଲେଜ ବିରୁଦ୍ଧରେ କେସ ନକରିବା ପାଇଁ ଚାପ ପକାଇଥିବା ଅଭିଯୋଗ ହୋଇଆସୁଛି ।

ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ କହିଥିବା ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଆଦେଶ କାର୍ଯ୍ୟକାରୀ ନହୋଇଥିବାରୁ ଏହା ପାଣିରେ ଗାର ସଦୃଶ ହୋଇଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି । ▶ପୃଷ୍ଠା-୭

▶▶ **ଅସଦାଚରଣର ଶିକାର ହୋଇ କରିଥିଲେ ଆତ୍ମହତ୍ୟା**

▶▶ **ମାମଲା ନକରିବାକୁ ପୁଲିସ ପକାଉଥିଲା ଚାପ**

▶▶ **ତଦନ୍ତ ପାଇଁ ପ୍ରତିଶ୍ରୁତି ଦେଇଥିଲେ ଉଚ୍ଚ ଶିକ୍ଷାମନ୍ତ୍ରୀ**

## ବିଏଲ୍ଏ ଆକ୍ରମଣରେ ୨୭ ପାକ୍ ସୈନ୍ୟ ମୃତ

କ୍ୱେଟା, ୧୭।୭(ଏଜେନ୍ସି): ପାକିସ୍ତାନର ବେଲୁଚିସ୍ଥାନ ରାଜ୍ୟରେ ବିଦ୍ରୋହୀ ବେଲୁଚିସ୍ତାନ ଲିବରେସନ ଆର୍ମି (ବିଏଲ୍ଏ) ଆଉ ଏକ ବଡ଼ କାଣ୍ଡ ଘଟାଇଛି। ବିଏଲ୍ଏ ଆକ୍ରମଣରେ ୨୭ ଜଣ ପାକିସ୍ତାନ ସୈନ୍ୟ ପ୍ରାଣ ହରାଇଛନ୍ତି। ଗତ ୧୨ ଘଣ୍ଟା ମଧ୍ୟରେ ଅବାରାନ, କ୍ୱେଟା ଓ କଲାଜ ଜିଲ୍ଲାରେ ବିଏଲ୍ଏ ଆକ୍ରମଣ କରି ପାକିସ୍ତାନ ସେନାର ବଡ଼ କ୍ଷତି ଘଟାଇଛି। ସେନାର ଏକ ଟ୍ରାନ୍ସପୋର୍ଟ ବସକୁ ଟାର୍ଗେଟ କରି ବିଏଲ୍ଏ ବିଦ୍ରୋହୀ ଆକ୍ରମଣ କରିଥିଲେ। ଏଥିରେ ଏକାଧିକ ସୈନ୍ୟ ଆହତ ହୋଇଛନ୍ତି। ଏହି ବସ୍ କରାଚୀରୁ କ୍ୱେଟା ଯାଉଥିଲା। ସେହିପରି ଅନ୍ୟ ଏକ ଘଟଣାରେ କ୍ୱେଟାର ହାଜରଗଞ୍ଜି ଅଞ୍ଚଳରେ ବିଏଲ୍ଏ ବିଦ୍ରୋହୀଙ୍କ ଆକ୍ରମଣରେ ୨ ଜଣ ସୈନ୍ୟ ମୃତ୍ୟୁବରଣ କରିଥିବା ବେଳେ ୭ ଜଣ ଆହତ ହୋଇଛନ୍ତି। ଗତ ଏକ ଦଶନ୍ଧି ଧରି ପାକିସ୍ତାନରୁ ଅଲଗା ହୋଇ ସ୍ୱାଧୀନତା ହାସଲ କରିବାକୁ ବେଲୁଚିସ୍ତାନରେ ଏହି ବିଦ୍ରୋହ ଦେଖାଯାଇଛି ଓ ଏହା ଦିନକୁ ଦିନ ତୀବ୍ରତର ହେବାକୁ ଲାଗିଛି।

## ଭାଇଭାଉଜ, ପୁତୁରା ଉପରେ କାର୍ ଚଢ଼ାଇଦେଲେ ଓକିଲ

ମୋଗା, ୧୭।୭(ଏଜେନ୍ସି): ପଞ୍ଜାବର ମୋଗା ଜିଲ୍ଲାରେ ଏକ ପରିବାରରେ ଚାଲିଥିବା ଜମି ବିବାଦ ଶେଷରେ ହିଂସକ ରୂପ ଧାରଣ କରିଛି। ଜଣେ ବ୍ୟକ୍ତି ନିଜ ଭାଇ, ଭାଉଜ ଓ ପୁତୁରା ଉପରେ କାର୍ ଚଢ଼ାଇଦେଇଛନ୍ତି। ଏଥିରେ ୩ ଜଣ ଯାକ ଆହତ ହୋଇଛନ୍ତି। ରକ୍ତ ଜୁଡୁବୁଡୁ ଏହି ୩ ଜଣଙ୍କୁ ସ୍ଥାନୀୟ ସିଭିଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣା ଘର ବାହାରେ ଲଗାଯାଇଥିବା ସିସିଟିଭି କ୍ୟାମେରାରେ ରେକର୍ଡ ହୋଇଛି ଓ ଏହା ଭାଇରାଲ ହୋଇଛି। ପୁତୁରାର ମୁଣ୍ଡ ଓ ନାକରେ ଆଘାତ ଲାଗିଥିବା ବେଳେ ବଡ଼ ଭାଇ ଗମ୍ଭୀର ଭାବେ ଆହତ ହୋଇଛନ୍ତି। ଅଭିଯୁକ୍ତ ସାନ ଭାଇ ଓ ତାଙ୍କ ପତ୍ନୀଙ୍କ ବିରୋଧରେ ପୁଲିସ୍ ମାମଲା ରୁଜୁ କରିଛି। ୩.୫ ଏକର ଜମି ପାଇଁ ଦୁଇ ଭାଇଙ୍କ ମଧ୍ୟରେ ଦୀର୍ଘ ଦିନ ହେବ ବିବାଦ ଚାଲିଆସିଥିଲା।

## ବ୍ରିଟେନରେ ମତଦାନ ବୟସ ୧୬କୁ ହ୍ରାସ


ଲଣ୍ଡନ, ୧୭।୭(ଏଜେନ୍ସି): ଦୀର୍ଘ ୫୬ ବର୍ଷ ପରେ ବ୍ରିଟେନ ନିର୍ବାଚନ ପ୍ରକ୍ରିୟାରେ ଏକ ବଡ଼ ତଥା ବୈପ୍ଳବିକ ପରିବର୍ତ୍ତନ କରାଯାଇଛି। ଏବେ ଏହି ଦେଶରେ ୧୬ ଓ ୧୭ ବର୍ଷର ପିଲା ମତଦାନ ଦେବାର ଅଧିକାର ହାସଲ କରିବେ। ବ୍ରିଟେନରେ ମତଦାନ ଦେବାର ସର୍ବନିମ୍ନ ବୟସକୁ ୧୬କୁ କମାଇ ଦିଆଯାଇଛି। ପୂର୍ବରୁ ୧୯୬୯ରେ ବ୍ରିଟେନରେ ମତଦାନର ବୟସ ଶେଷ ଥର ପାଇଁ ପରିବର୍ତ୍ତନ କରାଯାଇଥିଲା। ସେତେବେଳେ ଏହାକୁ ୨୧ରୁ ୧୮ ବର୍ଷ କରାଯାଇଥିଲା। ଏହାକୁ ବ୍ରିଟେନ ନିର୍ବାଚନ ପ୍ରକ୍ରିୟାରେ ସବୁଠାରୁ ବଡ଼ ସଂସ୍କାର ବୋଲି କୁହାଯାଉଛି। ପୂର୍ବରୁ କେବଳ ସ୍କଟଲାଣ୍ଡ ଓ ୱେଲ୍ସରେ କେତୋଟି ନିର୍ବାଚନରେ ଯୁବ ଭୋଟରମାନେ ମତଦାନ ଦେବାର ଅଧିକାର ପାଇଥିଲେ। କିନ୍ତୁ ଏବେ ସାରା ବ୍ରିଟେନ୍‌ରେ ୧୬ ବର୍ଷ ବୟସର ପିଲାମାନେ ମତଦାନ କରିପାରିବେ। ଏହାଦ୍ୱାରା ସାରା ଦେଶରେ ୯୫ ଲକ୍ଷ ଲୋକ ଲାଭବାନ ହୋଇପାରିବେ। ଏଥିସହ ସରକାର ଭୋଟ ପରିଚୟ ପତ୍ର ନିୟମରେ ମଧ୍ୟ ପରିବର୍ତ୍ତନ କରିଛନ୍ତି। ଡ୍ରାଇଭିଂ ଲାଇସେନ୍ସ, ବ୍ୟାଙ୍କ କାର୍ଡ ଦେଖାଇ ଭୋଟର ମତଦାନ କରିପାରିବେ।

## ପାକିସ୍ତାନର ପଞ୍ଜାବରେ ଭୟଙ୍କର ବନ୍ୟା

ଇସଲାମାବାଦ୍, ୧୭।୭(ଏଜେନ୍ସି): ପାକିସ୍ତାନର ପଞ୍ଜାବ ପ୍ରଦେଶରେ ଗୁରୁବାର ପ୍ରବଳ ବର୍ଷା ହେବା ସହ ଭୟଙ୍କର ବନ୍ୟା ଆସିଛି। ଏଥିରେ ୬୩ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୨୯୦ ଜଣ ଆହତ ହୋଇଛନ୍ତି। ସ୍ଥିତିର ଗମ୍ଭୀରତାକୁ ହୃଦୟଙ୍ଗମ କରି ସରକାର କେତେକ ଅଞ୍ଚଳରେ ଇମର୍ଜେନ୍ସି ଲାଗୁ କରିଛନ୍ତି। ଲାହୋରରେ ୧୫, ଫୈସଲାବାଦ୍‌ରେ ୯, ସାହିବାଲ୍‌ରେ ୫, ପାକପଟ୍ଟନରେ ୩ ଓ ଓକାରାରେ ୯ ଜଣ ପ୍ରାଣ ହରାଇଛନ୍ତି ବୋଲି ପଞ୍ଜାବ ଡିଜାଷ୍ଟର ମ୍ୟାନେଜମେଣ୍ଟ ଅଥରିଟି (ପିଡିଏମ୍ଏ) ସୂଚନା ଦେଇଛି। ମୃତକଙ୍କ ପରିବାରକୁ ଅନୁକମ୍ପାମୂଳକ ରାଶି ଦେବାକୁ ସରକାର ଘୋଷଣା କରିଛନ୍ତି। ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବରୁ ସତର୍କ ସୂଚନା ଜାରି କରିଥିଲା। ବନ୍ୟା ପ୍ରଭାବିତ ଲୋକଙ୍କୁ ଉଦ୍ଧାର କରିବାକୁ ଉଦ୍ଧାରକାରୀ ଦଳ ଲାଗି ପଡ଼ିଛନ୍ତି। ରାଜଧାନୀ ଇସ୍‌ଲାମାବାଦ୍‌ରେ ପ୍ରବଳ ବର୍ଷା ହେବ ବୋଲି ସତର୍କ କରାଇ ଦିଆଯାଇଛି।

## ୟୁଲିଆ ୟୁକ୍ରେନର ନୂଆ ପ୍ରଧାନମନ୍ତ୍ରୀ

କିଭ୍, ୧୭।୭(ଏଜେନ୍ସି): ଯୁଦ୍ଧ ବିଧ୍ୱସ୍ତ ୟୁରୋପୀୟ ଦେଶ ୟୁକ୍ରେନରେ ଏବେ ଜଣେ ନୂଆ ପ୍ରଧାନମନ୍ତ୍ରୀ ନିଯୁକ୍ତ ହୋଇଛନ୍ତି। ୩୯ ବର୍ଷୀୟା ୟୁଲିଆ ସିରିଡେଙ୍କୋ ମହିଳା ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ଭୋଲୋଡିମୀର



ଜେଲେନସ୍କି ତାଙ୍କ ନାମ ସୁପାରିସ କରିଥିଲେ। ପରେ ୟୁଲିଆଙ୍କୁ ସଂସଦରେ ନୂଆ ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ କରାଯାଇଥିଲା। ସେ ଜେଲେନସ୍କିଙ୍କ ବିଶ୍ୱସ୍ତ ଅନୁଗତ ଭାବେ ଜଣାଶୁଣା। ପୂର୍ବରୁ ୟୁଲିଆ ଉପ-ପ୍ରଧାନମନ୍ତ୍ରୀ ଓ ଅର୍ଥମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଉଥିଲେ। ସେ ମଧ୍ୟ ଜଣେ ଅର୍ଥଶାସ୍ତ୍ରୀ ରହିଛନ୍ତି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଖଣିଜ ଚୁକ୍ତି କରାଇବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ ଓ ଏଥିପାଇଁ ସେ ସବୁ ମହଲରୁ ପ୍ରଶଂସିତ ହୋଇଥିଲେ। ଏଥିସହ ନୂଆ କ୍ୟାବିନେଟ୍‌ରେ ମଧ୍ୟ କେତୋଟି ପରିବର୍ତ୍ତନ ହୋଇଛି। ୨୦୦୮ରେ ସେ ଅର୍ଥଶାସ୍ତ୍ରୀ ଭାବେ କ୍ୟାରିଅର ଆରମ୍ଭ କରିଥିଲେ। ୨୦୨୧ରେ ସେ ୟୁକ୍ରେନର ପ୍ରଥମ ଉପ-ପ୍ରଧାନମନ୍ତ୍ରୀ ଓ ଆର୍ଥିକ ବିକାଶ ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ୧୯୮୫ ଡିସେମ୍ବର ୨୫ରେ ସେ ଚେରନିହିଭ ସହରରେ ଜନ୍ମଗ୍ରହଣ କରିଥିଲେ।

# ସମାଧିସ୍ଥଳର ଛାତିଥରା କାହାଣୀ

### ଶହ ଶହ ମହିଳାଙ୍କୁ ଦୁଷ୍କର୍ମ ଓ ହତ୍ୟା ପରେ ପୋତାଯାଇଛି

ବେଙ୍ଗାଲୁରୁ, ୧୭।୭ (ଏଜେନ୍ସି): କର୍ଣ୍ଣାଟକ ଦକ୍ଷିଣ କନ୍ନଡ ଜିଲ୍ଲା ସ୍ଥିତ ଧର୍ମସ୍ଥଳ ସହରରୁ ଯୌନ ଉତ୍ପୀଡ଼ନ, ହିଂସା ଏବଂ ହତ୍ୟାର ହୃଦୟ ବିଦାରକ କାହାଣୀର ପର୍ଦ୍ଦାଫାସ ହୋଇଛି। ମହିଳା, ଛାତ୍ରୀ, ନାବାଳିକା ଆଦିଙ୍କୁ ଅପହରଣ କରି କ୍ଷମତାଶାଳୀ ଯୌନସୁଖ ମେଣ୍ଟା ଯାଉଥିଲା। ନିର୍ଯାତନା ଦେବା ପରେ ହତ୍ୟା କରି ମୃତଦେହକୁ ଠିକଣାରେ ଲଗା ଯାଉଥିଲା। କୌଣସି ଗୋଟିଏ ସ୍ଥାନରେ ପୋତିଲେ ଜଣାପଡ଼ିବା ପରେ କର୍ମଚାରୀଙ୍କୁ ଲଗାଇ ଭିନ୍ନ ଭିନ୍ନ ସ୍ଥାନରେ ମୃତଦେହ ପୋତି କିମ୍ବା ଜଳାଇ ଦିଆଯାଉଥିଲା। ଏହାର କୌଣସି ଖବର ମଧ୍ୟ ମିଳୁ ନଥିଲା। ଦୀର୍ଘ ବର୍ଷ ଧରି ପ୍ରସିଦ୍ଧ ଧର୍ମସ୍ଥଳ ମନ୍ଦିରରେ ଏହି ମୃତ୍ୟୁ ଏବଂ ଅତ୍ୟାଚାରର ଖେଳ ଚାଲିଥିଲା। ସହରରୁ ଜଣଙ୍କ ପରେ ଜଣେ ଯୁବତୀ, ମହିଳା, ଛାତ୍ରୀ ନିଖୋଜ ହେବାରେ ଲାଗିଥିଲେ। ଅଭିଯୋଗ ସତ୍ତ୍ୱେ ଯାଞ୍ଚ ଆଗେଇ ପାରୁ ନ ଥିଲା। ପୁଲିସ ପୀଡ଼ିତାଙ୍କ ଖୋଜ ଖବର ମଧ୍ୟ ପାଉ ନଥିଲା। କିଛି ଦିନ ପରେ ପୁଣି ମାମଲା ଦବି ଯାଉଥିଲା। ଶହେରୁ ଅଧିକ ମହିଳାଙ୍କ ମୃତଦେହ ଧର୍ମସ୍ଥଳର ଆଖପାଖରେ ପୋତା ଯାଇଛି। ଯିଏ ଏ ବିଷୟରେ ମୁହଁ ଖୋଲୁଥିଲା ତାକୁ ଧମକ ଦିଆଯାଉଥିଲା। ନ ମାନିଲେ ମାରି ଦିଆଯାଉଥିଲା। ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ମେଙ୍ଗାଲୁରୁର ନେତ୍ରାବତୀ ନଦୀକୂଳରେ ଥିବା ଏହି ମଞ୍ଜୁନାଥ ମନ୍ଦିରରେ ୧୯ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିଥିବା ଜଣେ ସଫେଇ କର୍ମୀ ଏହି ଦାବି କରିଛନ୍ତି।

ଅନେକ ବର୍ଷ ପର୍ଯ୍ୟନ୍ତ ସେ ଏହି ହତ୍ୟାର ମୂକସାକ୍ଷୀ ହୋଇ ରହିଥିଲେ। ଏହା ସତ୍ତ୍ୱେ ତାଙ୍କ ପରିବାରର ଝିଅକୁ ମଧ୍ୟ ଛଡ଼ା ଯାଇ ନ ଥିଲା। ଏହା ଦେଖିବା ପରେ ଉକ୍ତ ସଫେଇ କର୍ମୀ ପରିବାର ସହ ଉକ୍ତ ଅଞ୍ଚଳ ଛାଡ଼ି ପଳାଇ ଥିଲେ। ଡରି ଡରି କର୍ଣ୍ଣାଟକ ଆଖପାଖ ରାଜ୍ୟରେ ଶରଣ ନେଉଥିଲେ। ମାତ୍ର ୧୯ ବର୍ଷର ଏହି ଯନ୍ତ୍ରଣା ତାଙ୍କୁ ଶାନ୍ତିରେ ବଞ୍ଚିବାକୁ ଦେଇ ନଥିଲା। ଶେଷରେ ସେ ବେଲ୍‌ଥାଗଣ୍ଡି କୋର୍ଟରେ ଏକ ଖପୁରୀ ସହ ହାଜର ହୋଇ ଏହି କରୁଣ କାହାଣୀ ବର୍ଣ୍ଣନା କରିଥିଲେ। ଏହି ମନ୍ଦିରରେ ହିନ୍ଦୁ ପୂଜା କରୁଥିବାବେଳେ ତାହାକୁ ଏକ ଜୈନ ପରିବାର ଚଳାଉ ଥିଲା। ଗତ ୧୧ ତାରିଖରେ କୋର୍ଟରେ ହାଜର ହୋଇ ଉକ୍ତ ବ୍ୟକ୍ତି ଏହି ତଥ୍ୟ ଦେଇଛନ୍ତି। ତାଙ୍କୁ କୋର୍ଟରେ ହାଜର କରିବା ସମୟରେ ଅଭୂତପୂର୍ବ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସାରା ଶରୀର ମୁଖା ଲଗାଇ ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା। କେବଳ ଦେଖିବା ପାଇଁ ଟିକେ ଫାଙ୍କ ରହିଥିଲା। ଜୀବନ ଏବଂ ପରିବାର ପ୍ରତି ବିପଦ ଥିବାରୁ ଏବଂ କେହି ତାଙ୍କ ପରିଚୟ ନ ଜାଣିବା ଲାଗି ଏହି ପଦକ୍ଷେପ ନିଆଯାଇଥିଲା। ବୟାନ ରେକର୍ଡ କରିବା ପରେ ତାଙ୍କୁ ଏକ ଅଜଣା ସ୍ଥାନକୁ ନେଇ ରଖା ଯାଇଥଇଲା। ସେ କରିଥିବା ଦାବି ଯଦି ସତ୍ୟ ସାବ୍ୟସ୍ତ ହୁଏ ତେବେ ଏହା ଦେଶକୁ ଦୋହଲାଇ ଦେଇଥିବା ଖୁଲାସା ହେବ।


ଧର୍ମସ୍ଥଳର ପୂର୍ବରୁ କାମ କରୁଥିବା ଏହି ସଫେଇ କର୍ମୀ କହିଥିଲେ ଯେ ୧୯ ବର୍ଷ ହେଲା ଧର୍ମସ୍ଥଳ ଗାଁରେ ଅନେକ ମୃତଦେହକୁ ସେ ଠିକଣାରେ ଲଗାଇଛନ୍ତି। ଏମାନଙ୍କ ମଧ୍ୟରେ ଅନେକ ମହିଳା ଏବଂ ଯୁବତୀ ସାମିଲ ଅଛନ୍ତି। ତାଙ୍କ ଦେହରେ କପଡ଼ା ନ ଥିଲା କି ଅନ୍ତବସ୍ତ୍ର ପିନ୍ଧି ନ ଥିଲେ। ଶରୀରରେ କ୍ଷତ ଚିହ୍ନ ଥିଲା। ବେକ କାଟି ହତ୍ୟା କରାଯାଇଥିଲା। ସମସ୍ତେ ଯୌନ ଉତ୍ପୀଡନର ଶିକାର ହୋଇଥିବା ସ୍ପଷ୍ଟ ବାରି ହୋଇ ପଡୁଥିଲା। ୧୯୯୫ରୁ ୨୦୧୪ ମଧ୍ୟରେ ଏଭଳି କାଣ୍ଡ ଘଟିଥିଲା। ଏକ ପ୍ରଭାବଶାଳୀ ପରିବାର ଦ୍ୱାରା ପରିଚାଳିତ ଏହି ମନ୍ଦିରରେ ପୂର୍ବରୁ ଏହି ଧାରା ଜାରି ରହିଥିଲା ବୋଲି କୁହାଯାଉଛି। ତେବେ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ଅଭିଯୋଗ ହେବା ସତ୍ତ୍ୱେ ପୁଲିସ ଏ ପର୍ଯ୍ୟନ୍ତ ମାମଲାର ତଦନ୍ତ ଆରମ୍ଭ କରିନାହିଁ। ସେ ପୂର୍ବରୁ ଦକ୍ଷିଣ କନ୍ନଡ ଜିଲ୍ଲାର ଏସଏସପିଙ୍କୁ ଚିଠି ଲେଖି ଏହି ଅଭିଯୋଗ କରିଥିଲେ। ସେ କୋର୍ଟ ଏବଂ ପୁଲିସକୁ ପ୍ରମାଣ ଦେବା ଲାଗି ଖପୁରୀ ଧରି କୋର୍ଟକୁ ଆସିଥିଲେ।

ଏହି ବ୍ୟକ୍ତି ଅଭିଯୋଗ କରିବା ପରେ ଅନେକ ପୀଡ଼ିତ ସାମ୍ନାକୁ ଆସିଲେଣି। ସୌଜନ୍ୟା (୨୦୧୨), ଅନନ୍ୟା (୨୦୦୩ ମେଡିକାଲ ଛାତ୍ରୀ), ନାରାୟଣ, ଯମୁନା, ବେଦାବଲ୍ଲି, ପଦ୍ମଲତା ଆଦିଙ୍କ ମାମଲାର ସତ୍ୟ ଏ ପର୍ଯ୍ୟନ୍ତ ସାମ୍ନାକୁ ଆସିନାହିଁ।

## ବେଙ୍ଗାଲୁରୁ ଦଳାଚକଟାରେ ଆର୍‌ସିବି, କୋହଲିଙ୍କ ଭୂମିକା ରହିଛି

### ରିପୋର୍ଟରେ ସରକାରଙ୍କୁ କ୍ଲିନ୍‌ଚିଟ୍

### ମାଗଣା ପାସ୍ ଯୋଗୁଁ ଅଣାୟତ୍ତ ହୋଇଥିଲା ସ୍ଥିତି



ବେଙ୍ଗାଲୁରୁ, ୧୭।୭ (ଏଜେନ୍ସି): ଆଇପିଏଲ ବିଜୟ ପରେ ବେଙ୍ଗାଲୁରୁରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)ର ବିଜୟ ପରେଡରେ ହୋଇଥିବା ଦଳାଚକଟାର ସରକାରୀ ରିପୋର୍ଟ ସାମ୍ନାକୁ ଆସିଛି। ଏହି ରିପୋର୍ଟରେ ସରକାରଙ୍କୁ କ୍ଲିନ୍‌ଚିଟ୍ ଦିଆଯାଇଛି। ଦୁର୍ଘଟଣା ପାଇଁ ଆରସିବିକୁ ଦାୟୀ କରାଯାଇଛି। ଏଥିରେ କ୍ରିକେଟର ବିରାଟ କୋହଲିଙ୍କ ନାମ ମଧ୍ୟ ରହିଛି। କର୍ଣ୍ଣାଟକ ସରକାର କହିଛନ୍ତି ଯେ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଆୟୋଜିତ ବିଜୟ ପରେଡ୍ ପାଇଁ ଆରସିବି ସରକାରଙ୍କଠାରୁ କୌଣସି ଅନୁମତି ନେଇ ନ ଥିଲା। କିନ୍ତୁ ଖାଲି ଏହାର ସୂଚନା ଦିଆଯାଇଥିଲା। ଆଇନ ଅନୁଯାୟୀ ଏପରି କାର୍ଯ୍ୟକ୍ରମ ପାଇଁ ଅତିକମରେ ସାତ ଦିନ ପୂର୍ବରୁ ଅନୁମତି ନେବାକୁ ପଡେ। କିନ୍ତୁ ଆରସିବି ସରକାରୀ ଅନୁମତି ପାଇଁ ଆବେଦନ କରି ନଥିଲା। କେତେ ଲୋକ ଆସିବେ, ବ୍ୟବସ୍ଥା କିମ୍ବା ସମ୍ଭାବ୍ୟ ସମସ୍ୟା ବିଷୟରେ ପୁଲିସକୁ ଅବଗତ କରାଯାଇ ନଥିଲା। ତେଣୁ ଅନୁମତି ଦିଆଯାଇ ନ ଥିଲା। ବିରାଟ କୋହଲିଙ୍କ ନାମରେ ଲୋକଙ୍କୁ ଡକା ଯାଇଥିଲା। ମାଗଣା ପାସ୍ ମଧ୍ୟ ବଣ୍ଟା ଯାଇଥିଲା। ଅସମ୍ଭାଳ ଭିଡ଼ ଯୋଗୁଁ ଦଳାଚକଟା ହୋଇଥିଲା। ଏଥିରେ ୧୧ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୫୦ ଜଣ ଆହତ ହୋଇଥିଲେ।

ଏହି ରିପୋର୍ଟରେ କୁହାଯାଇଛି ଯେ ଯଦି କାର୍ଯ୍ୟକ୍ରମକୁ ହଠାତ୍ ବାତିଲ କରାଯାଇଥାନ୍ତା ତେବେ ହିଂସା ସୃଷ୍ଟି ହେବାର ଆଶଙ୍କା ଥିଲା। ସହରରେ ଆଇନ ଶୃଙ୍ଖଳା ମଧ୍ୟ ବିପର୍ଯ୍ୟସ୍ତ ହୋଇଥାନ୍ତା। ଗତ ୧୫ ତାରିଖରେ ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ଏହି ରିପୋର୍ଟ ଦାଖଲ କରାଯାଇଥିଲା। ଏହି ରିପୋର୍ଟକୁ ଗୋପନୀୟ ରଖିବା ପାଇଁ ସରକାର ଅନୁରୋଧ କରିଥିଲେ। ମାତ୍ର ଏପରି ଗୋପନୀୟତାର କୌଣସି ଆଇନଗତ ଆଧାର ନାହିଁ ବୋଲି ହାଇକୋର୍ଟ କହିଥିଲେ। ସେହିପରି କର୍ଣ୍ଣାଟକ ମନ୍ତ୍ରୀ ଶରଣ ପ୍ରକାଶ ପାଟିଲ କହିଛନ୍ତି ଯେ କୌଣସି ବଡ଼ ଆୟୋଜନ ବିଭାଗର ଦାୟିତ୍ୱ ହୋଇଥାଏ। ନିଶ୍ଚିତ ଭାବେ ଏଠାରେ ଭୁଲ୍ ହୋଇଛି। ଯୁବ ବର୍ଗଙ୍କ ଜୀବନ ଯାଇଛି। ଏହାକୁ ସହଜରେ ନିଆଯିବ ନାହିଁ। ଆମେ କିଛି କାର୍ଯ୍ୟାନୁଷ୍ଠାନ ନେବୁ।

## ସୁନା ଚୋରା ଚାଲାଣ: ରାନ୍ୟାଙ୍କୁ ଏକବର୍ଷ ଜେଲ୍ ଦଣ୍ଡ



ନୂଆଦିଲ୍ଲୀ, ୧୭।୭(ଏଜେନ୍ସି): କନ୍ନଡ ସିନେମା ଅଭିନେତ୍ରୀ ରାନ୍ୟା ରାଓଙ୍କୁ ସୁନା ଚୋରା ଚାଲାଣ ମାମଲାରେ ଏକ ବର୍ଷର ଜେଲ୍ ଦଣ୍ଡାଦେଶ ଦିଆଯାଇଛି। ବୁଧବାର ଉପଦେଷ୍ଟା କମିଟି ମୁଦ୍ରା ସଂରକ୍ଷଣ ଓ ଚୋରା ଚାଲାଣ ଗତିବିଧିକୁ ରୋକିବା ଅଧିନିୟମ (ସିଓଏଫ୍‌ଇପିଓଏସ୍ଏ) ଅନୁସାରେ ଏହି ଦଣ୍ଡାଦେଶ ଦେଇଛି। ଜେଲ୍‌ରେ ରହିବା ବେଳେ ରନ୍ୟାଙ୍କୁ ଏହି କମିଟି ଜାମିନ ଆବେଦନ ଓ ପାଇବାର ଅଧିକାର ଦେବାକୁ ମନା କରିଛି। ଗତ ମେ ୨୦ରେ ବେଙ୍ଗାଲୁରୁର ଏକ କୋର୍ଟ ରନ୍ୟାଙ୍କ ସହ ଅନ୍ୟ ଅଭିଯୁକ୍ତ ତରୁଣ ରାଜୁଙ୍କୁ ଜାମିନ ଦେଇଥିଲା। ୨ ଲକ୍ଷ ଟଙ୍କାର ବଣ୍ଡରେ କୋର୍ଟ ଏହି ଦୁଇଜଣଙ୍କୁ କେତୋଟି ସର୍ତ୍ତ ସହ ଡିଫଲ୍ଟ ଜାମିନ ଦେଇଥିଲା। ଦୁଇଜଣଙ୍କୁ ଦେଶ ଛାଡି ନଯିବା ପାଇଁ ଓ ଏହି ଅପରାଧ ନ ଦୋହରାଇବା ପାଇଁ ନିର୍ଦ୍ଦେଶ ଦେଇଥିଲା।

## ଦର୍ଶନଙ୍କ ପାଇଁ ହାଇକୋର୍ଟଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

ନୂଆଦିଲ୍ଲୀ, ୧୭।୭(ଏଜେନ୍ସି): ବହୁ ଚର୍ଚ୍ଚିତ ରେଣୁକାସ୍ୱାମୀ ହତ୍ୟାକାଣ୍ଡ ମାମଲାରେ ସୁପ୍ରିମକୋର୍ଟ କର୍ଣ୍ଣାଟକ ହାଇକୋର୍ଟଙ୍କୁ ଭର୍ତ୍ସନା କରିଛନ୍ତି। ଏହି ମାମଲାର ଅଭିଯୁକ୍ତ କନ୍ନଡ ସିନେମା ଅଭିନେତା ଦର୍ଶନ ଥୁଗୁଦୀପାଙ୍କୁ ହାଇକୋର୍ଟ ଜାମିନ ଦେଇଥିଲେ। ତେବେ ସୁପ୍ରିମକୋର୍ଟ ଜାମିନ ଦେବା ନେଇ ହାଇକୋର୍ଟଙ୍କୁ ପ୍ରଶ୍ନ କରିଛନ୍ତି। ବିଚାରପତି ଜେବି ପର୍ଦ୍ଦିୱାଲା ଓ ଆର ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ ହାଇକୋର୍ଟଙ୍କ ଜାମିନ ଦେବା ନିଷ୍ପତ୍ତି ନେଇ ଆଦୌ ସହମତ ନୁହଁନ୍ତି ବୋଲି କହିଛନ୍ତି। ହାଇକୋର୍ଟ ଏହି ମାମଲରେ ଯେଉଁଭଳି ଭାବେ ବିବେକ ପ୍ରୟୋଗ କରିଛନ୍ତି ସେ ନେଇ ଆମେ ସନ୍ତୁଷ୍ଟ ନୁହଁ ବୋଲି ଏହି ଖଣ୍ଡପୀଠ କହିଛି। ଏ ନେଇ ଖଣ୍ଡପୀଠ ଦର୍ଶନଙ୍କ ତରଫରୁ କେସ ଲଢୁଥିବା ବରିଷ୍ଠ ଓକିଲ କପିଲ ଶିବଲଙ୍କୁ ମଧ୍ୟ ପ୍ରଶ୍ନ କରିଛନ୍ତି। ଉଲ୍ଲେଖଥାଉ କି, ଦର୍ଶନଙ୍କ ସମେତ ଅଭିନେତ୍ରୀ ପବିତ୍ରା ଗୌଡା ଓ ଅନ୍ୟ କେତେକ ସାଥି ହୋଇ ୩୩ ବର୍ଷୀୟ ରେଣୁକାସ୍ୱାମୀ ନାମକ ଜଣେ ପ୍ରଶଂସକଙ୍କୁ ଅପହରଣ କରି ହତ୍ୟା କରିଥିଲେ।

**ଅହମଦାବାଦ ବିମାନ ଦୁର୍ଘଟଣା**

## ପାଇଲଟଙ୍କୁ କାହିଁକି ଦୋଷ ଦେଉଛି ବିଦେଶୀ ଗଣମାଧ୍ୟମ

### ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ରଖି ଦୋଷ ଲଦାଯାଉଛି: ଏଏଆଇବି

### ଭାରତଠାରୁ ଅଧିକ ସୂଚନା ରଖିଛ କି: ଭାରତୀୟ ବିଶେଷଜ୍ଞ

ନୂଆଦିଲ୍ଲୀ, ୧୭।୭ (ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାକୁ ନେଇ ଆମେରିକୀୟ ଖବରକାଗଜ 'ୱାଲ୍ ଷ୍ଟ୍ରିଟ ଜର୍ଣ୍ଣାଲ' (ଡବ୍ଲ୍ୟୁଏସ୍‌ଜେ) ନୂଆ ଦାବି କରିଛି। ଏହି ବିମାନର ପାଇଲଟ ସୁମିତ ସଭରୱାଲ ଇଞ୍ଜିନକୁ ଇନ୍ଧନ ଯୋଗାଣ ବନ୍ଦ କରି ଦେଇଥିଲେ ବୋଲି କୁହାଯାଇଛି। ଉଭୟ ପାଇଲଟଙ୍କ ମଧ୍ୟରେ ହୋଇଥିଲା ବାର୍ତ୍ତାଳାପର କକ୍‌ପିଟ ରେକର୍ଡିଂରୁ ଏହି ସୂଚନା ମିଳିଛି। ଭଏସ ରେକର୍ଡିଂରୁ ଜଣାପଡ଼ିଛି ଯେ ବୋଇଂ ବିମାନ ଉଡ଼ାଉ ଥିବା କୋ-ପାଇଲଟ କ୍ଲାଇଭ କୁନ୍ଦର ସୁମିତଙ୍କୁ ଆପଣ ଫୁଏଲ ସ୍ୱିଚ୍‌କୁ 'କଟ୍‌ଅଫ୍' ପୋଜିସନ୍‌କୁ କାହିଁକି ଆଣିଥିଲେ? ଏହି ପ୍ରଶ୍ନ କରିବା ସମୟରେ କୋ-ପାଇଲଟ ବିଚଳିତ ହୋଇ ଯାଇଥିଲେ। ତାଙ୍କ ସ୍ୱରରେ ଭୟ ଥିଲା। କିନ୍ତୁ କ୍ୟାପ୍‌ଟେନ୍ ସୁମିତ ଶାନ୍ତ ଥିଲେ ବୋଲି ଡବ୍ଲ୍ୟୁଏସ୍‌ଜେ ପକ୍ଷରୁ କୁହାଯାଇଛି। ଦୁର୍ଘଟଣାର ଯାଞ୍ଚ ସମ୍ବନ୍ଧିତ ଆମେରିକା ସୂତ୍ରରୁ ଖବରକାଗଜ ଏହି ସୂଚନା ଦେଇଛି। ତେବେ ଭାରତୀୟ ଏଜେନ୍ସି ପକ୍ଷରୁ ଏ ନେଇ କୌଣସି ସୂଚନା ଦିଆଯାଇନାହିଁ। କିନ୍ତୁ ବିମାନ କମ୍ପାନୀ ବୋଇଂକୁ ବଞ୍ଚାଇବା ଲାଗି ବିଦେଶୀ ଗଣମାଧ୍ୟମ ପାଇଲଟ୍‌ଙ୍କ ଉପରେ ଦୋଷ ବୋଳିବାକୁ ଚାହୁଁଛନ୍ତି ବୋଲି କୁହାଯାଉଛି। ପୂର୍ବରୁ ମଧ୍ୟ ଅନେକ ଦୁର୍ଘଟଣାର ପାଇଲଟ୍‌ଙ୍କୁ ଦୋଷ ଦେଇ କମ୍ପାନୀଙ୍କୁ ସୁରକ୍ଷା ଦିଆଯାଇଥିବା ନଜିର ରହିଛି। ରିପୋର୍ଟ ଅନୁଯାୟୀ ଏବେ ସୁଦ୍ଧା ସାରା ବିଶ୍ୱରେ



୬ ହଜାରରୁ ଅଧିକ ବୋଇଂ ବିମାନ ଦୁର୍ଘଟଣାଗ୍ରସ୍ତ ହେଲାଣି। ଏଥିରୁ ୪୧୫ଟି ଭୟଙ୍କର ଦୁର୍ଘଟଣା ଥିଲା। ଏଥିରେ ୯ ହଜାର ଲୋକଙ୍କ ଜୀବନ ଯାଇଛି। ତେଣୁ ବୋଇଂକୁ ଉଡ଼ନ୍ତା ମୃତ୍ୟୁ ବୋଲି କୁହାଯାଏ। ଏପରି ସ୍ଥଳେ ବୋଇଂର ଛବି ଖରାପ ନ କରିବା ପାଇଁ ଡବ୍ଲ୍ୟୁଏସ୍‌ଜେ ଏପରି ରିପୋର୍ଟିଂ କରୁଥିବା କୁହାଯାଉଛି।

ଅନ୍ୟପଟେ ଡବ୍ଲ୍ୟୁଏସ୍‌ଜେର ରିପୋର୍ଟକୁ ଭାରତର ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ ବ୍ୟୁରୋ (ଏଏଆଇବି) ଆଧାରହୀନ କହିଛି। ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ରଖି ଏବଂ ବିନା ଯାଞ୍ଚ ରିପୋର୍ଟିଂ କରାଯାଇଥିବା କୁହାଯାଇଛି। ଚୂଡ଼ାନ୍ତ ରିପୋର୍ଟ ନ ଆସିବା ପୂର୍ବରୁ ନିଷ୍କର୍ଷରେ ପହଞ୍ଚିବାକୁ ଆମେରିକା ଖବରକାଗଜ ପ୍ରୟାସ କରୁଛି। ତଦନ୍ତ ଜାରି ରହିଥିବାବେଳେ ଏଭଳି ଦାବି କରିବା ଦାୟିତ୍ୱହୀନତାର ପରିଣାମକୁ ଦର୍ଶାଉଛି। ସେହିପରି ଆଭିଏସନ ବିଶେଷଜ୍ଞ ସଞ୍ଜୟ ଲଜାର ଯାଞ୍ଚ ରିପୋର୍ଟ ଲିକ୍ ହେବା ଉପରେ ଚିନ୍ତା ପ୍ରକଟ କରିଛନ୍ତି। ସେ କହିଛନ୍ତି ଯେ ଆମେରିକା ଗଣମାଧ୍ୟମ ଭାରତର ସଂସଦ ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟଠାରୁ ଅଧିକ ସୂଚନା ରଖିଥିବା ପରି ଲାଗୁଛି। ଏହା ରିପୋର୍ଟ ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଉଛି। କୌଣସି ହାଇକୋର୍ଟ ବିଚାରପତିଙ୍କ ଦ୍ୱାରା ମାମଲାର ଯାଞ୍ଚ ହେବା ଉଚିତ।

## ଆମନ୍ତ୍ରଣ ପରେ ଫଡ଼ନାଭୀସଙ୍କୁ ଭେଟିଲେ ଉଦ୍ଧବ

### ବିଜେପି-ଶିବସେନା ଏକାଠି ହେବା ନେଇ ଚର୍ଚ୍ଚା!

ମୁମ୍ବାଇ, ୧୭।୭ (ଏଜେନ୍ସି): ମହାରାଷ୍ଟ୍ର ରାଜନୀତି ସରଗରମ ହୋଇ ପଡ଼ିଛି। ରାଜ୍ୟରେ ନୂଆ ସମୀକରଣ ନେଇ ଚର୍ଚ୍ଚା ହେଉଛି। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ଏବଂ ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକରେଙ୍କ ଭେଟଘାଟକୁ ନେଇ ଏହି ଚର୍ଚ୍ଚା ଜୋର୍ ଧରିଛି। ଉଭୟ ନେତା ବିଧାନପରିଷଦ ଅଧ୍ୟକ୍ଷ ରାମ ସିନ୍ଦେଙ୍କ କାର୍ଯ୍ୟାଳୟରେ ୨୦ ମିନିଟ ପର୍ଯ୍ୟନ୍ତ ଆଲୋଚନା କରିଛନ୍ତି। ଏହି ସମୟରେ ଉଦ୍ଧବଙ୍କ ପୁଅ ଆଦିତ୍ୟ ଠାକରେ ମଧ୍ୟ ଉପସ୍ଥିତ ଥିଲେ। ଏହାର ଦିନକ ତଳେ ବୁଧବାର ମୁଖ୍ୟମନ୍ତ୍ରୀ ଫଡନାଭିସ ଏକ କାର୍ଯ୍ୟକ୍ରମରେ ଉଦ୍ଧବଙ୍କୁ ସରକାରରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ସେ ଉଦ୍ଧବଙ୍କୁ କହିଥିଲେ ଯେ ୨୦୨୯ ପର୍ଯ୍ୟନ୍ତ ବିଜେପି ତାଙ୍କ ସହ ବିରୋଧୀ ଦଳରେ ସାମିଲ ହେବାର ସମ୍ଭାବନା ନାହିଁ। କିନ୍ତୁ ଉଦ୍ଧବ କ୍ଷମତାସୀନଙ୍କ ପକ୍ଷକୁ ଆସିପାରିବେ। ଏହା ଉପରେ ମଧ୍ୟ ବିଚାର କରାଯାଇପାରେ। ଚଳିତ ଥର ଆମେ ଅଲଗା ଭାବେ ଚିନ୍ତା କରିବୁ ବୋଲି ଫଡନାଭିସ କହିଥିଲେ। ଏହାର ମାତ୍ର ୨୪ ଘଣ୍ଟା ଭିତରେ ଉଦ୍ଧବ ନିଜ ପୁଅକୁ ଧରି ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ଘଟଣା ଭିନ୍ନ କିଛି ସଙ୍କେତ ଦେଉଛି ବୋଲି କୁହାଯାଉଛି। ଏହି ସମୟରେ ଉଦ୍ଧବ ଫଡନାଭିସଙ୍କୁ ଏକ ପୁସ୍ତକ ଉପହାର ଦେଇଥିଲେ। ଏଥିରେ ଲେଖା ଯାଇଥିଲା ଯେ ହିନ୍ଦୀ ପ୍ରତି କଠୋର କାହିଁକି ଏବଂ ତ୍ରିଭାଷା ଜରୁରୀ କାହିଁକି? ଏବେ ଏହି ଚର୍ଚ୍ଚାକୁ ନେଇ ରାଜନୈତିକ ଅଙ୍କକଷା ଜାରି ରହିଛି। ତେବେ ପୂର୍ବରୁ ବିଜେପି ଉଦ୍ଧବଙ୍କୁ ଧୋକାବାଜ କହିଥିଲା। ଆଉ ତାଙ୍କ ସହ ମେଣ୍ଟ କରାଯିବ ନାହିଁ ବୋଲି କୁହାଯାଇଥିଲା।



୨୦୧୪ ପର୍ଯ୍ୟନ୍ତ ଶିବସେନା-ବିଜେପି ମେଣ୍ଟ ଠିକ୍‌ଠାକ୍ ଚାଲିଥିଲା। ମାତ୍ର ୨୦୧୪ ବିଧାନସଭା ନିର୍ବାଚନରେ ଆସନ ବୁଝାମଣାକୁ ନେଇ ତିକ୍ତତା ସୃଷ୍ଟି ହୋଇଥିଲା। ୨୦୧୯ ବିଧାନସଭା ନିର୍ବାଚନ ଜିତିବା ପରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ବିବାଦ ହେବାରୁ ଦୁଇ ଦଳ ଅଲଗା ହୋଇଥିଲେ। କଂଗ୍ରେସ, ଏନ୍‌ସିପି ସହ ମିଶି ସରକାର ଗଠନ କରି ଉଦ୍ଧବ ମୁଖ୍ୟମନ୍ତ୍ରୀ ହୋଇଥିଲେ।

## ହନିଟ୍ରାପ୍‌ରେ ଫସିଛନ୍ତି ୭୨ରୁ ଊର୍ଦ୍ଧ୍ୱ ଅଧିକାରୀ: ନାନା ପଟୋଲେ

ମୁମ୍ବଇ, ୧୭।୭(ଏଜେନ୍ସି): ମହାରାଷ୍ଟ୍ର କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ନାନା ପଟୋଲେ ରାଜ୍ୟ ସରକାରଙ୍କ ବିରୋଧରେ ଏକ ବଡ଼ ଅଭିଯୋଗ ଆଣିଛନ୍ତି। ସାମ୍ନାକୁ ଆସିଥିବା ହନିଟ୍ରାପ୍ କାଣ୍ଡରେ ରାଜ୍ୟର କେତେଜଣ ମନ୍ତ୍ରୀ, ବରିଷ୍ଠ ଆଇଏଏସ୍ ଓ ଆଇପିଏଲ୍ ଅଧିକାରୀ ଫସିଛନ୍ତି ବୋଲି ସେ କହିଛନ୍ତି। ରାଜ୍ୟ ସରକାରଙ୍କ ସୂଚନା ଅନୁସାରେ ୭୨ ଜଣ ଏଥିରେ ଫସିଛନ୍ତି। କିନ୍ତୁ ପ୍ରକୃତରେ ଆହୁରି ଅଧିକ ବିଶିଷ୍ଟ ବ୍ୟକ୍ତି ଏଥିରେ ଫସିଛନ୍ତି। ମୋ ପାଖରେ ଥିବା ପେନ୍ ଡ୍ରାଇଭ୍‌ରେ ସବୁ ପ୍ରମାଣ ରହିଛି। ତେବେ ଆମେ କାହାର ବ୍ୟକ୍ତିଗତ ଚରିତ୍ର ସଂହାର କରିବାକୁ ଚାହୁଁନାହୁଁ ଓ ଏଥିପାଇଁ ଏହାକୁ ସାର୍ବଜନୀନ କରୁନାହୁଁ। କିନ୍ତୁ ସରକାର ଯଦି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି, ତେବେ ବିରୋଧୀ ଦଳ ଏହାକୁ ସାର୍ବଜନୀନ କରିବାକୁ ବାଧ ହେବ ବୋଲି ସେ ସତର୍କ କରାଇଛନ୍ତି।

## ଭଦ୍ରାଙ୍କ ବିରୋଧରେ ଆରୋପପତ୍ର

ଗୁରୁଗ୍ରାମ୍, ୧୭।୭(ଏଜେନ୍ସି): ହରିୟାଣାର ଗୁରୁଗ୍ରାମ୍‌ରେ ଲ୍ୟାଣ୍ଡ ଡିଲ୍ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କଂଗ୍ରେସ ନେତ୍ରୀ ତଥା ସାଂସଦ ପ୍ରିୟଙ୍କା ଗାନ୍ଧୀଙ୍କ ସ୍ୱାମୀ ରବର୍ଟ ଭଦ୍ରାଙ୍କ ବିରୋଧରେ ଆରୋପ ପତ୍ର ଦାଖଲ କରିଛି। ଏହା ଲ୍ୟାଣ୍ଡ ଡିଲ୍ ସହିତ ଜଡିତ ମନି ଲଣ୍ଡ୍ରିଂ ବାବଦରେ ଏହି ଆରୋପ ପତ୍ର ଜାରି କରାଯାଇଛି। ପ୍ରଥମଥର ପାଇଁ କୌଣସି ଯାଞ୍ଚ ଏଜେନ୍ସି କୌଣସି ଅପରାଧ ମାମଲାରେ ରବର୍ଟଙ୍କ ବିରୋଧରେ ଆରୋପ ପତ୍ର ଦାଏର କରିଛି। ଏଥିରେ ଅନ୍ୟ ବ୍ୟକ୍ତିଙ୍କ ସହ କମ୍ପାନୀଗୁଡ଼ିକର ନାମ ମଧ୍ୟ ସାମିଲ କରାଯାଇଛି। ୨୦୦୮ରେ ଗୁରୁଗ୍ରାମ୍‌ର ଶିକୋହପୁରରେ ଏହି ଲ୍ୟାଣ୍ଡ ଡିଲ୍ ହୋଇଥିଲା। ଏହି ମାମଲାରେ ସେବେକାର ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ସିଂ ହୁଡା, ରିୟଲ ଇଷ୍ଟେଟ କମ୍ପାନୀ ଡିଏଲ୍ଏଫ୍ ଓ ଜଣେ ପ୍ରପର୍ଟି ଡିଲରଙ୍କ ନାମରେ ୨୦୧୮ରେ ମାମଲା ରୁଜୁ କରାଯାଇଥିଲା। ଏହି ଏଫ୍‌ଆଇଆରରେ ଦୁର୍ନୀତି, ଷଡ଼ଯନ୍ତ୍ର, ଠକାମୀ ସହିତ ଅନ୍ୟ ଅଭିଯୋଗ ମଧ୍ୟ ହୋଇଥିଲା। ରବର୍ଟଙ୍କ ସହିତ ଜଡିତ କମ୍ପାନୀ ୭ କୋଟି ଟଙ୍କାରେ ଜମି କିଣି ୫୮ କୋଟି ଟଙ୍କାରେ ବିକ୍ରି କରିଥିବା ଅଭିଯୋଗ ହୋଇଛି।

## 'ସତ୍ୟଜିତ ରୟଙ୍କ ପୈତୃକ ଘର ଭଙ୍ଗାଯିବା ଖବର ଠିକ୍ ନୁହେଁ'

ନୂଆଦିଲ୍ଲୀ, ୧୭।୭(ଏଜେନ୍ସି): ପ୍ରଖ୍ୟାତ ସିନେମା ନିର୍ଦ୍ଦେଶକ ସତ୍ୟଜିତ ରୟଙ୍କ ପୈତୃକ ବାସଭବନ ଭଙ୍ଗାଯିବା ନେଇ ଚାଲିଥିବା ଚର୍ଚ୍ଚା ଓ ଖବରକୁ ବାଂଲାଦେଶ ସରକାର ଖଣ୍ଡନ କରିଛନ୍ତି। ମିମେନସିଂ ସହରରେ ସତ୍ୟଜିତଙ୍କ ଘରକୁ ବୁଲଡୋଜର ଦ୍ୱାରା ଭଙ୍ଗାଯାଇଛି ବୋଲି ଗଣମାଧ୍ୟମଗୁଡିକରେ ଖବର ପ୍ରକାଶ ପାଇଥିଲା। କିନ୍ତୁ ଭଙ୍ଗାଯାଇଥିବା ଘର ସହିତ ସତ୍ୟଜିତଙ୍କ ପରିବାରର କୌଣସି ସମ୍ପର୍କ ନାହିଁ ବୋଲି ସରକାର କହିଛନ୍ତି। ଏହି ଘର ଜମିଦାର ଶଶିକାନ୍ତ ଆଚାର୍ଯ୍ୟ ଚୌଧୁରୀଙ୍କ ଥିଲା। ତେବେ ଜମିଦାରୀ ପ୍ରଥା ଉଠିଯିବା ପରେ ଏହି ଘର ସରକାରଙ୍କ ନିୟନ୍ତ୍ରଣକୁ ଆସିଥିଲା ଓ ଏହାକୁ ବାଂଲାଦେଶ ଶିଶୁ ଏକାଡେମୀକୁ ପ୍ରଦାନ କରାଯାଇଥିଲା। ତେବେ ସତ୍ୟଜିତଙ୍କ ବାସଭବନ ବହୁପୂର୍ବରୁ ବିକ୍ରି ହୋଇସାରିଛି ଓ ଏଠାରେ ଏକ ବହୁତଳ କୋଠା ନିର୍ମାଣ କରାଯାଇଛି। ତେବେ ମେମେନସିଂର ହରିକିଶୋର ରୟରୋଡ୍‌ରେ ଥିବା ଘର ସତ୍ୟଜିତ୍‌ଙ୍କ ଅଣଜେଜେ ହରିକିଶୋର ରାଏଙ୍କ ନାମରେ ରହିଥିଲା। ଏହି ଘର ପୂର୍ବରୁ ବିକ୍ରି ହୋଇସାରିଛି ବୋଲି ବାଂଲାଦେଶର ଅନ୍ତରୀଣ ସରକାର କହିଛନ୍ତି।

## ସ୍ୱଚ୍ଛ ସର୍ବେକ୍ଷଣ ରାଙ୍କିଙ୍ଗ୍

# ଦେଶରେ ଦ୍ୱିତୀୟ ସ୍ଥାନରେ ଆସ୍କା, ଚିକିଟି



ଭୁବନେଶ୍ୱର, ୧୭।୭ (ସମିସ): ବର୍ଷ ୨୦୨୪-୨୫ ପାଇଁ ଜାତୀୟସ୍ତରରେ ସ୍ୱଚ୍ଛ ସର୍ବେକ୍ଷଣ ରାଙ୍କିଙ୍ଗ ପ୍ରକାଶ ପାଇଛି। ଏଥିରେ ଓଡ଼ିଶାର ଆସ୍କା ଓ ଚିକିଟି ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ରାଜଧାନୀ ଭୁବନେଶ୍ୱର ୯ମ, ରାଉରକେଲା ୧୫ତମ ଓ କଟକ ୩୦ତମ ସ୍ଥାନ ଅକ୍ତିଆର କରିଛି। ସେହିପରି, ସ୍ୱଚ୍ଛ ସର୍ବେକ୍ଷଣରେ

**ନବମ ସ୍ଥାନରେ ଭୁବନେଶ୍ୱର, ୧୫ତମ ସ୍ଥାନରେ ରାଉରକେଲା**

ରାଜ୍ୟରେ ଆସ୍କା ପ୍ରଥମ ସ୍ଥାନରେ ରହିଛି।

ଭୁବନେଶ୍ୱରକୁ ୩ଲକ୍ଷରୁ ୧୦ଲକ୍ଷ ଜନସଂଖ୍ୟା ବିଶିଷ୍ଟ ସହର ଶ୍ରେଣୀରେ ଏହି ରାଙ୍କ୍ ପ୍ରଦାନ କରାଯାଇଛି। ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଆୟୋଜିତ ଏକ ଉତ୍ସବରେ କେନ୍ଦ୍ରୀୟ ଗୃହ ଏବଂ ଉନ୍ନୟନ ବିଭାଗ ପକ୍ଷରୁ ଭୁବନେଶ୍ୱରକୁ ଏଥିପାଇଁ ମନ୍ତ୍ରଣାଳୟ ସ୍ତରୀୟ ପୁରସ୍କାର- ପ୍ରମିଜିଂ ସ୍ୱଚ୍ଛ ସହର ରାଜ୍ୟ /କେନ୍ଦ୍ରଶାସିତ ଅଞ୍ଚଳ ଭାବେ ପୁରସ୍କୃତ କରାଯାଇଛି। ରାଜ୍ୟସ୍ତରୀୟ ରାଙ୍କିଙ୍ଗ୍‌ରେ ଆସ୍କା ଏନ୍‌ଏସି ଶ୍ରେଷ୍ଠ ପ୍ରଦର୍ଶନ କରି ୧ନମ୍ବର ସ୍ଥାନ ହାସଲ କରିଥିଲା କେନ୍ଦ୍ରୀୟ ରାଙ୍କିଙ୍ଗ୍‌ରେ ୨ନମ୍ବର ସ୍ଥାନ ପାଇ ରାଷ୍ଟ୍ରପତି ପୁରସ୍କାର ପାଇଛି। ରାଉଲକେଲା ୧୫ ନମ୍ବର ସ୍ଥାନରେ ରହିଥିଲା ବେଳେ କଟକ ୩୦ତମ ସ୍ଥାନରେ ରହିଛି।

ଭୁବନେଶ୍ୱରକୁ ସ୍ୱଚ୍ଛ ସର୍ବେକ୍ଷଣ ରାଙ୍କି ୨୦୨୪-୨୫ରେ ୧୦୫୪୮ ନମ୍ବର ନିଆଯାଇଛି। ଏଣୁ ରାଜ୍ୟ ସମସ୍ତ ସହର ମଧ୍ୟରେ ରାଙ୍କିରେ ୨ନମ୍ବର ସ୍ଥାନରେ ରହିଛି। ଗାର୍ବେଜ୍ ଫ୍ରି' ସିଟିରେ ୩ଷ୍ଟାର୍ ଦିଆଯାଇଛି। ଘଟଣାସ୍ଥଳରେ ଅଳିଆ ପୃଥକୀକରଣ ପାଇଁ ୭୮ପ୍ରତିଶତ ନମ୍ବର ଦିଆଯାଇଛି। ସେହିପରି ଓଡିଏଫ୍ ଷ୍ଟାଟସ୍ ୱାଟର+ ରହିଥିଲା ବେଳେ ପ୍ରକ୍ରିୟାକରଣରେ ୯୮ ପ୍ରତିଶତ ଏବଂ ଡୋର୍ ଟୁ ଡୋର୍ ବର୍ଜ୍ୟ ସଂଗ୍ରହରେ ୯୭ ପ୍ରତିଶତ ରହିଛି।

ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ନଗର ଉନ୍ନୟନ ବିଭାଗର ସଚିବ ଉଷା ପାଢ଼ୀ ଏବଂ ବିଏମସି କମିସନର ରାଜେଶ ପ୍ରଭାକର ପାଟିଲ ସମାରୋହରେ ଏହି ପୁରସ୍କାର ଗ୍ରହଣ କରିଥିଲେ। ଭୁବନେଶ୍ୱର ବ୍ୟତୀତ, ଗଞ୍ଜାମ ଜିଲ୍ଲାର ଆସ୍କା ଏବଂ ଚିକିଟି ଏନଏସିକୁ ମଧ୍ୟ ଏହି ସମାରୋହରେ ସମ୍ମାନିତ କରାଯାଇଥିଲା। ଆସ୍କା ଏନଏସି ୨୦,୦୦୦ରୁ ୫୦,୦୦୦ ଜନସଂଖ୍ୟା ବର୍ଗରେ ସ୍ୱଚ୍ଛତା ପୁରସ୍କାର ପାଇଛି। ରାଙ୍କିଙ୍ଗ୍‌ରେ ୧୦୭୭୨ ନମ୍ବର ରଖି ରାଜ୍ୟର ସମସ୍ତ ସହର ତୁଳନାରେ ଭଲ ପ୍ରଦର୍ଶନ କରି ୧ ନମ୍ବର ସ୍ଥାନ ଅକ୍ତିଆର କରିଥିଲା ବେଳେ ଦେଶରେ ୨ନମ୍ବର ସ୍ଥାନରେ ରହିଛି। ସେହିପରି ଚିକିଟି ଏନ୍‌ଏସି ୨୦,୦୦୦ ରୁ କମ ଜନସଂଖ୍ୟା ବର୍ଗରେ ସ୍ୱଚ୍ଛ ସହର ପୁରସ୍କାର ପାଇଛି। ବିଏମସି କର୍ତ୍ତୃପକ୍ଷ ରାଜଧାନୀ ନଗରୀର ଲୋକମାନଙ୍କୁ ସେମାନଙ୍କ ଅଞ୍ଚଳକୁ ସ୍ୱଚ୍ଛ ରଖିବା ପାଇଁ କରିଥିବା ପ୍ରୟାସ ବଦଳରେ ଧନ୍ୟବାଦ ଜଣାଇଛନ୍ତି।

## ସେବାଶ୍ରମ ସ୍କୁଲରେ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

# ହତ୍ୟା କରି ଗଛରେ ଟାଙ୍ଗିଦେଲେ!

ନୂଆପଡ଼ା, ୧୭।୭ (ସମିସ): ନୂଆପଡ଼ା ଜିଲ୍ଲା କୋମନା ଥାନା ସାହାଜଟ ସେବାଶ୍ରମ ବିଦ୍ୟାଳୟରେ ବୁଧବାର ବିଳମ୍ବିତ ରାତିରେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ ଛାତ୍ରଜଣଙ୍କ ହେଲେ, ଅଶ୍ୱିନୀ ବନ୍‌ଛୋର (୧୩)। ତାଙ୍କ ଘର ଖଡ଼ିଆଳ ଥାନା ବଡମହେଶ୍ୱରରେ ହୋଇଥିବା ବେଳେ କୁଲିଗାଁ ନିବାସୀ ତଥା ସାହଜଟ ସ୍କୁଲରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟରତ ଜଗଦୀଶ ନାଗଙ୍କ ତତ୍ତ୍ୱାବଧାନରେ ରହି ପାଠ ପଢୁଥିଲେ। ଶିକ୍ଷକ ଓ କିଛି ଛାତ୍ର ତାଙ୍କୁ ଏକ ମହୁଲ ଗଛରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି କୋମନା ହସ୍‌ପିଟାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଏହା ଏକ ଯୋଜନାବଦ୍ଧ ହତ୍ୟା କାଣ୍ଡ ବୋଲି କିଛି ନେତା ଅଭିଯୋଗ କରିଛନ୍ତି। ଅନ୍ୟପଟେ, ଜିଲ୍ଲା ମଙ୍ଗଳ ଅଧିକାରୀ ଦୀପ୍ତିମନ୍ତ ଭୋଇଙ୍କ ନେତୃତ୍ୱରେ ଏକ ଟିମ୍ ବିଦ୍ୟାଳୟରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହା ଏସ୍‌ସି/ଏସ୍‌ଟି ସେବାଶ୍ରମ ବିଦ୍ୟାଳୟ ହୋଇଥିବା ବେଳେ ଜଣେ ଓବିସି ବର୍ଗର ଛାତ୍ର ହଷ୍ଟେଲରେ ଦୀର୍ଘ ୩ ବର୍ଷ ଧରି ରହୁଥିଲେ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ବୁଧବାରରାତିପ୍ରାୟ୯ଟାବେଳେସମସ୍ତପିଲାଖାଇ ସାରି ହଷ୍ଟେଲରେ ପ୍ରବେଶ କରିଥିଲେ। ହେଲେ ଅଶ୍ୱିନୀ ମଳତ୍ୟାଗ ଆଳରେ ବାହାରକୁ ଯାଇଥିଲେ। ବିଳମ୍ବ ହେବାରୁସହପାଠୀମାନେତାଙ୍କୁଖୋଜାଖୋଜିକରିଥିଲେ। ଏହି ସମୟରେ ହଷ୍ଟେଲ ନିକଟ ଏକ ମହୁଲ ଗଛରେ ତାଙ୍କ ଶବ ଝୁଲୁଥିବା ଦେଖିବାକୁ ପାଇଥିଲେ। ସେତେବେଳକୁ ରାତି ପ୍ରାୟ ୧୨ଟା ହୋଇଥିଲା। ହଷ୍ଟେଲରେ ଜଗୁଆଳି କି ହଷ୍ଟେଲ ସୁପରିନଟେଣ୍ଡେଣ୍ଟ ପାଖରେ ନଥିଲେ। ଖବର ପାଇ ଶିକ୍ଷକ ଆସି ତାଙ୍କୁ ହସ୍‌ପିଟାଲକୁ ନେଇଥିଲେ।

ଅଶ୍ୱିନୀ କିଛି ଦିନ ହେବ ମାନସିକ ଦୁଶ୍ଚିନ୍ତାରେ ରହୁଥିବା ତାଙ୍କର ସାଙ୍ଗମାନେ ପ୍ରକାଶ କରିଛନ୍ତି। ଏହି ଖବର ପାଇବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାମଙ୍ଗଳ ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ



ବିଦ୍ୟାଳୟରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷେ ଏସ୍‌ଡିପିଓ ସ୍ୱାଧୀନ ମିଶ୍ରଙ୍କ ନେତୃତ୍ୱରେ ପୁଲିସ୍‌ର ଏକ ଟିମ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି କୁହାଯାଉଛି। ଘଟଣା ସ୍ଥଳରେ ଜିଲ୍ଲା ଆଦିବାସୀ କଲ୍ୟାଣ ସଙ୍ଘ ସଭାପତି ଭାନୁପ୍ରତାପ ସିଂ ମାଝୀ, ଜିଲ୍ଲା ବିଜେଡି ସଭାପତି ଅବନୀ ରଞ୍ଜନ ଯୋଶୀ, ସମ୍ପାଦକ ସୁଧୀର ମିଶ୍ର, ଜିଲ୍ଲା ଯୁବ କଂଗ୍ରେସ ସଭାପତି ପପୁ ଅହୀର ପ୍ରମୁଖ ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି କରିଛନ୍ତି।

## ଛାତ୍ରୀ ଓ ମହିଳା କର୍ମଚାରୀଙ୍କ ସୁରକ୍ଷା ଚିନ୍ତା

# ହେଲ୍ପଲାଇନ ନମ୍ବର ଜାରି କଲା ଗଣଶିକ୍ଷା ବିଭାଗ

ଭୁବନେଶ୍ୱର, ୧୭।୭ (ସମିସ): ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ କରି ମୃତ୍ୟୁ ଘଟଣା ପରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଚେତା ପଶିଛି। ଉଚ୍ଚ ଶିକ୍ଷାନୁଷ୍ଠାନ ପରି ବିଦ୍ୟାଳୟରେ ମଧ୍ୟ ଛାତ୍ରୀ ଓ ମହିଳା କର୍ମଚାରୀଙ୍କ ସୁରକ୍ଷା ନେଇ ତତ୍ପରତା ପ୍ରକାଶ କରିଛି। କର୍ମ କ୍ଷେତ୍ରରେ ମହିଳାଙ୍କୁ

- ଆଇସିସି ଗଠନ କରିବାକୁ କଡ଼ା ନିର୍ଦ୍ଦେଶ
- ସୁରକ୍ଷିତ ପରିବେଶ ସୃଷ୍ଟି କରିବାକୁ ଗୁରୁତ୍ୱ
- ପ୍ରମୁଖ ସ୍ଥାନରେ ଲାଗିବ ସଚେତନତା ପୋଷ୍ଟର

ଯୌନ ନିର୍ଯାତନା ଆଇନ ୨୦୧୩କୁ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶନାମା ଜାରି କରିଛି। ଏନେଇ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ଗଣଶିକ୍ଷା ବିଭାଗ ପକ୍ଷରୁ ଅବଗତ କରାଯିବା ସହ ୪ଟି ହେଲ୍ପଲାଇନ ନମ୍ବର ଜାରି କରିଛି।

ବିଦ୍ୟାଳୟରେ ମହିଳା କର୍ମଚାରୀ ଏବଂ ଛାତ୍ରୀଙ୍କ ସୁରକ୍ଷା ପାଇଁ ହେଲ୍ପଲାଇନ ନମ୍ବର ଜାରି କରାଯାଇଛି। ଓମେନ୍ସ ହେଲ୍ପଲାଇନ- ୧୮୧, ଶିଶୁ ହେଲ୍ପଲାଇନ-୧୦୯୮ ଓ ପୁଲିସ୍ ହେଲ୍ପଲାଇନ୍-୧୧୨କୁ ଯୋଗାଯୋଗ ପାଇଁ କୁହାଯାଇଛି। ସେହିପରି ସମସ୍ତ ବିଦ୍ୟାଳୟରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି(ଆଇସିସି) ଗଠନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମହିଳା କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ସୁରକ୍ଷିତ ପରିବେଶ ସୃଷ୍ଟି କରିବାକୁ ଡିଇଓ ଏବଂ ଡିପିସିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଛାତ୍ରଛାତ୍ରୀଙ୍କ ଶାରୀରିକ, ମାନସିକ ଏବଂ ସାମାଜିକ-ଭାବପ୍ରବଣ ସୁସ୍ଥତା ପାଇଁ ବିଦ୍ୟାଳୟଗୁଡ଼ିକରେ ଏକ ସୁରକ୍ଷିତ ପରିବେଶ ସୃଷ୍ଟି କରିବାକୁ କୁହାଯାଇଛି। ଲିଙ୍ଗଭିତ୍ତିକ ହିଂସା ଦୂର କରିବା ପାଇଁ ଉଦ୍ଦିଷ୍ଟ ଲିଙ୍ଗ ସମାନତା କାର୍ଯ୍ୟକ୍ରମ ପାଠ୍ୟକ୍ରମକୁ ରାଜ୍ୟର ସମସ୍ତ ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ସାମାଜିକ ଅଧ୍ୟୟନ ପାଠ୍ୟକ୍ରମ ସହିତ ସମନ୍ୱୟ କରି କଡ଼ାକଡ଼ି ପାଳନ କରିବାକୁ କୁହାଯାଇଛି। ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରମାନେ କୌଣସି ସମସ୍ୟାର ସମ୍ମୁଖୀନ ହେଲେ, ତୁରନ୍ତ ହେଲ୍ପଲାଇନ ନମ୍ବର ୧୮୦୦୩୪୫୬୭୨୨ ନମ୍ବରରେ ଯୋଗାଯୋଗ କରିପାରିବେ। ସମସ୍ତ ହେଲ୍ପଲାଇନ ନମ୍ବର ପ୍ରମୁଖ ସ୍ଥାନରେ ପ୍ରଦର୍ଶିତ କରାଯିବ। ଅନ୍ୟଥା ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କୁହାଯାଇଛି।

## ସାଂସଦ ଅପରାଜିତାଙ୍କ ଉପରେ ବର୍ଷିଲା ବିଜେଡି

# ନାରୀର ମୃତ୍ୟୁ ଉପରେ ଶସ୍ତା ରାଜନୀତି

ଭୁବନେଶ୍ୱର,୧୭।୭(ସମିସ): ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ସୌମ୍ୟାଶ୍ରୀ ଆତ୍ମାହୁତି ଘଟଣାରେ ଦେଇଥିବା ମନ୍ତବ୍ୟକୁ ବିଜେଡି କଟୁ ସମାଲୋଚନା କରିଛି। ଶଙ୍ଖ ଭବନଠାରେ ଗୁରୁବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ଦଳର ଉପସଭାପତି ସ୍ନେହାଙ୍ଗିନୀ ଛୁରିଆ ଓ ପୂର୍ବତନ ସାଂସଦ ଡଃ ରାଜଶ୍ରୀ ମଲ୍ଲିକ ଅପରାଜିତାଙ୍କ ଉପରେ ବର୍ଷିବା ସହ ତାଙ୍କୁ ନୈତିକତାର ପାଠ ପଢ଼ାଇଛନ୍ତି। ଶ୍ରୀମତୀ ଛୁରିଆ କହିଛନ୍ତି, ସାଂସଦ ଅପରାଜିତା ଜଣେ ନାରୀ ହୋଇ ଆଉ ଜଣେ ନାରୀର ମୃତ୍ୟୁ ଉପରେ ଶସ୍ତା ରାଜନୀତି କରୁଛନ୍ତି। ସେ ଆଜି ଦେଇଥିବା ମନ୍ତବ୍ୟ କେବଳ ନିଜ ଦଳର ସରକାରଙ୍କ ପିଠି ଥାପୁଡ଼ାଇବା ପାଇଁ ଉଦ୍ଦିଷ୍ଟ। ଯେତେବେଳେ, ସମଗ୍ର ରାଜ୍ୟର ଜନସାଧାରଣ ସୌମ୍ୟାଶ୍ରୀଙ୍କ ଦୁଃଖଦ ମୃତ୍ୟୁ ପାଇଁ ମ୍ରିୟମାଣ, ସେତେବେଳେ ସାଂସଦ ଅପରାଜିତା ନିଜ ଦଳର ସରକାରଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି। ବିଏମ୍‌ସିରେ ଯେତେବେଳେ ତାଙ୍କ ଦଳର ଗୁଣ୍ଡାମାନେ ଅତିରିକ୍ତ କମିସନରଙ୍କ ଉପରେ ଅମାନବୀୟ ଆକ୍ରମଣ କରିଥିଲେ, ଅପରାଜିତାଙ୍କ ମନ୍ତବ୍ୟ ଗୋଟିଏ ପ୍ରକାର ଥିଲା। ଏବେ ବାଲେଶ୍ୱର ଛାତ୍ରୀ ଆତ୍ମାହୁତି ଘଟଣାରେ ତାଙ୍କ ସ୍ୱର ଦବି ଯାଉଛି କାହିଁକି ବୋଲି ଶ୍ରୀମତୀ ଛୁରିଆ ପ୍ରଶ୍ନ କରିଛନ୍ତି। ଶ୍ରୀମତୀ ଛୁରିଆ କହିଥିଲେ, ଅନ୍ୟ ଦଳର ଲୋକ ସୌମ୍ୟାଶ୍ରୀଙ୍କୁ ବିରୋଧ କରି ଟାହିଟାପରା କରୁଥିଲେ। ଯାହା ତାଙ୍କୁ ଏପରି ଚରମ ପଦକ୍ଷେପ ନେବାକୁ ବାଧ୍ୟକଲା ବୋଲି ବିଜେପି କହୁଛି। ଏହି ମନ୍ତବ୍ୟ କେବଳ ରାଜନୀତି ପାଇଁ ଉଦ୍ଦିଷ୍ଟ। ରାଜ୍ୟରେ ବିଜେପି ସରକାର ଅଛି, ଯିଏ ବି ଦୋଷୀ ତାଙ୍କୁ ଦଣ୍ଡ ଦିଆଯାଉ। ମାତ୍ର ଅନ୍ୟ ଉପରେ ଦୋଷ ଲଦି ଜନମାନସକୁ ବିଭ୍ରାନ୍ତ କରା ନ ଯାଉ। ଆରମ୍ଭରୁ ପୀଡ଼ିତାଙ୍କ ଏତଲା ଗ୍ରହଣ କରି କ'ଣ ପାଇଁ ପୁଲିସ ମାମଲା ରୁଜୁ କଲା ନାହିଁ। ସେତେବେଳେ ଶାସକ ଦଳର କେଉଁ ନେତା ପୁଲିସ ଉପରେ ଚାପ ପକାଇଥିଲେ ତାହା ମଧ୍ୟ ତଦନ୍ତ ହେବାର ଆବଶ୍ୟକତା ଅଛି ବୋଲି ଶ୍ରୀମତୀ ଛୁରିଆ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ଛାତ୍ରୀଙ୍କ ମୃତ୍ୟୁ ପରେ ଅପରାଜିତା ଶୂନ୍ୟସହନଶୀଳତା କଥା କହୁଛନ୍ତି। କିନ୍ତୁ ଯେତେବେଳେ ସେ ନ୍ୟାୟ ପାଇଁ ବାର ଦୁଆର ବୁଲୁଥିଲା, ସେତେବେଳେ ସରକାର କ'ଣ କୁମ୍ଭକର୍ଣ୍ଣ



ନିଦ୍ରାରେ ଶୋଇଥିଲେ କି ବୋଲି ସେ ପ୍ରଶ୍ନ କରିଛନ୍ତି। ପୀଡିତା ଛାତ୍ରୀ କଲେଜ ଅଧ୍ୟକ୍ଷଙ୍କୁ ଅଭିଯୋଗ କରିବା ବ୍ୟତୀତ ସାଂସଦ, ବିଧାୟକ, ଉଚ୍ଚଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ନ୍ୟାୟ ନ ମିଳିଲେ ଆତ୍ମହତ୍ୟା କରିବେ ବୋଲି ସିଧାସଳଖ ଜଣାଇଥିଲେ ମଧ୍ୟ କେହି ତାଙ୍କ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲେ। ଏ ଘଟଣାରେ କଲେଜ ଅଧ୍ୟକ୍ଷ ଓ ଅଭିଯୁକ୍ତ ଅଧ୍ୟାପକ ଯେତିକି ଦାୟୀ, ଯେଉଁମାନେ ଛାତ୍ରୀଙ୍କର ଅଭିଯୋଗକୁ ଅଣଦେଖା କରିଛନ୍ତି, ସେମାନେ ମଧ୍ୟ ସମପରିମାଣରେ ଦାୟୀ। ସାଂସଦ ଅପରାଜିତା ସେହିଦିଗ ପ୍ରତି ନିରବ କାହିଁକି ବୋଲି ବେଜେଡି ପ୍ରଶ୍ନ କରିଛି।

ସେହିପରି ଡଃ ରାଜଶ୍ରୀ ମଲ୍ଲିକ କହିଥିଲେ, ନିଜ ସରକାରଙ୍କ ଅପାରଗତାକୁ ଲୁଚାଇବାକୁ ଯାଇ ବିଜେଡି ସରକାର ଓ ନବୀନ ପଟ୍ଟନାୟକଙ୍କୁ ଦୋଷ ଦେଉଛନ୍ତି। ରାଜ୍ୟରେ ମହିଳାଙ୍କ ସମ୍ମାନ ବୃଦ୍ଧି କ୍ଷେତ୍ରରେ ଓ ମହିଳାଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ସରକାର ଦେଶରେ ଅଗ୍ରଣୀ ଭୂମିକା ନିର୍ବାହ କରିଥିଲା।

- ଛାତ୍ରୀଙ୍କ ମୃତ୍ୟୁ ପୂର୍ବରୁ ସରକାରଙ୍କ ଶୂନ୍ୟସହନଶୀଳତା କେଉଁଠି ଥିଲା
- ଅନ୍ୟକୁ ଆକ୍ଷେପ ଛାଡ଼ି ପୀଡ଼ିତାଙ୍କୁ ନ୍ୟାୟ ପାଇଁ ସ୍ୱର ଉତ୍ତୋଳନ କରନ୍ତୁ

ଯେଉଁଥିପାଇଁ ଓଡ଼ିଶାର ଜନସାଧାରଣ ନବୀନଙ୍କୁ ପାଞ୍ଚ ପାଞ୍ଚ ଥର ଆଶୀର୍ବାଦ କରିଥିଲେ। ସାଂସଦ ଅପରାଜିତା ନବୀନ ପଟ୍ଟନାୟକଙ୍କ ଉପରେ ମନ୍ତବ୍ୟ ଦେବା ପୂର୍ବରୁ ନିଜ ଆଡ଼କୁ ଟିକେ ଦେଖନ୍ତୁ। ସାଂସଦ ଭାବେ ତାଙ୍କ ଉପଲବ୍ଧି କଣ ରହିଛି? କେବଳ ଏକ ଫୁଟ୍ ଓଭରବ୍ରିଜ ବ୍ୟତୀତ ଆଉ ବିଶେଷ କିଛି ନାହିଁ। ତେଣୁ ସେ ଅନ୍ୟକୁ ଆକ୍ଷେପ କରିବା ଛାଡ଼ନ୍ତୁ। ଜଣେ ନାରୀ ନେତ୍ରୀ ହିସାବରେ ପୀଡିତା ଛାତ୍ରୀ କିପରି ନ୍ୟାୟ ପାଇବେ ସେ ଦିଗରେ ଧ୍ୟାନ ଦିଅନ୍ତୁ ବୋଲି ଡଃ ମଲ୍ଲିକ କହିଛନ୍ତି। ସୂଚନା ଥାଉ କି ଗୁରୁବାର ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ଆତ୍ମାହୁତି ଘଟଣାରେ ବିଜେଡିକୁ ପ୍ରତିଆକ୍ଷେପ କରିବା ସହ ବିରୋଧୀ ଦଳଗୁଡ଼ିକୁ ସମାଲୋଚନା କରିଛନ୍ତି।

## ନାବାଳିକାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣା

# ଗାଁ ଦାଣ୍ଡରେ ୧୫ ପୁଲିସ୍ ୪ ଘଣ୍ଟା ଅଟକ

ପାଟଣାଗଡ଼, ୧୭।୭ (ସମିସ): ଅଭିଯୁକ୍ତମାନଙ୍କ ପ୍ରତି ଅହେତୁକ ଅନୁକମ୍ପା ଏବଂ ତଦନ୍ତରେ ଅବହେଳା ଅଭିଯୋଗରେ ଗାଁ ଦାଣ୍ଡରେ ପୁଲିସ୍‌କୁ ଘଣ୍ଟାଘଣ୍ଟା ଧରି ଅଟକ। ବଲାଙ୍ଗିର ଜିଲ୍ଲା ଭଇଁଷା ଗାଁ ନୂଆପଡ଼ାରେ ଆଜି ଏପରି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗ୍ରାମବାସୀମାନେ ପାଟଣାଗଡ଼ ଥାନାର ୧୫ କର୍ମଚାରୀଙ୍କୁ ୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଅଟକ ରଖିଥିଲେ। ଏହାକୁ ନେଇ ଗାଁରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ତେବେ ପରିସ୍ଥିତି କ୍ରମଶଃ ଜଟିଳ ଘଟଣାସ୍ଥଳରେ ଏସ୍‌ଡିପିଓ ସଦାନନ୍ଦ ପୂଝାରୀଙ୍କ ସମେତ ପୁଲିସ ଫୋର୍ସ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲା। ପରେ ପୁଲିସ୍ ଅଭିଯୁକ୍ତମାନଙ୍କୁ ଗିରଫ କରିବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା ଏବଂ ଆନ୍ଦୋଳନକାରୀମାନେ ପୁଲିସ୍‌କୁ ଛାଡ଼ି ଦେଇଥିଲେ।

ସୂଚନାନୁଯାୟୀ, ନୂଆପଡ଼ାର ମଧୁସୁଦନ ବର୍ଗେଙ୍କ ନାବାଳିକା ଝିଅ ଭୂମିସୂତାଙ୍କ ଝୁଲନ୍ତା ମୃତଦେହ ଗତ ଜୁନ ୧୫ ତାରିଖରେ ତାଙ୍କ ଘରୁ ଉଦ୍ଧାର କରିଥିଲା। ତେବେ ପଡ଼ୋଶୀ ଘର ମାଆ-ଝିଅ ଓ ବୋହୂ ମିଶି ଝିଅକୁ ତଣ୍ଟି ଚିପି ହତ୍ୟା କରିବା ପରେ ଏହାକୁ ଆତ୍ମହତ୍ୟାର ରୂପ ଦେବା ପାଇଁ ଚେଷ୍ଟା



କରିଛନ୍ତି ବୋଲି ଭୂମିସୂତାର ବାପା ଓ ମାମୁ ଏହାର ପରଦିନ ପାଟଣାଗଡ଼ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୁଲିସ ଏକ ମାମଲା ରୁଜୁ କରିଥିଲେ ହେଁ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇନଥିଲା। ଏହାର ପ୍ରତିବାଦରେ ଗତ ୫ ତାରିଖରେ ଭୂମିସୂତାଙ୍କ ପରିବାର ସହ ଗାଁର ୫୦ରୁ ଊର୍ଦ୍ଧ୍ୱ ମହିଳା ବଲାଙ୍ଗିର ଏସ୍‌ପି ଅଭିଲାଷଜୀଙ୍କୁ ଭେଟି ମାମଲାରେ ହସ୍ତକ୍ଷେପ କରିବାକୁ ଗୁହାରି କରିଥିଲେ। ପରେ ପାଟଣାଗଡ଼ ପୁଲିସର ଏକ ଟିମ୍ ପଡ଼ୋଶୀ ପରିବାରର ମା', ଝିଅ ଓ ବୋହୂଙ୍କୁ ସେହିଦିନ ସନ୍ଧ୍ୟାରେ ଥାନାକୁ ଉଠାଇ ଆଣି ଅଟକ ରଖିଥିଲା। କିନ୍ତୁ ପରଦିନ ସେମାନଙ୍କୁ ଛାଡ଼ି ଦେବାରୁ ଗ୍ରାମବାସୀମାନେ ଉତ୍‌କ୍ଷିପ୍ତ ହୋଇପଡ଼ିଥିଲେ। ତେବେ ଆଜି ମଧ୍ୟାହ୍ନ ପ୍ରାୟ ୧ଟାରେ ଥାନା ଅଧିକାରୀ ହରିବନ୍ଧୁ ଗଡତ୍ୟାଙ୍କ ନେତୃତ୍ୱରେ ଦୁଇଟି ଗାଡ଼ିରେ ୧୫ରୁ ଊର୍ଦ୍ଧ୍ୱ ପୁଲିସ୍ ଅଭିଯୁକ୍ତଙ୍କ ଘରକୁ ଯାଇଥିଲେ। ଥାନା ଅଧିକାରୀଙ୍କ ସହ କିଛି କର୍ମଚାରୀ ଅଭିଯୁକ୍ତଙ୍କ ଘର ଭିତରକୁ ଯାଇ ଦୀର୍ଘ ସମୟ ପର୍ଯ୍ୟନ୍ତ ରୁଦ୍ଧଦ୍ୱାର ବୈଠକ କରିବାରୁ ଏହାକୁ ନେଇ ମୃତ ନାବାଳିକାଙ୍କ ପରିବାର ଏବଂ ପଡ଼ୋଶୀଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା। ଫଳରେ ଗାଁର ମହିଳାମାନେ ଏକତ୍ରିତ ହୋଇ ହୋହଲ୍ଲା କରିଥିଲେ। ଅଭିଯୁକ୍ତଙ୍କ ଘର ଭିତରେ କ'ଣ ପାଇଁ ରୁଦ୍ଧଦ୍ୱାର ବୈଠକ ଚାଲିଛି ବୋଲି ପ୍ରଶ୍ନ କରିବା ସହ ପୁଲିସ ଗାଡ଼ି ସହ କର୍ମଚାରୀଙ୍କୁ ଘେରି ଯାଇଥିଲେ। ଏସ୍‌ପି ଏବଂ ଜିଲ୍ଲାପାଳ ଘଟଣାସ୍ଥଳକୁ ନ ଆସିବା ପର୍ଯ୍ୟନ୍ତ କାହାରିକୁ ଛାଡ଼ିବେ ନାହିଁ ବୋଲି କହିଥିଲେ। ତେବେ ଖବର ପାଇ ସନ୍ଧ୍ୟା ପ୍ରାୟ ସାଢ଼େ ୫ଟାରେ ଏସ୍‌ଡିପିଓ ସଦାନନ୍ଦ ପୂଝାରୀଙ୍କ ସହ ପୁଲିସ୍ ଫୋର୍ସ ପହଞ୍ଚି ଗ୍ରାମବାସୀଙ୍କୁ ପୁଲିସ ଗାଡ଼ି ସହ କର୍ମଚାରୀଙ୍କୁ ଛାଡ଼ି ଦେବାକୁ କହିଥିଲେ। ପୁଲିସ ଅଭିଯୁକ୍ତ ପରିବାରର ମାଆ ଭାରତୀ ବାରଲେଣ୍ଡି(୫୫), ବୋହୂ ଝରବାରଲେଣ୍ଡିଆ (୩୨) ଏବଂ ନାବାଳିକା ଝିଅଙ୍କୁ ଗିରଫ କରି ଥାନାକୁ ନେଇଥିବା ସହ ପରିବାରବର୍ଗ ଏବଂ ଗ୍ରାମବାସୀଙ୍କୁ ଲିଖିତ ପ୍ରତିଶ୍ରୁତି ଦେଲା ପରେ ଆନ୍ଦୋଳନକାରୀ ପୁଲିସକୁ ଛାଡ଼ି ଦେଇଥିଲେ।

# ଜାଲରେ ପଡ଼ିଲା କ୍ୱିଣ୍ଟାଲ ଓଜନର ମାଛ

ବିନିକା,୧୭।୭(ସମିସ): ବିନିକା ଦେଇ ପ୍ରବାହିତ ଚିରସ୍ରୋତା ମହାନଦୀରୁ ୧ କ୍ୱିଣ୍ଟାଲର ବୋଦା ମାଛ ମିଳିଛି। ଏହାକୁ ଦେଖିବା ପାଇଁ



ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ବିନିକାର ମତ୍ସ୍ୟଜୀବୀ ଅନ୍ତରାମ ମୁଦୁଲି ଓ ସୁଜିତ ସେଠୀ ଡଙ୍ଗାରେ ନଦୀକୁ ଯାଇ ମାଛ ମାରୁଥିଲେ। ଏହି ସମୟରେ ତାଙ୍କ ଜାଲରେ ଏକ ୬ଫୁଟ୍ ଲମ୍ବର ବୋଦା ମାଛ ପଡ଼ିଥିଲା। ସେମାନେ ଟିକିଏ ଭୟଭୀତ ହୋଇଥିଲେ ହେଁ ସାହସ କରି ମାଛକୁ ୩ଜଣ ବହୁ କଷ୍ଟରେ ଟେକି ଆଣିଥିଲେ। ମାଛଟିର ଓଜନ ୧କୁଇଣ୍ଟାଲ ହେବ ବୋଲି ଜଣାପଡ଼ିଛି। ଏହି ଖବର ପ୍ରଚାରିତ ହେବା ପରେ ମାଛକୁ ଦେଖିବା ପାଇଁ ଲୋକଙ୍କ ନାହିଁ ନଥିବା ଭିଡ଼ ଜମିଥିଲା। ଏହି ମାଛର ବହୁ ଔଷଧୀୟ ଗୁଣ ଥିବା କିଛି ମତ୍ସ୍ୟଜୀବୀ କହିଛନ୍ତି।

## ଲଗାଣ ବର୍ଷାରେ ବେହାଲ ଚାଷୀ

# ଆର୍ଥିକ ମେରୁଦଣ୍ଡକୁ ମାଡ଼

ଭୁବନେଶ୍ୱର, ୧୭।୭(ସମିସ): ଖରିଫ ଧାନ ଅମଳ ପରେ କିଛି ରୋଜଗାର ଆଶାରେ ଚଳିତ ରବିଋତୁରେ ଚାଷୀ ପନିପରିବା ଚାଷ କରିଥିଲା। ଚାଷ ଆରମ୍ଭରୁ ପାଗ ଭଲ ରହିଲା। ଆବଶ୍ୟକ ବର୍ଷା-ଖରା ହେଲା। ଫଳରେ ଭଲ ପରିବା ଉତ୍ପାଦନ ହେବ ବୋଲି ଆଶା ଥିଲା। ହେଲେ ମୌସୁମୀ ଓ ଲଗାଣ ବର୍ଷା ଚାଷୀର ସେ ଆଶାକୁ ମାରିଦେଛି।

ଗତ ମାସେ ହେଲା ଲଗାଣ ବର୍ଷା ହେବା କାରଣରୁ ଜମିରେ ଲାଗିଥିବା ଅମୃତଭଣ୍ଡା, ଭେଣ୍ଡି,କାକୁଡି, ଜହ୍ନି, ଛଚିନ୍ଦ୍ରା, ବାଇଗଣ ଆଦି ବର୍ଷା ପାଣିରେ ପଚିଗଲାଣି। ବିଶେଷକରି ଅମୃତଭଣ୍ଡା ମୂଳରେ ବର୍ଷା ପାଣି ରହି ଗଛକୁ ନଷ୍ଟ କରୁଛି। ସେହିପରି ବାଇଗଣ ଫସଲ ମଧ୍ୟ ବିଶେଷ ନଷ୍ଟ ହେଉଛି। ବର୍ଷା ଯୋଗୁଁ ପନିପରିବା ଫସଲ ଜମିରୁ ପାଣି ସମ୍ପୂର୍ଣ୍ଣ ନିଷ୍କାସନ ହୋଇ ନ ପାରି ଫସଲ ମୂଳରେ ଜମି ରହୁଛି। ଏଥିସହ ବର୍ଷା ପ୍ରଭାବରେ ଫୁଲରେ ଫଳ ଆସିବା କମି ଯାଇଛି। ମେଘୁଆ ପାଗ ସାଙ୍ଗକୁ ମାଟିରେ ଆର୍ଦ୍ରତା କାରଣରୁ ଫସଲରେ ଅଧିକ ରୋଗପୋକଙ୍କ ଆକ୍ରମଣ ବି ଦାଉ ସାଧିଲାଣି। ଏଥିସହ ଚାଷୀ ବହୁ କମ୍ ପରିମାଣରେ ପରିବା ଅମଳ କରୁଛନ୍ତି। ଏହାର ପ୍ରଭାବ ବଜାର ଉପରେ ପଡୁଛି। ଗ୍ରାହକଙ୍କ ଉପରେ ମହଙ୍ଗା ମାଡ଼ ହେଉଛି। ଆଗରୁ ଯେତିକି ପରିବା ଘରକୁ ନେଉଥିଲେ, ସେତିକି ନ ନେଇ ଅଳ୍ପରେ ସନ୍ତୁଷ୍ଟ ହେବାକୁ ପଡୁଛି ବୋଲି ଖାଉଟିମାନେ କହୁଛନ୍ତି। ରାଜଧାନୀ ଉପକଣ୍ଠ ବାଲିଅନ୍ତା, ବାଲିପାଟଣା, ବାଲକାଟି, ଝିଣ୍ଟି ସମେତ ରାଜ୍ୟର ପ୍ରମୁଖ କଞ୍ଚା ପରିବା ଉତ୍ପାଦନ କରୁଥିବା କଟକ, ବାଙ୍କୀ, ଅନୁଗୋଳ ସମେତ ପଶ୍ଚିମ ଓଡ଼ିଶାର ବରଗଡ଼, ସମ୍ବଲପୁର

- ବଢୁଛି ପନିପରିବା ଦର
- ଆହୁରି ଦୁଇ ମାସ କନ୍ଦେଇବ

ପର୍ଯ୍ୟନ୍ତ ସବୁଆଡେ ଏବେ ସମାନ ସ୍ଥିତି ଦେଖିବାକୁ ମିଳୁଛି।

ଏବେ ଶ୍ରାବଣ, ଭାଦ୍ରବ ଓ ଆଶ୍ୱିନ ମାସ ପର୍ଯ୍ୟନ୍ତ ପ୍ରାୟତଃ ସ୍ଥାନୀୟ ପନିପରିବା ବଜାର ଚାହିଦା ମେଣ୍ଟାଇଥା'ନ୍ତି। ପରବର୍ତ୍ତୀ ସମୟରେ କାର୍ତ୍ତିକ ମାସ ବେଳକୁ ବାହାର ପରିବା ଉପରେ ନିର୍ଭର କରିବାକୁ ପଡ଼ିଥାଏ। ମାତ୍ର ଏବେ ବର୍ଷାରେ ଫସଲ ନଷ୍ଟ ହୋଇଯିବାରୁ କଞ୍ଚାପରିବାର ଅଭାବ ଦେଖାଯିବ। ତେଣୁ ଆସନ୍ତା ଦୁଇ ତିନି ମାସ ପର୍ଯ୍ୟନ୍ତ ପରିବା ଦର ଉଚ୍ଚା ରହିବ ବୋଲି ବଜାର ବିଶେଷଜ୍ଞ ଆକଳନ କରିଛନ୍ତି।

ଏକ ନମ୍ବର ହାଟର ଗ୍ରାହକ ବିଶ୍ୱରଞ୍ଜନ ବେହେରା କହିଛନ୍ତି, ପରିବା ଫସଲ ପ୍ରଭାବିତ କାରଣରୁ ପରିବା ଚାଷୀମାନେ କ୍ଷତି ସହିବା ସାଙ୍ଗକୁ ବଜାରରେ ମଧ୍ୟ ପରିବା ଦର ବଢୁଛି। ଆମେ ଦରବୃଦ୍ଧିର ଶିକାର ହେଉଛୁ। ପରିବା ଦର ଆମ ପକେଟ ଖାଲି କରିଦେଉଛି। ସ୍ଥିତି ଏମିତି ହୋଇଛି ଯେ ପରିବା ମାର୍କେଟ୍‌ରେ ହାତ ମାରି ହେଉନି। ପରିବା କିଣିଲା ବେଳକୁ ବ୍ୟାଗ୍ ଭର୍ତ୍ତି ହେଉନି ବୋଲି ସେ କହିଛନ୍ତି। ବ୍ୟବସାୟୀ ନକୁଳନାଥ ସାହୁ କହିଛନ୍ତି, ଯେଉଁ ପରିବା ଦର କିଛିଦିନ ପୂର୍ବେ କେଜି ପ୍ରତି ୨୦, ୩୦ଟଙ୍କାରେ ବିକ୍ରି ହେଉଥିଲା, ତାହା ଏବେ ୫୦ରୁ ୭୦ ଟଙ୍କା ହୋଇଛି। ବାଇଗଣ ୭୦ରୁ ୮୦ ଦର ପାର କରିଛି। ଝୁଡ଼ଙ୍ଗ ୬୦, କଲରା ୬୦ଟପିଛି। ଚାଷୀ ନଟବର ଗିରି କହିଛନ୍ତି, ବିଗତ ବର୍ଷ ବି ଏମିତି କ୍ଷତି ହୋଇଥିଲା। ଗଲା ଡିସେମ୍ବର ମାସ ଶେଷ ସପ୍ତାହରେ ଅଦିନିଆ ଲଗାଣ ବର୍ଷା ପରକୁ ଜାନୁଆରୀ ମାସର ପ୍ରଥମ ସପ୍ତାହରେ ଘନ କୁହୁଡି ପିଆଜ, ଫୁଲକୋବି, ବାଇଗଣ, କାକୁଡି ସମେତ ବିଭିନ୍ନ ପନିପରିବା ଚାଷକୁ କ୍ଷତିଗ୍ରସ୍ତ କରିଥିଲା। ତେଣୁ ଦଇବ ଯେଉଁଭଳି ଦାଉ ସାଧୁଛ. ଚାଷ ଆଉ କରିହେବନି ବୋଲି ସେ କହିଛନ୍ତି।

# ଜଙ୍ଗଲ ଭିତରେ ମାଓବାଦୀଙ୍କ ବଙ୍କର

ଭୁବନେଶ୍ୱର,୧୭।୭(ସମିସ): କାଶ୍ମୀର ଆତଙ୍କବାଦୀ ରାସ୍ତାରେ ଏବେ ମାଓବାଦୀ। ସୁରକ୍ଷାକର୍ମୀଙ୍କୁ ଚକମା ଦେବାକୁ ଯାଇ ସେମାନେ ମାଟିତଳେ ବଙ୍କର କରି ଲୁଚିରହୁଛନ୍ତି। ସେମାନଙ୍କୁ ନା ଡ୍ରୋନ୍ ଆକାଶ ମାର୍ଗରୁ ଠାବ କରିପାରୁଛି, ନା ସୁରକ୍ଷାକର୍ମୀ। ସେମାନେ ବଙ୍କର ଭିତରେ ଲୁଚି ରହି ଷଡ଼ଯନ୍ତ୍ର କରୁଛନ୍ତି। ତା ଭିତରେ ବୋମା ଏବଂ ଲ୍ୟାଣ୍ଡମାଇନ୍ ପ୍ରସ୍ତୁତ କରୁଛନ୍ତି। ବଙ୍କରରେ ନିଜର ସୁରକ୍ଷା ସହ ଅସ୍ତ୍ରଶସ୍ତ୍ରକୁ ସୁରକ୍ଷିତ ରଖୁଛନ୍ତି।

କନ୍ଧମାଳ ଜିଲ୍ଲା ଗୁମା ସଂରକ୍ଷିତ ଜଙ୍ଗଲରେ ବାଓବାଦୀଙ୍କର ଏଭଳି ଠାବ କରାଯାଇଛି। ମାଟିତଳେ ନକ୍ସଲ ପୋତି ରଖିଥିଲେ ୬୦୦ ଡିଟୋନେଟର ସହ ରିମୋଟ୍। ମାଓବାଦୀ ବିସ୍ଫୋରକ ଲୁଚାଇ ରଖିଥିବା ସୂଚନା ଆଧାରରେ ଆରମ୍ଭ ହୋଇଥିଲା ବଡ଼ ଧରଣର ଅପରେସନ। ମାଟି ତଳେ ପୋତାଯାଇଥିବା ସମସ୍ତ ଡିଟୋନେଟର ଜବତ ହୋଇଛି। ଏହାପୂର୍ବରୁ ଗତ ସପ୍ତାହ ମାଓବାଦୀ ବଙ୍କରରୁ ମିଳିଥିଲା ବିପୁଳ ଅସ୍ତ୍ରଶସ୍ତ୍ର। ଝାଡ଼ଖଣ୍ଡ ଚାଇବାସା ଛୋଟାନାଗରାରେ ମଧ୍ୟ ନକ୍ସଲଙ୍କ ବଡ଼ ବଙ୍କର ଠାବ କରାଯାଇଥିଲା। ଏହି ବଙ୍କର୍ ତଳେ ବିସ୍ଫୋରକ ଖଞ୍ଜିଥିଲେ ମାଓବାଦୀ। ଏଭଳି ୫ଟି ବଡ଼ ବଡ଼ ବଙ୍କରକୁ ଠାବ କରି ଧ୍ୱଂସ କରିଛନ୍ତି ସୁରକ୍ଷା ଯବାନ।

- ଆକାଶ ମାର୍ଗରୁ ଡ୍ରୋନ୍ ଠାବ କରିପାରୁନି
- ଲ୍ୟାଣ୍ଡମାଇନ୍, ବନ୍ଧୁକ ବି ଲୁଚାଇ ରଖୁଛନ୍ତି
- ସୁରକ୍ଷା ବାହିନୀର ଚିନ୍ତା ବଢ଼ିଲା

ମିଳିଥିବା ସୂଚନା ଅନୁସାରେ ମାଓବାଦୀମାନେ ଜଙ୍ଗଲ କିମ୍ବା ଗୁମ୍ଫାରେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। କାରଣ ସେମାନେ ଜଙ୍ଗଲ କିମ୍ବା ଗୁମ୍ଫାରେ ରହିଲେ ପୁଲିସର ଡ୍ରୋନ୍ ଏବଂ ସାଟ୍‌ଲାଇଟ୍ ଇମେଜ ସେମାନଙ୍କୁ ଧରି ଦେଉଛି। ତେଣୁ ଏହାର ବିକଳ୍ପ ଭାବେ ଜଙ୍ଗଲରେ ମାଟି ଖୋଳି ବଙ୍କର ତିଆରି କରୁଛନ୍ତି। ତାହା ଭିତରେ ରୋଷେଇ ଠାରୁ ଆରମ୍ଭ କରି ଅସ୍ତ୍ରଶସ୍ତ୍ର ଲୁଚାଇବା କାମ କରାଯାଉଛି। ଏହି ବଙ୍କର ଗେଟ୍‌ରେ ସେମାନେ ଜଙ୍ଗଲ ପତର ଏବଂ ମାଟି ଘୋଡାଇ ଦେଉଛନ୍ତି। ଯାହାଫଳରେ ଏହାକୁ ସୁରକ୍ଷାକର୍ମୀ ଠାବ କରିବା ସହଜ ହୋଇନଥାଏ। ଆନ୍ଧ୍ର କ୍ୟାଡର ମାଓବାଦୀ ଓଡ଼ିଶାର ମଙ୍ଗ ସମ୍ଭାଳିବା ପରେ ଏଭଳି ବଙ୍କର ପନ୍ଥା ଆପଣାଇଛନ୍ତି। କନ୍ଧମାଳ, ମାଲକାନଗିରି, କୋରାପୁଟ ଆଦି ମାଓ ପ୍ରବଣ ଅଞ୍ଚଳରେ ଏଭଳି ଅନେକ ବଙ୍କର ରହିଥିବା ସନ୍ଦେହ କରାଯାଉଛି।

ଆଣ୍ଟି ନକ୍ସଲ ଅପରେସନ ବେଳେ ଏଭଳି ବଙ୍କର ଉପରେ ଫୋକସ କରାଯାଉଥିବା କହିଛନ୍ତି ଏଡିଜି ସଞ୍ଜିବ ପଣ୍ଡା। ସେ କହିଛନ୍ତି ଯେ ପୁଲିସ ପାଖରେ ଥିବା ଅତ୍ୟାଧୁନିକ ଟେକ୍ନୋଲୋଜି ମାଧ୍ୟମରେ ଏହି ବଙ୍କର ଠାବ କରାଯାଉଛି ଏବଂ ସେଗୁଡ଼ିକୁ ଧ୍ୱଂସ କରାଯାଉଛି।

# ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବି ▸ କେନ୍ଦ୍ରାପଡ଼ାରେ ଓଡ଼ିଶା ବନ୍ଦ ସମ୍ପୂର୍ଣ୍ଣ ସଫଳ











କେନ୍ଦ୍ରାପଡ଼ା, ୧୭।୭(ସମିସ): ବାଲେଶ୍ୱର ଫକୀରମୋହନ କଲେଜର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ବ୍ୟବସ୍ଥାକୃତ ହତ୍ୟାର ଓଡ଼ିଶା ହାଇକୋର୍ଟର କର୍ତ୍ତବ୍ୟରତ ବିଚାରପତିଙ୍କ ତତ୍ତ୍ୱାବଧାନରେ ନ୍ୟାୟିକ ତଦନ୍ତ, ପ୍ରକୃତ ଦୋଷୀଙ୍କ ବିରୋଧରେ କଠୋର ଦଣ୍ଡ ବ୍ୟବସ୍ଥା କରିବା, ତଦନ୍ତରେ ସ୍ୱଚ୍ଛତା ଓ ନୈତିକତା ଦୃଷ୍ଟିରୁ ଉଚ୍ଚଶିକ୍ଷା ମନ୍ତ୍ରୀ, ସାଂସଦ ପ୍ରତାପ ସଡ଼ଙ୍ଗୀ, ସ୍ଥାନୀୟ ବିଧାୟକ ପଦବୀରୁ ଇସ୍ତଫା ଦେବା ଦାବିରେ ଆଜି ଆହୂତ ଓଡ଼ିଶା ବନ୍ଦ କେନ୍ଦ୍ରାପଡ଼ା ଜିଲ୍ଲା ଓ ସହରରେ ସମ୍ପୂର୍ଣ୍ଣ ସଫଳ ହୋଇଛି। କଂଗ୍ରେସ, ସିପିଆଇ(ଏମ୍), ସିପିଆଇ ଓ ସିପିଆଇ(ଏମ୍ଏଲ) ସମେତ ଆଠଟି ବିରୋଧୀ ଦଳ ଡାକରାରେ ସମସ୍ତ ଗଣସଂଗଠନ ଓ ସମଗ୍ର ଜିଲ୍ଲାବାସୀ ସାମିଲ ହୋଇ ବନ୍ଦକୁ ସଫଳ କରିଛନ୍ତି। ଜିଲ୍ଲାର ସମସ୍ତ ୯ଟି ବ୍ଲକ ଓ ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲଟି ସହିତ କେନ୍ଦ୍ରାପଡ଼ା ସହର ସମ୍ପୂର୍ଣ୍ଣ ଅଚଳ ହୋଇଯାଇଥିଲା। କଟକ-ଚାନ୍ଦବାଲି ରାସ୍ତାର ତିନିମୁହାଣିଠାରେ ରାସ୍ତାକୁ ସତ୍ୟାଗ୍ରହୀ ବନ୍ଦ ରଖିବା ଫଳରେ ସକାଳ ୬ଟାରୁ ସମ୍ପୂର୍ଣ୍ଣ ଅଚଳ ହୋଇଯାଇଥିଲା। ଜିଲ୍ଲାପାଳ ଅଫିସ ସହିତ ସମସ୍ତ ସରକାରୀ ଓ ବେସରକାରୀ ଅଫିସ, କୋର୍ଟ, ବ୍ୟାଙ୍କ, ପୋଷ୍ଟ ଅଫିସ, ସମସ୍ତ ସ୍କୁଲ କଲେଜ ଓ ସହରର ସମସ୍ତ ଦୋକାନ ବନ୍ଦ ରହିଥିଲା। କଂଗ୍ରେସ ଜିଲ୍ଲା ସଂଯୋଜକ ପ୍ରଫୁଲ୍ଲ ଦାସ, ସିପିଆଇ(ଏମ୍) ଜିଲ୍ଲା ସମ୍ପାଦକ ଗୟାଧର ଧଳ, ସିପିଆଇ ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ରମଣିରଞ୍ଜନ ରାଉତରାୟଙ୍କ ନେତୃତ୍ୱରେ ଆଜିର ବନ୍ଦରେ ପୂର୍ବତନ ବିଧାୟକ ଚିନ୍ମୟପ୍ରସାଦ ବେହୁରା, ସିପ୍ରା ମଲ୍ଲିକ, କଂଗ୍ରେସ ରାଜ୍ୟ ସମ୍ପାଦିକା ସସ୍ମିତା ପଣ୍ଡା, ରାଜ୍ୟ ନେତା ହଳଧର ସେଠୀ, ସିପିଆଇ(ଏମ୍ଏଲ) ରାଜ୍ୟ କମିଟି ସଭ୍ୟ ସଞ୍ଜୀବ ମହାନ୍ତି, ସିପିଆଇ ଜିଲ୍ଲା ସମ୍ପାଦକ ବିକାଶ ବେଉରା, ପୂର୍ବତନ ନଗରପାଳ ଆକବର ଅଲ୍ଲୀ, ଶ୍ରମିକ ନେତା ଜଗତଜୀବନ ଦାଶ, ପ୍ରଦୀପ ମହାନ୍ତି, ସୟଦ ଅବଦୁଲ ସତ୍ତାର, ବିଧୁଭୂଷଣ ମହାପାତ୍ର, ଫକୀର ଖଟୁଆ, ଯୁବ କଂଗ୍ରେସ ନେତା ଉମେଶ ପାଢ଼ୀ, ଆଶିଷ ଲେଙ୍କା, ଦିଲ୍ଲୀପ ପ୍ରଧାନ, କମ୍ୟୁନିଷ୍ଟ ନେତା ଆଦିକନ୍ଦ ରାଉଳ, ମାଧବ ଦାସ, ଅବସରପ୍ରାପ୍ତ କର୍ମଚାରୀ ସଂଘ ନେତା ଅଜୟ ସାମଲ, ବୈଷ୍ଣବ ସ୍ୱାଇଁ, ସଂଯୁକ୍ତା ରାଉତ, ଅମରେନ୍ଦ୍ର ଦାସ, ଶେଖ ଅତିକ ପ୍ରମୁଖ ନେତୃତ୍ୱ ନେଇଥିଲେ।

**ପଟ୍ଟାମୁଣ୍ଡାଇ:** ଏଫ୍ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାର ନ୍ୟାୟିକ ତଦନ୍ତ, ଅଭିଯୁକ୍ତଙ୍କୁ ଦଣ୍ଡବିଧାନ ଦାବିରେ କଂଗ୍ରେସ, ସିପିଆଇଏମ, ସିପିଆଇ, ସିପିଆଇଏମଏଲ, ରାଷ୍ଟ୍ରୀୟ ଜନତା ଦଳ, ଫରୱାର୍ଡ ବ୍ଲକ ଆଦି ୮ଟି ବିରୋଧୀ ଦଳ, ବିଭିନ୍ନ ଶ୍ରମିକ ସଂଗଠନ, ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଓଡ଼ିଶା ବନ୍ଦ ସଫଳ ହୋଇଛି। ଆଜି କଂଗ୍ରେସ ଓ ବାମପନ୍ଥୀ ଦଳ ଓ ନବ ନିର୍ମାଣ କୃଷକ ସଂଗଠନ, ଯୁବ ଓ ଛାତ୍ର କଂଗ୍ରେସ ନେତା ଓ କର୍ମୀ ଶୋଭାଯାତ୍ରାରେ ପଟ୍ଟାମୁଣ୍ଡାଇ ବଜାର ପରିକ୍ରମା କରି ଦୋକାନ ବଜାର ବନ୍ଦ କରିବା ସହିତ ଅଫିସ ସମ୍ମୁଖରେ ପିକେଟିଂ କରିଥିଲେ। ବାଇପାସରେ ରାସ୍ତାରୋକ କରିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା ଯୁବକଂଗ୍ରେସ ପ୍ରାକ୍ତନ ସଭାପତି ସତ୍ୟପ୍ରିୟ ସାମଲଙ୍କ ପୌରୋହିତ୍ୟରେ ଆୟୋଜିତ ପ୍ରତିବାଦ ସଭାରେ ବରିଷ୍ଠ କଂଗ୍ରେସ ନେତା ସର୍ବେଶ୍ୱର ସେଠୀ, ସ୍ନେହଲତା ଚୌଧୁରୀ, ତପନ ପାତ୍ର, ସୁଚିତ୍ରା ବିଶ୍ୱାଳ, ଅଶ୍ୱିନୀ ପାତ୍ର, ଚାନ୍ଦ ମିର୍ଜା, ଦେବେଶ ମଲିକ, ସ୍ମୃତିରଞ୍ଜନ ପାଢ଼ୀ, ସୁଶାନ୍ତ ରାଉତ ଓ ଜ୍ଞାନରଞ୍ଜନ ରାଉତ, ପ୍ରିନ୍ସ ପାତ୍ର, ସିପିଆଇ ନେତା ବାବାଜୀ ଧଳ, ଅଭୟ ଦାସ, ଶରତ ବେହେରା, ସିପିଆଇଏମଏଲ ନେତା ସଞ୍ଜୀବ ରାଉତ, ପ୍ରକାଶ ମଲିକ, ବସନ୍ତ ମଲିକ, ଶ୍ରୀକାନ୍ତ ଲେଙ୍କା, ନବ ନିର୍ମାଣ କୃଷକ ସଂଗଠନର ଦାଶରଥୀ ସାହୁ ଓ ଅଶୋକ ନାଥ, ସମାଜବାଦୀ ପାର୍ଟିର ଅମରେଶ ପାତ୍ର, ନବ ଦିଗନ୍ତ ସଂଗଠନର ପ୍ରକାଶ ମଲିକ, ଶଶୀକଳା ରାଉତ, ସରୋଜିନୀ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

**ମାର୍ଶାଘାଇ:** ଏଫ୍ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାରେ ନିରପେକ୍ଷ ବିଚାର ବିଭାଗୀୟ ତଦନ୍ତ, ଉଚ୍ଚଶିକ୍ଷା ମନ୍ତ୍ରୀ, ବିଧାୟକ, ସାଂସଦ, ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ତଦନ୍ତ ପରିସରଭୁକ୍ତ ଦାବି କରି ମାର୍ଶାଘାଇ ବ୍ଲକ କଂଗେସ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ମହାକାଳପଡ଼ା ନିର୍ବାଚନମଣ୍ଡଳୀ କଂଗେସ ନେତା ବିଭ୍ରାଂଶୁ ଲେଙ୍କାଙ୍କ ନେତୃତ୍ୱରେ ପୂର୍ବତନ ସରପଞ୍ଚ ଅଯୁଗଳ ଦାସ, ରତିକାନ୍ତ ବେଉରା, ଉପେନ୍ଦ୍ର ବେହେରା, ଶିକ୍ଷାଂଶୁ ଲେଙ୍କା, ପ୍ରଭାସ ଦାସ, ସମିତି ସଭ୍ୟା ଭାରତୀ କାନୁନ୍‌ଗୋ, ଅଶୋକ ଦାସ, ଛାତ୍ର କଂଗ୍ରେସ ସଭାପତି ବିଶ୍ୱଜିତ୍ ବେଉରା, ଗୌରାଙ୍ଗ ଜେନାଙ୍କ ସମେତ ଶତାଧିକ ଯୁବ, ଛାତ୍ର କଂଗ୍ରେସ ବନ୍ଦ ପାଳନରେ ସାମିଲ ହୋଇଥିଲେ। ପାରାଦୀପ-ଚଣ୍ଡିଖୋଲ ୫୩ନଂ ଜାତୀୟ ରାଜପଥର ଶିଳିପୁର ଛକରେ ଟାୟାର ଜାଳି ରାଜପଥ ଅବରୋଧ କରିଥିଲେ। ବାଇକ୍ ଶୋଭାଯାତ୍ରାରେ ଶତାଧିକ କର୍ମୀ ଯାଇ ମାର୍ଶାଘାଇ ବଜାର ସମସ୍ତ ଦୋକାନ ବଜାର ବନ୍ଦ କରିଥିଲେ। ଅରକ୍ଷିତ ବିଶ୍ୱାଳ, ଦୟାନିଧି ପଟ୍ଟନାୟକ, ନିରଞ୍ଜନ ଲେଙ୍କା, ପ୍ରଦୀପ ବେଉରା, ଅରବିନ୍ଦ ମହାନ୍ତି ପ୍ରମୁଖ ବନ୍ଦ ପାଳନରେ ସାମିଲ ହୋଇଥିଲେ।

**ପଞ୍ଚୁପାଣ୍ଡବ:** ଡେରାବିଶ ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ବନ୍ଦ ପାଳନ କରାଯାଇଥିଲା। ଯାନବାହନ ଚଳାଚଳ ଠପ୍ ହୋଇଯାଇଥିଲା। ଦୋକାନ ବଜାର ବନ୍ଦ ରହିବାସହ ସ୍କୁଲ କଲେଜ, ସରକାରୀ କାର୍ଯ୍ୟାଳୟ, ପେଟ୍ରୋଲ ପମ୍ପ ବନ୍ଦ ରହିଥିଲା। କଂଗ୍ରେସ ନେତା ରତିକାନ୍ତ କାନୁନଗୋଙ୍କ ନେତୃତ୍ୱରେ ବିଧୁଭୂଷଣ ମହାପାତ୍ର, ରାଜୀବଲୋଚନ ମିଶ୍ର, ଜୟଦେବ ପରିଡ଼ା, ମୁନା ପଣ୍ଡା, ମନ୍ମଥ ସାହୁ ଓ ଶତାଧିକ କଂଗ୍ରେସ କର୍ମୀ ଆନ୍ଦୋଳନରେ ସାମିଲ ହୋଇଥିଲେ।

**ରାଜନଗର:** ଆଜି ରାଜନଗରରେ ଓଡ଼ିଶା ବନ୍ଦ ସଫଳ ହୋଇଛି। ରାଜନଗର ପ୍ରବେଶ ପଥ ହଂସୁଆ ସେତୁ ନିକଟରେ ଶତାଧିକ କଂଗ୍ରେସ କର୍ମୀ ଟାୟାର ଜାଳି ରାସ୍ତାରୋକ କରିବା ସହ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ନିର୍ବାଚନମଣ୍ଡଳୀ ଯୁବ ନେତା ପ୍ରଶାନ୍ତ ରାଉତଙ୍କ ନେତୃତ୍ୱରେ ଅଖଚକ ବନ୍ଦ ସହିତ ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ସ୍କୁଲ କଲେଜ, ଦୋକାନ ବଜାର ବନ୍ଦ କରାଯାଇଥିଲା। ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଦାମୋଦର ବିଶ୍ୱାସ, ବରିଷ୍ଠ ନେତା ବୈକୁଣ୍ଠ ବିଶ୍ୱାଳ, ମାଗୁଣି ପଡ଼ିହାରୀ, ରମାକାନ୍ତ ଜେନା, ପ୍ରଭାତ ପ୍ରଧାନ, କ୍ଷୀରୋଦ ସ୍ୱାଇଁ, ପ୍ରମୋଦ ସ୍ୱାଇଁ, ସଞ୍ଜୟ ପତି, ନିମାଇଁ ଦାସ, ଯୁବ ନେତା ସୁଶୀଲ ପ୍ରଧାନ, ସୌରଭ ଜେନା, କୈଳାସ ସାମଲ, ନାଗେଶ୍ୱର ସାହୁ ପ୍ରମୁଖ ସାମିଲ ହୋଇ ବନ୍ଦକୁ ସଫଳ କରିଥିଲେ। ଓଡ଼ିଶା ବନ୍ଦ ସ୍ୱତଃପ୍ରବୃତ୍ତ ଭାବେ ସମର୍ଥନ ମିଳିଥିଲା। ସେହିପରି କଂଗ୍ରେସ ନେତା ଅଶୋକ ପ୍ରତିହାରୀଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀ ବିଜୟ ନାୟକ, ଅଲେଖ ସ୍ୱାଇଁ, ବନମାଳୀ ସ୍ୱାଇଁ, ମନୋଜ ରାଉତରାୟ, ବିଦ୍ୟାଧର ଦାସ, ରୋହିତ ରାଉତ ପ୍ରମୁଖ ଯୋଗଦେଇ ସାନବଡଗୋପାଳପୁରଠାରେ ଟାୟାର ଜାଳି ରାସ୍ତାରୋକ କରିଥିଲେ।

**ରାଜକନିକା:** କଲେଜରେ ଅଧ୍ୟାପକଙ୍କ ଦ୍ୱାରା ଯୌନ ଶୋଷଣର ଶିକାର ହୋଇ ନ୍ୟାୟ ନ ପାଇ ଆତ୍ମଦାହ କରି ମୃତ୍ୟୁବରଣ କରିଥିବା ଏଫଏମ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ନ୍ୟାୟ ପ୍ରଦାନ, ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବିରେ ଆହୂତ ଓଡ଼ିଶା ବନ୍ଦ ରାଜକନିକାରେ ସଫଳ ହୋଇଛି। କଟକ-ଚାନ୍ଦବାଲି ରାସ୍ତାର ଚନ୍ଦନପୋଖରୀ ଛକଠାରେ ମିଳିତ ବିରୋଧୀ ଦଳର କର୍ମୀ ରାସ୍ତା ଅବରୋଧ କରିଥିଲେ। ସେହିପରି କାଟଣା, ଜୟନଗର, ବରାଡିଆ, କଣ୍ଟପଡ଼ା, ଓଳାଭର, କଣ୍ଡିଆଠାରେ ବନ୍ଦକୁ ସମ୍ପୂର୍ଣ୍ଣ ସମର୍ଥନ ମିଳିଥିଲା। ଦୋକାନ, ସ୍କୁଲ, କଲେଜ, ବ୍ୟାଙ୍କ, ବୀମା, ବ୍ଲକ, ତହସିଲ ବନ୍ଦ ରହିଥିଲା।

**ଡେରାବିଶ:** ଆଜି ଡେରାବିଶରେ ଓଡ଼ିଶା ବନ୍ଦ ସଫଳ ହୋଇଛି। ପାଟକୁରା ନିର୍ବାଚନମଣ୍ଡଳୀ କଂଗ୍ରେସ ପକ୍ଷରୁ କଟକ-ଚାନ୍ଦବାଲି ରାଜରାସ୍ତାର ଚାନ୍ଦୋଳ ଓ ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥର ଛତା ଛକଠାରେ ରାସ୍ତା ଅବରୋଧ କରାଯାଇଥିଲା। ଚାନ୍ଦୋଳଠାରେ ଡେରାବିଶ ବ୍ଲକ କଂଗ୍ରେସ ସଭାପତି ଉମେଶ ତ୍ରିପାଠୀ, କଂଗ୍ରେସ ଯୁବନେତା ସୁଖଦାନନ୍ଦ ପ୍ରଧାନଙ୍କ ନେତୃତ୍ୱରେ ସ୍ଥାନୀୟ ବିଭିନ୍ନ ପଞ୍ଚାୟତର କଂଗ୍ରେସ କର୍ମୀ ସାମିଲ ହୋଇ ରାସ୍ତା ଅବରୋଧ କରିଥିଲେ। ବ୍ଲକ ଅଞ୍ଚଳର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, ବ୍ୟାଙ୍କ, ସରକାରୀ କାର୍ଯ୍ୟାଳୟ, ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ କରାଯାଇଥିଲା। ପାଟକୁରାର କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ ପହଞ୍ଚି ପଥପ୍ରାନ୍ତ ସଭାରେ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧନ କରି ସୌମ୍ୟାଶ୍ରୀଙ୍କ ମୃତ୍ୟୁ ବ୍ୟବସ୍ଥିତ ହତ୍ୟା ବୋଲି କହିଥିଲେ। ଏହି ଘଟଣାରେ ସମ୍ପୂର୍ଣ୍ଣ ଦାୟୀ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ଯୁବନେତା କୈଳାସ କର, ବ୍ଲକ ମହିଳା କଂଗ୍ରେସ ସଭାନେତ୍ରୀ ରଶ୍ମିତା ମହାନ୍ତି, ହେମାଙ୍ଗିନୀ ପରିଡ଼ା, ବଂଶୀଧର ବେହେରା, କୃଷ୍ଣଚନ୍ଦ୍ର ଜେନା, ଅକ୍ଷୟ ପଣ୍ଡା, ନିମାଇଁ ଜେନା, ରବୀନ୍ଦ୍ର ପଣ୍ଡା, ହରିହର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଛତାଠାରେ ବରିଷ୍ଠ କଂଗ୍ରେସ ନେତା ବିଧୁଭୂଷଣ ମହାପାତ୍ର, ଜୟଦେବ ପରିଡ଼ା, ଫକିର ଖଟୁଆ, ରାଜକିଶୋର ମିଶ୍ର ପ୍ରମୁଖଙ୍କ ନେତୃତ୍ୱରେ ରଶ୍ମିରଞ୍ଜନ ପଣ୍ଡା, କମଳଲୋଚନ ମହାନ୍ତି, କରୁଣାକର କର, କଳ୍ପତରୁ ମହାନ୍ତି, ଦୁର୍ଯ୍ୟୋଧନ ବାରିକ, ଖଗେଶ୍ୱର କର, ସତ୍ୟଜିତ ସ୍ୱାଇଁ, ସାରଦା ସିଂ, ଧର୍ମେନ୍ଦ୍ର ସିଂ ଯୋଗଦେଇ ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥ ଅବରୋଧ କରିଥିଲେ।

**ମହାକାଳପଡ଼ା:** ଏଫ୍ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣାକୁ ନେଇ କଂଗ୍ରେସର ବନ୍ଦ ଡାକରା ମହାକାଳପଡ଼ାରେ ସଫଳ ହୋଇଛି। କଂଗେସର ମହାକାଳପଡ଼ା ବ୍ଲକ ସଭାପତି କବିନ୍ଦ୍ର ସାମଲଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀଙ୍କ ସହ କମ୍ୟୁନିଷ୍ଟ ପାର୍ଟିର ବ୍ଲକ ସମ୍ପାଦକ ନରୋତ୍ତମ ପାର୍ଥସାରଥୀ ପ୍ରମୁଖ ଉପସ୍ଥିତ ରହି ଜମ୍ବୁ-ମାର୍ଶାଘାଇ ମୁଖ୍ୟରାସ୍ତାର ମହାକାଳପଡ଼ା ଛକଠାରେ ରାସ୍ତା ଅବରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ନିରାକାର ଜେନା, ରଘୁନାଥ ସେଠୀ, ପ୍ରମୋଦ ସ୍ୱାଇଁ, ପ୍ରମୋଦ ଚୈଧୁରୀ, ଚିତ୍ତରଞ୍ଜନ ତରାଇ, ଭରତ ସେଠୀ, ଉପେନ୍ଦ୍ର ଚକ୍ରବର୍ତ୍ତୀ, ବୀର ବାରିକ, କ୍ଷୀରୋଦ ବେହେରାଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ସାମିଲ ଥିଲେ।

**ଆଳି:** ଫକୀରମୋହନ କଲେଜ ଛାତ୍ରୀଙ୍କୁ ନ୍ୟାୟ ଦାବିରେ କଂଗ୍ରେସ ଓ ବାମ ଦଳଙ୍କ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା। ଏ ପରିପ୍ରେକ୍ଷୀରେ ଆଳି କଂଗ୍ରେସ ପକ୍ଷରୁ କଟକ-ଚାନ୍ଦବାଲି ରାସ୍ତାର ଆଳି ବଜାର ମଧ୍ୟସ୍ଥଳୀରେ କଂଗ୍ରେସ ପକ୍ଷରୁ ରାସ୍ତାରୋକ କରାଯାଇଥିଲା। ଆଳି କଂଗ୍ରେସ ପ୍ରାର୍ଥିନୀ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସମ୍ପାଦିକା ଦେବସ୍ମିତା ଶର୍ମାଙ୍କ ସମେତ ଆଳି ବ୍ଲକର ପୂର୍ବତନ ସଭାପତି ରବିନାରାୟଣ ବେହେରା, ମାନଗୋବିନ୍ଦ ଦାସ, ଦର୍ପନାରାୟଣ ସାହୁ, ରାଜମୋହନ ସ୍ୱାଇଁ, ସତ୍ୟପ୍ରିୟ ସାମଲ, ସତ୍ୟରଞ୍ଜନ ରାଉତରାୟ, ବିଜୟ ନାୟକ, ସଂଗ୍ରାମ ସାମଲ, ହବେଶ ପଲାଇ, ଜଗତ ଭୂଷଣ ରଥ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

## ପୋଡ଼ିଗଲା ଗୁହାଳ, ଗାଈବାଛୁରୀ ଜୀବନ୍ତଦଗ୍ଧ

**ଗରଦପୁର, ୧୭।୭(ସମିସ):** ଗରଦପୁର ବ୍ଲକ ତଳକୁସୁମା ପଞ୍ଚାୟତର ବଙ୍ଗାରୀ ଗ୍ରାମରେ ଅଗ୍ନିକାଣ୍ଡରେ ଗୁହାଳ ପୋଡ଼ିଯାଇଥିବାବେଳେ ଗାଈବାଛୁରୀ ଜୀବନ୍ତଦଗ୍ଧ ହୋଇଯାଇଛନ୍ତି। ରୁଷ ସ୍ୱାଇଁ ଗୁହାଳ ଘରେ ଧୂଆଁ ଦେଇଥିଲେ। ଏଥରୁ ନିଆଁ କୁହୁଳି ସମଗ୍ର ଗୁହାଳ ଘରକୁ ବ୍ୟାପିଯାଇଥିଲା। ଗୋରୁଙ୍କ ଚିତ୍କାର ଶୁଣି ଘର ଲୋକ ଓ ପଡ଼ିଶା ନିଆଁ ଲିଭାଇବାକୁ ପ୍ରୟାସ କରିବା ସହିତ ଗୋରୁଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ। ଦୁଇଟି ଗାଈଙ୍କୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର କରାଯାଇଥିବାବେଳେ ଗୋଟିଏ ଗର୍ଭବତୀ ଗାଈ ଓ ଗୋଟିଏ ବାଛୁରୀକୁ ବଞ୍ଚାଇ ପାରିନଥିଲେ। କୋରୁଆ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କଲା ବେଳକୁ ସବୁ କିଛି ଶେଷ ହୋଇଯାଇଥିଲା।

### ଡେରାବିଶରେ ପୁଣି ବାର୍ଡ ଫ୍ଲୁ ଆତଙ୍କ

## ଗୋଲରାହାଟ ଫାର୍ମରେ ଶତାଧିକ କୁକୁଡ଼ା ମୃତ

**ଡେରାବିଶ, ୧୭।୭(ସମିସ):** କିଛି ମାସ ବ୍ୟବଧାନରେ ଡେରାବିଶ ବ୍ଲକରେ ପୁଣି ବାର୍ଡ଼ ଫ୍ଲୁ ଆତଙ୍କ ଦେଖାଦେଇଛି। ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥ ପ୍ରଭାକର ଲେଙ୍କାଙ୍କ କୁକୁଡ଼ା ଫାର୍ମରେ କୁକୁଡ଼ା ମଡ଼କ ଜାରି ରହିଛି। ଶ୍ରୀ ଲେଙ୍କାଙ୍କ ଫାର୍ମରେ ୧୦୦ରୁ ଅଧିକ କୁକୁଡ଼ା ମରି ପଡ଼ିଥିବା ଦେଖିବାକୁ ମିଳିଥିଲା। ଗତ ତିନିଦିନ ଧରି ଦୈନିକ ୩୦ରୁ ୪୦ଟି ଲେଖାଏଁ କୁକୁଡ଼ା ମରୁଥିବାବେଳେ ଆଜି ହଠାତ ଶତାଧିକ କୁକୁଡ଼ାଙ୍କ ମୃତ୍ୟୁ ଶ୍ରୀ ଲେଙ୍କାଙ୍କୁ ସର୍ବସ୍ୱାନ୍ତ କରିଦେଇଛି। ବୁଧବାର ଡେରାବିଶ ପ୍ରାଣୀ ଚିକିତ୍ସା ଅଧିକାରୀ ଦିଲ୍ଲୀପ ସେଠୀଙ୍କ ନେତୃତ୍ୱରେ ଏକ ଟିମ୍ ସମ୍ପୃକ୍ତ ଫାର୍ମକୁ ଯାଇ ଏହି କୁକୁଡ଼ାଙ୍କ ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ଲ୍ୟାବ୍‌କୁ ପଠାଇଛନ୍ତି। ତେବେ ଡାକ୍ତର ସେଠୀଙ୍କ କହିବା ଅନୁଯାୟୀ ଲ୍ୟାବରୁ ପରୀକ୍ଷା ହୋଇ ରିପୋର୍ଟ ଆସିବା ପରେ ଏହା ବାର୍ଡ଼ ଫ୍ଲୁ କି ନାହିଁ ଜଣାପଡ଼ିବ।

## ତୁଳସୀକ୍ଷେତ୍ର ହେଲ୍‌ପ ଫାଉଣ୍ଡେସନ୍ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା

**ରାଜନଗର, ୧୭।୭(ସମିସ):** ତୁଳସୀ କ୍ଷେତ୍ର ହେଲ୍‌ପ ଫାଉଣ୍ଡେସନ୍ ପକ୍ଷରୁ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ରାଜନଗର ବ୍ଲକ ବାରଗାଁ ମଙ୍ଗଳା ଛକଠାରୁ ମା' ମାଟିଆ ମଙ୍ଗଳା ମନ୍ଦିର ପର୍ଯ୍ୟନ୍ତ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା। ଏହି ଶୋଭାଯାତ୍ରାରେ ଫାଉଣ୍ଡେସନ ସମ୍ପାଦିକା ମଧୁସ୍ମିତା ପରିଡ଼ା, ବିକ୍ରମ ରାଉଳ, ନିହାରିକା ପାତ୍ର, ସ୍ୱର୍ଣ୍ଣଲତା ଭୂଇଁ, ଉର୍ମିଳା ଦାସ, ପ୍ରମୋଦ ବରାଳ, ଅର୍ଚ୍ଚନା ଚଣ୍ଡ ପ୍ରମୁଖ ଯୋଗ ଦେଇ ଅମର ଆତ୍ମାର ସଦଗତି ନିମନ୍ତେ ମା'ଙ୍କ ପାଖରେ ପ୍ରାର୍ଥନା କରିଥିଲେ।

## ଦମ୍ପତିଙ୍କ ଆତ୍ମହତ୍ୟା ଘଟଣା ▸ ଶୋକାକୁଳ ପରିବେଶରେ ଶେଷକୃତ୍ୟ ସମ୍ପନ୍ନ

**ରାଜନଗର, ୧୭।୭(ସମିସ):** ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ଖମାରସାହି ପଞ୍ଚାୟତର ନଳିତାପାଟିଆ ଗାଁରେ ସ୍ୱାମୀ-ସ୍ତ୍ରୀ ବନ୍ଦ ଘର ଭିତରେ ଆତ୍ମହତ୍ୟା କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଆଜି ଶବ ବ୍ୟବଚ୍ଛେଦ ପରେ ଗାଁରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତେବେ ମୃତ ଶଶୀରେଖାଙ୍କ ଭାଇ ରାଜନଗର ଥାନା ଅନ୍ତର୍ଗତ ପେଣ୍ଠ ଗ୍ରାମର ନିତ୍ୟାନନ୍ଦ ଦାସ ତାଳଚୁଆ ସାମୁଦ୍ରିକ ଥାନାରେ ତାଙ୍କ ଭଉଣୀକୁ ନିର୍ଯାତନା ଦେଇ ମାରି ଦିଆଯାଇଥିବା ଅଭିଯୋଗ କରିଛନ୍ତି। ୪ ବର୍ଷ ତଳେ ଭଉଣୀ ବିବାହ କରିଥିଲେ। ବିବାହ ପରେ ଯୌତୁକ ପାଇଁ ନିର୍ଯାତନା ଦେଉଥିଲେ। ୬ ତାରିଖ ଦିନ ଶାଶୂ, ଶଶୁର ମାରପିଟ କରିଥିଲେ। ପୁଲିସ ମାମଲା ରୁଜୁ କରିଥିବା ଆଇଆଇସି ବିମଳ ମଲ୍ଲିକ ସୂଚନା ଦେଇଛନ୍ତି।

**ଭାଇଙ୍କ ଅଭିଯୋଗ; ନିର୍ଯାତନା ଦେଇ ଭଉଣୀକୁ ମାରିଦେଲେ**

ସୂଚନା ମୁତାବକ, ଗତକାଲି ନଳିତାପାଟିଆ ଗାଁର ପଞ୍ଚାନନ ନାୟକଙ୍କ ପୁଅ ପ୍ରତାପ ନାୟକ ଓ ବୋହୂ ଶଶୀରେଖା ରଶି ଲଗାଇ ବନ୍ଦ ଘରେ ଆତ୍ମହତ୍ୟା କରିଥିଲେ। ୬ ତାରିଖ ଦିନ ତାଳଚୁଆ ସାମୁଦ୍ରିକ ଥାନାରେ ଶାଶୂ ଓ ଶଶୁର ବୋହୂ ନାଁରେ ଓ ବୋହୂ ଶାଶୂ ଶଶୁରଙ୍କ ନାଁରେ ଅଭିଯୋଗ କରିଥିଲେ। ଥାନାରେ ଦୁଇଟି ମାମଲା ରୁଜୁ ହୋଇଥିଲା। ଏହି ଘଟଣା ପରେ ଗୁଜରାଟରେ କାମ କରୁଥିବା ପ୍ରତାପ ଘରକୁ ଫେରିଥିଲେ। ୪ ଦିନ ତଳେ ଥାନାରେ ପହଞ୍ଚି ସମାଧାନ କରିଦେବାକୁ କହିଥିଲେ।

### ନିଖୋଜ ନାବାଳିକାକୁ ପୁଲିସ୍ ନ ଖୋଜିବାରୁ ବାପା ବିଷ ପିଇବା ଘଟଣା

## ପୁଲିସର ପାରିବାପଣିଆ ଉପରେ ପ୍ରଶ୍ନକଲେ ଅତନୁ

**ମହାକାଳପଡ଼ା, ୧୭।୭(ସମିସ):** ମାସ ମାସ ପରେ ବି ନାବାଳିକା ଝିଅକୁ ଖୋଜିବା ଦିଗରେ ପୁଲିସ ପଦକ୍ଷେପ ନନେବାରୁ ନିରାଶ ହୋଇ ବାପା ବିଷ ପିଇବା ଘଟଣାରେ ଆଜି ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ପୁଲିସ୍‌ର ପାରିବାପଣିଆ ଉପରେ ପ୍ରଶ୍ନ ଉଠାଇଛନ୍ତି। ପୁଲିସ୍ ନିଖୋଜ ନାବାଳିକାକୁ ଖୋଜିବା ଦିଗରେ ପଦକ୍ଷେପ ନେଇଥିଲେ, ଏପରି ଅଘଟଣ ଘଟି ନଥା'ନ୍ତା ବୋଲି ସେ କହିଛନ୍ତି। ତେଣୁ, ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ଡିଜିପି ଓ କେନ୍ଦ୍ରାପଡ଼ା ଏସପିଙ୍କୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେବାକୁ ଗୃହ ବିଭାଗ ନିର୍ଦ୍ଦେଶ ଦେଉ ବୋଲି ସେ କହିଛନ୍ତି। ଅପରପକ୍ଷେ, ବିଷ ପିଇ ଗୁରୁତର ହୋଇଥିବା ମହାକାଳପଡ଼ା ବ୍ଲକ୍ ତନ୍ତିଆପାଳ ଥାନା ଅନ୍ତର୍ଗତ ଚକଡ଼ା ଗୋଗୁଆ ଗ୍ରାମର କଳ୍ପତରୁ ଓଝାଙ୍କୁ ଆଜି ଅତନୁ ଭେଟିଛନ୍ତି। ତାଙ୍କ ଚିକିତ୍ସା ସଂପର୍କରେ ଡାକ୍ତରଙ୍କଠାରୁ ପଚାରି ବୁଝିଛନ୍ତି।




ସୂଚନାନୁଯାୟୀ, କଳ୍ପତରୁଙ୍କ ୧୬ବର୍ଷୀୟ ନାବାଳିକା ଝିଅଙ୍କୁ ସେହି ଗ୍ରାମର ଅଜୟ ଜେନାଙ୍କ ଭଣଜା ରାଜେଶ ଜେନା (ଚଗଲା) ବିବାହ ପ୍ରତିଶ୍ରୁତି ଦେଇ କେଉଁଆଡ଼େ ଅପହରଣ କରିନେଇଛି। ଏ ସଂପର୍କରେ କଳ୍ପତରୁ ମେ' ୨୭ ତାରିଖରେ ତନ୍ତିଆପାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣାକୁ ୨ ମାସ ବିତିବାକୁ ବସିଥିଲେ ମଧ୍ୟ ପୁଲିସ କେବଳ ମାମଲା ରୁଜୁ କରି ଚୁପ୍ ବସିଛି। ଝିଅକୁ ଖୋଜିବାରେ ବିଳମ୍ବ କରିବାରୁ ଗତ ୯ ତାରିଖରେ ପୁଲିସର ଅସହଯୋଗ ସମ୍ବନ୍ଧରେ କେନ୍ଦ୍ରାପଡ଼ା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଅଭିଯୋଗ କରିଥିଲେ। ନାବାଳିକାକୁ ଖୋଜିବାରେ ସମସ୍ତଙ୍କୁ ଗୁହାରି କରିବା ପରେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଶେଷରେ ବାଧ୍ୟ ହୋଇ ସେ ବିଷ ପିଇ ଦେଇଥିବା ଅଭିଯୋଗ ହୋଇଛି।

## ବନ୍ୟା ଘେରରେ ରାଜନଗରର ୪ ପଞ୍ଚାୟତ



**ରାଜନଗର, ୧୭।୭(ସମିସ):** ବନ୍ୟା ଯୋଗୁଁ ରାଜନଗର ବ୍ଲକର ବନ୍ଧପଡ଼ା, ଓସ୍ତିଆ, ବେଲପାଳ, ରାଜପୁର ପଞ୍ଚାୟତ ପାଣି ଘେରରେ ରହିଛି। ବନ୍ୟା ପାଣି ବଢ଼ୁଥିବାରୁ ବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ୧୫ରୁ ଅଧିକ ଗାଁ ରାସ୍ତା ଉପରେ ୪/୬ ଫୁଟର ବନ୍ୟା ପାଣି ଚାଲୁଛି। ନଗଡ଼ ଗାଁର ୩୦୦ ପରିବାର ୫ ଦିନ ଧରି ପାଣି ଘେରରେ ଥିଲେ ମଧ୍ୟ ପ୍ରଶାସନ ଆଜି ଯାଏଁ ବିପନ୍ନଙ୍କ ନିକଟରେ ପହଞ୍ଚି ନାହିଁ। ରାସ୍ତା ଉପରେ ୬ ଫୁଟର ପାଣି ଚାଲୁଛି। ବନ୍ଧପଡ଼ା ପଞ୍ଚାୟତର ଚକିବାଙ୍କ, ଗୋବିନ୍ଦପୁର, ସନ୍ଥପଡ଼ା, ଟାଙ୍ଗଣଡେିଲା, ଫିରିକିଦାଣ୍ଡି, ଓସ୍ତିଆ ପଞ୍ଚାୟତର ଓସ୍ତିଆ, ବନ୍ଧପାଟଣା, ନଗଡ଼, ଭଗବାନପୁର, ରାଜପୁର ପଞ୍ଚାୟତର ରାଜପୁର, ଚନ୍ଦନପୁର, ବେଲପାଳ ପଞ୍ଚାୟତର ଯୋଗାଯୋଗ ବିଚ୍ଛିନ୍ନ ହୋଇ ନ ଥିଲେ ମଧ୍ୟ ଗାଁ ଚାରିପାଖ ଓ ପଞ୍ଚାୟତ କାର୍ଯ୍ୟାଳୟ ଚାରିପାଖରେ ବନ୍ୟା ପଣି ଘେରି ରହିଛି। ଦାଣ୍ଡି ବଳଭଦ୍ରପୁର ରାସ୍ତାରେ ବନ୍ୟା ପାଣି ଚାଲୁଛି। ବ୍ରାହ୍ମଣୀରେ ପ୍ରବାହିତ ବନ୍ୟାଜଳ ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। ରାଜନଗର ବ୍ଲକ ବନ୍ଧପଡ଼ା, ଓସ୍ତିଆ, ବେଲପାଳ, ରାଜପୁର, କେରଡ଼ାଗଡ଼, ବାଲିସାହିପାଟଣା ପଞ୍ଚାୟତର ଶହ ଶହ ଏକର ଜମିର ତଳିଘେରାକୁ ୭ ଦିନ ହେଲା ବନ୍ୟା ପାଣି ବୁଡାଇ ରଖିଛି।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଅଭୟ କୁମାର ସ୍ୱାଇଁ
ଗୋଡା, ବୋରିକିନା, ଜଗତସିଂହପୁର
ଆବିର୍ଭାବ - ୨୪/୦୭/୧୯୬୯
ତିରୋଧାନ - ୦୮/୦୭/୨୦୨୫
ବାବା! ଏ ଯିବାର ବୟସ ନ ଥିଲା। ହେଲେ ନିଷ୍ଠୁର ସତ୍ୟକୁ ବା କିଏ କେମିତି ବଦଳାଇ ପାରିଥାନ୍ତା? ଆମେ ଯଥାସମ୍ଭବ ଚେଷ୍ଟା କଲୁ। ହେଲେ ଭଗବାନଙ୍କର ନିଷ୍ପତ୍ତି ଥିଲା ଭିନ୍ନ। ଆମ ମୁଣ୍ଡ ଉପରୁ ଆପଣଙ୍କ ହାତ ଉଠିଗଲା। ଆଜି ଏକାଦଶାହରେ ମହାପ୍ରଭୁଙ୍କ ପାଦପଦ୍ମରେ ଆମର ଏତିକି ପ୍ରାର୍ଥନା ଆପଣ ଯେଉଁଠି ଥାଆନ୍ତୁ ଭଲରେ ଥାଆନ୍ତୁ, ସଦାସର୍ବଦା ଆମକୁ ଆଶୀର୍ବାଦ କରୁଥାଆନ୍ତୁ।
ଶୋକସନ୍ତପ୍ତ: ହତଭାଗ୍ୟ ଝିଅ- ଦୀପ୍ତି ପୁଅ- ଅରୁ, ଆତ୍ମୀୟ ସ୍ୱଜନ, ବନ୍ଧୁବାନ୍ଧବ ଓ ପରିବାରବର୍ଗ

## ଗଣେଶ ପୂଜା ଆୟବ୍ୟୟ ହିସାବରେ ଅନିୟମିତତା

ତାଳଚେରସଦର,୧୭ ।୭(ସମିସ): ଓଡ଼ିଶା ପ୍ରସିଦ୍ଧ ତାଳଚେରର ଗଣପର୍ବ ଗଣେଶପୂଜା-୨୦୨୪ ଆୟବ୍ୟୟ ହିସାବରେ ଅନିୟମିତତା ହୋଇଥିବା ଅଭିଯୋଗ ଆଣିଛନ୍ତି କିଛି ପୂଜାକମିଟି । କେନ୍ଦ୍ରୀୟ ପୂଜା କମିଟି ୨୦୨୪ ପୂଜାର ଆୟବ୍ୟୟ ହିସାବ ପ୍ରଦାନ କରୁ ନ ଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଅତି ତରବରିଆ ଭାବେ ହ୍ୱାଟ୍ସଆ।ପ୍ ଗ୍ରୁପ୍‌ରେ ଛଡ଼ାଯାଇଛି । ତେବେ ଏହି ହିସାବକୁ ନେଇ ଏବେ ତାଳଚେର ଅଞ୍ଚଳରେ ବିବାଦ ସୃଷ୍ଟି ହୋଇଛି । ସମ୍ପୂର୍ଣ୍ଣ ଆୟବ୍ୟୟ ହିସାବ କାହିଁକି ସର୍ବସାଧାରଣରେ ପ୍ରକାଶ କରାଯାଉ ନାହିଁ ତାକୁ ନେଇ ଅଞ୍ଚଳବାସୀଙ୍କ ମନରେ ସନ୍ଦେହ ପ୍ରକାଶ ପାଇଛି । ହ୍ୱାଟ୍ସଆପ୍ ଗ୍ରୁପରେ ଛଡ଼ାଯାଇଥିବା ହିସାବ ଅନୁଯାୟୀ ଆୟ ଅନୁପାତରେ ବ୍ୟୟର ତାଳମେଳ ରହୁ ନ ଥିବା ଅଭିଯୋଗ ହୋଇଛି । ଉପଜିଲ୍ଲାପାଳ ତଥା କେନ୍ଦ୍ରୀୟ ପୂଜା କମିଟି ସଭାପତି ଏକ ବଜେଟ କରି ୧୯ଲକ୍ଷ ମଧ୍ୟରେ ଖର୍ଚ୍ଚ କରାଯିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହାଠାରୁ ଅଧିକ ଖର୍ଚ୍ଚ କରାଗଲେ ସଭାପତିଙ୍କଠାରୁ ଅନୁମତି ନେବା ଆବଶ୍ୟକ ବୋଲି ନିର୍ଦ୍ଦେଶ ରହିଥିଲା । ତେବେ କେନ୍ଦ୍ରୀୟ ପୂଜା କମିଟି କର୍ମକର୍ତ୍ତାମାନେ ସଭାପତିଙ୍କ ବିନା ଅନୁମତିରେ କିପରି ୧୯ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ କଲେ ତାକୁ ନେଇ ବିଭିନ୍ନ ପୂଜା କମିଟି ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସେହି ଅର୍ଥ ଏବେ କିଏ ଭରଣା କରିବ ବୋଲି ଆଲୋଚନା ଚାଲିଛି ।

ଅନ୍ୟପଟେ କେନ୍ଦ୍ରୀୟ ପୂଜା କମିଟି ଦେଇଥିବା ହିସାବ ଅନୁଯାୟୀ ୨୦୨୪ ପୂଜାରେ ୪୬ ଲକ୍ଷ ୪୧ ହଜାର ୮୬୧ ଟଙ୍କା ବିଭିନ୍ନ ସୂତ୍ରରୁ ଆଦାୟ ହୋଇଥିଲା । ୨୬ ଲକ୍ଷ ୩୧ ହଜାର ୫୧ ଟଙ୍କା ବ୍ୟୟ କରାଯାଇଥିଲା । ୯ ଲକ୍ଷ, ୨୨ ହଜାର ୫୦୬ ଟଙ୍କା ଗଚ୍ଛିତ ଥିବା ଦର୍ଶାଯାଇଛି । ତେବେ ଅବଶିଷ୍ଟ ୧୦ ଲକ୍ଷ ୮୮ ହଜାର ୩୦୪ ଟଙ୍କାର ହିସାବ କେନ୍ଦ୍ରୀୟ ଗଣେଶପୂଜା କମିଟି ଦେଇନାହିଁ । ଏହାକୁ ନେଇ ତାଳଚେର ଅଞ୍ଚଳରେ ହଟଚମଟ ଚାଲିଥିବା ବେଳେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ତିନିବର୍ଷ ପାଇଁ ରହିଥିବା କୋଷାଧ୍ୟକ୍ଷ ଦୁଇବର୍ଷରେ ପଦବୀରୁ ଅବ୍ୟାହତି ନେବେ ବୋଲି ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ମେସେଜ ଦେଇଛନ୍ତି । ଏହି ଘଟଣା ସନ୍ଦେହକୁ ଦ୍ୱିଗୁଣିତ କରିଛି । ଅନ୍ୟପଟେ କୋଷାଧ୍ୟକ୍ଷ ଅନିଚ୍ଛା ସତ୍ତ୍ୱେ ଚାପ ଓ ପରିସ୍ଥିତିରେ ପଡ଼ି ଖର୍ଚ୍ଚ କରିଛନ୍ତି ବୋଲି ସହସମ୍ପାଦକ ସ୍ୱୀକାର କରିଛନ୍ତି ।

## ପ୍ରେମିକାକୁ ପ୍ରତାରଣା; ଯୁବକ ଗିରଫ

ନାଲକୋ ନଗର,୧୭ ।୭(ସମିସ): ନାଲକୋ ନଗର ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ପ୍ରେମ ପ୍ରେମଜାଲରେ ଫସାଇ ପ୍ରତାରଣା ଦେଇଥିବା ଅଭିଯୋଗରେ ପୁଲିସ ଢେଙ୍କାନାଳ ଜିଲ୍ଲା ଗଁଦିଆ ଥାନା ଅଞ୍ଚଳର ମୁରଲୀ ବାରିକ (୨୮)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।



ସୂଚନା ଅନୁଯାୟୀ କିଛିବର୍ଷ ପୂର୍ବେ ନାଲକୋ ଅଞ୍ଚଳର ଯୁବତୀ ଓ ମୁରଲୀ ଉଭୟ ଭୁବନେଶ୍ୱରରେ ଏକ ଘରୋଇ କମ୍ପାନୀରେ ଚାକିରି କରୁଥିଲେ । ଏହି ସମୟରେ ମୁରଲୀଙ୍କ ସହ ଯୁବତୀଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । କିଛି ମାସ ପରେ ମୁରଲୀ ବଦଳି ହୋଇ ବେଙ୍ଗାଲୁରୁ ଚାଲି ଯାଇଥିଲେ । ପରେ ମୁରଲୀ ଆଉ ଯୁବତୀଙ୍କୁ ଧରାଛୁଆଁ ଦେଇ ନ ଥିଲେ । ଯୁବତୀ ଜଣକ ଏ ନେଇ ଭୁବନେଶ୍ୱରରେ ମୁରଲୀଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ବେଙ୍ଗାଲୁରୁ ଯାଇ ସେଠି ମଧ୍ୟ ଲିଖିତ ଅଭିଯୋଗ କରିଥିଲେ । ମାତ୍ର ପୁଲିସ ଏତଲା ଗ୍ରହଣ କରି ନ ଥିଲା । କୌଣସି ଉପାୟ ନ ପାଇ ଯୁବତୀ ନିଜ ଘରକୁ ଫେରି ୨୦୨୪ ଅକ୍ଟୋବରରେ ନାଲକୋ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତିକରି ନାଲକୋ ଥାନା ପୁଲିସ ମାମଲା ରୁଜୁ କରିବା ସହ ତଦନ୍ତ କରି ବେଙ୍ଗାଲୁରୁ ଉତ୍ତର ଥାନା ଅନ୍ତର୍ଗତ ଏକ ଆପାର୍ଟମେଣ୍ଟରୁ ମୁରଲୀଙ୍କୁ କାବୁ କରିଥିଲା । ଯୁବତୀଙ୍କୁ ପ୍ରେମ ପରେ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା ଦେବା ଅଭିଯୋଗରେ ନାଲକୋ ଥାନା ପୁଲିସ ମୁରଲୀଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଥିବା ତଦନ୍ତ ଅଧିକାରୀ ଗଙ୍ଗାଧର ବେହେରା ସୂଚନା ଦେଇଛନ୍ତି ।

## ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ଶଯ୍ୟାଶାୟୀ ଦିବ୍ୟାଙ୍ଗ



କଣିହାଁ,୧୭ ।୭(ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଏନଟିପିସି ଟାଉନ ଥାନା ପଥରମୁଣ୍ଡା ଗ୍ରାମର ଦିବ୍ୟାଙ୍ଗ ଦୀପକ କୁମାର ସାହୁ ଜନ୍ମରୁ ଅଦ୍ୟାବଧି ଶଯ୍ୟାଶାୟୀ ଅବସ୍ଥାରେ ପଡ଼ି ରହିଛନ୍ତି । ବାପାମା' ତାଙ୍କ ଯତ୍ନ ନେଉଛନ୍ତି । ପୂର୍ବରୁ ଦୀପକ ୮୦ ପ୍ରତିଶତ ଭିନ୍ନକ୍ଷମ ଥିବା ସରକାରଙ୍କ ପକ୍ଷରୁ ପ୍ରମାଣପତ୍ର ମିଳିଥିଲା । ବର୍ତ୍ତମାନ ଏହି ପୁରୁଣା ପ୍ରମାଣପତ୍ରକୁ ବିଭାଗୀୟ ଅଧିକାରୀ ଗ୍ରହଣ କରି ନ ଥିଲେ । ପୁନର୍ବାର ଦୀପକଙ୍କ ବାପା ରବିଚନ୍ଦ୍ର ସାହୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗରେ ତାଙ୍କ ପରୀକ୍ଷା କରାଇ ୯୦ ପ୍ରତିଶତ ଭିନ୍ନକ୍ଷମ ବୋଲି ଡିଜିଟାଲ ପ୍ରମାଣପତ୍ର ପାଇଛନ୍ତି । ନୂତନ ପ୍ରମାଣପତ୍ର ସହ ସାମାଜିକ ସୁରକ୍ଷା ଅଧିକାରୀ ଓ କଣିହାଁ ବିଡିଓଙ୍କୁ ବାରମ୍ବାର ଆବେଦନ କରିଥିଲେ ମଧ୍ୟ ବର୍ଦ୍ଧିତ ଭତ୍ତା ପାଇବାରୁ ଦୀପକ ବଞ୍ଚିତ ହୋଇଛନ୍ତି । ୮୦ ପ୍ରତିଶତ ଭିନ୍ନକ୍ଷମ ଓ ୮୦ ବର୍ଷରୁ ଊର୍ଦ୍ଧ୍ୱ ନାଗରିକଙ୍କୁ ରାଜ୍ୟ ସରକାର ୩୫ ଶହ ଟଙ୍କା ଭତ୍ତା ବ୍ୟବସ୍ଥା କରିଥିଲେ ମଧ୍ୟ ଦୀପକଙ୍କ କ୍ଷେତ୍ରରେ ବିଭାଗୀୟ ଅଧିକାରୀ ସହଯୋଗ କରୁ ନ ଥିବା ସେ ଏଥିରୁ ବଞ୍ଚିତ ହୋଇଥିବା ସୋମବାର କଣିହାଁ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରିଛନ୍ତି । ତୁରନ୍ତ ତଦନ୍ତ କରି ବର୍ଦ୍ଧିତ ଭତ୍ତା ପ୍ରଦାନ ନ କଲେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବେ ବୋଲି ଦୀପକଙ୍କ ବାପା ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି ।

## ଶିବିରରେ ୩୧ ୟୁନିଟ ରକ୍ତ ସଂଗ୍ରହ



ଢେଙ୍କାନାଳ,୧୭ ।୭(ସମିସ): ସ୍ଥାନୀୟ ଗୁରୁଦେବଜୀ ଫାଉଣ୍ଡେସନ ଏବଂ ମହାଦେବ ବାହିନୀ ମିଳିତ ସହଯୋଗରେ ଫାଉଣ୍ଡେସନର ପ୍ରତିଷ୍ଠାତା ମାଷ୍ଟର ଇଂ ସୌମ୍ୟବ୍ରତ ସାହୁଙ୍କ ଜନ୍ମଦିନ ଉପଲକ୍ଷେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଶିବିରରେ ଇଂ ସାହୁ ତାଙ୍କ ଜୀବନର ୪୩ତମ ରକ୍ତଦାନ କରିଥିବା ବେଳେ ମୋଟ ୩୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସଞ୍ଜୟ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ଡା. ରଞ୍ଜନ କୁମାର ସାମଲ, ରକ୍ତକେନ୍ଦ୍ର ଅଧିକାରୀ ଡା. ସ୍ୱରୂପ ରଞ୍ଜନ ସାହୁ, ଅନୁଷ୍ଠାନର ଶୁଭେଚ୍ଛୁ ବିରଞ୍ଚି ନାରାୟଣ ପାଣି, ରୋଟାରିଆନ ରାଜକିଶୋର ବେହେରା, ତପନ କୁମାର ପାଲ, ଡ. ରଜନୀକାନ୍ତ ତରାଇ, ରଞ୍ଜନ କୁମାର ନାୟକ, କାଦମ୍ବିନୀ ମହାକୁଡ଼, ଶକ୍ତି ବାହିନୀ ସଦସ୍ୟା ସଙ୍ଗୀତା ସାହୁ, ମହାଦେବ ବାହିନୀର ସତ୍ୟଜିତ ଦଳେଇ ପ୍ରମୁଖ ଯୋଗଦେଇଥିଲେ ।

ରକ୍ତଦାତାମାନଙ୍କୁ ଅନୁଷ୍ଠାନ ପକ୍ଷରୁ ମୁଖ୍ୟଅତିଥି ଚାରା ଉପହାର ଦେଇଥିଲେ । ରକ୍ତ କେନ୍ଦ୍ରର ସମସ୍ତ କର୍ମଚାରୀ ସମେତ ଗୁରୁଦେବଜୀ ଫାଉଣ୍ଡେସନର ପ୍ରକଳ୍ପ ସଂଯୋଜକ ଇନ୍ଦ୍ରଜିତ ସାହୁ, ରେଡ୍ ଡୋନର କ୍ଲବ ସଂଯୋଜକ ଲିଟୁ ଦେହୁରୀ, ଶକ୍ତି ବାହିନୀର ସୁନନ୍ଦା ବେହେରା, ରତୁପର୍ଣ୍ଣା ମଲ୍ଲିକ, ରାଜଲକ୍ଷ୍ମୀ ଜେନା, ମହାଦେବ ବାହିନୀର ସାଇଦର୍ଶନ ମାଟି, ପ୍ରତାପ ନାଏକ, ନାରାୟଣ ନାୟକ, ସନ୍ଦୀପ କର, ଭାରତ ମହାପାତ୍ର ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ଇଂ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସର୍ବସାଧାରଣ ରାସ୍ତା ଜବରଦଖଲ; ଜମି ପଡ଼ିଆ

ଛେଣ୍ଡିପଦା,୧୭ ।୭(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ କୋରଡ଼ା ରାଜସ୍ୱ ଗ୍ରାମ ଅନ୍ତର୍ଗତ ଚାକୁଣ୍ଡାପାଳ ମୌଜାରେ ସର୍ବସାଧାରଣଙ୍କ ଗ୍ରାମ୍ୟ ରାସ୍ତାକୁ କିଛି ପ୍ରଜା ଜବରଦଖଲ କରିଥିବାରୁ ଅନ୍ୟ ପ୍ରଜାମାନେ ବହୁ ହଇରାଣ ହରକତ ହେଉଥିବା ଅଭିଯୋଗ ହୋଇଛି । ଏହାର ସମାଧାନ ନିମନ୍ତେ ପୂର୍ବରୁ ବିଭାଗୀୟ ଅଧିକାରୀଙ୍କଠାରୁ ଆରମ୍ଭ କରି ରାଜନେତାଙ୍କ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ହେଁ କୌଣସି ପଦକ୍ଷେପ ନିଆଯାଇନାହିଁ । ଫଳରେ କ୍ଷତିଗ୍ରସ୍ତ ଚାଷୀ ଏ ନେଇ ଜିଲ୍ଲାପାଳଙ୍କ ଜନଶୁଣାଣୀ ଶିବିରରେ ଲିଖିତ ଅଭିଯୋଗ କରିଛନ୍ତି ।

ଅଭିଯୋଗ ଅନୁଯାୟୀ, ଚାକୁଣ୍ଡାପାଳ ରାଜସ୍ୱ ମୌଜା ସରକାରୀ ରକ୍ଷିତ ଖାତା-୬୮ ପ୍ଲଟ ନଂ ୨୮୫, ୨୮୬, ୨୮୭, ୨୮୮, ୪୮୫ କିସମ ପାଣିମାହାର ଓ ସରକାରୀ ସର୍ବସାଧାରଣ ଖାତା-୬୯ ପ୍ଲଟ ନଂ-୧୮୮ କିସମ ଗ୍ରାମ୍ୟ ରାସ୍ତାକୁ କେତେକ ଚାଷୀ ନିଜ ଚାଷଜମି ସହ ସାମିଲ କରି ଜବରଦଖଲ କରିବା ଫଳରେ ଉକ୍ତ ବିଲ ମାଳକୁ ହଳ, ଶଗଡ଼, ଟ୍ରାକ୍ଟର, ଜନସାଧାରଣ ଯିବା ଆସିବା କରିବା ସମ୍ଭବ ହେଉନାହିଁ ।

ଫଳରେ ଜମି ଚାଷ ନ ହୋଇ ପଡ଼ିଆ ପଡ଼ିଛି । ଏହାର ସମାଧାନ ନିମନ୍ତେ କ୍ଷତିଗ୍ରସ୍ତ ଚାଷୀମାନେ ୨୦୨୪ ଜୁଲାଇ ୨ରେ ଛେଣ୍ଡିପଦା ତହସିଲଦାରଙ୍କୁ ଅଭିଯୋଗ କରିଥିଲେ । ତେବେ କୌଣସି ସୁଫଳ ନ ମିଳିବାରୁ ପୁନର୍ବାର ୨୦୨୪ ଅକ୍ଟୋବର ୨୮ରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଥିଲେ । ଏହା ପରେ ମଧ୍ୟ କୌଣସି ପଦକ୍ଷେପ ନିଆ ନ ଯିବାରୁ ୨୦୨୫ ମେ ୮ରେ ବିଧାୟକ, ରାଜସ୍ୱ ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଲିଖିତ ଅଭିଯୋଗ କରିଛନ୍ତି । ପରେ ପୁଣି ଜୁନ ୨୩ରେ ଛେଣ୍ଡିପଦା ସମିତି ଗୃହରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି । ତୁରନ୍ତ ଏହାର ତଦନ୍ତ କରି ଜବରଦଖଲକାରୀଙ୍କ କବଳରୁ ଉକ୍ତ ସର୍ବସାଧାରଣ ଜାଗାକୁ ମୁକ୍ତ କରିବାକୁ ଯୋଗେଶ୍ୱର ପ୍ରଧାନଙ୍କ ସମେତ ବହୁ ଚାଷୀ ଅନୁରୋଧ କରିଛନ୍ତି ।

## ଜନସୁରକ୍ଷା ପରିଷଦର ବୈଠକ

ଢେଙ୍କାନାଳ,୧୭ ।୭(ସମିସ): ସ୍ଥାନୀୟ ଗାନ୍ଧୀମନ୍ଦିର ରୋଡସ୍ଥିତ ବାଣୀବିହାର କମ୍ପ୍ୟୁଟର ସେଣ୍ଟରରେ ଢେଙ୍କାନାଳ ଜନସୁରକ୍ଷା ପରିଷଦର ସାଧାରଣ ପରିଷଦ ବୈଠକ ଅନୁଷ୍ଠାନର ସଭାପତି ସମାଜସେବୀ ବିନାୟକ ପ୍ରସାଦ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । ସାଧାରଣ ସମ୍ପାଦକ ଡ. ସମୀର ସାହୁ ଅନୁଷ୍ଠାନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଅତିଥି ଭାବେ ଡ. ପ୍ରମୋଦ ନାୟକ, ଛ'ଦେଶ ଅଞ୍ଚଳର ସମାଜସେବୀ ଜୟକୃଷ୍ଣ ମହାପାତ୍ର, ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା କବି ବାହାଦୁର ପାଟସାହାଣୀ, ସମାଜସେବୀ ମଥୁରି ଚରଣ ସାହୁ ଯୋଗଦେଇ ଅନୁଷ୍ଠାନ କିପରି କାର୍ଯ୍ୟକରୁଛି ଓ ଆଗକୁ ଲୋକଙ୍କ କଲ୍ୟାଣ ପାଇଁ କି ପଦକ୍ଷେପ ନିଆଯିବ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ସୌନ୍ଦର୍ଯ୍ୟାର ପ୍ରତିଷ୍ଠାତା ସମାଜସେବୀ ସ୍ମିତାରାଣୀ ସାମଲଙ୍କୁ ଅନୁଷ୍ଠାନର ନୂତନ କାର୍ଯ୍ୟକାରୀ ସଭାନେତ୍ରୀ ଭାବେ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା । ଏଥିରେ ସଭ୍ୟ ଅଧ୍ୟାପକ କ୍ଷୀରୋଦ ନାୟକ, ରୁମେନା ବେଗମ, ଅରୁଣ କୁମାର ପଟ୍ଟନାୟକ, ପ୍ରଶାନ୍ତ ମିଶ୍ର, ପ୍ରଶାନ୍ତ ମହାପାତ୍ର, ସାଗିର ମହମ୍ମଦ, ରାମଚନ୍ଦ୍ର ଦେବତା, ଲକ୍ଷ୍ମୀପ୍ରସାଦ ପଟ୍ଟନାୟକ, ଦିଲୀପ ବେହେରା, ଲଳିତ ମୋହନ ବେହେରା, ଈଶ୍ୱର ଚନ୍ଦ୍ର ମୁଦୁଲି, ବିପିନ ବିହାରୀ ବେହେରା, ଭଗବତୀ ସାହୁ, ବ୍ରହ୍ମାନନ୍ଦ ପ୍ରଧାନ, ସଚ୍ଚିଦାନନ୍ଦ ସିଂହ, ଦେବପ୍ରସାଦ ମିଶ୍ର, ସରୋଜ କୁମାର ଶତପଥୀ, ଅଶୋକ କୁମାର ପୃଷ୍ଟି ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗନେଇଥିଲେ । ପ୍ରାରମ୍ଭରେ ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଲଳିତ ମୋହନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।



## ଆମ୍ ଆଦ୍‌ମୀ ପାର୍ଟିର ସାଙ୍ଗଠନିକ ବୈଠକ

ଢେଙ୍କାନାଳ,୧୭ ।୭(ସମିସ): ଆମ୍ ଆଦ୍‌ମୀ ପାର୍ଟିର ମହିଷାପାଟସ୍ଥିତ ସଦର କାର୍ଯ୍ୟାଳୟରେ ଏକ ବୈଠକ ସଦର ନିର୍ବାଚନ ମଣ୍ଡଳୀ ସଭାପତି ରତିରଞ୍ଜନ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । ପ୍ରାରମ୍ଭରେ ସୌମ୍ୟାଶ୍ରୀଙ୍କ ଆତ୍ମାର ସଦଗତି ଏବଂ ଦଳର ପୂର୍ବତନ ଗଁଦିଆ ବ୍ଲକ ସଭାପତି ପୁରୁଷୋତ୍ତମ ସ୍ୱାଇଁଙ୍କ ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଅତିଥି ଭାବେ ରାଜ୍ୟ ସାଂଗଠନିକ ସମ୍ପାଦକ ଭରତ କୁମାର ଦାସ, ସଂସଦୀୟ କ୍ଷେତ୍ର ସଭାପତି ପଙ୍କଜ ନାୟକ, ସୋସିଆଲ ମିଡିଆ ରାଜ୍ୟ ସମ୍ପାଦକ ବିଷ୍ଣୁ ପ୍ରସାଦ ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରା, ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ ଦଳର ନୀତିଆଦର୍ଶ ଓ ଶୀର୍ଷ ନେତୃତ୍ୱଙ୍କ ସଂଘର୍ଷ କାହାଣୀ ଉପସ୍ଥାପନା କରିଥିଲେ । ବିଭିନ୍ନ ସମସ୍ୟାର ସମାଧାନ କରିବାରେ ଲୋକସମ୍ପର୍କ ବୃଦ୍ଧି ପାଇବ ଓ ସାମ୍ପ୍ରତିକ ସମୟରେ ଓଡ଼ିଶା ତଥା ଦେଶରେ ବିଜେପି ନେତାମାନଙ୍କ ବିଭିନ୍ନ ଦୁର୍ନୀତି ଭ୍ରଷ୍ଟାଚାର ବିଷୟରେ ରାଜ୍ୟ ସାଂଗଠନିକ ସମ୍ପାଦକ ଦାସ କହିଥିଲେ । ତାଙ୍କ ମାର୍ଗଦର୍ଶନରେ ଜିଲ୍ଲା ସଭାପତିଙ୍କ ଦ୍ୱାରା ୭ଟି ଜିଲ୍ଲା ପରିଷଦ ଜୋନ ଦାୟିତ୍ୱ ବଣ୍ଟନ କରାଯାଇଥିଲା । ବୈଠକରେ ବରିଷ୍ଠ ସଦସ୍ୟ ତଥା ଅବସରପ୍ରାପ୍ତ ସେନା ଅଧିକାରୀ ନଗେନ କୁମାର କର, ମନୋଜ ସାମଲ, ନଗର ସଭାପତି ଦେବାଶିଷ ନନ୍ଦ, ମହିଳା ନେତ୍ରୀ ସରସ୍ୱତୀ ପରିଡ଼ା, ଅନୁସୟା ସାମଲ, ରଚିତା ନାଏକ, ସଦସ୍ୟ ପ୍ରସନ୍ନ ବରାଳ, ଜୟନ୍ତ ଦାସ, ରୋହିତ ବେହେରା, ପୀତାମ୍ବର ସାମନ୍ତରାୟ, ଗୋବିନ୍ଦ ଚନ୍ଦ୍ର ସାହୁ, ବିଜୟ ନାଏକ, ସୁଚିତ୍ର ସାହୁ, ପ୍ରଦୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ନିର୍ବାଚନ ମଣ୍ଡଳୀ ସମ୍ପାଦକ ଅନିଲ ସାମଲ ସ୍ୱାଗତ ଭାଷଣ ଦେଇଥିବାବେଳେ ଜିଲ୍ଲା ସମ୍ପାଦକ ଶେଷଦେବ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।



## ଦୁର୍ଘଟଣାରେ ୪ ବାଇକ ଆରୋହୀ ଆହତ

କିଶୋରନଗର,୧୭ ।୭(ସମିସ): ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ବଇଣ୍ଡା କଦଳୀମୁଣ୍ଡା ପେଟ୍ରୋଲ ଟାଙ୍କି ସାମ୍ନାରେ ଗୁରୁବାର ବୋଲେରୋ ପଛରେ ବାଇକ୍ ଧକ୍କା ହେବାରୁ ବାଇକରେ ଯାଉଥିବା ୪ ଜଣ ଆହତ ହୋଇଛନ୍ତି । ବୋଲେରୋଟି ଅନୁଗୋଳରୁ ତାବଡ଼ା ଅଭିମୁଖେ ଯାଉଥିବା ବେଳେ ହଠାତ୍ ବ୍ରେକ ମାରିବାରୁ ପଛରୁ ଆସୁଥିବା ଏକ ବାଇକ ତା' ପଛରେ ଧକ୍କା ହୋଇଥିଲା । ସୂଚନା ପାଇ ବଇଣ୍ଡା ଫାଣ୍ଡି ଅଧିକାରୀ ସ୍ୱରୂପ ରଞ୍ଜନ ପତ୍ରି ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଫାଣ୍ଡି ଗାଡ଼ିରେ ବଇଣ୍ଡା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିଲେ । ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ ଚଳାଇଛି ।

## ଟ୍ରକ ଓଲଟି ୨ ଗୁରୁତର

ବଇଣ୍ଡା,୧୭ ।୭(ସମିସ): କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ହଣ୍ଡପା ଥାନା ଡେବେରୋପାଲି ନିକଟରେ ଗୁରୁବାର ଏକ ଟ୍ରକ ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ଚାଳକ ଓ ହେଲପର ଗୁରୁତର ଆହତ ହୋଇଛନ୍ତି । ତେବେ ସେମାନଙ୍କ ପରିଚୟ ମିଳିନାହିଁ । ଟ୍ରକ କଟକରୁ ସମ୍ବଲପୁର ଅଭିମୁଖେ ଯାଉଥିବା ବେଳେ ରାସ୍ତା କଡ଼କୁ ଓଲଟି ପଡ଼ିଥିଲା । ସ୍ଥାନୀୟ ଲୋକେ ଚାଳକ ଓ ହେଲପରଙ୍କୁ ଉଦ୍ଧାର କରି ବଇଣ୍ଡା ମେଡିକାଲରେ ଭର୍ତ୍ତି କରିଛନ୍ତି । ହଣ୍ଡପା ଥାନା ପୁଲିସ ଦୁର୍ଘଟଣାଗ୍ରସ୍ତ ଟ୍ରକ ଜବତ କରିବା ସହ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି ।

## ମଦ ଜବତ; ୨ ଗିରଫ

ବଇଣ୍ଡା,୧୭ ।୭(ସମିସ): ହଣ୍ଡପା ଥାନା ପୁଲିସ ବୁଧବାର ବାଲିଆମ୍ବ ଓ କଣ୍ଡାଳ ଗ୍ରାମରେ ଚଢ଼ଉ କରି ଚୋରାମଦ ବିକ୍ରି ଅଭିଯୋଗରେ ଦୁଇଜଣଙ୍କୁ ଗିରଫ କରିଛି । ବାଲିଆମ୍ବ ଗ୍ରାମର ଜୟନ୍ତ ପ୍ରଧାନଙ୍କଠାରୁ ୬ ଲିଟର ଚୋରା ମହୁଲି ମଦ ଜବତ କରିବା ସହ ତାଙ୍କୁ ଗିରଫ କରାଯାଇଛି । ସେହିପରି କଣ୍ଡାଳ ଗ୍ରାମର ସରୋଜ ପ୍ରଧାନଙ୍କଠାରୁ ୧୫ ଲିଟର ବିଦେଶୀ ମଦ ଜବତ କରି ତାଙ୍କୁ ଗିରଫ କରିଛି ।

● ପୋଖରୀରେ ଗାଧୋଇବା ବେଳେ ଅଘଟଣ

## ପୁଅ ଆଗରେ ଚାଲିଗଲା ବାପା ଜୀବନ

ଛେଣ୍ଡିପଦା,୧୭ ।୭(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନା ବରପଦା ଗାଁରେ ଘଟିଛି ଅଭାବନୀୟ ଘଟଣା । ପୋଖରୀରେ ଗାଧୋଉଥିବା ବେଳେ ପୁଅ ଆଗରେ ଚାଲିଯାଇଛି ବାପାର ଜୀବନ । ମୃତକ ହେଲେ ସେହି ଗାଁର ପଞ୍ଚୁ ବେହେରା । ପଞ୍ଚୁ ଓ ତାଙ୍କ ପୁଅ ଟିକନ କାମ କରିବାକୁ ଯାଇ ଘରକୁ ଫେରୁଥିବା ବେଳେ ଗାଁ ପୋଖରୀରେ ଗାଧେଉଥିଲେ । ତେବେ ଏହି ସମୟରେ ପଞ୍ଚୁ ପାଣିରେ ବୁଡ଼ିଯାଇଥିଲେ । ଟିକନ ତାଙ୍କୁ ବହୁ ଖୋଜାଖୋଜି କରିବା ପରେ ନ ପାଇବାରୁ ଗ୍ରାମବାସୀ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲା । ଛେଣ୍ଡିପଦା ଅଗ୍ନିଶମ କର୍ମଚାରୀ ଓ ଗ୍ରାମବାସୀ ୨ଘଣ୍ଟା ଖୋଜାଖୋଜି କରିବା ପରେ ପଞ୍ଚୁଙ୍କ ମୃତଦେହ ଉଦ୍ଧାର ହୋଇଛି ।

## ଜିଲ୍ଲା ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ଶପଥ ଗ୍ରହଣ

ଅନୁଗୋଳ,୧୭ ।୭(ସମିସ): ଅନୁଗୋଳ ମାରୱାଡି ପଞ୍ଚାୟତ ଧର୍ମଶାଳାରେ ଜିଲ୍ଲା ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ଶପଥ ଗ୍ରହଣ ସମାରୋହ ଓ ବିଶେଷ ସାଧାରଣ ସଭା ଅନୁଷ୍ଠିତ ହୋଇଛି । ସଂଗଠନର ଆଇନ ପରାମର୍ଶଦାତା ରବୀନ୍ଦ୍ର ପ୍ରସାଦ ପଟ୍ଟନାୟକ ନିର୍ବାଚନ ଫଳାଫଳ ଘୋଷଣା କରିଥିଲେ । ସଭାପତି ଦୀପକ କୁମାର ବର୍ମା ଓ ସାଧାରଣ ସମ୍ପାଦକ ଅଶୋକ କୁମାର ମୋଦୀଙ୍କୁ ଶପଥ ପାଠ କରାଇଥିଲେ । ନୂତନ ସଭାପତି ବର୍ମା ଆଗାମୀ ଦିନରେ ସଂଗଠନର ଗଠନମୂଳକ କାର୍ଯ୍ୟ ପାଇଁ ଆହ୍ୱାନ କରିଥିଲେ । ସାଧାରଣ ସମ୍ପାଦକ ମୋଦୀ ସଙ୍ଗଠନକୁ ବ୍ୟବସାୟୀ ସ୍ୱାର୍ଥାଭିମୁଖୀ କରିବାକୁ ଗୁରୁତ୍ୱାରୋପ କରିଥିଲେ । ସାଧାରଣ ସଭାରେ ପୂର୍ବତନ ସମ୍ପାଦକ ନୀଳାଚଳ ପ୍ରଧାନ ବିଗତ ବର୍ଷର ଉଲ୍ଲେଖନୀୟ କାର୍ଯ୍ୟକଳାପର ବିବରଣୀ ଉପସ୍ଥାପନ କରିଥିଲେ । ଦିବଂଗତ ସଦସ୍ୟମାନଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଲକ୍ଷ୍ମଣ ଅଗ୍ରୱାଲଙ୍କୁ ତାଙ୍କ ସାମାଜିକ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ପୂର୍ବତନ ସଭାପତି ଅଶୋକ କୁମାର ଜୈନ ସଂଗଠନର ନୂତନ କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ଦୁଇ ବର୍ଷ ପରିବର୍ତ୍ତେ ୫ ବର୍ଷ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ ପ୍ରସ୍ତାବ ଓ କାର୍ଯ୍ୟକାରୀ ସମ୍ପାଦକ ସେକ୍ ରଫିକ୍ ସଂଗଠନର କାର୍ଯ୍ୟକଳାପକୁ ଅଧିକ ଗତିଶୀଳ କରିବା ନିମନ୍ତେ କାର୍ଯ୍ୟକାରୀ ସଦସ୍ୟମାନଙ୍କ ଦ୍ୱାରା ମନୋନୀତ ଚେୟାରମ୍ୟାନ ଓ ସିଇଓ ପଦବୀ ସୃଷ୍ଟି ପାଇଁ ପ୍ରସ୍ତାବ ଦେଇଥିଲେ । ଉଭୟ ପ୍ରସ୍ତାବ ଧ୍ୱନିମତରେ ପାରିତ ହୋଇଥିଲା । ସାଧାରଣ ସଭାରେ ପୂର୍ବତନ ସଭାପତି ଅଶୋକ କୁମାର ଜୈନ, ଉପସଭାପତି ବିକ୍ରମ ଅଗ୍ରୱାଲ, କୋଷାଧ୍ୟକ୍ଷ ବିକାଶ ପୋଦାର, ପୂର୍ବତନ କୋଷାଧ୍ୟକ୍ଷ କମଲ ଅଗ୍ରୱାଲ ଓ ମୁଖ୍ୟ ସଂଯୋଜକ ଚନ୍ଦ୍ରକାନ୍ତ ଧଳ ମଞ୍ଚାସୀନ ଥିଲେ । ସେକ୍ ରଫିକ୍ ମଞ୍ଚ ପରିଚାଳନା କରିଥିଲେ । ପୂର୍ବତନ ସମ୍ପାଦକ ନୀଳାଚଳ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।




## ମଦ ଜବତ; ଜଣେ ଗିରଫ

ନାଲକୋ ନଗର,୧୭ ।୭(ସମିସ): ନାଲକୋ ଥାନା ଅନ୍ତର୍ଗତ ସିପିପି ଛକ ନିକଟ ଏକ ଚା' ଦୋକାନରେ ଦେଶୀ ଓ ବିଦେଶୀ ମଦ ବିକ୍ରି କରିବା ଅଭିଯୋଗରେ ପୁଲିସ ଯୁବକଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ପରଜଙ୍ଗ ଅଞ୍ଚଳର ପର୍ଶୁରାମ ପରିଡ଼ା (୨୬) । ପର୍ଶୁରାମ ମଦ ବିକ୍ରି କରୁଥିବା ସୂଚନା ପାଇ ଗୁରୁବାର ସନ୍ଧ୍ୟାରେ ଥାନା ଏଏସଆଇ ଦୀପକ କୁମାର ସିଂ ଓ ପବିତ୍ର ନାଗଙ୍କ ନେତୃତ୍ୱରେ ଅଚାନକ ଚଢ଼ଉ କରାଯାଇଥିଲା । ସେଠାରୁ ୧୮ ଲିଟର ମଦ ଜବତ କରାଯିବା ସହ ପର୍ଶୁରାମଙ୍କୁ ଗିରଫ କରାଯାଇଛି । ଜବତ ମଦର ଆନୁମାନିକ ମୂଲ୍ୟ ୧୦ ହଜାର ଟଙ୍କା ହେବ ବୋଲି ପୁଲିସ କହିଛି । ଏ ନେଇ ଥାନାରେ ମାମଲା ରୁଜୁ ରୁଜୁ କରାଯାଇଛି ।




SBI

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ/ଚୁକ୍ତିନାମା ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡ଼ିକ ପାଇଁ ନିୟମିତ/ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡ଼ିକ ଗ୍ରହଣ କରାଯାଉଛି:

ବିଜ୍ଞାପନ ସଂ. CRPD/SCO/2025-26/05

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ପ୍ରକାର |
|---|---|---|---|
| 1 | ଜେନେରାଲ୍ ମ୍ୟାନେଜର (ଆଇଏସ୍ ଅଡିଟ୍) | 01 | ଚୁକ୍ତିନାମା |
| 2 | ଏଜିଏମ (ଆଇଏସ୍ ଅଡିଟ୍) | 14 | ଚୁକ୍ତିନାମା |
| 3 | ଡେପୁଟି ମ୍ୟାନେଜର (ଆଇଏସ୍ ଅଡିଟ୍) | 18 | ନିୟମିତ |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://bank.sbi/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ ।

• ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 11.07.2025 ରୁ 31.07.2025 ପର୍ଯ୍ୟନ୍ତ ।

ସ୍ଥାନ: ମୁମ୍ବାଇ
ତାରିଖ: 11.07.2025

ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

ସକାଳ
THE SAKALA

# ସମ୍ପାଦକୀୟ



କେତେକ ବ୍ୟକ୍ତି ପରିବର୍ତ୍ତନ ବିପକ୍ଷରେ ମତ ଦିଅନ୍ତି; କିନ୍ତୁ ବିପର୍ଯ୍ୟୟକୁ ଟାଳିବାକୁ ହେଲେ ପରିବର୍ତ୍ତନ ନିତାନ୍ତ ଆବଶ୍ୟକ।
-ଏଲନ୍ ମସ୍କ

## ଭାରତକୁ ତ୍ରିମୈତ୍ରୀ ବିପଦ

ଇତିହାସ ସାକ୍ଷୀ, ଯେତେବେଳେ ଦୁଷ୍ଟ ରାଷ୍ଟ୍ରମାନେ ହାତ ମିଳାନ୍ତି ବା ଚୁକ୍ତି କରନ୍ତି ସେତେବେଳେ ବିଶ୍ୱଯୁଦ୍ଧ ଅବଶ୍ୟାମ୍ଭାବୀ ହୋଇପଡ଼େ କିମ୍ବା ଆଞ୍ଚଳିକ ଶାନ୍ତି ଓ ସ୍ଥିରତା ପ୍ରତି ଗୁରୁତର ଆହ୍ୱାନ ସୃଷ୍ଟି ହୁଏ। ସମ୍ପ୍ରତି ଚୀନ୍-ପାକିସ୍ତାନ-ବାଂଲାଦେଶ ମଧ୍ୟରେ ଏଭଳି ଏକ ତ୍ରିମୈତ୍ରୀ ମେଣ୍ଟ ଗଠନର ଭିତ୍ତି ପଡ଼ିଛି, ଯାହାର ପ୍ରତ୍ୟକ୍ଷ ପ୍ରଭାବ ଭାରତ ଉପରେ ପଡ଼ିବାର କେତେକ ସଂକେତ ମିଳିସାରିଛି। ଗତ ମାସରେ ଏ ସମ୍ପର୍କିତ ବିଧିବଦ୍ଧ ତ୍ରିପାକ୍ଷିକ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଛି। ଏହି ପୃଷ୍ଠଭୂମିରେ ଭାରତର ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗଙ୍କ ସହିତ ସାକ୍ଷାତ ଆଲୋଚନା ଅନେକ ମହତ୍ତ୍ୱ ରଖେ।

ଚୀନ୍-ପାକିସ୍ତାନ ସମ୍ପର୍କ କାହାକୁ ଅଛପା ନୁହେଁ। ସିପିଇସି (ଚୀନ୍-ପାକିସ୍ତାନ ଇକନୋମିକ୍ କରିଡର) ଓ ବିଆରଆଇ(ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍) ମାଧ୍ୟମରେ ଦୁଇଦେଶ ମଧ୍ୟରେ ଥିବା ବାଣିଜ୍ୟିକ ଓ ଅର୍ଥନୈତିକ ସମ୍ପର୍କ କ୍ରମଶଃ ପ୍ରତିରକ୍ଷା କ୍ଷେତ୍ରକୁ ପରିବ୍ୟାପ୍ତ ହୋଇଛି, ଯାହାର କିଛିଟା ଝଲକ୍ 'ଅପରେସନ୍ ସିନ୍ଦୂର' ବେଳେ ଦେଖିବାକୁ ମିଳିଛି। ଚୀନ୍ ସବୁବେଳେ ଭାରତକୁ ପ୍ରତିବେଶୀ ରୂପେ ଗ୍ରହଣ ନ କରି ପ୍ରତିଦ୍ୱନ୍ଦ୍ୱୀ ଦୃଷ୍ଟିରେ ଦେଖିଆସିଛି। ତେଣୁ ପ୍ରାୟ ସବୁକ୍ଷେତ୍ରରେ ଭାରତକୁ ପରାଭବ ଦେବା ପାଇଁ ସୁବିଧା ସୁଯୋଗର ଅପେକ୍ଷାରେ ରହୁଛି। ଏହି ପୃଷ୍ଠଭୂମିରେ ଭାରତକୁ ଦୁଇ ପଟରୁ ଘେରିବାକୁ ଚୀନ୍‌କୁ ପାକିସ୍ତାନ ଓ ବାଂଲାଦେଶ ଭାବରେ ଦୁଇଟି ମୋହରା ମିଳିଯାଇଛି। ଗତ ମାର୍ଚ୍ଚ ମାସରେ ୟୁନୁସ୍‌ଙ୍କ ଚୀନ୍ ଗସ୍ତ ସମୟରେ ଚୀନ୍-ବାଂଲାଦେଶ ମଧ୍ୟରେ ୯ଟି ଅର୍ଥନୈତିକ ଓ ବୈଷୟିକ କ୍ଷେତ୍ରରେ ବୁଝାମଣା ସ୍ୱାକ୍ଷରିତ ହୋଇଛି। ତୀସ୍ତା ନଦୀ ପ୍ରକଳ୍ପ ନିର୍ମାଣ ଲାଗି ଚୀନ୍ କମ୍ପାନୀଙ୍କୁ ୟୁନୁସ୍ ଆମନ୍ତ୍ରଣ କରିଛନ୍ତି। ଭାରତର ସିଲିଗୁଡ଼ି କରିଡରରୁ ମାତ୍ର ୧୩୫ କିମି ଦୂରରେ ଥିବା ବାଂଲାଦେଶର ଲାଲ୍‌ମୋନିରହାଟ୍ ବିମାନ ଘାଟିର ବିକାଶ ଦାୟିତ୍ୱ ଚୀନ୍ ନେଇଛି। ଦୁଇ ଦେଶ ମଧ୍ୟରେ କିପରି ସାଂସ୍କୃତିକ ଓ ଜନଭାବଗତ ସମ୍ପର୍କରେ ବୃଦ୍ଧି ଘଟିବ ସେ ଦିଗରେ ଚୀନ୍ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଥିବା ଜଣାପଡ଼ିଛି।

ଅପରପକ୍ଷରେ ଶେଖ୍ ହସିନାଙ୍କ ପତନ ଓ ଦେଶାନ୍ତର ପରେ ଭାରତ-ବାଂଲାଦେଶ ମଧ୍ୟରେ ତିକ୍ତତା ବଢ଼ିବାରେ ଲାଗିଛି। ବାଂଲାଦେଶର କାମଚଳା ଶାସନ ମୁଖ୍ୟ ମହମ୍ମଦ ୟୁନୁସ୍ ଚୀନ୍ ପଟକୁ ଅଧିକ ଢଳିବା ସହିତ ଭାରତଠାରୁ କ୍ରମଶଃ ଦୂରେଇ ଯାଉଛନ୍ତି। ଦଲାଇ ଲାମାଙ୍କୁ ଆଶ୍ରୟ ଦେବା ପରେ ଚୀନ୍ ଭାରତ ସମ୍ପର୍କରେ ଯେପରି ତିକ୍ତତା ଆସିଥିଲା, ତାହାର ପୁନରାବୃତ୍ତି ବାଂଲାଦେଶ କ୍ଷେତ୍ରରେ ଘଟିଛି। ଶେଖ୍ ହସିନାଙ୍କୁ ଭାରତ ରାଜନୈତିକ ଆଶ୍ରୟ ଦେବା ପରେ ବାଂଲାଦେଶର ଭାରତ-ଅସୂୟା ବଢ଼ୁଛି। ୟୁନୁସ୍ ଅନେକ ସମୟରେ ଭାରତ ବିରୋଧୀ ମନ୍ତବ୍ୟମାନ ଦେଉଛନ୍ତି। ସେହିଭଳି ଶତ୍ରୁର ଶତ୍ରୁ ମିତ୍ର ନ୍ୟାୟରେ ଏବେ ପାକିସ୍ତାନ ବାଂଲାଦେଶ ପ୍ରତି ଅଧିକ ସହାନୁଭୂତିଶୀଳ ଓ ଦୟାଶୀଳ ହେବାର ଉପକ୍ରମ ଆରମ୍ଭ କରିଛି। ଏ ଦିଗରେ ଏକଦା ଭାଇ-ଭାଇ ସମ୍ପର୍କ ଏବଂ ଇସ୍‌ଲାମୀୟ ଭାବାବେଗ ଅଧିକ ପ୍ରଭାବଶାଳୀ ସାବ୍ୟସ୍ତ ହୋଇଛି। ପ୍ରାୟ ୧୨ ବର୍ଷ ପରେ ବାଂଲାଦେଶର ନୌସେନା କରାଚୀରେ ଅନୁଷ୍ଠିତ 'ଅମନ୍ ୨୦୨୫'(ସାମରିକ ଅଭ୍ୟାସ)ରେ ଗତ ଫେବୃଆରୀରେ ଯୋଗ ଦେଇଥିବା ବେଳେ ପ୍ରାୟ ୫୪ ବର୍ଷ ପରେ ପ୍ରଥମ ଥର ପାଇଁ ବାଂଲାଦେଶ(ସେତେବେଳେ ପୂର୍ବପାକିସ୍ତାନ) ସହିତ ପାକିସ୍ତାନର ପ୍ରତ୍ୟକ୍ଷ ବାଣିଜ୍ୟ କାରବାର ଗତ ମାର୍ଚ୍ଚ ମାସରୁ ଆରମ୍ଭ ହୋଇଛି। ବାଂଲାଦେଶର କେତେକ ଗୁରୁତ୍ୱପୂର୍ଣ୍ଣ ସାମରିକ ଓ ବିମାନ ଘାଟିର ଭିତ୍ତିଭୂମି ବିକାଶ କାର୍ଯ୍ୟ ପାକିସ୍ତାନ ହାତକୁ ଯାଇଛି।

ଏହି ପରିବର୍ତ୍ତିତ ଭୂରାଜନୈତିକ ସମୀକରଣରେ ଚୀନ୍-ପାକିସ୍ତାନ-ବାଂଲାଦେଶ ବ୍ୟୂହରେ ଭାରତର ସ୍ଥିତି ପ୍ରାୟତଃ ଅଭିମନ୍ୟୁ ତୁଲ୍ୟ ହୋଇପଡ଼ିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। କିନ୍ତୁ ଏହା ମଧ୍ୟ ଭୁଲିଯିବା ଉଚିତ ହେବ ନାହିଁ ଯେ ଭାରତ ଆଉ ବିଗତ ଶତାବ୍ଦୀରେ ନାହିଁ। ଅର୍ଥନୀତି, କୂଟନୀତି, ବିଜ୍ଞାନ ଓ ସୂଚନା ପ୍ରଯୁକ୍ତି ବିଦ୍ୟାରେ ଭାରତ ବିଶ୍ୱର ଏକ ଅଗ୍ରଣୀ ରାଷ୍ଟ୍ରର ମାନ୍ୟତା ପାଇଛି। ଦେଶର ପ୍ରତିରକ୍ଷା ବ୍ୟବସ୍ଥା ଓ ବଜେଟ୍ ବ୍ୟୟବରାଦ ମଧ୍ୟ ବଳିଷ୍ଠ ହୋଇଛି। ତେଣୁ ତ୍ରିମୈତ୍ରୀ ବ୍ୟୂହ ଭେଦ କରିବାର ଶକ୍ତି ଭାରତ ପାଖରେ ରହିଛି। ତଥାପି ଯେତେବେଳେ ପଡ଼ୋଶୀମାନେ ଅସ୍ଥିରତା ସୃଷ୍ଟି କରନ୍ତି ସେତେବେଳେ ଆଭ୍ୟନ୍ତରୀଣ ଶାନ୍ତି ବ୍ୟାହତ ହେବା ସହିତ ପ୍ରଗତି ବାଧାପ୍ରାପ୍ତ ହୁଏ। ଆଗକୁ ଭାରତ ଏଭଳି କିଛି ଆହ୍ୱାନର ସମ୍ମୁଖୀନ ହେବାକୁ ଯାଉଥିବା ଜଣାପଡୁଛି।

ଭାରତ ଆଗରେ ଏବେ ବହୁବିଧ ଆହ୍ୱାନ ରହିଛି, ଯାହାକୁ ସମ୍ମୁଖୀନ ହେବାରେ ଉପରୋକ୍ତ ତ୍ରିମୈତ୍ରୀ ମେଣ୍ଟ ବାଧା ସୃଷ୍ଟି କରିପାରନ୍ତି। ଉଦାହରଣତଃ, ଭାରତ ଇତିମଧ୍ୟରେ ଅକ୍ଷୟ ଶକ୍ତି ଉତ୍ପାଦନ ଲକ୍ଷ୍ୟ ଧାର୍ଯ୍ୟ ସମୟସୀମାର ବହୁ ପୂର୍ବରୁ ହାସଲ କରିସାରିଛି। ୨୦୩୦ ସୁଦ୍ଧା ମୋଟ ବିଦ୍ୟୁତ ଚାହିଦାର ୪୦% ଅଣ-ଜୀବାଶ୍ମ ଇନ୍ଧନରୁ ହାସଲ କରିବ ବୋଲି ୨୦୧୫ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ପ୍ୟାରିସ୍ ଚୁକ୍ତିନାମାରେ ଭାରତ ସ୍ୱାକ୍ଷର କରିଥିବା ବେଳେ ୨୦୨୫ ଜୁନ୍ ସୁଦ୍ଧା ଉତ୍ପାଦନ ପରିମାଣ ମୋଟ ବିଦ୍ୟୁତ ଚାହିଦାର ୫୦ ପ୍ରତିଶତ ଅତିକ୍ରମ କରିସାରିଛି। ଭାରତ ପ୍ରାୟ ୫ ବର୍ଷ ପୂର୍ବରୁ ଏହି ଲକ୍ଷ୍ୟ ହାସଲ କରିସାରିଥିବାରୁ କାର୍ବନ ନିର୍ଗମନ ହ୍ରାସ ଓ ସବୁଜ ବିକାଶର ଭବିଷ୍ୟତ ଖୁବ୍ ଉଜ୍ଜ୍ୱଳ। କିନ୍ତୁ ଅକ୍ଷୟଶକ୍ତି ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳତା ଦିଗରେ ଥିବା ମୁଖ୍ୟ ପ୍ରତିବନ୍ଧକ ହେଉଛି ଏହାର ଭଣ୍ଡାରଣ। ଅକ୍ଷୟ ଶକ୍ତିକୁ ଗଚ୍ଛିତ କରି ତିରୋଟ ସମୟରେ ବ୍ୟବହାର କରିବା ପାଇଁ ଯେଉଁ ବୈଜ୍ଞାନିକ ଓ ବୈଷୟିକ ଉପକରଣ ଆବଶ୍ୟକ ତାହାର ଆଧାର ବା କଞ୍ଚାମାଲ୍ ହେଉଛି ଲିଥିୟମ, ବିରଳ ମୃତ୍ତିକା, ଡିଏପି ଆଦି ରାସାୟନିକ ଉପାଦାନ। ଏଥିପାଇଁ ଭାରତ ଅଧିକାଂଶ ଚୀନ୍ ଉପରେ ନିର୍ଭରଶୀଳ ଥିବା ବେଳେ ବିରଳ ମୃତ୍ତିକା ଓ ଡିଏପିର ଭାରତ ରପ୍ତାନୀ ଅଂଶକୁ ଚୀନ୍ ବହୁ କାଣ୍ଟଛାଣ୍ଟ କରିଦେଇଛି। ତେଣୁ ଭାରତରେ ଅକ୍ଷୟ ଶକ୍ତି ଓ ସେମିକଣ୍ଡକ୍ଟର ଉତ୍ପାଦନ କ୍ଷେତ୍ରରେ ଅଧିକ ନିବେଶ ନିରୁତ୍ସାହିତ ହୋଇପାରେ। ସେହିପରି ସେପଟେ ପାକିସ୍ତାନ କାଶ୍ମୀରରେ ଏବଂ ଏପଟେ ବାଂଲାଦେଶ ପଟୁ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟମାନଙ୍କରେ ସୀମାପାର ଆତଙ୍କବାଦ ଓ ଅନୁପ୍ରବେଶ ସମସ୍ୟା ଉତ୍କଟ ହୋଇ ଭାରତର ଆଭ୍ୟନ୍ତରୀଣ ଶାନ୍ତି ବ୍ୟାହତ ହୋଇପାରେ।

ତେଣୁ କୁହାଯାଇପାରେ ଯେ ଭାରତ ପାଇଁ ଆଗକୁ ତ୍ରିମୈତ୍ରୀ ମେଣ୍ଟ ଭାରତର ଶାନ୍ତି, ପ୍ରଗତି, ସ୍ଥିରତା ସମେତ କୂଟନୈତିକ ଓ ବୈଦେଶିକ ନୀତି ପ୍ରତି ଏକ ବୃହତ୍ ଆହ୍ୱାନ ସୃଷ୍ଟି କରିଛି, ଯାହାର ପ୍ରଭାବ ସୁଦୂର ବିସ୍ତାରୀ ହେବା ନିଶ୍ଚିତ। ଏହାକୁ ପ୍ରତିହତ କରିବା ଲାଗି ସମୟୋପଯୋଗୀ ରଣନୀତିର ଆବଶ୍ୟକତା ଜରୁରୀ। ଚୀନ୍ ଓ ପାକିସ୍ତାନର ପଞ୍ଝାରୁ ବାଂଲାଦେଶକୁ ମୁକ୍ତ ରଖିବାକୁ ହେଲେ ଭାରତ ପରିସ୍ଥିତି ସହିତ ସାଲିସ୍ କରିବା ଦୂରଦର୍ଶୀର ପରିଚାୟକ ହେବ। ଚୀନ୍‌କୁ ମଧ୍ୟ ଭାରତର ବିଶାଳ ବଜାର ସମ୍ଭାବନା ବିଷୟରେ ପୁଣି ଥରେ ଚେତାଇ ଦେବାକୁ ପଡ଼ିବ। ଆଶା ଏଦିରେ ଜୟଶଙ୍କରଙ୍କ ଚୀନ୍ ଗସ୍ତ କିଛି ନୂଆ ସମ୍ଭାବନା ସୃଷ୍ଟି କରିବ।

## ଜୀବନର ଲକ୍ଷ୍ୟ: ମୃତ୍ୟୁ ନୁହଁ, ଅମୃତପ୍ରାପ୍ତି

**ମନୋରଞ୍ଜନ ମହାନ୍ତି**

ନିକଟରେ ଓଡ଼ିଶାର ଏକ ସ୍ୱନାମଧନ୍ୟ ଶିକ୍ଷାନୁଷ୍ଠାନର ଜନୈକା ଛାତ୍ରୀ ନିର୍ଯାତନା, ଅବହେଳା ଓ ଅନ୍ୟାୟର ଶିକାର ହୋଇ ମାନସିକ ଭାରସମ୍ୟ ହରାଇ ଆତ୍ମାହୁତି ଦେଇ ମୃତ୍ୟୁବରଣ କରିଥିବା ଖବର ସାରା ଦେଶରେ ଚର୍ଚ୍ଚିତ ହୋଇଛି। କିଛିଦିନ ତଳେ ଓଡ଼ିଶାର ଜନୈକା ଛାତ୍ରୀ ପରୀକ୍ଷା ହଲ୍‌ରେ ଅପମାନିତ ହୋଇ ଆତ୍ମହତ୍ୟା କରିଥିବାର ଦୁଃଖଦ ଖବର ମଧ୍ୟ ଆସିଛି। ଏଭଳି ଘଟଣା କେବଳ ଶିକ୍ଷାନୁଷ୍ଠାନରେ ନୁହେଁ, ବରଂ ଗ୍ଲାମର, କର୍ପୋରେଟ୍ ଓ ଅନ୍ୟ କେତେକ ମର୍ଯ୍ୟାଦାପୂର୍ଣ୍ଣ ପେସାଦାର କ୍ଷେତ୍ରରେ ମଧ୍ୟ ଦେଖିବାକୁ ମିଳୁଛି। ଗତବର୍ଷ କାମ ଚାପରେ ଜନୈକା ମହିଳା ଚାର୍ଟେଡ୍ ଆକାଉଣ୍ଟାଣ୍ଟ ଆତ୍ମହତ୍ୟା କରିଥିବା ବେଳେ କିଛିବର୍ଷ ତଳେ ଜଣେ ଲୋକପ୍ରିୟ ଉଦୀୟମାନ ଅଭିନେତା ଉତ୍କଟ ମାନସିକ ଅବସାଦର ଶିକାର ହୋଇ ଆତ୍ମହତ୍ୟା କରିଥିବା ଖବର ହୃଦୟ ବିଦାରକ ଥିଲା। ଏସବୁ କ୍ଷେତ୍ରରେ ଧୈର୍ଯ୍ୟ ଓ ଆତ୍ମବିଶ୍ୱାସର ଅଭାବ ପରିଲକ୍ଷିତ ହୁଏ। କିଛି ଲୋକ ବିଭିନ୍ନ କ୍ଷେତ୍ରରେ ପ୍ରତିଭାବାନ୍‌ମାନଙ୍କୁ ଈର୍ଷା କରୁଥିବା ଏବଂ ସେମାନଙ୍କ ପଥରୋଧ ପାଇଁ ଉଦ୍ୟମ କରୁଥିବା ଲକ୍ଷ୍ୟ କରାଯାଏ। ତା'ବୋଲି ପ୍ରତିଭାବାନ୍‌ମାନେ ବିଚଳିତ ହେବା, ମାନସିକ ଅବସାଦଗ୍ରସ୍ତ ହୋଇ ଜୀବନ ନାଶ କରିଦେବା ଆଦୌ ଠିକ୍ ନୁହେଁ। ବରଂ ଆତ୍ମବିଶ୍ୱାସର ସହିତ ଧୈର୍ଯ୍ୟ ଧରି ଜୀବନ-ସଂଗ୍ରାମରେ ନିରତ ହେବା ଉଚିତ।

ମହାଭାରତ ଯୁଦ୍ଧରେ ଅର୍ଜୁନ ବିଷାଦମଗ୍ନ ହୋଇଛନ୍ତି। ଆବ୍ରାହାମ୍ ଲିଙ୍କନ୍, ଏରନେଷ୍ଟ ହେମିଂୱେ, ସିଗ୍‌ମଣ୍ଡ ଫ୍ରଏଡ୍, ମାଇକେଲ୍ ଫେଲ୍‌ପ୍ସ, ବ୍ରାଡ୍ ପିଟ୍, ଜେ.କେ. ରାଓଲିଂ, ଲେଡି ଗାଗା ପ୍ରମୁଖଙ୍କ ଜୀବନରେ କିଛି ସମୟ ଅବସାଦର ଅନୁଭବ ହୋଇଛି। କିନ୍ତୁ ପରବର୍ତ୍ତୀ ସମୟରେ ଆତ୍ମବିଶ୍ୱାସ ବଳରେ ସେମାନେ ସେଥିରୁ ମୁକୁଳି ଆସିଛନ୍ତି ଏବଂ ଜୀବନ-ଯୁଦ୍ଧରେ ବିଜୟୀ ହୋଇଛନ୍ତି। ରିଲାଏନ୍ସ କମ୍ପାନୀର ପ୍ରତିଷ୍ଠାତା ଧୀରୁଭାଇ ଅମ୍ବାନୀ, ୱିପ୍ରୋ ପ୍ରତିଷ୍ଠାତା ଅଜିମ୍ ପ୍ରେମ୍‌ଜୀ, ଆଦାନୀ ଗ୍ରୁପ୍‌ର ଗୌତମ ଆଦାନୀ, ଫେସ୍‌ବୁକ୍‌ର ପ୍ରତିଷ୍ଠାତା ମାର୍କ୍ ଜୁକରବର୍ଗ, ମାଇକ୍ରୋସଫ୍ଟର ବିଲ୍ ଗେଟ୍ସ, ଆପଲ୍‌ର ପ୍ରତିଷ୍ଠାତା ଷ୍ଟିଭ୍ ଜବ୍‌ସ୍ ପ୍ରମୁଖ କଲେଜର ପାଠପଢ଼ା ଛାଡ଼ି ଦେଇଥିଲେ। ଆଲବର୍ଟ୍ ଆଇନ୍‌ଷ୍ଟାଇନ୍ ଛାତ୍ର ଜୀବନରେ କେମେଷ୍ଟ୍ରି ଓ ବାୟୋଲୋଜି ପରୀକ୍ଷାରେ ଫେଲ୍ ହେଇଥିଲେ। ଛାତ୍ରାବସ୍ଥାରେ ନିଉଟନ୍‌ଙ୍କ ପାଠପଢ଼ା ଅତି ନିମ୍ନ ମାନର ଥିଲା ବୋଲି ଶିକ୍ଷକମାନେ କହୁଥିଲେ। କ୍ରିକେଟର୍ ସଚିନ୍ ତେନ୍ଦୁଲ୍‌କର୍, ଚଳଚ୍ଚିତ୍ର ତାରକା ଅମୀର ଖାଁ, ଦୀପିକା ପାଡୁକୋନ୍ ପ୍ରମୁଖ ସ୍କୁଲ ଶିକ୍ଷା ଛାଡ଼ି କ୍ରିକେଟ୍ ଓ ଚଳଚ୍ଚିତ୍ରରେ ନିଜ ନିଜର କ୍ୟାରିଅର୍ ଆରମ୍ଭ କରିଥିଲେ। କେବଳ ଗଭୀର ଆତ୍ମବିଶ୍ୱାସ, ଏକାଗ୍ରତା ଓ ସାଧନା ବଳରେ ସେମାନେ ସମସ୍ତେ ନିଜ ନିଜ କ୍ଷେତ୍ରରେ ସଫଳତା ଅର୍ଜନ କରିବାକୁ ସମର୍ଥ ହୋଇପାରିଲେ।

ମଣିଷର ଜୀବନରେ ଆତ୍ମବିଶ୍ୱାସ ସବୁଠାରୁ ବଡ଼ କଥା। ଆତ୍ମବିଶ୍ୱାସ ହିଁ ମଣିଷକୁ ସକାରାତ୍ମକ ଦୃଷ୍ଟିସମ୍ପନ୍ନ କରେ। ବୈଜ୍ଞାନିକ ଟମାସ୍ ଏଡିସନ୍ ଯେକୌଣସି ବିଷୟରେ ବାରମ୍ବାର ପରୀକ୍ଷା କଲା ପରେ କହୁଥିଲେ, 'ମୁଁ ବିଫଳ ହୋଇନାହିଁ; ମୋ ଆଖି ଆଗରେ ମୁଁ ଦଶହଜାର ବାଟ ଦେଖିବାକୁ ପାଇଛି, ମୋତେ ଆହୁରି ପରୀକ୍ଷା କରିବାକୁ ହେବ।' ବାରମ୍ବାର ବିଫଳ ହୋଇ ମଧ୍ୟ 'ବିଫଳ ହୋଇଛି' ବୋଲି ସେ କେବେ କହୁନଥିଲେ, ପ୍ରତ୍ୟେକ ବିଫଳତା ତାଙ୍କୁ ଗୋଟିଏ ଗୋଟିଏ ନୂଆ ନୂଆ ବାଟ ଦେଖାଇ ଦେଉଥିଲା, ଆହୁରି ଉତ୍ସାହରେ ସେ ପ୍ରଚେଷ୍ଟା ଜାରି ରଖିଥିଲେ ସଫଳତା ପାଇବା ପର୍ଯ୍ୟନ୍ତ।

ଡ. ଫ୍ରାନ୍‌ସିସ୍ କଲିନ୍ସ ହେଉଛନ୍ତି ଆମେରିକାର ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ନିର୍ଦ୍ଦେଶକ। ବିଜ୍ଞାନ ଓ ବିଶ୍ୱାସର ପରିପୂରକତ୍ୱ ସମ୍ପର୍କରେ ଗବେଷଣା କରି ୨୦୨୦ ବର୍ଷରେ ସେ ପାଇଛନ୍ତି ଜନ୍ ଟେମ୍ପଲ୍‌ଟନ୍ ପୁରସ୍କାର। ସେ ଲେଖିଥିବା ବହି 'ଦି ଲାଙ୍ଗୁଏଜ୍ ଅଫ୍ ଗଡ୍: ଏ ସାଇଣ୍ଟିଷ୍ଟ ପ୍ରେଜେଣ୍ଟସ୍ ଏଭିଡେନ୍ସ ଫର୍ ବିଲିଫ୍' ଏବେ ପୃଥିବୀରେ ବହୁସଂଖ୍ୟାରେ ବିକ୍ରି ହେଉଛି। ଏକ ସାକ୍ଷାତ୍‌କାରରେ ସେ କହିଛନ୍ତି, ବିଜ୍ଞାନ ପ୍ରଶ୍ନ ପଚାରେ 'କିପରି?' ଯଥା 'ଜିନ୍‌ଗୁଡ଼ିକ ପ୍ରୋଟିନ୍ ପାଇଁ କିପରି କୋଡିଂ ହୁଅନ୍ତି?' ଅଥଚ ବିଶ୍ୱାସ ପଚାରେ 'କାହିଁକି?'। ଯଥା 'ଶୂନ୍ୟ ପରିବର୍ତ୍ତେ କିଛି କାହିଁକି ଅଛି? ଗଡ୍(ଈଶ୍ୱର) କାହିଁକି ଅଛନ୍ତି?' ଇତ୍ୟାଦି। ଏତଦ୍ୱାରା ସେ ସିଦ୍ଧାନ୍ତରେ ପହଞ୍ଚିଛନ୍ତି ଯେ ବିଜ୍ଞାନ ଓ ବିଶ୍ୱାସ ପରସ୍ପର ପରିପୂରକ। ଜଣେ ଖ୍ରୀଷ୍ଟିୟାନ୍ ଭାବରେ ସେ ବିଶ୍ୱାସ କରନ୍ତି ଆମେ ମଣିଷମାନେ ସ୍ୱତନ୍ତ୍ର ପ୍ରାଣୀ, ଯାହାଙ୍କର ଗଡ୍‌ଙ୍କ ସହିତ ଏକ ସ୍ୱତନ୍ତ୍ର ସମ୍ବନ୍ଧ ରହିଛି। କେତେକ କହନ୍ତି, ବିବର୍ତ୍ତନ ଏକ ତତ୍ତ୍ୱ ମାତ୍ର। କିନ୍ତୁ ଡ. କଲିନ୍‌ସଙ୍କ ମତରେ ମାଧ୍ୟାକର୍ଷଣ ଭଳି ବିବର୍ତ୍ତନ ଏକ ସୁପ୍ରତିଷ୍ଠିତ ତତ୍ତ୍ୱ। ଗଡ୍ ୧୪୦୦ କୋଟି ବର୍ଷ ତଳେ ବସ୍ତୁ, ଶକ୍ତି ଓ ପ୍ରାକୃତିକ ନିୟମଗୁଡ଼ିକ ସହିତ ବିଶ୍ୱବ୍ରହ୍ମାଣ୍ଡକୁ ସୃଷ୍ଟି କଲେ। ତା'ପରେ ସୃଷ୍ଟି ହେଲେ ପ୍ରାଣୀମାନେ। ସ୍ରଷ୍ଟା ଗଡ୍ ସ୍ଥାନ ଓ ସମୟରେ ସୀମିତ ନୁହନ୍ତି। ଆମେ ମଣିଷମାନେ ସେହି 'ଅସୀମ'ଙ୍କୁ ବସ୍ତୁ, ଶକ୍ତି, ପ୍ରାକୃତିକ ନିୟମ ଓ ପ୍ରାଣୀମାନଙ୍କ ମଧ୍ୟରେ ଉପଲବ୍ଧି କରିପାରିବା, ଯେହେତୁ ମଣିଷର ଶକ୍ତି ଅସୀମ। ନିଜର ଅସୀମ ଶକ୍ତିକୁ ଉପଲବ୍ଧି କଲେ ଯାଇ ମଣିଷ ଆଉ ମାନସିକ ଅବସାଦ, ନୈରାଶ୍ୟରେ ଆକ୍ରାନ୍ତ ହେବ ନାହିଁ, ଜୀବନ ନାଶ କରିବାର କଠୋର ନିଷ୍ପତ୍ତି ନେବ ନାହିଁ। ଡ. କଲିନ୍ସ ଜଣେ ଡାକ୍ତର, ବୈଜ୍ଞାନିକ, ଅଧ୍ୟାତ୍ମବାଦୀ ହେବା ସହିତ ଜଣେ ସଙ୍ଗୀତଜ୍ଞ ମଧ୍ୟ। ତାଙ୍କ ମତରେ, ସଙ୍ଗୀତ ମଣିଷର ଚେତନାକୁ ବହୁ ଊର୍ଦ୍ଧ୍ୱକୁ ଉତ୍ତୋଳନ କରାଇ ପାରିବ। ସଙ୍ଗୀତ ଚିକିତ୍ସା (ମ୍ୟୁଜିକ୍ ଥେରାପି) ଜରିଆରେ ପି.ଟି.ଏସ୍.ଡି (ପୋଷ୍ଟ ଟ୍ରମାଟିକ୍ ଷ୍ଟ୍ରେସ୍ ଡିସ୍‌ଅର୍ଡର୍), ପାର୍କିନ୍‌ସନ୍ ରୋଗ, ଉତ୍କଟ ଯନ୍ତ୍ରଣା, ଅବସାଦ, ନୈରାଶ୍ୟ ଇତ୍ୟାଦିକୁ ଲାଘବ କରାଯାଇପାରିବ। ଆମେରିକାର ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ କିଛି ସ୍ନାୟୁ-ବିଜ୍ଞାନୀ (ନ୍ୟୁରୋସାଇଣ୍ଟିଷ୍ଟ), ସଙ୍ଗୀତଜ୍ଞ (ମ୍ୟୁଜିସିଆନ୍), ସଙ୍ଗୀତ ଜରିଆରେ ଚିକିତ୍ସା କରୁଥିବା ଚିକିତ୍ସକ (ମ୍ୟୁଜିକ୍ ଥେରାପିଷ୍ଟ)ମାନଙ୍କୁ ନେଇ ଏ ଦିଗରେ ଅଧିକତର ଗବେଷଣା ଜାରି ରଖିଛି।

ଆମେରିକାର ରବର୍ଟ୍ ଥର୍‌ମାନ୍ ହେଉଛନ୍ତି ପ୍ରଥମ ତିବ୍ବତୀୟ ବୌଦ୍ଧ ସନ୍ନ୍ୟାସୀ। ଜଟିଳ ତିବ୍ବତୀୟ ବୌଦ୍ଧ ସାହିତ୍ୟକୁ ସେ ଇଂରାଜୀରେ ଅନୁବାଦ କରିଛନ୍ତି। ନ୍ୟୁୟର୍କସ୍ଥିତ ତିବ୍ବତ ଭବନର ପ୍ରତିଷ୍ଠାତା ସଭାପତି ସେ। କଲମ୍ବିଆ ବିଶ୍ୱବିଦ୍ୟାଳୟରେ ଇଣ୍ଡୋ ତିବ୍ବତୀୟ ବୌଦ୍ଧ ସାହିତ୍ୟରେ ଅଧ୍ୟାପନା କରନ୍ତି। ୨୦୧୯ ବର୍ଷରେ ଭାରତ ଭ୍ରମଣରେ ଆସିଥିଲା ବେଳେ ଏକ ସାକ୍ଷାତ୍‌କାରରେ ସେ କହିଥିଲେ ଯେ, ବୌଦ୍ଧ ଚିକିତ୍ସା ପଦ୍ଧତି ଆୟୁର୍ବେଦ ସହିତ ସମାନ୍ତରାଳ। 'ଆୟୁ'ର ଅର୍ଥ 'ଦୀର୍ଘ ଜୀବନ'। ସବୁବେଳେ ବ୍ୟଗ୍ର, ବିଚଳିତ, ମାନସିକ ଅବସାଦଗ୍ରସ୍ତ, ନୈରାଶ୍ୟ-ଜର୍ଜରିତ ମଣିଷକୁ ବାର୍ଦ୍ଧକ୍ୟ ଖୁବ୍ ଶୀଘ୍ର ଗ୍ରାସ କରିଯାଏ। ଅବସାଦ, ନୈରାଶ୍ୟ ହେଉଛି ମଣିଷର ଅନ୍ତର୍ନିହିତ ଶତ୍ରୁ। ସେହି ଶତ୍ରୁକୁ ଦମନ କଲେ ଯାଇ ମଣିଷ-ଶରୀରର କୋଷ ଓ ମାଇକ୍ରୋଅର୍ଗାନିଜମ୍‌ଗୁଡ଼ିକ ଠିକ୍ ଭାବରେ କାର୍ଯ୍ୟ କରେ, ମଣିଷ ଆନନ୍ଦ ଅନୁଭବ କରେ ଓ ଉତ୍ତମ ସ୍ୱାସ୍ଥ୍ୟ ରକ୍ଷା କରିପାରେ। ୫୩ବର୍ଷ ଧରି ବୈବାହିକ ଜୀବନଯାପନ କରିଥିବା ଥର୍‌ମାନ୍ ଭାରତୀୟ ଓ ତିବ୍ବତୀୟ ତନ୍ତ୍ର ସାହିତ୍ୟର ସୂଚନା ଦେବା ସହିତ 'ବିମଳାକୀର୍ତ୍ତି ସୂତ୍ର'ରେ ବର୍ଣ୍ଣିତ ଦେବୀ ପ୍ରଜ୍ଞା ପାରମିତା ଓ ବୌଦ୍ଧ ସନ୍ନ୍ୟାସୀମାନଙ୍କ ଉଦାହରଣ ଦେଇ କହିଲେ ଯେ, ମଣିଷ ଅସୀମ ଶକ୍ତି ଧାରଣ କରିଛି। ତେବେ ଅବସାଦ, ନୈରାଶ୍ୟ ବଳରେ ନୁହଁ, କେବଳ ଆନନ୍ଦ ଓ ବିଶ୍ୱାସ ବଳରେ ହିଁ ସେହି ଶକ୍ତିକୁ ଉପଲବ୍ଧି କରି ହେବ, ଉପଯୁକ୍ତ ଭାବରେ ଉପଯୋଗ କରି ଯାବତୀୟ ପ୍ରତିକୂଳ ପରିସ୍ଥିତିକୁ ଅତିକ୍ରମ କରିଯାଇ ହେବ। ଆତ୍ମବିଶ୍ୱାସ ହିଁ ଭଗବତ୍ ବିଶ୍ୱାସ, ଯାହା ବଳରେ ମଣିଷ ଜୀବନକୁ ଭଲପାଇବ, ଜଗତରେ ତା'ର ଅସ୍ତିତ୍ୱକୁ ରକ୍ଷା କରିବା ପାଇଁ ପ୍ରେରଣାଟିଏ ପାଇବ ଏବଂ ମୁକ୍ତକଣ୍ଠରେ ସ୍ୱୀକାର କରିବ ଯେ, ମୃତ୍ୟୁ ନୁହଁ, ଅମୃତ ପ୍ରାପ୍ତି ହିଁ ତା' ଜୀବନର ସର୍ବଶେଷ ଲକ୍ଷ୍ୟ।

କୌଣସି କ୍ଷେତ୍ରରେ ଜଣେ ପ୍ରତିଭାବାନ୍ ମଣିଷ ଅନ୍ତତଃ ଏତିକି ସ୍ମରଣ ରଖିଲେ ଯାଇ କାହାରି ଈର୍ଷା, ସହଯୋଗ, ନିର୍ଯାତନା, ଅପମାନ ଓ ଅସହିଷ୍ଣୁତାରେ ଆଦୌ ବିଚଳିତ ହେବ ନାହିଁ, ନିଜ ଜୀବନ ନାଶ କରିବାର ନିଷ୍ପତ୍ତି ନେବ ନାହିଁ, ବରଂ ସିଦ୍ଧିର ଅମୃତମୟ ସୋପାନକୁ ସ୍ପର୍ଶ କରିବାକୁ ଅଧିକରୁ ଅଧିକ ସାଧନାରେ ପ୍ରବୃତ୍ତ ହେବ।

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
ଧର୍ମଶାଳା(ଯାଜପୁର),
ମୋ: ୯୮୫୩୨୮୨୯୭୨

## ଆମ କୃଷକ କେତେ ସଶକ୍ତ?

**କମଳା ପ୍ରସାଦ ମହାପାତ୍ର**

ଅଦ୍ୟାବଧି କୃଷି କ୍ଷେତ୍ରରେ ଆମ ଦେଶ ଅପାର ସଫଳତା ହାସଲ କରିବାରେ ସକ୍ଷମ ହୋଇପାରିଛି। ଏହି ସଫଳତାର ଶ୍ରେୟ ସରକାରଙ୍କୁ ଯେତିକି ଯାଉଛି ତା' ଠାରୁ ଅଧିକ ଯାଏ କୃଷି ବୈଜ୍ଞାନିକ ଏବଂ ସଚେତନ କୃଷକ ସମାଜକୁ। କିନ୍ତୁ ଆଜିର ଦିନରେ ଯଦି ପ୍ରଶ୍ନ ହୁଏ କୃଷିକୁ ଜଣେ ବ୍ୟକ୍ତି ବୃତ୍ତି ରୂପେ ଗ୍ରହଣ କରେ ତେବେ ତା' ପାଇଁ କ'ଣ ସୁଯୋଗ ରହିଛି? ଏହାର ନିର୍ଭରଯୋଗ୍ୟ ଉତ୍ତର ମିଳିବ ନାହିଁ। କୃଷିକୁ ବୃତ୍ତି କରି ତିଷ୍ଠି ରହିବାକୁ ହେଲେ କେତେକ ମୌଳିକ ପ୍ରସଙ୍ଗରେ ଧ୍ୟାନ ଦେବାକୁ ହୋଇଥାଏ। ଯଥା ଉନ୍ନତ କୃଷି ପ୍ରଣାଳୀ, ବୈଜ୍ଞାନିକ ପଦ୍ଧତିରେ ଚାଷ, ଉନ୍ନତ ମାନର ଯନ୍ତ୍ରପାତି, ଉନ୍ନତ ବିହନ, ଜଳସେଚନ, ଶୀତଳ ଭଣ୍ଡାର ଆଦିର ଆବଶ୍ୟକତା ପଡ଼ିଥାଏ। ପାରମ୍ପରିକ ରୀତିରେ ଚାଷ କଲେ ଜଣେ କୃଷକ ଅନେକ କ୍ଷତିର ସମ୍ମୁଖୀନ ହୋଇଥାଏ। ଯଦି ବନ୍ୟା, ବାତ୍ୟା ଓ ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟର ପରିସ୍ଥିତି ଉପୁଜେ ତେବେ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀମାନେ ବିପୁଳ ଆର୍ଥିକ କ୍ଷତି ସହି ଆତ୍ମହତ୍ୟା ଭଳି ପଦକ୍ଷେପ ନେଇଥା'ନ୍ତି। ଯଦିଓ ସରକାର ଚାଷ ଓ ଚାଷୀର କଲ୍ୟାଣ ପାଇଁ ଅନେକ ଯୋଜନା ଗ୍ରହଣ କରିଛନ୍ତି ଏବଂ ଅନେକ ଆର୍ଥିକ ଓ ବୈଷୟିକ ସୁବିଧା ସୁଯୋଗ ଏବଂ ପ୍ରୋତ୍ସାହନ ଦେଉଛନ୍ତି କିନ୍ତୁ ରୂପାୟନରେ ତ୍ରୁଟି ଯୋଗୁଁ ତାହା ଫଳପ୍ରଦ ହେଉନାହିଁ।

କେବଳ ଓଡ଼ିଶା କଥା ଦେଖାଯାଉ। ଏବେ ଆମ ରାଜ୍ୟର ଯୁବପିଢ଼ି କୃଷିକୁ ବୃତ୍ତି ରୂପେ ଗ୍ରହଣ କରିବାକୁ ନାପସନ୍ଦ କରିବା ପଛରେ ଅନେକ କାରଣ ରହିଛି। କେବଳ ଗତ ଏକବର୍ଷର ସ୍ଥିତି ଉପରେ ଦୃଷ୍ଟି ପକାଯାଉ। ରାଜ୍ୟ ସରକାର କୃଷକ ସଶକ୍ତୀକରଣ ଓ ଓଡ଼ିଆ ଅସ୍ମିତା ନାରା ଦେଇ ନିର୍ବାଚନ ବୈତରଣୀ ପାର ହେଲେ ସତ, ମାତ୍ର ବିଗତ ପ୍ରାୟ ବାର ମାସ ମଧ୍ୟରେ କୃଷି ଓ କୃଷକର ଉନ୍ନତି ପାଇଁ ସେପରି କିଛି ଆଖିଦୃଶିଆ ପ୍ରଦର୍ଶନ କରି ପାରିନାହାନ୍ତି।

କୃଷି କ୍ଷେତ୍ରରେ ଚରମ ସରକାରୀ ଉଦାସୀନତା ସାମନାକୁ ଆସୁଛି। ଧାନ ମଣ୍ଡି କଥା ଆଗେ ବିଚାରକୁ ନେବା। ନିର୍ବାଚନରେ ସରକାର ଘୋଷଣା କଲେ ଧାନ ବିକ୍ରୟ ସହାୟକ ମୂଲ୍ୟ ପୁନଃ ନିର୍ଦ୍ଧାରଣ ହେବ। କୁଇଣ୍ଟାଲ ପିଛା ଜଣେ ଚାଷୀକୁ ୨୩୦୦ ଟଙ୍କା ସହ ରାଜ୍ୟ ସରକାରଙ୍କ ତରଫରୁ ରିହାତି ଆକାରରେ ୮୦୦ ଟଙ୍କା - ଏହିପରି କୁଇଣ୍ଟାଲ୍ ପିଛା ସର୍ବମୋଟ ୩୧୦୦ ଟଙ୍କା ମିଳିବ। ମଣ୍ଡିରେ ସବୁପ୍ରକାର ବ୍ୟବସ୍ଥା କରାଯିବ, କୌଣସି କଟ୍‌ନି ଛଟନି ହେବ ନାହିଁ। ଅଖାର ଉପଯୁକ୍ତ ମୂଲ୍ୟ ପ୍ରଦାନ କରାଯିବ। ଧାନ ବିକ୍ରି ବାବଦ ମୂଲ୍ୟ ୨୪ ଘଣ୍ଟାରେ ଚାଷୀ ବ୍ୟାଙ୍କଖାତାକୁ ଯିବ ଇତ୍ୟାଦି। ଆଳୁ ପିଆଜ ସମସ୍ୟା ଆମ ରାଜ୍ୟରେ ଉପୁଜିବ ନାହିଁ କିମ୍ବା ଆମକୁ ପଡ଼ୋଶୀ ରାଜ୍ୟ ଉପରେ ନିର୍ଭରଶୀଳ ହେବାକୁ ପଡ଼ିବ ନାହିଁ। ପିଆଜ ଓ ଆଳୁ ଚାଷକୁ ପ୍ରୋତ୍ସାହନ ଯୋଗାଇ ଦିଆଯିବ। ଉନ୍ନତ ମାନର ବିହନ ବ୍ଲକ ଜରିଆରେ ସୁଲଭ ମୂଲ୍ୟରେ ପ୍ରଦାନ କରାଯିବ। ପ୍ରତି ଜିଲ୍ଲାରେ ଅନ୍ୟୂନ ଗୋଟିଏ ବା ସ୍ଥଳବିଶେଷରେ ଦୁଇଟି ଉଚ୍ଚକ୍ଷମତା ସମ୍ପନ୍ନ ଶୀତଳଭଣ୍ଡାର ସ୍ଥାପନ କରାଯିବ। ନିର୍ବାଚନ ପୂର୍ବରୁ ଏଭଳି ଯେଉଁ ପ୍ରତିଶ୍ରୁତିର ପାହାଡ଼ ଜନସାଧାରଣଙ୍କ ପାଖରେ ରଖା ଯାଇଥିଲା, ନିର୍ବାଚନ ପରେ ସେହି ପ୍ରତିଶ୍ରୁତିଗୁଡ଼ିକ କେବଳ ପ୍ରହସନ ବୋଲି ଜଣାପଡ଼ିଛି।

ଧାନ ସଂଗ୍ରହ ସମୟରେ ମିଲରମାନଙ୍କ ମନମାନୀ, ଯୋଗାଣ ବିଭାଗ ଅଧିକାରୀ ସମବାୟ ସମିତି ଅଧିକାରୀମାନଙ୍କ ଉଦାସୀନତା ଯୋଗୁଁ କୃଷକମାନେ ହତାଶ ହେଲେ। ଗତ ଡିସେମ୍ବର ମାସରେ ଲଗାଣ ବର୍ଷାରେ ଚାଷୀମାନଙ୍କୁ ପ୍ରଭୂତ କ୍ଷତି ସହିବାକୁ ପଡ଼ିଲା। ସରକାରୀ ସ୍ତରରେ କ୍ଷତିପୂରଣ ଘୋଷଣା ହେଲା। କ୍ଷତିପୂରଣ ଦେବା ତ ଦୂରର କଥା ଫସଲ କ୍ଷୟକ୍ଷତି ଆକଳନ କରିବାକୁ ମଧ୍ୟ କୃଷି ବିଭାଗ ବା ରାଜସ୍ୱ ବିଭାଗ ଅଧିକାରୀ ଯାଇ ନଥିବା ଅଭିଯୋଗ ହେଉଛି। ଅନ୍‌ଲାଇନ ପୋର୍ଟାଲ ଓ ଟୋଲ ଫ୍ରି ନମ୍ବରରେ ପଞ୍ଜୀକରଣ କରିବାକୁ ଜଣାଇ ସରକାର ଚୁପ୍‌ଚାପ ବସିଗଲେ। ସେହି ଅନ୍‌ଲାଇନ୍ ପୋର୍ଟାଲ ଖୋଲିଲା ନାହିଁ କି ସେ ଟୋଲ ଫ୍ରି ଫୋନ ନମ୍ବର ଲାଗିଲା ନାହିଁ। ସବୁସମୟରେ ବ୍ୟସ୍ତ ଅଛି ବୋଲି ଉତ୍ତର ମିଳିଲା। ଏହା ହେଲା ରାଜ୍ୟ ସରକାରଙ୍କର କୃଷକମାନଙ୍କ ପ୍ରତି ଦିଆଯାଇଥିବା ପ୍ରତିଶ୍ରୁତି। ଏହି ବ୍ୟବସ୍ଥାରେ କୃଷକମାନେ କେତେ ସଶକ୍ତ ହୋଇପାରିବେ ଏବଂ ଯୁବ ପିଢ଼ି ଶିକ୍ଷା ସମାପନ କଲା ପରେ କୃଷିକୁ ବୃତ୍ତି ରୂପେ ଆପଣେଇବାକୁ କେତେ ଆଗ୍ରହ ପ୍ରକାଶ କରିବେ, ତାହା ବିଚାର୍ଯ୍ୟ।

ବାସ୍ତବ କ୍ଷେତ୍ରରେ ଦେଖିବା ସରକାରଙ୍କ ଲୋଭନୀୟ ଗୋଲାପୀ ପ୍ରତିଶ୍ରୁତି କେତେ କାର୍ଯ୍ୟକ୍ଷେତ୍ରରେ ପ୍ରତିଫଳିତ ହୋଇଛି। ଧାନ ମଣ୍ଡି ଟୋକନ୍ ଆସିବା ବେଳେ ଯେଉଁ ତାରିଖ ବା ଦିନ ଧାର୍ଯ୍ୟ କରାଯାଇଥାଏ, ତା'ର ପ୍ରାୟ ଏକ ମାସ ପରେ ଧାନ ବିକ୍ରି କରିବାର ସୁଯୋଗ ମିଳେ। କାରଣ ପଚାରିଲେ ଉତ୍ତର ମିଳେ ମିଲର ଗାଡ଼ି ପଠାଇବାରେ ବିଳମ୍ବ ହେଉଛି। ଜଣେ ଚାଷୀକୁ ଅନୁଭବ ହୁଏ ଯେପରି ମିଲର ଦୟା ପ୍ରଦର୍ଶନ କରି ଧାନ ସଂଗ୍ରହ କରୁଛି ଏବଂ ଧାନ ମୂଲ୍ୟ ଖଇରାତ ଦାନ ସୂତ୍ରରେ ଚାଷୀଙ୍କୁ ପ୍ରଦାନ କରୁଛି। ମିଲରଙ୍କ ଟ୍ରକ ଆସିବା ପରେ ଧାନ ଓଜନ କରିବାକୁ ବସ୍ତା ପିଛା ୨୫ ଟଙ୍କା ଦେବାକୁ ହୁଏ। ଧାନର ମାନ ପରୀକ୍ଷଣ କଲା ବେଳେ ବସ୍ତା ପିଛା ପ୍ରାୟ ଅଧା କିଲେ ଧାନ ଚାଷୀକୁ ହରାଇବାକୁ ପଡ଼େ। ତା' ପରେ ପ୍ରତି କୁଇଣ୍ଟାଲ ଧାନରେ ୪ କିଲୋ କଟନି ଛଟନିରେ ମଜୁରା ଦେବାକୁ ହୁଏ। ଅର୍ଥାତ୍ ୧୦୦ କିଲୋ ଧାନରୁ ଚାଷୀକୁ ୯୬ କିଲୋ ଧାନର ମୂଲ୍ୟ ମିଳେ। ଧାନ ବିକ୍ରି ଅର୍ଥ ପଇଠ କରିବାକୁ ଯେଉଁ ୨୪ ଘଣ୍ଟା ଧାର୍ଯ୍ୟ କରାଯାଇଥିଲା ତାହା ପାଣିର ଗାର ସାବ୍ୟସ୍ତ ହେଲା। ଧାନ ମୂଲ୍ୟ ପୈଠ ହେବାକୁ ଅନ୍ୟୂନ ଏକ ସପ୍ତାହ ସମୟ ଲାଗୁଛି। ଆଳୁ ପିଆଜ ବିହନ ବ୍ଲକ ମାଧ୍ୟମରେ ଏପର୍ଯ୍ୟନ୍ତ ଉପଲବ୍ଧ ହେଉନାହିଁ। ଜିଲ୍ଲାସ୍ତରୀୟ ଶୀତଳଭଣ୍ଡାର ପ୍ରତିଷ୍ଠା ପାଇଁ କୌଣସି ସର୍ବେକ୍ଷଣ, ସ୍ଥାନ ନିର୍ଦ୍ଧାରଣ ଏପର୍ଯ୍ୟନ୍ତ କରାଯାଇ ନାହିଁ।

ଚବିଶ ବର୍ଷର ସରକାରକୁ ହଟାଇ ଯେଉଁ ପ୍ରଗତିର ସ୍ୱପ୍ନ ଦେଖି ରାଜ୍ୟବାସୀ ନୂତନ ସରକାରଙ୍କୁ ଗାଦିନସୀନ କରାଇଥିଲେ ସେଥିରୁ ପାଇଲେ କ'ଣ? କେବଳ ପ୍ରତିଶ୍ରୁତି ଓ ପ୍ରତାରଣା ଛଡ଼ା ଆଉ କିଛି ନୁହେଁ। ବିଶ୍ୱସନୀୟତା ହାସଲ କରିବାକୁ ହେଲେ ପ୍ରତିଶ୍ରୁତିଗୁଡ଼ିକୁ କାର୍ଯ୍ୟରେ ରୂପାୟନ କରିବାର ଆବଶ୍ୟକତା ରହିଛି।

ଜଗତସିଂହପୁର, ମୋ: ୭୩୮୧୦୭୩୧୩୬

## ହାଡ଼ଯୋଡ଼ା ହନୁମାନ

**ଓଜସ୍ୱିନୀ**

### ବିଶ୍ୱାସ ଓ ବିଜ୍ଞାନ

କୌଣସି ଦୁର୍ଘଟଣା କିମ୍ବା କ୍ୟାଲସିୟମ୍ ଅଭାବରେ ହାଡ଼ ଅତ୍ୟନ୍ତ ଦୁର୍ବଳ ହୋଇଥିଲେ କିମ୍ବା ଅଷ୍ଟିଓପୋରୋସିସ୍ ନାମକ ରୋଗାକ୍ରାନ୍ତ ହୋଇଥିଲେ ଶରୀରର ହାଡ଼ ଭାଙ୍ଗିଯାଏ। ଏହା ଅତ୍ୟନ୍ତ କଷ୍ଟଦାୟକ ଏବଂ ଏହାର ଚିକିତ୍ସା ମଧ୍ୟ ବ୍ୟୟସାପେକ୍ଷ। ବର୍ତ୍ତମାନର ଚିକିତ୍ସା ବିଜ୍ଞାନ ଏ କ୍ଷେତ୍ରରେ ଅନେକ ଅଗ୍ରଗତି କରିଛି, ଯାହାଦ୍ୱାରା ହାଡ଼ଜନିତ ଅନେକ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ କରାଯାଇପାରୁଛି। କିନ୍ତୁ ବିଜ୍ଞାନର ବିକାଶ ସତ୍ତ୍ୱେ ମଣିଷ ଭଗବାନଙ୍କ ଶରଣାପନ୍ନ ହେଉଛି। ଏମିତିକି ଭଗବତ୍ ବିଶ୍ୱାସ ଯୋଗୁଁ ଭଙ୍ଗା ହାଡ଼ ମଧ୍ୟ ଯୋଡ଼ି ହୋଇ ଯାଉଛି ଏବଂ ଯନ୍ତ୍ରଣା ନିମିଷେକ ଦୂର ହୋଇଯାଉଛି। ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ଏହା ସତ। ଭାରତରେ ରାମଭକ୍ତ ହନୁମାନଙ୍କର ଏଭଳି ଗୋଟିଏ ଚମତ୍କାରୀ ମନ୍ଦିର ଅଛି, ଯେଉଁଠି ଭଙ୍ଗାହାଡ଼କୁ ଯୋଡ଼ି ଦେବା ସହିତ ଯନ୍ତ୍ରଣାମୁକ୍ତ କରିବା ପାଇଁ ରୋଗୀମାନେ ପ୍ରାର୍ଥନା କରିଥା'ନ୍ତି ଏବଂ ରୁଦ୍ରାବତାର ଆଶୁତୋଷ ହନୁମାନଙ୍କ କୃପା ଯୋଗୁଁ ଭଙ୍ଗାହାଡ଼ ଯୋଡ଼ି ହୋଇଯାଏ।

ମଧ୍ୟପ୍ରଦେଶର କଟନି ଜିଲ୍ଲାର ରିଠି ତହସିଲ୍ ମୁଖ୍ୟ କାର୍ଯ୍ୟାଳୟଠାରୁ ପ୍ରାୟ ୩ କିଲୋମିଟର ଦୂରରେ ଥିବା ମୁହାସ୍ ଗାଁରେ ଏହି ହନୁମାନ ମନ୍ଦିର ରହିଛି। ମନ୍ଦିରର ଚମତ୍କାରିତା ଦେଶବିଦେଶରେ ଚର୍ଚ୍ଚିତ। ଏପରିକି ରୋଗୀମାନେ ଷ୍ଟ୍ରେଚର୍‌ରେ ମନ୍ଦିରକୁ ଆସିଥା'ନ୍ତି ଏବଂ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଫେରନ୍ତି। ତେଣୁ ଏହି ମନ୍ଦିର 'ହାଡ଼ଯୋଡ଼ା ହନୁମାନ' ବା ସ୍ଥାନର ନାମାନୁସାରେ 'ରିଠି ହନୁମାନ' ମନ୍ଦିର ଭାବେ ପ୍ରସିଦ୍ଧି ଲାଭ କରିଛି। ରୋଗୀମାନେ ଭକ୍ତି ଓ ବିଶ୍ୱାସର ସହିତ ହନୁମାନଙ୍କୁ ଶ୍ରଦ୍ଧାପୂର୍ବକ ପ୍ରାର୍ଥନା କରିବା ସହିତ ଅବିରତ ରାମନାମ ସ୍ମରଣ ବା ଉଚ୍ଚାରଣ କରିବା ପାଇଁ ମନ୍ଦିରର ପୂଜାରୀ ରୋଗୀକୁ କହିଥା'ନ୍ତି। ଏଭଳି ନାମ ସ୍ମରଣ କରୁଥିବା ସମୟରେ ପୂଜାରୀ ନିଜ ହାତରେ ପ୍ରସ୍ତୁତ କରିଥିବା ଜଡ଼ିବୁଟି ଶରୀରରେ ଲେପ ଦେଇଥା'ନ୍ତି ଏବଂ କିଛି ଜଡ଼ିବୁଟି ସେବନ କରିବାକୁ ଦେଇଥା'ନ୍ତି। ହନୁମାନଙ୍କ କୃପାପୂର୍ବକ ଅବିଳମ୍ବେ ରୋଗୀର ଯନ୍ତ୍ରଣା ଦୂର ହୁଏ ଏବଂ ଭଙ୍ଗା ହାଡ଼ ଯୋଡ଼ି ହୋଇଯାଏ। ଅନ୍ୟ କେତେଜଣ ଗମ୍ଭୀର ରୋଗୀଙ୍କୁ ଦୁଇରୁ ତିନିଥର ମନ୍ଦିରକୁ ଆସି ଚିକିତ୍ସିତ ହେବା ପାଇଁ ମନ୍ଦିରର ପୂଜାରୀ ଉପଦେଶ ଦେଇଥା'ନ୍ତି। ଏହାସହିତ କିଛିଦିନ ସେମାନଙ୍କୁ ଘରେ ରହି ବିଶେଷ ଦିନଚର୍ଯ୍ୟା ଓ ଖାଦ୍ୟପେୟର ନିୟମ ପାଳନ କରିବା ସହିତ ରାମନାମ ଜପ କରିବାକୁ ପରାମର୍ଶ ଦିଆଯାଏ। ଯେଉଁ ରୋଗୀମାନେ ବସି ପାରନ୍ତି ନାହିଁ, ସେମାନେ ଶୋଇରହି ରାମନାମ ଜପ କରିବାକୁ ପରାମର୍ଶ ଦିଆଯାଏ। ପ୍ରତିଦିନ ଅନେକ ରୋଗୀ ଏଠାକୁ ଆସୁଥିଲେ ହେଁ ମଙ୍ଗଳବାର ଓ ଶନିବାର ଦିନ ଏଠାରେ ବିଶେଷ କୃପା ପ୍ରାପ୍ତ ହୁଏ ବୋଲି ବିଶ୍ୱାସ ରହିଛି। ମନ୍ଦିରର ମହିମା ହେଉଛି ଯେ, ମନ୍ଦିର ଭିତରେ ରହି ରାମନାମ ସ୍ମରଣ କରୁଥିବା ସମୟରେ ଏହି ଜଡ଼ିବୁଟି ପ୍ରଭାବଶାଳୀ ହୋଇଥାଏ। ଯଦି ରୋଗୀ ବା ରୋଗୀର ସମ୍ପର୍କୀୟ ଏହାକୁ ନିଜ ଘରେ ଉପଯୋଗ କରନ୍ତି, ତା'ହେଲେ ଫଳପ୍ରଦ ହୋଇନଥାଏ।

ରାମଭକ୍ତ ହନୁମାନଙ୍କର ନାମ ହାଡ଼ଯୋଡ଼ା ହନୁମାନ କିଭଳି ହେଲା ଏ ସମ୍ପର୍କରେ ଗୋଟିଏ ଲୋକକଥା ଅଛି। ବର୍ତ୍ତମାନ ସେଠାରେ ଯେଉଁ ପୂଜାରୀ ଅଛନ୍ତି, ତାଙ୍କର ବାପାଙ୍କୁ ଜଣେ ସନ୍ନ୍ୟାସୀ ଜଡ଼ିବୁଟି ଦେଇ ଗାଁ ଲୋକଙ୍କର ସେବା କରିବା ପାଇଁ କହିଥିଲେ। ସନ୍ନ୍ୟାସୀଙ୍କଠାରୁ ହାଡ଼ ଯୋଡ଼ିବାର ଚିକିତ୍ସା ବିଦ୍ୟା ମଧ୍ୟ ସେ ଲାଭ କରିଥିଲେ। ଏହି ବିଦ୍ୟା ଓ ଜଡ଼ିବୁଟି ସାହାଯ୍ୟରେ ସେ ପ୍ରଥମେ ତାଙ୍କ ଘରେ ଥିବା ଗୋଟିଏ ଗାଈର ଭଙ୍ଗା ହାଡ଼ ଯୋଡ଼ିବାରେ ସଫଳ ହେଲେ। ଏହାପରେ ସେ ଗାଁରେ ଥିବା ହନୁମାନଙ୍କ ମନ୍ଦିର ପିଣ୍ଡି ଉପରେ ବସି ଲୋକଙ୍କ ସ୍ୱାସ୍ଥ୍ୟ ସେବା କଲେ। ସେହି ହନୁମାନ ମନ୍ଦିର ସମୟକ୍ରମେ ଭବ୍ୟ ମନ୍ଦିରରେ ପରିଣତ ହୋଇଛି।

ତ୍ରେତୟାଯୁଗରେ ସଙ୍କଟମୋଚନ ହନୁମାନ ଲକ୍ଷ୍ମଣଙ୍କୁ ଇନ୍ଦ୍ରଜିତର ଶକ୍ତିଭେଦ ଜନିତ ପ୍ରଭାବରୁ ମୁକ୍ତ କରିବା ପାଇଁ ସଞ୍ଜୀବନୀ ଥିବା ଗନ୍ଧମାର୍ଦ୍ଦନ ପର୍ବତକୁ ଭୂମିରୁ ଉଠାଇ ନେଇ ଆସିଥିଲେ, ସେପରି ଏ ଯୁଗରେ ରିଠି ହନୁମାନ ଭକ୍ତଙ୍କୁ କୃପାଦୃଷ୍ଟିରେ ଆରୋଗ୍ୟ ପ୍ରଦାନ କରୁଛନ୍ତି ବୋଲି ସୁସ୍ଥ ହୋଇ ଫେରିଥିବା ଲୋକଙ୍କ ମୁହଁରୁ ଶୁଣିବାକୁ ମିଳେ।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ତାରିଣୀ ଦର୍ଶନ ସାରି ଫେରୁଥିବା ବେଳେ ଦୁର୍ଘଟଣା

# ନାରାୟଣୀ ଛକରେ ଓଲଟିଲା କାର୍; ଜଣେ ମୃତ; ୪ ଗୁରୁତର

ଖଲ୍ଲିକୋଟ,୧୭ ।୭ (ସମିସ): ସପରିବାର ଯାଇଥିଲେ ଘଟଗାଁ ତାରିଣୀ ଦର୍ଶନ ପାଇଁ। ଦର୍ଶନ ସାରି ଫେରିବା ବେଳେ ମନ ହେଲା ପୁରୀ ଯାଇ ଜଗା ଦର୍ଶନ ପାଇଁ। ପୁରୀରୁ ଜଗା ଦର୍ଶନ ସାରି ଫେରିବା ବେଳେ ଗୁରୁବାର ଭୋର୍‌ରେ ନାରାୟଣୀ ଛକରେ ଭାରସାମ୍ୟ ହରାଇ ୪ଗଡ଼ା ଦେଇ ଓଲଟି ପଡ଼ିଲା କାର୍। ଏଥିରେ ଦୁର୍ଘଟଣାସ୍ଥଳରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୧୨ଜଣ ଆହତ ହୋଇଥିଲେ। ୪ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ମୃତକ ହେଲେ, ବ୍ରହ୍ମପୁର ଆଙ୍କୁଲି ଅଞ୍ଚଳର ନାର୍‌ସିମ୍ ରେଡ୍ଡି।

ସୂଚନାଯୋଗ୍ୟ, ନାରସିମଙ୍କ ପରିବାରର ୧୨ଜଣ ସଦସ୍ୟ ଏକ ଟାଭେରା କାର (ନଂ. ଓଡି୦୭ଏନ୍-୭୮୯୬) ଯୋଗେ ଘଟଗାଁ

### ଗାଡ଼ିରେ ଥିଲେ ଗୋଟିଏ ପରିବାରର ୧୨ଜଣ

ତାରିଣୀ ଦର୍ଶନ କରିବାକୁ ଯାଇଥିଲେ। ଗାଡ଼ିରେ ଚାଳକଙ୍କୁ ମିଶାଇ ମୋଟ ୧୩ ଜଣ ଥିଲେ। ସେମାନେ ଘଟଗାଁରେ ମା' ତାରିଣୀଙ୍କ ଦର୍ଶନ ସାରି ପୁରୀ ଯାଇଥିଲେ। ପୁରୀରୁ ବ୍ରହ୍ମପୁର ଫେରିବା ବେଳେ ଗୁରୁବାର ସକାଳ ପ୍ରାୟ ସାଢ଼େ ୫ଟାରେ ଖଲ୍ଲିକୋଟ ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ନାରାୟଣୀ ଛକରେ ଚାଳକ ଭାରସାମ୍ୟ ହରାଇବାରୁ କାର୍‌ଟି ଓଲଟି ପଡ଼ିଥିଲା। ଗାଡ଼ି ଭିତରୁ ଆହତମାନଙ୍କୁ ତୁରନ୍ତ ଉଦ୍ଧାର କରି ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ନାସିର୍‌ଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ଗୁରୁତର ୨ ନାବାଳିକା ଓ ଜଣେ ପୁରୁଷ ଏବଂ ଜଣେ ମହିଳାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି।

# ପ୍ରେମିକ ବାଇକ୍‌ରୁ ଖସି ପ୍ରେମିକା ମୃତ

ବାଲିଗୁଡ଼ା, ୧୭।୭ (ସମିସ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ୫୯ ନମ୍ବର ଜାତୀୟ ରାଜପଥର ସୀତାପଡ଼ି ନିକଟରେ ଏକ ଅଭାବନୀୟ ଘଟଣା ଘଟିଛି। ପ୍ରେମିକ ବାଇକ୍‌ରୁ ଖସି ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଛି। ମୃତ ଯୁବତୀଜଣଙ୍କ ହେଲେ, କୋଟଗଡ଼ ଥାନା ରାଣୀପଙ୍ଗା ଗାଁର ସୋନାଲି ପ୍ରଧାନ। ସେ ଫୁଲବାଣୀର ଏକ ଶିକ୍ଷାନୁଷ୍ଠାନର ନର୍ସିଂ ଦ୍ୱିତୀୟ ବର୍ଷର ଛାତ୍ରୀ। ତେବେ ସୋନାଲିଙ୍କ ମୃତ୍ୟୁକୁ ତାଙ୍କ ପରିବାରଲୋକ ସହଜରେ ଗ୍ରହଣ କରିପାରିନାହାନ୍ତି। ତାଙ୍କୁ ହତ୍ୟା କରାଯାଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ପୁଲିସ୍ ସୋନାଲିଙ୍କ ପ୍ରେମିକ ଦୀପୁ ନାୟକକୁ ଅଟକ ରଖି ପଚରାଉଚରା ଚଳାଇଛି। ସୋନାଲି ଆଜି ଫୁଲବାଣୀରୁ ଗାଁକୁ ଫେରୁଥିଲେ। ଫୁଲବାଣୀରୁ ବସ୍ ଯୋଗେ ବାଲିଗୁଡ଼ା ଆସିବା ପରେ ବସ୍‌ଷ୍ଟାଣ୍ଡରୁ ନିଜ ଗାଁକୁ ନଯାଇ ବେଲଘର ଥାନା ଅଞ୍ଚଳର ପ୍ରେମିକ ଦୀପୁ ନାୟକଙ୍କ ସହ ବାଇକ୍‌ରେ

### ହତ୍ୟା ଅଭିଯୋଗ ଆଣିଲେ ପରିବାରଲୋକେ

କେଉଁଆଡ଼େ ଯାଇଥିଲେ। ତେବେ ଦୁର୍ଭାଗ୍ୟକୁ ରାସ୍ତାରେ ସେ ବାଇକ୍‌ରୁ ଖସି ପଡ଼ି ପ୍ରାଣ ହରାଇଥିଲେ। ଦୀପୁଙ୍କ ବେପରୁଆ ବାଇକ୍ ଚାଳନା ଯୋଗୁଁ ସେ ଖସି ପଡ଼ିଥିବା କୁହାଯାଉଛି। ପୁଲିସ୍ ଦୀପୁକୁ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି। ଏହାସହ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପୁଲିସ୍ ତାଙ୍କ ଶବକୁ ପରିବାରକୁ ହସ୍ତାନ୍ତର କରିଛି।

# ମହିଳା ଫାଇନାନ୍ସ କର୍ମଚାରୀଙ୍କ ସନ୍ଦେହଜନକ ମୃତ୍ୟୁ



ଆଳି, ୧୭।୭ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ଦେମାଳ ପଞ୍ଚାୟତ ଲୋକାପଡ଼ା ଗ୍ରାମରେ ଘରଭଡ଼ା ନେଇ ରହୁଥିବା ଜଣେ ଯୁବତୀ ଫ୍ୟାନରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବତୀଜଣଙ୍କ ହେଲେ, ଯାଜପୁର ଜିଲ୍ଲା ଛତିଆ ଅଞ୍ଚଳର ଯୁବତୀ ରଶ୍ମିତା ଜେନା (୨୨)। ସେ ଏକ ଫାଇନାନ୍ସ ସଂସ୍ଥାରେ କାମ କରୁଥିଲେ। ସୂଚନା ମୁତାବକ, ରଶ୍ମିତା ଲୋକାପଡ଼ା ଗ୍ରାମରେ ତାଙ୍କର ଅନ୍ୟ ଜଣେ ସହଯୋଗୀ ମହିଳାଙ୍କ ସହ ଭଡ଼ା ନେଇ ରହୁଥିଲେ। ଦୁହେଁ ଏକ ବେସରକାରୀ ଫାଇନାନ୍ସ ସଂସ୍ଥାରେ କାମ କରୁଥିଲେ। ରଶ୍ମିତାଙ୍କ ସହଯୋଗୀଙ୍କ କହିବା ଅନୁସାରେ, ଦୁଇଦିନ ଧରି ସେ ମାନସିକ ଅବସାଦ ମଧ୍ୟରେ ଥିବା ବେଳେ ଖାଦ୍ୟ ମଧ୍ୟ ଖାଇନଥିଲେ। ଆଜି ସେ ଛୁଟି ନେଇ ଘରେ ଏକାକୀ ଥିଲେ। ଏହି ସମୟରେ ସେ ଭିତରପଟୁ କବାଟ ବନ୍ଦ କରି ରଶିରେ ଝୁଲି ପଡ଼ିଥିଲେ। ଖବର ପାଇ ଆଳି ପୁଲିସ କବାଟ ଭାଙ୍ଗି ରଶ୍ମିତାଙ୍କୁ ଉଦ୍ଧାର କରିଥିଲା। ତେବେ କେଉଁ କାରଣରୁ ସେ ଏପରି ଏକ ଚରମ ପଦକ୍ଷେପ ନେଲେ, ତାହା ଜଣାପଡ଼ିନାହିଁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପାଟନା ହସ୍ପିଟାଲ୍‌ରେ...

ଅପରାଧୀଙ୍କୁ ପିସ୍ତଲ ସହ ଦେଖିବାକୁ ମିଳିଛି। ସେମାନଙ୍କର ବୟସ ୩୫ରୁ ୪୦ ବର୍ଷ ମଧ୍ୟରେ ହେବ। ପିସ୍ତଲ ବାହାର କରି ସେମାନେ ହସପିଟାଲ ୱାର୍ଡ ଭିତରେ ପଶି ଚନ୍ଦନ ମିଶ୍ରାକୁ ଗୁଳି କରି ହତ୍ୟା କରିଥିଲେ। ୩୦ ସେକଣ୍ଡ ମଧ୍ୟରେ ହତ୍ୟାକାଣ୍ଡ ଘଟାଇ ହସପିଟାଲରୁ ବାହାରି ଯାଇଥିଲେ। ଏମାନେ ଚନ୍ଦନକୁ ଗୁଳି ମାରୁଥିବାର ଭିଡିଓ ମଧ୍ୟ ରେକର୍ଡ କରିଥିବା କୁହାଯାଉଛି। ଚନ୍ଦନ ବକ୍ସର ଜେଲ୍‌ରୁ ଭାଗଲପୁର ଓ ଭାଗଲପୁରରୁ ପାଟନାର ବେଉର ଜେଲରେ ସଜା କାଟୁଥିଲା।

ବିହାରର ବକ୍ସରରେ ରହୁଥିବା ଚନ୍ଦନ ଜଣେ ବଡ଼ ଗ୍ୟାଙ୍ଗଷ୍ଟର ଥିଲା। ତା ବିରୋଧରେ ୧୨ରୁ ଅଧିକ ହତ୍ୟା ମାମଲା ରୁଜୁ ହୋଇଛି ବୋଲି ପୁଲିସ କହିଛି। ସେ ଅପହରଣ କରିବା ସହ ଦାଦା ବଟି ଆଦାୟ କରିଥାଏ। ସେ ବିହାରର କେତୋଟି ସହରରେ ଖୋଲାଖୋଲି ଭାବେ ଘୋଷଣା କରି ହତ୍ୟା କରିଥାଏ। ବକ୍ସରର ଜଣେ ଜଣାଶୁଣା ବ୍ୟବସାୟୀଙ୍କୁ ହତ୍ୟା କରିଥିଲା। ଏହି ହତ୍ୟାକାଣ୍ଡରେ ଚନ୍ଦନର ସାଙ୍ଗ ଶେରୁ ସିଂ ବି ସାମିଲ ଥିଲା। ପରେ କୌଣସି କାରଣ ପାଇଁ ଦୁହେଁ ପରସ୍ପରଠାରୁ ଅଲଗା ହୋଇଥିଲେ। ଏହାପରେ ଶେରୁ ପୃଥକ ଭାବେ ନିଜର ଗ୍ୟାଙ୍ଗ୍ ଗଠନ କରିଥିଲା। ବର୍ତ୍ତମାନ ଶେରୁ ଗ୍ୟାଙ୍ଗ ଚନ୍ଦନକୁ ମାରିଛି ବୋଲି ପୁଲିସ ସନ୍ଦେହ କରୁଛି। ଚନ୍ଦନ ପାରୋଲ୍‌ରେ ୧୫ ଦିନ ପାଇଁ ଜେଲ ବାହରକୁ ଆସିଥିଲା। ଶୁକ୍ରବାର ତା'ର ପାରୋଲ ଶେଷ ହୋଇଥାନ୍ତା। କିନ୍ତୁ ଏହା ପୂର୍ବରୁ ସେ ହତ୍ୟାର ଶିକାର ହୋଇଛି। ଅସୁସ୍ଥ ହେବାରୁ ତାକୁ ପାଟନାର ପାରସ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା।

## ବନ୍ଦ ସ୍ୱତଃସ୍ଫୂର୍ତ୍ତ...

ସଭାପତିଙ୍କ ସମେତ କଂଗ୍ରେସ ଓ ବାମ ଦଳର ବହୁ ନେତା ରାଜରାସ୍ତାକୁ ଓହ୍ଲାଇଥିଲେ। ବନ୍ଦ ପାଳନ ସହ କୌଣସି ସ୍ଥାନରେ ଯେପରି ହିଂସାତ୍ମକ ସ୍ଥିତି ସୃଷ୍ଟି ନ ହୁଏ ସେଥିପ୍ରତି ରାଜନୈତିକ ଦଳମାନେ ଗୁରୁତ୍ୱ ଦେଇଥିଲେ। ବିଭିନ୍ନ ଦଳର ନେତାମାନେ ଭାଗ ଭାଗ ହୋଇ ରାଜଧାନୀର ଛକ ଛକରେ ପିକେଟିଂ କରିଥିଲେ କଂଗ୍ରେସ କର୍ମୀ। କିଛି ସ୍ଥାନରେ ଗୋଲାପ ଓ ଚକଲେଟ୍ ଦେଇ ସାଧାରଣ ଲୋକଙ୍କୁ ସହଯୋଗ କରିବାକୁ ନେତାମାନେ ନିବେଦନ କରିଥିଲେ। ରେଳ ଷ୍ଟେସନରେ ପଶିବାକୁ ଉଦ୍ୟମ କରୁଥିବା ବେଳେ କଂଗ୍ରେସ କର୍ମୀଙ୍କ ସହ ସୁରକ୍ଷାକର୍ମୀଙ୍କର ଧସ୍ତାଧସ୍ତି ହୋଇଥିଲା। ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଭିତରେ ଯୁବ କଂଗ୍ରେସର କର୍ମୀମାନେ ଏକ ବାଇକ ରାଲିରେ ଆସି ଲୋକସେବା ଭବନ ଘେରାଉ ପାଇଁ ଉଦ୍ୟମ କରିଥିଲେ। ବ୍ୟାରିକେଡ୍ ଡେଇଁ ଧସେଇ ପଶିବାକୁ ଉଦ୍ୟମ କରିବାବେଳେ ପିସିସି ସଭାପତିଙ୍କ ସମେତ ଅନ୍ୟ ନେତାମାନଙ୍କୁ ପୁଲିସ ଗାନ୍ଧୀମାର୍ଗରୁ ଉଠାଇ ନେଇଥିଲା। ଛାତ୍ରୀଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ ବୋଲି ସରକାରଙ୍କୁ କଂଗ୍ରେସ ଚେତାବନୀ ଦେଇଥିବା ବେଳେ ଛାତ୍ର କଂଗ୍ରେସ ଜାତୀୟ ସଭାପତି ବରୁଣ ଚୌଧୁରୀ ଓ ମହିଳା କଂଗ୍ରେସ ସଭାନେତ୍ରୀ ଅଲକା ଲାମ୍ବା ମଧ୍ୟ ବନ୍ଦରେ ଅଂଶଗ୍ରହଣ କରିଥିଲେ। ୩୦ ଟି ଜିଲ୍ଲାରେ କଂଗ୍ରେସ ନେତୃବର୍ଗ ସରକାରଙ୍କ ବିରୋଧରେ ପ୍ରତିବାଦର ସ୍ୱର ଶାଣିତ କରିଛନ୍ତି। ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ଯେ ଏ ଲଢ଼େଇ କେବଳ କଂଗ୍ରେସର ନୁହେଁ ଓଡ଼ିଶାବାସୀଙ୍କର ଲଢ଼େଇ। ଆଜି ସବୁ ବିରୋଧୀ ଦଳ ଏକଜୁଟ ହୋଇ ଛାତ୍ରୀକୁ ନ୍ୟାୟ ଦେବା ପାଇଁ ଆଗେଇ ଆସିଛନ୍ତି। ଏ ସଂଗ୍ରାମର ଅବଧି ଯେତେ ଦୀର୍ଘ ହେଉ ପଛେ ଆମ ଝିଅ ପାଇଁ ଆମେ ଲଢ଼ିବା। ରାଜ୍ୟ ସରକାରଙ୍କ ବ୍ୟବସ୍ଥା ସମ୍ପୂର୍ଣ୍ଣ ଫେଲ ମାରିଛି। ମୁଖ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ପିସିସି ସଭାପତି କହିଛନ୍ତି। ସେହିପରି ଓଡ଼ିଶା ବନ୍ଦ ଆନ୍ଦୋଳନରେ ସାମିଲ ହୋଇ କଂଗ୍ରେସ ରାଜ୍ୟ ପ୍ରଭାରୀ ଅଜୟ ଲଲୁ କହିଛନ୍ତି, ଜଣେ ଛାତ୍ରୀ ନ୍ୟାୟ ନପାଇ ଆହୁତି ଦେଲା ଏବଂ ଶେଷରେ ଜୀବନ ଚାଲିଗଲା। ଏ ସରକାର ନ୍ୟାୟ ଦେବାରେ ବିଫଳ ହୋଇଛି। କଂଗ୍ରେସ ଛାତ୍ରୀକୁ ନ୍ୟାୟ ଦେବା ପାଇଁ ରାଜରାସ୍ତାକୁ ଓହ୍ଲାଇଛି। ଆଗକୁ ଏ ଆନ୍ଦୋଳନକୁ ଅଧିକ ତୀବ୍ର କରିବ କଂଗ୍ରେସ। ଛାତ୍ରୀ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ, ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦିଅନ୍ତୁ ବୋଲି ଶ୍ରୀ ଲଲ୍ଲୁ କହିଛନ୍ତି।

ବଜାର, ପରିବହନ, ଶିକ୍ଷାନୁଷ୍ଠାନ, ସରକାରୀ ଅଫିସ୍, ଅଦାଲତ, ବ୍ୟାଙ୍କ୍ ଏବଂ ବୀମା ଭଳି ରାଷ୍ଟ୍ରାୟତ ଉଦ୍ୟୋଗ ଆଗରେ ଆନ୍ଦୋଳନକାରୀମାନେ ବିକ୍ଷୋଭ ପ୍ରତିବାଦ ଜଣାଇଛନ୍ତି। ମୁଖ୍ୟତଃ ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ମୃତ୍ୟୁ ଘଟଣାର ବିଚାର ବିଭାଗୀୟ ତଦନ୍ତ, ଉଚ୍ଚ ଶିକ୍ଷା ମନ୍ତ୍ରୀ, ବାଲେଶ୍ୱର ସାଂସଦ, ବାଲେଶ୍ୱର ସଦର ବିଧାୟକ ନିଜ ପଦରୁ ଇସ୍ତଫା ଦେବା ପାଇଁ ବନ୍ଦ ବେଳେ ମିଳିତ ବିରୋଧୀ ଦଳ ପକ୍ଷରୁ ଦୃଢ଼ ଭାବରେ ଦାବି କରଯାଇଛି। ବାଲେଶ୍ୱର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯିବା ସହ ଡବଲ ଇଞ୍ଜିନ ବିଜେପି ସରକାରଙ୍କ କୁଶାସନ ବିରୋଧରେ ଏହି ବନ୍ଦ ଡକରା ଦିଆଯାଇଥିଲା ବୋଲି ମିଳିତ ବିରୋଧୀଦଳ ପକ୍ଷରୁ କୁହାଯାଇଛି।

## କେନ୍ଦ୍ର ପାଇଁ...

ସଂସଦରେ ଉଠାଇବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ଆସନ୍ତା ମୌସୁମୀ ଅଧିବେଶନରେ ୮ ଟି ବିଲ୍ ଆଗତ କରିବାକୁ ସରକାର ଯୋଜନା କରିଥିବା ବେଳେ ବିଭିନ୍ନ ପ୍ରସଙ୍ଗ ନେଇ ସରକାର ଓ ବିରୋଧୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ପକ୍ଷରୁ ଗ୍ରହଣ କରାଯାଇଥିବା 'ଅପରେସନ ସିନ୍ଦୂର' ଏବଂ ଅସ୍ତ୍ରବିରତିରେ ମଧ୍ୟସ୍ଥତା କରିଥିବା ନେଇ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ଦାବି ଏହି ଅଧିବେଶନରେ କଂଗ୍ରେସ ନିଶାଣ କରିବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ସାରା ଦେଶରେ ଭୋଟର ତାଲିକା ସଂଶୋଧନରେ ବିହାର ଢାଞ୍ଚା ଅବଲମ୍ବନ ପାଇଁ ନିର୍ବାଚନ କମିସନଙ୍କ ଯୋଜନାକୁ ବିରୋଧୀମାନେ ବିରୋଧ କରୁଛନ୍ତି। ଭୋଟର ତାଲିକା ସଂଶୋଧନ ନାମରେ ଲକ୍ଷ ଲକ୍ଷ ଭୋଟରଙ୍କୁ ସେମାନଙ୍କର ମତାଧିକାରୁ ବଞ୍ଚିତ କରିବାକୁ ଷଡ଼ଯନ୍ତ୍ର କରାଯାଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଆସନ୍ତା ୧୯ ତାରିଖରେ ଏ ସଂକ୍ରାନ୍ତରେ ରଣନୀତି ପ୍ରସ୍ତୁତ ନିମନ୍ତେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଏହି ମେଣ୍ଟ ବୈଠକ ଡାକିଛନ୍ତି।

## କ୍ରାଇମବ୍ରାଞ୍ଚ ଟିମ୍‌ର...

ପେଟ୍ରୋଲ ପମ୍ପରୁ ପେଟ୍ରୋଲ କିଣିଥିବା ଅନୁମାନ କରି କ୍ରାଇମବ୍ରାଞ୍ଚ ସେ ଦିଗରେ ମଧ୍ୟ ତଦନ୍ତ କରିଛି। ସେହିପରି ପୀଡ଼ିତାଙ୍କୁ କିଏ ଦିଆସିଲି ଦେଇଥିଲେ, ତାହା ଜାଣିବାକୁ ଚେଷ୍ଟା କରିଛି। ଏଥିପାଇଁ କଲେଜ ପରିସର ଓ ବାହାରେ ଲାଗିଥିବା ସିସିଟିଭି ଏବଂ ନିକଟସ୍ଥ ପେଟ୍ରୋଲ ପମ୍ପର ସିସିଟିଭି ଉପରେ କ୍ରାଇମବ୍ରାଞ୍ଚ ଟିମ୍ ଅଧିକ ଗୁରୁତ୍ୱାରୋପ କରିଛି।

ଅନ୍ୟପଟେ, ଘଟଣା ଦିନ କଲେଜ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପୀଡ଼ିତା ପେଟ୍ରୋଲ ଢାଳି ନିଜ ଦେହରେ ନିଆଁ ଲଗାଉଥିବା ବେଳେ ତାଙ୍କୁ କାହିଁକି କେହି ବାରଣ କରିନଥିଲେ, ତାହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଏପରିକି, ଛାତ୍ରୀଜଣଙ୍କ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇବାକୁ ଉଦ୍ୟମ କରୁଥିବା ବେଳେ ତାଙ୍କଠାରୁ କିଛି ଦୂରରେ ଜଣେ ଛାତ୍ର ଠିଆ ହୋଇ ମୋବାଇଲରେ ଭିଡିଓ ରେକର୍ଡିଂ କରୁଥିଲେ, ଯାହାକି ସିସିଟିଭି ଫୁଟେଜ୍‌ରେ କଏଦ୍ ହୋଇଛି। ଏହି ସିସିଟିଭି ଫୁଟେଜକୁ ମଧ୍ୟ କ୍ରାଇମବ୍ରାଞ୍ଚ ଟିମ୍ ତଦନ୍ତ ପରିସରକୁ ନେଇଛି।

ଅପରପକ୍ଷେ, ଘଟଣା ଘଟିବାର କିଛି ଘଣ୍ଟା ପୂର୍ବରୁ ଗିରଫ ଅଧ୍ୟକ୍ଷ ଦିଲ୍ଲୀପ ଘୋଷଙ୍କ କାର୍ଯ୍ୟାଳୟରେ ଛାତ୍ରୀଙ୍କୁ ନେଇ ଏକ ବୈଠକ ହୋଇଥିଲା। ବୈଠକ ପରେ ବାହାରକୁ ଆସି ଛାତ୍ରୀଜଣଙ୍କ ହଠାତ ଏଭଳି ଘଟଣା କାହିଁକି ଘଟାଇଲେ, ତା' ଉପରେ ମଧ୍ୟ ଟିମ୍ ଅଧିକ ଗୁରୁତ୍ୱ ଦେଇଛି। ସେହିପରି, ଛାତ୍ରୀଙ୍କ ଅଭିଯୋଗର ଶୁଣାଣି ପାଇଁ ଗଠିତ ହୋଇଥିବା ଆଭ୍ୟନ୍ତରୀଣ ଅଭିଯୋଗ କମିଟି(ଆଇସିସି)ର ସମସ୍ତ ସଦସ୍ୟଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ପଚରାଉଚରା କରିଛି।

କ୍ରାଇମବ୍ରାଞ୍ଚ ଟିମ୍‌ର ଡିଏସ୍‌ପି ଶ୍ରୀମତୀ ନାୟକ କହିଛନ୍ତି ଯେ ଆମେ ତଦନ୍ତ ଆରମ୍ଭ କରିଛୁ। ସମସ୍ତ ତଥ୍ୟ ଯୋଗାଡ଼ ଚାଲିଛି। ସବୁ ଦିଗ ଉପରେ ଗୁରୁତ୍ୱାରୋପ କରାଯିବ। ଆଇସିସି କମିଟିର ସମସ୍ତ ସଦସ୍ୟ ସାଙ୍ଗକୁ ଛାତ୍ର ଏବଂ କଲେଜ କର୍ମଚାରୀଙ୍କୁ ପଚରାଉଚରା କରାଯିବ।

ଅପରପକ୍ଷେ ଏସ୍‌ସିବି ବର୍ଣ୍ଣ ୟୁନିଟ୍ ଆଇସିୟୁରେ ଚିକିତ୍ସାଧୀନ ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟ ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳଙ୍କୁ କ୍ରାଇମବ୍ରାଞ୍ଚ ପଚରାଉଚରା କରିଛି। ପ୍ରାୟ ୩ ଘଣ୍ଟା ଧରି କ୍ରାଇମବ୍ରାଞ୍ଚର ଦୁଇଜଣିଆ ଟିମ୍ ଆଜି ବର୍ଣ୍ଣ ୟୁନିଟରେ ରହିଥିଲେ। ଅପରାହ୍ନ ୧ଟାରେ ବଡ଼ ମେଡ଼ିକାଲରେ ପହଞ୍ଚି ୪ଟାରେ ଫେରିଥିଲେ। ସମ୍ପୃକ୍ତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଦେବା ସମୟରେ ଜ୍ୟୋତିପ୍ରକାଶ ସେଠାରେ ଉପସ୍ଥିତ ଥିଲେ। ଏପରିକି, ସୌମ୍ୟାଶ୍ରୀଙ୍କୁ ବଞ୍ଚାଇବାକୁ ଯାଇ ତାଙ୍କ ଶରୀରର ୧୫ ପ୍ରତିଶତ ପୋଡ଼ି ହୋଇଛି। ସୌମ୍ୟାଶ୍ରୀ ଦେହରେ ନିଆଁ ଲଗାଇବା ପୂର୍ବରୁ ଜ୍ୟୋତିପ୍ରକାଶ ସେଠାରେ ଛିଡ଼ା ହୋଇ ଭିଡିଓ ଉତ୍ତୋଳନ କରୁଥିବା ମଧ୍ୟ ସିସି କ୍ୟାମେରା ଫୁଟେଜରୁ ସ୍ପଷ୍ଟ ହୋଇଛି। ପ୍ରାଧ୍ୟାପକଙ୍କଠାରୁ ନିର୍ଯାତନା ପାଇବାରୁ ଆରମ୍ଭ କରି ବାରମ୍ବାର ନ୍ୟାୟ ଭିକ୍ଷା କରି ବିଫଳ ହେବା ପର୍ଯ୍ୟନ୍ତ ସମସ୍ତ ପ୍ରସଙ୍ଗରେ ସୌମ୍ୟାଶ୍ରୀଙ୍କ ବାବଦରେ ବିଭିନ୍ନ ତଥ୍ୟ ଯୋଗାଡ଼ କରିବାକୁ କ୍ରାଇମବ୍ରାଞ୍ଚ ଚେଷ୍ଟା କରିଥିବା କୁହାଯାଇଛି।

ପ୍ରକାଶଯୋଗ୍ୟ, ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ବଞ୍ଚାଇବାକୁ ଯାଇ ପୋଡ଼ି ହୋଇଥିବା ଜ୍ୟୋତିପ୍ରକାଶ ବିଶ୍ୱାଳ ଏସ୍‌ସିବିରେ ଚିକିତ୍ସିତ ହେଉଛନ୍ତି। ଘଟଣା ଦିନ ସେ ସୌମ୍ୟାଶ୍ରୀଙ୍କୁ ରକ୍ଷା କରିବାକୁ ଯଥେଷ୍ଟ ଉଦ୍ୟମ କରିଥିଲେ। ଏଥିରେ ତାଙ୍କର ଦୁଇଟି ହାତ, ବାହୁ ଓ ମୁହଁ ପୋଡ଼ିଛି। ତାଙ୍କର ଶ୍ୱାସନଳୀ ମଧ୍ୟ ସାମାନ୍ୟ ପୋଡି ହୋଇଛି। ସ୍ପାଇରୋମିଟ୍ରି ଏକ୍ସରସାଇଜ୍ କରାଯାଉଥିବା ବେଳେ ହାତର ସ୍କିନ ଗ୍ରାଫଟିଂ ହେବ ବୋଲି ଏସ୍‌ସିବି ଡାକ୍ତର କହିଛନ୍ତି। ପ୍ଲାଷ୍ଟିକ ସର୍ଜରୀ ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ବିଭୂତି ଭୂଷଣ ନାୟକଙ୍କ ନେତୃତ୍ୱରେ ଗଠିତ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଜ୍ୟୋତିପ୍ରକାଶଙ୍କ ଚିକିତ୍ସା କରୁଛି।

## ଆଜିଠୁ ଉଚ୍ଚସ୍ତରୀୟ...

କରିବ। କାହାର ଦାୟିତ୍ୱହୀନତା ପାଇଁ ଛାତ୍ରୀ ନିଜକୁ ଜାଳିଦେଲେ ତାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବ।

ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ବାଲେଶ୍ୱର ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଉଚ୍ଚସ୍ତରୀୟ କମିଟି ଶୁକ୍ରବାର ଓ ଶନିବାର କଲେଜରେ ତନାଘନା କରିବ। ତଦନ୍ତ କମିଟିରେ ଅଧକ୍ଷା ଥିବା ସହକାରୀ ପ୍ରାଧ୍ୟାପକ ଡ. ଜୟଶ୍ରୀ ମିଶ୍ରଙ୍କ ସମେତ ମୋଟ ୯ ଜଣଙ୍କୁ ବିଭିନ୍ନ ପ୍ରଶ୍ନ କରିବ। ସମସ୍ତଙ୍କୁ ବ୍ୟକ୍ତିଗତ ଭାବେ ହାଜର ହୋଇ ଜବାବ ରଖିବାକୁ କୁହାଯାଇଛି। ଅପରପକ୍ଷରେ, ସଦସ୍ୟ ଥିବା ଅନ୍ୟ ଜଣେ ଛାତ୍ର ମଧ୍ୟ ଆଂଶିକ ପୋଡ଼ି ଯାଇଥିବାରୁ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତଦନ୍ତ କମିଟି ଆଗରେ ସେ ହାଜର ହେବେନାହିଁ ବୋଲି କୁହାଯାଇଛି। ସୂଚନାଯୋଗ୍ୟ ଗତ ଜୁଲାଇ ୧୩ ତାରିଖରେ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ ନେତୃତ୍ୱରେ ଏକ ୩ଜଣିଆ ଉଚ୍ଚସ୍ତରୀୟ କମିଟି ପ୍ରାଥମିକ ତଦନ୍ତ କରି ଅନ୍ତରୀଣ ରିପୋର୍ଟ ଦାଖଲ କରିଛି।

## ଛାତ୍ରୀଙ୍କୁ ଯୌନ...

ପରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ମଧ୍ୟ ତାଙ୍କୁ ନିଲମ୍ବିତ କରାଯାଇଛି। ଅଧ୍ୟାପକଙ୍କ ଏହି କଳା କାରନାମା ପଦାକୁ ଆସିବା ପରେ ବୁଦ୍ଧିଜୀବୀ, ସମାଜସେବୀ, ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭୀଷଣ ଅସନ୍ତୋଷ ଦେଖାଦେଇଛି। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିକ୍ଷୋଭକାରୀମାନେ କଲେଜ କର୍ତ୍ତୃପକ୍ଷଙ୍କୁ ଦାୟୀ କରିବା ସହ ଇସ୍ତଫା ଦେବାକୁ ନାରାବାଜି କରିଥିଲେ।

## ନ୍ୟାୟ ଅପେକ୍ଷାରେ...

ପ୍ରକାଶ ଯେ, ଗତ ଫେବ୍ରୁଆରୀ ୧୯ ତାରିଖ ଦିନ ପଟ୍ଟାମୁଣ୍ଡାଇ କଲେଜରେ ପରୀକ୍ଷା ଚାଲିଥିବା ସମୟରେ ଛାତ୍ରୀ ସୌମ୍ୟା ଶାଶ୍ୱତୀ ନାୟକ ଦୁର୍ବ୍ୟବହାରର ଶିକାର ହେବା ପରେ ମାନସିକ ଭାରସାମ୍ୟ ହରାଇ ୨୪ ତାରିଖରେ ଆତ୍ମହତ୍ୟା କରିଥିଲେ। ଘଟଣାରେ ମୃତା ଛାତ୍ରୀଙ୍କ ମାଆ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଏତଲା ଦେବାକୁ ଚାହିଁଥିଲେ। ହେଲେ ପୁଲିସ କଲେଜ ବିରୁଦ୍ଧରେ ଏତଲା ନଦେବାକୁ ତାଙ୍କ ଉପରେ ଚାପ ପକାଇଥିବା ମୃତା ଛାତ୍ରୀଙ୍କ ମାଆ ଅଭିଯୋଗ କରିଥିଲେ। ଘଟଣାରେ ଏବିଭିପି ରାଜ୍ୟ ସଂଗଠନ ପକ୍ଷରୁ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାକୁ ଘେରଉ କରାଯାଇଥିଲା। କେନ୍ଦ୍ରାପଡ଼ା ଜିଲ୍ଲା ଗସ୍ତରେ ଆସିଥିବା ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଭେଟି ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ଉଚ୍ଚ ଶିକ୍ଷାମନ୍ତ୍ରୀ ଘଟଣାର ତଦନ୍ତ କରାଯିବାକୁ ପ୍ରତିଶ୍ରୁତି ଦେଇଥିଲେ। ମାମଲାରେ ଅଧ୍ୟକ୍ଷଙ୍କୁ ପକ୍ଷଭୁକ୍ତ କରି ତାଙ୍କ ଗିରଫ ଦାବି କରିଥିଲା ଏବିଭିପି ରାଜ୍ୟ ସଂଗଠନ।

ଗ୍ରାମାଞ୍ଚଳ ଥାନା ପୁଲିସ ଘଟଣାକୁ ଗମ୍ଭୀରତା ସହ ନେଇ ତଦନ୍ତ ତ୍ୱରାନ୍ୱିତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ହେଁ ଏହା ପାଳନ ହୋଇନାହିଁ। ଛାତ୍ର କଂଗ୍ରେସ ପକ୍ଷରୁ ମଧ୍ୟ ଏହି ଘଟଣାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇ ସାମ୍ବାଦିକ ସମ୍ମିଳନୀ କରାଯିବା ସହିତ ମୃତା ଛାତ୍ରୀଙ୍କ ପରିବାରକୁ ଭେଟିଥିଲା ସଂଗଠନ। ପୁନଶ୍ଚ ରାଜ୍ୟ ମାନବିକ ଅଧିକାର ପରିଷଦ ସଭାନେତ୍ରୀ ସସ୍ମିତା ଦାସ ଓ ଜିଲ୍ଲା ସଭାପତି ପ୍ରତାପ ଚନ୍ଦ୍ର ପାଢୀ ମଧ୍ୟ ଏସପିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରି କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଥିଲେ। ଘଟଣାକୁ ୫ ମାସ ବିତି ଯିବା ପରେ ମଧ୍ୟ ଛାତ୍ରୀ ଆତ୍ମହତ୍ୟା ଘଟଣାରେ ସମ୍ପୃକ୍ତ ଦୋଷୀମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆନଯିବା ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।


**AFFIDAVIT**

By virtue of an affidavit no. 64, dtd. 08.04.2025 in the Court of Executive Magistrate, Bhubaneswar, I, Bhaskar Digal, RAY-137, Biseswar Basti, Bani Vihar, Bhubaneswar-751004 have changed my minor son's name from Papun Digal to Madhaba Digal. Henceforth, he shall be known as **Madhaba Digal** for all purposes.

Sd/- Bhaskar Digal

**AFFIDAVIT**

I Kalwant Kaur, ages about 68years, W/o – Santokh Singh, resident of At-LIG-116, Brit Colony, Near Debray College, PS-Nayapalli, Bhubaneswar-751012, declare by this Affidavit No-447 dated 15/07/2025 that now onwards I shall be known as **Kulwant Kaur** for all future purposes.

**AFFIDAVIT**

I, Madhumita Agrawal, W/o: Sushil Kumar Agarwal, Resident of Plot No.: 691, Digital Door No.: 074, Keuta Sahi (K11), Choudhury Bazar, PO: Chandnichowk, PS: Purighat, Dist.: Cuttack, Odisha, declared by this affidavit No.: 72AA 494850 dtd 16.07.2025 that now onwards I shall be known as **MADHUMITA AGARWAL** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate Darpan, Dhanamandala and Affidavit no.2325 dated 09.07.25. I Amrit Mahanta, S/o-Bhajamana Mahanta, Village/ Purnachandrapur, Po- Kalakala, PS- Byree, Dist.- Jajapur, Pin-754082 have changed my name from Ambrit Mahanta to **Amrit Mahanta.** Henceforth, I shall be known as **Amrit Mahanta** for all purposes.

**AFFIDAVIT**

I, Sushil Kumar Agrawal, S/o: Motilal Agarwal Resident of Plot No.: 691, Digital Door No.: 074, Keuta Sahi (K11), Choudhury Bazar, PO: Chandnichowk, PS: Purighat, Dist.: Cuttack, Odisha, declared by this affidavit No.: 73AA 111901 dtd 16.07.2025 that now onwards I shall be known as **SUSHIL KUMAR AGARWAL** for all future purposes.

**AFFIDAVIT**

I, Manasa Kumar Das, S/o- Late, Surendra Nath Das, resident of ward No.- 8, Panchughanta, Po/Ps. - Jaleswar, Dist. - Baleswar, Pin.-756032, Odisha declare by this affidavit No.- 650 Dtd. - 02/05/2025 that now onwards I Shall be known as **MANAS KUMAR DAS** for all future purposes.

**NOTICE**

By virtue of an affidavit sworn before the Executive Magistrate, Cuttack, dated 07.07.2025 I, Jyoshnamayee Barik, W/o-Pravakar Barik, resident of At-Mathasahi, Tulasipur, VTC, Cuttack Sadar, Cuttack, Pin-753008 have changed my name from Jyotshnamayee Barik to Jyoshnamayee Barik. Henceforth, I shall be known as **Jyoshnamayee Barik** for all purposes.

Jyoshnamayee Barik

**AFFIDAVIT**

I, Seemarani Nayak, aged about 61 years, W/o- Dharanidhar Nayak, resident of At-Mardarajapur, Po-Rasol, Dist- Dhenkanal Pin-759021, Odisha declared by this affidavit No. 590, dtd- 16/07/2025 that now onwards I shall be known as **SIMARANI NAYAK** for all future purposes.

B-307

GOVERNMENT OF ODISHA
OFFICE OF THE SUPERINTENDING ENGINEER, MALKANGIRI (R&B) DIVISION, MALKANGIRI
E-Procurement Notice
Bid Identification No. S.E (R&B)- MLK-06/2025-26
No. 3953 Date. 14.07.2025

| | |
|---|---|
| 1. Name of the work: | Building Work |
| 2. Total No. of Works: | Civil & E.I Work 02 Nos. |
| 3. Estimated cost: | Rs.15.18 to 43.54 lakhs |
| 4. Period of completion: | 01 (one) months To 03 (Three) Month |
| 5. Date & time of availability of bid document in the portal: | From 11.00 hrs. Of 21.07.2025 To 16.00 hrs. of 01.08.2025 |
| 6. Last date / Time for receipt of bids in the Portal; | 16.00 hours of 01.08.2025 |
| 7. Date of opening of Tender; | 11.00 hours of 02.08.2025 |
| 8. Name and address of the Officer Inviting Bid: | Superintending Engineer Malkangiri(R&B) Division |

Further details can be seen from the e-procurement portal https://tendersorissa.gov.in

Superintending Engineer
Malkangiri (R&B) Division

OIPR-34063/11/0016/2526

**AFFIDAVIT**

I, Somyashree Biswal, aged about 46 years, W/o- Jitendra Biswal, resident of Jorabaga, Belpahar, Dist-Jharsuguda, Pin-768217, Odisha declared by this affidavit No. CF-1070, dtd- 02/05/2025 that now onwards I shall be known as **CHINMAYEE BISWAL** for all future purposes.

VEER SURENDRA SAI UNIVERSITY OF TECHNOLOGY
PO- ENGINEERING COLLEGE BURLA, DIST-SAMBALPUR,ODISHA-768018
www.vssut.ac.in

No.VSSUT/PGS&R/ 968/2025 Date: 17.07.2025

ADMISSION NOTICE
M.Tech Programme (Aerospace Engineering)

The Veer Surendra Sai University of Technology, Burla invites application for admission into the following Full Time Regular M.Tech. Programme in Aerospace Engineering w.e.f. 19.07.2025, offered by Centre for Space Sciences. The last date for applying online is **29.07.2025**. The interested candidates may apply online. Candidates have to pay a non-refundable application fee **of Rs.500/- (Rs.200/- in case of SC/ST candidates) for completing online application form.** The candidates have to send the duly filled in and signed copy of online application along with other relevant documents, such as - mark sheets, certificates etc., as applicable, by **Speed/Regd. Post only** so as to reach the **Dean, PGS&R, VSSUT, Burla, Sambalpur-768018** by **01.08.2025 (Friday), 5.00 PM.**

| Department | Specialization | Eligibility Criteria |
|---|---|---|
| Centre for Space Sciences | Aerospace Engineering | AICTE approved B.Tech., B.E., B.Sc. Engg., AMIE or equivalent in Aerospace / Aeronautical /Civil / Mechanical / Electrical / Electronics / Instrumentation /Chemical Engineering / any Allied discipline of Engineering or Technology. |

The envelope containing the application should be superscribed as "**Application for M.Tech Programme in Aerospace Engineering 2025**". *Detailed link for online application and information regarding eligibility and selection process of the programme, is available in University website www.vssut.ac.in,* The authority reserves the right to accept/reject any or all the applications or the entire selection process without assigning any reason thereof.

Sd/-
REGISTRAR

OIPR-14072/11/0029/2526 KK-142

**AFFIDAVIT**

I, Sasmita Devi, aged about 53 years, W/o- Basant Kumar Agrawal, resident of 12, Plot No-1534, Avalon valley, Kalyani Nagar, Raghunathpur Jalli, Po-KIIT, Bhubaneswar, Dist-Khurda, Pin- 751024, Odisha declared by this affidavit No. 496, dtd-05/08/2016 that now onwards I shall be known as **SASMITA DEVI AGRAWAL** for all future purposes

VEER SURENDRA SAI UNIVERSITY OF TECHNOLOGY
PO- ENGINEERING COLLEGE BURLA, DIST-SAMBALPUR,ODISHA-768018
www.vssut.ac.in

No.VSSUT/PGS&R/ 970/2025 Date: 17.07.2025

ADMISSION N OTICE
Executive M.Tech Programme (Industrial Safety)

The Veer Surendra Sai University of Technology, Burla invites application for admission into the following Full Time Regular Executive M.Tech Programme (Industrial Safety), 2nd shift in self-financing mode w.e.f. 19.07.2025, offered by Chemical and Bio-Sciences. The last date for applying online is 29.07.2025. The interested candidates may apply online. Candidates have to pay a non-refundable application fee of Rs.500/- (Rs.200/- in case of SC/ST candidates) for completing online application form. The candidates have to send the duly filled in and signed copy of online application along with other relevant documents, such as - mark sheets, certificates etc., as applicable, by **Speed/Regd. Post only** so as to reach the **Dean, PGS&R, VSSUT, Burla, Sambalpur-768018** by **01.08.2025 (Friday), 5.00 PM.**

| Department | Specialization | Eligibility Criteria |
|---|---|---|
| Chemical and Bio-Sciences | Industrial Safety (2nd shift in self-financing mode) | AICTE approved B.Tech., B.E., B.Sc. Engg., AMIE or equivalent programmes in Engineering or Technology with minimum of 2 years of experience in industry / teaching at the level of Assistant Engineer/ Lecturer/ Assistant Professor or above. The candidates are required to apply through proper channel or with NOC from the employer. |

The envelope containing the application should be superscribed as "Application for Executive M.Tech Programme in Industrial Safety 2025". Detailed link for online application and information regarding eligibility and selection process of the programme, is available in University website www.vssut.ac.in, The authority reserves the right to accept/reject any or all the applications or the entire selection process without assigning any reason thereof.

Sd/-
REGISTRAR

OIPR-14072/11/0027/2526 KK-141

**AFFIDAVIT**

I, Ashis Ranjan Mohpatra, aged about 54 years, S/o-Gourang Charan Mohapatra, resident of At-Rekha Nivas, Subhadra Nagar, Ps- Bidanasi, Dist-Cuttack, Odisha, Pin-753014 declare by this affidavit No. 1401, dtd. 17/07/2025, that now onwards I shall be known as **ASHIS RANJAN MOHAPATRA** for all future purposes.

# ପୂର୍ବତନ ବିଧାୟକଙ୍କ ବନ୍ୟାଞ୍ଚଳ ପରିଦର୍ଶନ



**ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି,୧୭।୭(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ଧୋଯାଞ୍ଚଳର ବନ୍ୟା ପରିସ୍ଥିତି ଅଧିକ ସଙ୍ଗିନ ହୋଇଛି। ୪ ଦିନ ହେବ ହଜାର ହଜାର ଲୋକ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ଗାଈଗୋରୁ ଅନାହାରରେ ଥିବା ଦେଖାଯାଇଛି। ଖବର ପାଇ ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇ ବନ୍ୟାଞ୍ଚଳ ପରିଦର୍ଶନ କରି ଲୋକଙ୍କ ସମସ୍ୟା ବୁଝିଛନ୍ତି। ଅଳପୁଆ, ତରଡିପାଳ, ପେଣ୍ଠପାଳ, ଅଣ୍ଡରା, ଅମୃତମଣୋହି, ବଲୁରିଆ ଆଦି ପଞ୍ଚାୟତ ବୁଲି ସମସ୍ୟା ଅନୁଧ୍ୟାନ କରିବା ସହିତ ରିଲିଫ୍ ଓ ଗୋଖାଦ୍ୟ ଯୋଗାଣ ତ୍ୱରାନ୍ୱିତ କରିବା ପାଇଁ ପ୍ରଶାସନ ନିକଟରେ ଦାବି କରିଛନ୍ତି। ତାଙ୍କ ସହିତ ଅକ୍ଷୟ ତରାଇ, ଶରତ ମହାନ୍ତି, ତରଡ଼ିପଳ ସରପଞ୍ଚ ଦେବବ୍ରତ ନାୟକ, ସମିତି ସଭ୍ୟ ନିରଞ୍ଜନ ବାରିକ, ବାବୁନା ବେହେରା, ଅଳପୁଆ ସମିତି ସଭ୍ୟ ରାମଚନ୍ଦ୍ର ସେଠୀ, ବରିଷ୍ଠ ନେତା ଗଗନ ମହାଲିକ, ବବ୍ରୁବାହାନ ଧଳ, ରବୀନ୍ଦ୍ର ଧଳ, ପଦ୍ମନାଭ ନାୟକ, ଅକ୍ଷୟ ରାଉତ, କିଶୋର ରାଉତ, ଦେବେନ୍ଦ୍ର ବିଶ୍ୱାଳ ପ୍ରମୁଖ ସାମିଲ ଥିଲେ।

# ମହାକାଳପଡ଼ା ପଞ୍ଚାୟତ ସମିତି ବୈଠକ



**ମହାକାଳପଡ଼ା,୧୭।୭(ସମିସ):** ମହାକାଳପଡ଼ା ପଞ୍ଚାୟତ ସମିତିର ଷଷ୍ଠ ବୈଠକ ସମିତି ସଭାଗୃହରେ ଅନୁଷ୍ଠିତ ହୋଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ମୀରାରାଣୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ ଯୋଗଦେଇ ମହାକାଳପଡ଼ାର ବିକାଶ ପାଇଁ ସମସ୍ତ ପଞ୍ଚାୟତ ପ୍ରତିନିଧିଙ୍କ ସହଯୋଗ କାମନା କରିଥିଲେ। ପାନୀୟଜଳ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ସମସ୍ୟା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବା ଉପରେ ଆଲୋଚନା କରାଯାଇଥିଲା। ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବିଜୟ ଶୁକ୍ଳା, ମହାକାଳପଡ଼ା ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ତହସିଲଦାର ଶିବ ମଲିକ, କେନ୍ଦ୍ରାପଡ଼ା ସାଂସଦଙ୍କ ପ୍ରତିନିଧି ରାଜଲକ୍ଷ୍ମୀ ଦାସ, ଡିଏସପି ଜ୍ଞାତିରଞ୍ଜନ ଗୌଡା ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତ ସରପଞ୍ଚ, ସମିତିସଭ୍ୟ ସଭ୍ୟା, ବ୍ଲକ ଶିକ୍ଷାଧିକାରୀ, ମେଡିକାଲ ଅଫିସର, ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଯନ୍ତ୍ରୀ, ଅଧିକାରୀ ଯୋଗଦେଇଥିଲେ।

# ଆଳି ବ୍ଲକ୍ ସିଏସସିର ବାର୍ଷିକ ଉତ୍ସବ




**ଆଳି,୧୭।୭(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍‌ର ୩୪ଟି ପଞ୍ଚାୟତର ସିଏସସି ଭିଏଲଇଙ୍କ ଦ୍ୱାରା ଆଳି ମିନି ଷ୍ଟାଡିୟମରେ ସିଏସସିର ୧୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସିଏସସି ଭାରତ ସରକାର ଓ ଓଡ଼ିଶା ସରକାରଙ୍କ ସ୍ୱୀକୃତିପ୍ରାପ୍ତ ସଂସ୍ଥା। ଏହା ମାଧ୍ୟମରେ ସାଧାରଣ ଲୋକଙ୍କ ଘର ପାଖରେ ସରକାରୀ ସୁବିଧାକୁ ଡିଜିଟାଲ ମାଧ୍ୟମରେ ସହଜରେ ଯୋଗାଇ ଦିଆଯାଇଥାଏ। ସିଏସସିର ବାର୍ଷିକ ଉତ୍ସବ ସମଗ୍ର ଦେଶରେ ପାଳନ କରାଯାଇଛି। ଏ ପରିପ୍ରେକ୍ଷୀରେରେ ଆଳି ସିଏସସି (ଜନସେବା କେନ୍ଦ୍ର) ଅଧିକାରୀ ପ୍ରଥମେ ଆଳି ମିନି ଷ୍ଟାଡିୟମରେ ବୃକ୍ଷରୋପଣ କରିବା ସହ ବାଇକ ରାଲି କରିଥିଲେ। ପରେ ଆଳି ଉଚ୍ଚବିଦ୍ୟାଳୟ ନିକଟରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସିଏସସିର ଜିଲ୍ଲା ପରିଚାଳକ ଚିରଞ୍ଜୀବ ନାୟକ ଯୋଗ ଦେଇଥିଲେ। ତାରିଣୀ ସିଏସସିର ରତିକାନ୍ତ ପଡ଼ିଆରୀ ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମକୁ ହେମନ୍ତ ବିଶ୍ୱାଳ, ବିଭୂତି ରାଉତ, ସୁରେଶ ରାଉତ, ନବକିଶୋର, ଦୀପକ ନାୟକ, ପ୍ରତାପ ନାୟକ, ରାଜେଶ ମଲିକ ଓ ମୁନ୍ନା ମୁସ୍ତାଫିଜ ପ୍ରମୁଖ ପରିଚାଳନା କରିଥିଲେ।

# ମା' ରାମଚଣ୍ଡୀ ୟୁଥ୍ କ୍ଲବ୍‌ର ନୂତନ ଗୃହ ଉଦ୍‌ଘାଟିତ

**ପାରାଦୀପ, ୧୭।୭(ସମିସ):** ପାରାଦୀପଗଡ ପଞ୍ଚାୟତ ଅନ୍ତର୍ଗତ ନିମିଡ଼ି ଗ୍ରାମର ଯୁବକ ମା' ରାମଚଣ୍ଡି ୟୁଥ୍ ନାମରେ ଏକ ସାମାଜିକ ଯୁବ ସଂଗଠନ ଗଠନ କରି ବିଭିନ୍ନ ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟ କରିଆସୁଛନ୍ତି। ଦୀର୍ଘବର୍ଷ ଧରି ଏକ ଚାଳଘରେ ଯୁବକ ସଂଘ ଚାଲି



ଆସୁଥିବାବେଳେ ନୂତନ ଗୃହ ନିର୍ମାଣ ପାଇଁ କ୍ଲବ୍‌ର କର୍ମକର୍ତ୍ତା ସରପଞ୍ଚଙ୍କୁ ଅନୁରୋଧ କରିଥଲେ। ସରପଞ୍ଚ ଘର ନିର୍ମାଣ ପାଇଁ ୪ ଲକ୍ଷ ୫୦ ହଜାର ଟଙ୍କା ଓ ଶୌଚାଳୟ ନିର୍ମାଣ ପାଇଁ ୯୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଯୁବକ ସଂଘ କାର୍ଯ୍ୟାଳୟ ପୂର୍ଣ୍ଣାଙ୍ଗ ହେବା ପରେ ଏହାର ଉଦ୍‌ଘାଟନ କରାଯାଇଛି। ମୁଖ୍ୟଅତିଥି ଭାବେ ପାରାଦୀପଗଡ ସରପଞ୍ଚ ଶ୍ରୀମତୀ ସସ୍ମିତା ବେହେରା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ଲକ୍ ଥାନା ଅଧିକାରୀ ରଶ୍ମିରଞ୍ଜନ ଦାଶ, ବରିଷ୍ଠ ଆଇନଜୀବୀ ସଞ୍ଜୟ ବେହେରା, ଦେବଦୁର୍ଲ୍ଲଭ କର, ଚନ୍ଦ୍ରଶେଖର ଚୌଧୁରୀ, ଶ୍ରମିକ ନେତା ଗୋଲେଖ ନାୟକ, ଅଲେଖ ମହାରଥା, କ୍ଲବ୍ ସଭାପତି ଭାସ୍କର ସାହୁ, ଜୟନ୍ତ ସେନାପତି, ମନୋଜ ରାଉତ, ମହେଶ ରାଉତ, ରମେଶ ବେହେରା, ରାଜେଶ ସାହୁ, କ୍ଲବ୍ ସମ୍ପାଦକ ଚିଣ୍ଟୁନା ରାଉତ, ଉପସଭାପତି ଅଭିଷେକ ଦାସ, ସହସମ୍ପାଦକ ଧନେଶ୍ୱର ସାହୁ, ମନୋଜ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଏ ଅବସରରେ ଲକ୍ ଥାନା ଅଧିକାରୀ ରଶ୍ମିରଞ୍ଜନ ଦାଶ ଓ ସରପଞ୍ଚ ଶ୍ରୀମତୀ ସସ୍ମିତା ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ପଟ୍ଟାମୁଣ୍ଡାଇରେ ବନ୍ୟା ପରିସ୍ଥିତି ଗମ୍ଭୀର; ବ୍ୟାପକ ଅଞ୍ଚଳ ଜଳମଗ୍ନ

**ପଟ୍ଟାମୁଣ୍ଡାଇ,୧୭।୭(ସମିସ):**





ଲଘୁଚାପଜନିତ ଲଗାଣବର୍ଷା ଓ ରେଙ୍ଗାଲି ପାଣି ଛାଡିବା ଯୋଗୁଁ ବ୍ରାହ୍ମଣୀ, ବୈତରଣୀ ଓ କାଣୀ ନଦୀରେ ବନ୍ୟା ଆସିବା ଫଳରେ ପଟ୍ଟାମୁଣ୍ଡାଇ ବ୍ଲକର ୧୪ ପଞ୍ଚାୟତ ଓ ପୌରାଞ୍ଚଳର ୧୧ଟି ୱାର୍ଡର ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଓ ୧୫ ହଜାର ଗୃହପାଳିତ ପଶୁ ଜଳବନ୍ଦୀ। ସିଂହଗାଁ ପଞ୍ଚାୟତର ସିଂହଗାଁ, କୃଷ୍ଣଦାସପୁର ରାଉଳିଆଡିଆ, ପାଣିସାଉଁଳିଆ ଆଦି ଜଳମଗ୍ନ ହୋଇ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିଛି। ଅଳପୁଆ ପଞ୍ଚାୟତର ଗୋଜିଆକଣ, ବିଲମଲିକସାହି, ବେହେରାସାହି, ମିଶ୍ରବାଗ, ସେଠୀସାହି, ଜେନାସାହି, ପାହାନ୍ତାସିଂହ ସାହି, ତରଡ଼ିପାଳ ପଞ୍ଚାୟତର ପୋଖରୀକୂଳ, ଗୋପାଳପୁର, ଜେନାସାହି, ବିଶ୍ୱାଳ ସାହି, ନାଥସାହି, ମଲିକସାହି, ଘାଗରାଡିଆ, ପେଣ୍ଠପାଳ ପଞ୍ଚାୟତର କୂଳସାହି, କୋଳଥିଆ, ବାଲିକିରା, ଦାଣ୍ଡିସାହି, ଅଣ୍ଡରା ପଞ୍ଚାୟତର ବ୍ରହ୍ମପୁର, ବିଷ୍ଣୁପୁର, ବ୍ରାହ୍ମଣସାହି, ଦାଣ୍ଡିଉପର, ଅମୃତମଣୋହି ପଞ୍ଚାୟତର ନୂଆଡିଆ, ଜଗନ୍ନାଥପୁର, ଶାନ୍ତିପଡା, ସିଦ୍ଧବାଲି, ବଲୁରିଆ ପଞ୍ଚାୟତର ଫୁଲପାଟଣା ଆଦି ବହୁ ଗ୍ରାମ ଓ ଚାଷଜମି ଜଳମଗ୍ନ ହୋଇପଡିଛି। ଦାଣ୍ଡିସାହି ହାଇସ୍କୁଲ ଓ କଲେଜ ସମ୍ମୁଖ ରାସ୍ତାରେ ବନ୍ୟା ପାଣିର ସୁଅ ଛୁଟିଛି। ନିକଟ ଅତୀତରେ ପଟ୍ଟାମୁଣ୍ଡାଇ ଧୋଯାଞ୍ଚଳରେ କୁମ୍ଭୀର ଆକ୍ରମଣ ଘଟଣାରେ ଦୁଇଜଣଙ୍କ ମୃତ୍ୟୁ ଘଟିଥିବା ଓ ସମ୍ପ୍ରତି ବନ୍ୟା ପାଣିରେ କୁମ୍ଭୀର ଦେଖାଯାଉଥିବା ଖବର ଜଣାପଡିବା ପରେ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି। ଅଳଭାଠାରେ ବିପଦସଙ୍କେତ ୧୭ ଫୁଟ ଥିବାବେଳେ ବ୍ରାହ୍ମଣୀ ବନ୍ୟାଜଳ ବୃଦ୍ଧି ପାଇ ସନ୍ଧ୍ୟା ସୁଦ୍ଧା ବିପଦସଙ୍କେତ ଉପରେ ଅର୍ଥାତ୍ ୧୮.୦୪ ଫୁଟରେ ପହଞ୍ଚିଛି।

ସେହିପରି ପଟ୍ଟାମୁଣ୍ଡାଇ ବ୍ଲକର ଶ୍ରୀରାମପୁର, ଡାମରପୁର, ନୀଳକଣ୍ଠପୁର, ବାଲିପାଟଣା, ବାଛରା,

- ସିଂହଗାଁ, ଶ୍ରୀରାମପୁର, ଡାମରପୁର, ବାଛରା, ତନୁପୁର ବାହ୍ୟଜଗତରୁ ବିଚ୍ଛିନ୍ନ
- ଧୋଯାଞ୍ଚଳରେ କୁମ୍ଭୀର ଆତଙ୍କ
- ଡଙ୍ଗା, ଗୋଖାଦ୍ୟ, କିରାସିନ, ବ୍ଲିଚିଂ ଦାବି

ବଳଭଦ୍ରପୁର ଶାସନ ଆଦି ପଞ୍ଚାୟତର ବିଭିନ୍ନ ଅଞ୍ଚଳ ଓ ଚାଷଜମି ଜଳମଗ୍ନ ହୋଇପଡିଛି। କୁମ୍ଭୀର ଆକ୍ରମଣରେ ନିମପୁର ଅଞ୍ଚଳର ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିବା ଘଟଣା ଲୋକଙ୍କ ମନରୁ ନ ଲିଭୁଣୁ ବନ୍ୟା ପାଣିରେ କୁମ୍ଭୀର ଭାସିବା ଘଟଣା ସାଧାରଣରେ ଆତଙ୍କ ସୃଷ୍ଟି କରିଛି। ରାଜନଗର ବିଧାୟକ ଧ୍ରୁବ ସାହୁ ଓ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ବନ୍ୟା ବିପନ୍ନ ଲୋକଙ୍କୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିବା ସହିତ ବନ୍ୟା ମୁକାବିଲାରେ ଜିଲ୍ଲା ପ୍ରଶାସନ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। କେନ୍ଦ୍ରାପଡ଼ାର ପୂର୍ବତନ ବିଧାୟକ କିଶୋର ତରାଇ ଧୋଯାଞ୍ଚଳର ଅଳପୁଆ, ତରଡ଼ିପାଳ, ପେଣ୍ଠପାଳ, ସିଂହଗାଁ ଆଦି ପଞ୍ଚାୟତ ବୁଲି ବନ୍ୟା ସ୍ଥିତି ଅନୁଧ୍ୟାନ କରିବା ସହିତ ଗୋଖାଦ୍ୟ, କିରୋସିନ ଯୋଗାଇ ଦେବାକୁ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଛନ୍ତି। ବନ୍ୟାର ସଫଳ ମୁକାବିଲା ପାଇଁ ବ୍ଲକ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ କରାଯାଇ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲାଯିବା ସହିତ ଆବଶ୍ୟକ ଡ଼ଙ୍ଗା, ଗୋଖାଦ୍ୟ, କିରୋସିନ, ବ୍ଲିଚିଂ ଯୋଗାଇ ଦେବା ସହ ପଞ୍ଚାୟତ ୱାରୀ ତଥ୍ୟ ସଂଗ୍ରହ କରି ରିପୋର୍ଟ ଦେବା, ସଦର ମହକୁମା ନ ଛାଡିବା ପାଇଁ ବିଡିଓ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ବୈଠକ ପରେ ବ୍ଲକ୍ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବିଡିଓ ଅଶୋକ ମହାନ୍ତି, ସହକାରୀ ଯନ୍ତ୍ରୀ ପ୍ରସନ୍ନ ରାଉତ ଓ ବିନୟ ମିଶ୍ର ବନ୍ୟାଞ୍ଚଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ।

ମାଳିପୁର ରାସ୍ତା ବୁଡିଯାଇଥିବାରୁ ଶ୍ରୀରାମପୁର, ଡାମରପୁର ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡିଛି। ପୌରାଞ୍ଚଳର ତନୁପୁର ରାସ୍ତା ବୁଡିଯାଇଥିବାରୁ ବାଲିପାଟଣା, ଖଡ଼ିପାଳ, ତନୁପୁର, ନନ୍ଦୀନଗର ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡିଛି। ବ୍ଲକ୍‌ର ବାଛରା ପଞ୍ଚାୟତ ମଣ୍ଡପଡା ବାଛରା ରାସ୍ତା ବୁଡିଯାଇଥିବାରୁ ବାଛରା ମଣ୍ଡପଡା ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିଛି। ପୌରାଞ୍ଚଳର ବାଲିପଡ଼ା, ତଳବାଲିପଡ଼ା, ବଳଦେବନଗର, ସିଦ୍ଧପାଟଣା, କଷଣଅଣ୍ଡା, ନୂଆଗାଁ, କାକୁଡିପଲ୍ଲୀ, ତନୁପୁର, ନନ୍ଦିନୀନଗର, ଷଣ୍ଢପଲ୍ଲୀ, ଅଳଭା ଆଦି ବିଭିନ୍ନ ଗ୍ରାମ ଓ ୧୧ଟି ୱାର୍ଡ ଜଳମଗ୍ନ ହୋଇପଡିବା ସହିତ ଶହ ଶହ ଏକର ଚାଷଜମି ମଧ୍ୟ ବୁଡି ରହିଛି।

# ରାସ୍ତା ନିର୍ମାଣରେ ଦୁର୍ନୀତି; ଭିଜିଲାନ୍ସ ତଦନ୍ତ ନିର୍ଦ୍ଦେଶ

'ସକାଳ' ପ୍ରଭାବ

**ପଟ୍ଟାମୁଣ୍ଡାଇ/ମାଳିପୁର,୧୭।୭(ସମିସ):** ରାସ୍ତା କାମରେ ଦୁର୍ନୀତି ହୋଇଥିବା ସମ୍ପର୍କରେ ଦୈନିକ ଖବରକାଗଜ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ମୁଖ୍ୟମନ୍ତ୍ରୀ ଭିଜିଲାନ୍ସ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସମ୍ପ୍ରତି ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା (ଟିଆରଆଇପି) ଯୋଜନାରେ ମାଳିପୁରଠାରୁ ଭାୟା ରାଘପୁର, ଡାମରପୁର, ବାଲିପାଟଣା, ଛତ୍ରଧରିପାଟଣା ଦେଇ ବଳଭଦ୍ରପୁର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ଯୋଜନା କରାଯାଇଥିଲା। ଏହି ଯୋଜନା ଅନୁଯାୟୀ ଗ୍ରାମ୍ୟ ଉନ୍ନୟନ ବିଭାଗ ୬ କିଲୋମିଟର ୧୦୦ ମିଟର ରାସ୍ତା ପାଇଁ ୬ କୋଟି ୧୮ ଲକ୍ଷ ଟଙ୍କାର ବ୍ୟୟବରାଦ ହୋଇଥିଲା। ୫ କୋଟି ୪୧ ଲକ୍ଷ ୬୧ ହଜାର ଟଙ୍କାରେ ଠିକାଦାର ବିଜୟ ମହାନ୍ତି ଟେଣ୍ଡର ପାଇଥିଲେ। ସେ ୨୦୨୪ ମାର୍ଚ୍ଚ ୧୫ ତାରିଖରେ କାମ ଆରମ୍ଭ କରିଥିଲେ। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁସାରେ ରାସ୍ତା କାମ ମାଳିପୁର ଛକରେ ଥିବା ପୂର୍ତ୍ତ ବିଭାଗ ରୋଡ଼ ପାଖରୁ ଆରମ୍ଭ ହୋଇ ବିଭିନ୍ନ ଭାୟା ଗ୍ରାମ ଦେଇ ବଳଭଦ୍ରପୁରରେ ସମାପ୍ତ ହେବା କଥା। ପାଞ୍ଚଟି ପଞ୍ଚାୟତକୁ ସଂଯୋଗ କରୁଥିବା ଓ ଏକମାତ୍ର ପ୍ରବେଶ ପଥ ମାଳିପୁରଠାରୁ ବାଲିପାଟଣା ପର୍ଯ୍ୟନ୍ତ ରାସ୍ତାରେ ଏଷ୍ଟିମେଟ ଅନୁଯାୟୀ କୌଣସି ରାସ୍ତା କାମ ଠିକାଦାର କରି ନ ଥିଲେ। ମାଳିପୁର ପୂର୍ତ୍ତ ବିଭାଗ ରୋଡ ନିକଟରୁ କାମ ଆରମ୍ଭ କରିବା ପାଇଁ ଏଷ୍ଟିମେଟ୍‌ରେ ସ୍ପଷ୍ଟ ଲେଖାଥିଲେ ହେଁ ମାଳିପୁର ନିକଟରେ ଠିକାଦାର କୌଣସି କାର୍ଯ୍ୟ ଫଳକ ନ ଲଗାଇ ବିପରୀତ ଦିଗରୁ ବଳଭଦ୍ରପୁର ନିକଟରୁ ଠିକାଦାର କାମ ଆରମ୍ଭ କରିଥିଲେ।

ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକାର ଶିକାର ହୋଇଥିଲା ମାଳିପୁରଠାରୁ ଶ୍ରୀରାମପୁର, ଡାମରପୁର ଓ ବଳଭଦ୍ରପୁର ପଞ୍ଚାୟତକୁ ସଂଯୋଗ କରୁଥିବା ଏକମାତ୍ର ରାସ୍ତା। କାମ ସରିବାର ଅବଧି ଅତିକ୍ରମ କରିବାର ତିନି ମାସ ପରେ ଠିକାଦାର ଗତ ମାର୍ଚ୍ଚ ୨୪ ତାରିଖରେ ମାଳିପୁର ଛକରେ କାର୍ଯ୍ୟ ଆରମ୍ଭ କରିଥିଲେ। ପୁରୁଣା ପିଚୁ ନ ଉଠାଇ ପିଚୁ ଉପରେ ଅତି କମ୍ ଉଚ୍ଚତାର କଂକ୍ରିଟ ଢଳେଇ କରିଥିଲେ। ସ୍ଥାନୀୟ ଲୋକ ଏହାର ବିରୋଧ କରିବାରୁ ଠିକାଦାର ରାସ୍ତା ନିର୍ମାଣରେ ସାମାନ୍ୟ ସୁଧାର ଆଣି କେଉଁଠି ୬ ଇଞ୍ଚ ତ କେଉଁଠି ୪ ଇଞ୍ଚ ଉଚ୍ଚତାର ଢଳେଇ କରିଥିଲେ। ପୂର୍ତ୍ତ ବିଭାଗ ରାସ୍ତା କଡ଼ରୁ ଲଗାଇ ଢଳେଇ କରିବାକୁ ଏଷ୍ଟିମେଟରେ ଉଲ୍ଲେଖ ଥିଲେ ହେଁ ଠିକାଦାର ପୂର୍ତ୍ତ ବିଭାଗ ରୋଡ ନିକଟରୁ ୧୫ ଫୁଟ ଛାଡ଼ି ଢଳେଇ କାମ କରିଥିଲେ। ମାତ୍ର ଷାଠିଏ ଫୁଟ ଲମ୍ବ କାର୍ଯ୍ୟ ସାରିବା ପରେ ଠିକାଦାର କାମ ଛାଡି ଚାଲିଯାଇଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ଜେଇଙ୍କୁ ପଚାରିବାରୁ ରାସ୍ତାର ମରାମତି କରାଯାଉଥିବା କହିଥିଲେ। ଯଦି ମରାମତି ହେଉଛି, ତେବେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାର କାମ କୁଆଡେ ଗଲା ବୋଲି ପଚାରିବାରୁ ମୁଁ ଜାଣିନାହିଁ, ବୁଝିକରି କହିବି ବୋଲି କହିଥିଲେ। ବାସ୍ତବରେ ରାସ୍ତା କାମ ହୋଇ ନ ଥିବାରୁ ମାଳିପୁରରୁ ବାଲିପାଟଣା ପର୍ଯ୍ୟନ୍ତ ରାସ୍ତା ଏବେ ଖାଲଖମାରେ ପୂରିରହିଛି। ବିଭାଗୀୟ ଅଧିକାରୀଙ୍କ ସହଯୋଗରେ ଚୋରି କରାଯାଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏହାର ଭିଜିଲାନ୍ସ ତଦନ୍ତ କରି ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଉକ୍ତ ମୁଖ୍ୟମନ୍ତ୍ରୀ ସଡକର ନିର୍ମାଣ କାମ ସାରିବା ପାଇଁ ଉତିକଣ ସଂଗ୍ରାମ ପରିଷଦ ପରିଷଦର ସଭାପତି ପ୍ରଶାନ୍ତ ମହାନ୍ତି ଓ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ, ମୁଖ୍ୟ ସଚିବ ଓ ଜିଲ୍ଲାପାଳଙ୍କୁ ଅଭିଯୋଗ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଉକ୍ତ ଦୁର୍ନୀତିର ତଦନ୍ତ ପାଇଁ ଭିଜିଲାନ୍ସ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

# ଜଳିଗଲା ବ୍ୟାଟେରି ଗାଡ଼ି

**ଡେରାବିଶ,୧୭।୭(ସମିସ):** ଡେରାବିଶ ବ୍ଲକ ଅଧୀନ ଚାନ୍ଦୋଳ ବଜାରରେ ଏକ ବ୍ୟାଟେରି ଗାଡ଼ି ଜଳିଯାଇଛି। ପଲେଇ ପଞ୍ଚାୟତ ଅଧୀନ ଜାମୁଦଣ୍ଡା ଗ୍ରାମର ଲୋକନାଥ ପ୍ରଧାନ ବ୍ୟାଟେରିଚାଳିତ ଗାଡ଼ି ଚାନ୍ଦୋଳ ବଜାରସ୍ଥ ତାଙ୍କ ବ୍ୟବସାୟ ପ୍ରତିଷ୍ଠାନ ସମ୍ମୁଖରେ ରଖିଥିଲେ। ତେବେ କିଛି ସମୟ ପରେ ଗାଡ଼ିରୁ ଧୂଆଁ ବାହାରୁଥିବା ଦେଖିବାକୁ ପାଇଥିଲେ। ପାଖକୁ ଯାଇ ବ୍ୟାଟେରି ଚାମ୍ବରରୁ ଧୂଆଁ ବାହାରୁଥିବାରୁ ଗାଡ଼ିରୁ ବ୍ୟାଟେରିକୁ ବାହାର କରିବା ପାଇଁ ଚେଷ୍ଟା କରିଥିଲେ। ତେବେ ଗାଡ଼ିରୁ ନିଆଁ ବାହାରି ହଠାତ୍ ଜଳି ଉଠିଥିଲା ଓ ଗାଡ଼ିଟି ସମ୍ପୂର୍ଣ୍ଣ ପୋଡ଼ିଯାଇଥିଲା।

# ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଲିଙ୍ଗ ସମ୍ବେଦନଶୀଳତା କର୍ମଶାଳା

**ରାଜନଗର,୧୭।୭(ସମିସ):** ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଲିଙ୍ଗ ସମ୍ବେଦନଶୀଳତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରଶାସନିକ ମୁଖ୍ୟ ଅଧ୍ୟାପକ ପ୍ରଣୟ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କର୍ମଶାଳାରେ ଉଭିଦ ବିଜ୍ଞାନ ବିଭାଗ ମୁଖ୍ୟ ରାଜଶ୍ରୀ ସାମନ୍ତ, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡକ୍ଟର ପ୍ରଣତୀ ନାୟକ, ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ଅନୁସୟା ବେହେରା, ଇଂରାଜୀ ବିଭାଗ ମୁଖ୍ୟ ପର୍ଶୁରାମ ନାଥ, ଅଧ୍ୟାପକ ପ୍ରତାପ ସ୍ୱାଇଁ ପ୍ରମୁଖ ଯୋଗଦେଇ ଲିଙ୍ଗ ସମାନତା ନିଜ ପରିବାରରୁ ଆରମ୍ଭ ହୋଇ ନିଜ ଅନୁଷ୍ଠାନ, କର୍ମକ୍ଷେତ୍ର ପର୍ଯ୍ୟନ୍ତ ବ୍ୟାପ୍ତ ହେବ, ସେ ନେଇ ମତବ୍ୟକ୍ତ କରିଥିଲେ। ଏହି କର୍ମଶାଳାରେ ଛାତ୍ରଛାତ୍ରୀ ଓ ସମସ୍ତ ଅଧ୍ୟାପକ, କର୍ମଚାରୀ ଯୋଗ ଦେଇଥିଲେ।

# ବେଲାର ନୂଆଗାଁ ଗୋଡ଼ାରେ ଓଭରବ୍ରିଜ୍ ନିର୍ମାଣ ଦାବି

**କେନ୍ଦ୍ରାପଡ଼ା,୧୭।୭(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକ୍‌ର ତେରଗାଁ ସବୁଠୁ ବଡ଼ ପଞ୍ଚାୟତ। ପଞ୍ଚାୟତ ଅଧୀନରେ ବେଲାର ନୂଆଗାଁ, ଘୋଡାବନ୍ଧ, ଓସ୍ତର, ବଡ଼ତେରଗାଁ, ସାନତେରଗାଁ, ପଟଣା, ବାଲିସାହି, ସାମନ୍ତସିଂହାରପୁର ଓ ସୁବଳା ଭଳି ବହୁ ଜନବହୁଳ ଗ୍ରାମ ରହିଛି। ଏସବୁ ଗ୍ରାମର ପାଖାପାଖି ୬୫ ପ୍ରତିଶତ ଲୋକ ଜୀବିକା ନିର୍ବାହ ନିମନ୍ତେ ପାରାଦୀପ ବନ୍ଦର ଉପରେ ନିର୍ଭର କରିଥା'ନ୍ତି। ଏମାନେ ପାରାଦୀପ, ଡାକ୍ତରଖାନା, ସ୍କୁଲ ଓ କଲେଜକୁ ଯିବା ପାଇଁ ବେଲାର ନୂଆଗାଁ ଗୋଡା ଦେଇ ଯାଇଥା'ନ୍ତି। ବର୍ତ୍ତମାନ ୫୩ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିବା ବେଳେ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ବେଲାର ନୂଆଗାଁ ଗୋଡ଼ାଦେଇ ଯାତାୟାତ କରିବା ଅତ୍ୟନ୍ତ ବିପଦସଂକୁଳ ହୋଇପଡ଼ିବ। କାରଣ ରାସ୍ତା ପାରିହେବା ସମୟରେ ଦୁର୍ଘଟଣା ଘଟି ଧନଜୀବନ କ୍ଷୟକ୍ଷତି



ହେବା ସମ୍ଭାବନା ଦେଖାଦେବ। ତେଣୁ ୫୩ନଂ ଜାତୀୟ ରାଜପଥର ବେଲାର ନୂଆଗାଁ ଗୋଡ଼ାରେ ଓଭରବ୍ରିଜ ନିର୍ମାଣ ସହ ଓସ୍ତରଠାରୁ ଘୋଡାବନ୍ଧ ପର୍ଯ୍ୟନ୍ତ ଚାଷଜମି ପାଶ୍ୱର୍ରେ ପଥର ପ୍ୟାକିଂ କରାଯିବା ଓ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବାକୁ ପଞ୍ଚାୟତବାସୀଙ୍କ ପକ୍ଷରୁ ଦାବି କରାଯାଇଛି। ଏନେଇ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକଙ୍କୁ ସଂଯୁକ୍ତା ରାଉତ, ରମେଶ ମାହାଳି, ଲୋକନାଥ ମାହାଳି, ସୁବୋଧ ସ୍ୱାଇଁ ଓ ଅନୀଲ ଜେନା ପ୍ରମୁଖ ଦାବିପତ୍ର ପ୍ରଦାନ କରିଛନ୍ତି।

# ବିଶ୍ୱନାଥପୁର ଓ ପଦନପୁର ଗାଁ ରାସ୍ତା ମରଣଯନ୍ତା

**ଏରସମା,୧୭।୭(ସମିସ):** ଗୋଡା ପଞ୍ଚାୟତର ବିଶ୍ୱନାଥପୁର ଓ ପଦନପୁର ଗାଁ ରାସ୍ତା ମରଣଯନ୍ତା ପାଲଟିଛି। ଏହି ଦୁଇଟି ଗ୍ରାମରେ ୫୦୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ମୁଖ୍ୟ ରାସ୍ତାକୁ ସଂଯୋଗ ପାଇଁ ଗାଁରୁ ୩ କିମି ରାସ୍ତା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ ଥିଲା। ପରେ ଏହି ରାସ୍ତାକୁ ଆର୍‌ଡିରେ ଅନ୍ତର୍ଭୁକ୍ତ କରାଯାଇଥିଲା। ବର୍ଷ ପରେ ବର୍ଷ ବିତିଯାଇଥିଲେ




ମଧ୍ୟ ଏହି ରାସ୍ତା କାମ କରାଗଲା ନାହିଁ। ଗତବର୍ଷ ମନୋରଗା ଯୋଜନାରେ ମାଟି ପକାଯାଇଥିଲା। ବର୍ତ୍ତମାନ ବର୍ଷାରେ ରାସ୍ତା କାଦୁଅ ହୋଇ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିବା ସହ ଏରସମା ବିଡିଓ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଭେଟି ଅଭିଯୋଗ କରିଥିଲେ। ଏଥିସହିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ମଧ୍ୟ ଅଭିଯୋଗ କରିଥିଲେ। ଏ ସମସ୍ତ ଅଭିଯୋଗ ପରେ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ସ୍ଥାନୀୟ ଜନସାଧାରଣ ଅସନ୍ତୋଷ ପ୍ରକାଶ କରିବା ସହିତ ଉକ୍ତ ରାସ୍ତାରେ ତଳି ରୋଇ ପ୍ରତିବାଦ କରିଛନ୍ତି। ତୁରନ୍ତ ଉକ୍ତ ରାସ୍ତାର ମରାମତି କରା ନ ଗଲେ ଆଗାମୀ ଦିନରେ ସମସ୍ତ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ନିର୍ମଳା ସେନାପତି, ମମତା ସେନାପତି, ସାରତୀ ସେନାପତି, ବିଦ୍ୟୁଲତା ସେନାପତି, ଶରତ ସାହୁ, କବିତା ସେନାପତି, ଝଜେନ୍ଦ୍ର ସେନାପତି, ବଂଶୀଧର ସେନାପତି, ପ୍ରଭାକର ସେନାପତି, ଶୁଭେନ୍ଦୁ ସେନାପତି, ଚକ୍ରଧର ସେନାପତି, କେଦାର ନାଥ ଦାସ, ସୁଦର୍ଶନ ଦାସ, ଶାଲୁରୀ ଦାସ, ଗଣେଶ୍ୱର ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ଅଚ୍ୟୁତାନନ୍ଦ ମହାପୁରୁଷ ଓ କଲ୍‌କୀ ଅବତାରଙ୍କ ବ୍ରହ୍ମଏକାକ୍ଷର ମେଳା

**ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି,୧୭।୭(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ଧୋଯାଞ୍ଚଳର ଅଳପୁଆ ପଞ୍ଚାୟତର ମା' ଧାନେଶ୍ୱରୀ ପୀଠରେ ଅଚ୍ୟୁତାନନ୍ଦ ମହାପୁରୁଷଙ୍କ ଗାଦି ଓ କଲ୍‌କୀ ଅବତାରଙ୍କ ବ୍ରହ୍ମଏକାକ୍ଷର ମେଳା ଅନୁଷ୍ଠିତ ହୋଇଯାଇଛି। ପୀଠାଧୀଶ ପ୍ରଫୁଲ୍ଲ ପଣ୍ଡା, ପଣ୍ଡିତ ଗୁରୁଚରଣ ପଣ୍ଡା, ସତ୍ୟରଞ୍ଜନ ପଣ୍ଡା, ସେବକ ଗଗନ ମହାଲିକଙ୍କ ତତ୍ତ୍ୱାବଧାନ ଓ କିଶୋର ରାଉତଙ୍କ ପୌରୋହିତ୍ୟରେ କର୍କଟ ସଂକ୍ରାନ୍ତି ଉପଲକ୍ଷେ ଆୟୋଜିତ ମେଳାରେ ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ଓ ଜନସାଧାରଣ ଯୋଗଦେଇ ପୂଜା ପାଠ କରିଥିଲେ। ମେଳାରେ ରତିକାନ୍ତ ଧଳ, କାର୍ତ୍ତିକ ରାଉତ, ଗଗନ ଧଳ, ଶିକ୍ଷାବିତ ବିଚିତ୍ରାନନ୍ଦ ବେହେରା, ସୁକାନ୍ତ ରାଉତ, ନରେନ୍ଦ୍ର ଧଳ, ଘନଶ୍ୟାମ ମଲିକ, ନକୁଳ



ମଲିକ, ସୁନାକାର ମଲିକ, ବାବୁରାମ ସେଠୀ, ଅର୍ଜୁନ ସେଠୀ, କୁଳମଣି ଧଳ, ପବିତ୍ର ଧଳ, ଗୀତାଞ୍ଜଳି ନାୟକ, ରେଣୁବାଳା ରାଉତ ପ୍ରମୁଖ ଭାଗନେଇଥିଲେ। ଗଗନ ମହାଲିକ, କିଶୋର ରାଉତ ପୂର୍ଣ୍ଣ ଆହୁତି ପ୍ରଦାନ କରିଥିଲେ।

# କେବେ ମିଳିବ ପଟ୍ଟାମୁଣ୍ଡାଇ କଲେଜ ଛାତ୍ରୀ ସୌମ୍ୟାଙ୍କୁ ନ୍ୟାୟ

**ପଟ୍ଟାମୁଣ୍ଡାଇ,୧୭।୭(ସମିସ):**

ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟା ବିଶିଙ୍କ ମୃତ୍ୟୁଘଟଣାକୁ ନେଇ ସାରା ଓଡ଼ିଶାର ବିଭିନ୍ନ ରାଜନୈତିକ ସଂଗଠନ, ଗଣସଂଗଠନ ଓ ଛାତ୍ର ସଂଗଠନ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ତେବେ ବହୁଚର୍ଚ୍ଚିତ ପଟ୍ଟାମୁଣ୍ଡାଇ କଲେଜର +୨ ଛାତ୍ରୀ ସୌମ୍ୟା ଶାଶ୍ୱତୀ ନାୟକଙ୍କ ଆତ୍ମହତ୍ୟା ଘଟଣାର ପର୍ଦ୍ଦାଫାସ କେବେ ହେବ ଓ ଦୋଷୀ ଦଣ୍ଡ ପାଇବେ, ସେନେଇ ଅଞ୍ଚଳବାସୀ ଅପେକ୍ଷା କରିଛନ୍ତି। ଘଟଣାର ୫ ମାସ ପରେ ବି ତଦନ୍ତ ନାଲିଫିତା ତଳେ ଚାପି ହୋଇରହିଯାଇଛି। ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାର ରହସ୍ୟ ଏବେ ମଧ୍ୟ ସାର୍ବଜନୀନ ହୋଇପାରିନାହିଁ। ପୁଲିସର ତଦନ୍ତ ମଧ୍ୟ ସନ୍ଦେହ ଘେରରେ ରହିଛି। ଅନ୍ୟପକ୍ଷରେ ଉଚ୍ଚଶିକ୍ଷା ବିଭାଗର ତଦନ୍ତ ମଧ୍ୟ ଦିଶାହୀନ ହୋଇପଡ଼ିଥିବା ପଟ୍ଟାମୁଣ୍ଡାଇ କଲେଜ ଆଲମୁନି ଆସୋସିଏସନର ସମ୍ପାଦକ ଆଡଭୋକେଟ ଗୋପୀନାଥ ତ୍ରିପାଠୀ ଓ ପଟ୍ଟାମୁଣ୍ଡାଇ ବିକାଶ ପରିଷଦର ସଭାପତି ଗୋପୀବଲ୍ଲଭ ନାୟକ କ୍ଷୋଭ ସହ ପ୍ରକାଶ କରିଛନ୍ତି। କାହା ଇଙ୍ଗିତରେ ତଦନ୍ତ ବାଟବଣା ହେଉଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

- ଅସଦାଚରଣର ଶିକାର ହୋଇ କରିଥିଲେ ଆତ୍ମହତ୍ୟା
- ନାଲି ଫିତାତଳେ ଚାପି ହୋଇରହିଛି ତଦନ୍ତ
- ମାମଲା ନ କରିବାକୁ ପୁଲିସ ପକାଉଥିଲା ଚାପ
- ତଦନ୍ତ ପାଇଁ ପ୍ରତିଶ୍ରୁତି ଦେଇଥିଲେ ଉଚ୍ଚଶିକ୍ଷା ମନ୍ତ୍ରୀ

କେନ୍ଦ୍ରାପଡ଼ା ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ପଟ୍ଟାମୁଣ୍ଡାଇ କଲେଜରେ ଏଭଳି ସମ୍ବେଦନଶୀଳ ଘଟଣା କଲେଜର ଖ୍ୟାତି ଓ ପ୍ରତିଷ୍ଠାରେ ଆଞ୍ଚ ଆଣିଛି। ଏହି ଘଟଣାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ନିର୍ଦ୍ଦେଶ ଏବେ ମଧ୍ୟ କାର୍ଯ୍ୟକାରୀ ହୋଇ ନ ଥିବାରୁ ବିଭାଗୀୟ ପାରିବାପଣିଆକୁ ପଦାରେ ପକାଇଛି। ତତ୍କାଳୀନ ଅଧ୍ୟକ୍ଷଙ୍କ ବିବାଦୀୟ ବୟାନକୁ ନେଇ ବହୁ ଛାତ୍ର, ଅଣଛାତ୍ର, ରାଜନୈତିକ ସଂଗଠନ ପକ୍ଷରୁ ଦୃଢ ନିନ୍ଦା କରାଯିବା ସହିତ ଅଧ୍ୟକ୍ଷ ଦିଲ୍ଲୀପ ଭୂୟାଁଙ୍କୁ ତଦନ୍ତ ପରିସରଭୁକ୍ତ କରିବା ପାଇଁ ଦାବି ହୋଇ ଆସୁଥିବାବେଳେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଗୋଟିଏ ପଟେ ଘଟଣାର ତଦନ୍ତ କରୁଥିବା ପୁଲିସ ସ୍ଥାନୀୟ ଲୋକ ଓ ବିଭିନ୍ନ ସଂଗଠନର ନେତୃବର୍ଗଙ୍କ କଥାକୁ ଗୁରୁତ୍ୱ ଦେଇ ନ ଥିବାବେଳେ ମୃତ ଛାତ୍ରୀଙ୍କ ମାଆଙ୍କ ଉପରେ କଲେଜ ବିରୁଦ୍ଧରେ କେସ ନ କରିବା ପାଇଁ ଚାପ ପକାଇଥିବା ଅଭିଯୋଗ ହୋଇଆସୁଛି। ଉଚ୍ଚସ୍ତରୀୟ ତଦନ୍ତ କରାଯିବା କହିଥିବା ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଆଦେଶ କାର୍ଯ୍ୟକାରୀ ହୋଇ ନ ଥିବାରୁ ଏହା ପାଣିରେ ଗାର ସଦୃଶ ହୋଇଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ଗତ ଫେବୃଆରୀ ୧୯ ତାରିଖରେ ପଟ୍ଟାମୁଣ୍ଡାଇ କଲେଜରେ ପରୀକ୍ଷା ଚାଲିଥିବା ସମୟରେ ଛାତ୍ରୀ ସୌମ୍ୟା ଶାଶ୍ୱତୀ ନାୟକ ଦୁର୍ବ୍ୟବହାରର ଶିକାର ହେବା ପରେ ମାନସିକ ଭାରସାମ୍ୟ ହରାଇ ୨୪ ତାରିଖରେ ଆତ୍ମହତ୍ୟା କରିଥିଲେ। ଛାତ୍ରୀଙ୍କ ମାଆ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଏତଲା ଦେବାକୁ ଚାହିଁଥିଲେ। ପୁଲିସ କଲେଜ ବିରୁଦ୍ଧରେ ଏତଲା ନ ଦେବାକୁ ତାଙ୍କ ଉପରେ ଚାପ ପକାଇଥିବା ଛାତ୍ରୀଙ୍କ ମାଆ ଅଭିଯୋଗ କରିଥିଲେ। ଘଟଣାରେ ଏବିଭିପି ରାଜ୍ୟ ସଂଗଠନ ପକ୍ଷରୁ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଘେରଉ କରାଯାଇଥିଲା। କେନ୍ଦ୍ରାପଡ଼ା ଜିଲ୍ଲା ଗସ୍ତରେ ଆସିଥିବା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ଭେଟି ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ସେ ତଦନ୍ତ କରାଯିବାକୁ ପ୍ରତିଶ୍ରୁତି ଦେଇଥିଲେ। ଅଧ୍ୟକ୍ଷଙ୍କୁ ପକ୍ଷଭୁକ୍ତ କରି ତାଙ୍କ ଗିରଫ ଦାବି କରିଥିଲା ଏବିଭିପି ରାଜ୍ୟ ସଂଗଠନ। ଗ୍ରାମାଞ୍ଚଳ ଥାନା ପୁଲିସ ଘଟଣାକୁ ଗମ୍ଭୀରତା ସହ ନେଇ ତଦନ୍ତ ତ୍ୱରାନ୍ୱିତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ହେଁ ଏହା ପାଳନ ହୋଇନାହିଁ। ଘଟଣାକୁ ୫ ମାସ ବିତିଯିବା ପରେ ମଧ୍ୟ ଛାତ୍ରୀ ଆତ୍ମହତ୍ୟା ଘଟଣାରେ ସମ୍ପୃକ୍ତ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

# ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବି; ଓଡ଼ିଶା ବନ୍ଦ ସଫଳ































ଜଗତସିଂହପୁର,୧୭।୭ (ସମିସ):

ଜଗତସିଂହପୁର ଜିଲ୍ଲା କଂଗ୍ରେସ ସମେତ ମିଳିତ ବିରୋଧୀ ଦଳ ପକ୍ଷରୁ ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମାଶ୍ରୀ ବିଶିଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଓଡ଼ିଶା ବନ୍ଦ ସଫଳ ହୋଇଛି। ଜଗତସିଂହପୁର ସଦର ମହକୁମାଠାରେ ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକଙ୍କ ନେତୃତ୍ୱରେ ଓଡ଼ିଶା ବନ୍ଦ ସଂପୂର୍ଣ୍ଣ ସଫଳ ହୋଇଛି। ଏହି ବନ୍ଦ କାର୍ଯ୍ୟକ୍ରମରେ ସିପିଏମ ରାଜ୍ୟ କମିଟି ସଦସ୍ୟ ଲୋଭାକାନ୍ତ ସ୍ୱାଇଁ, ଏସୟୁସିଆଇ ନେତା ପ୍ରଦୀପ୍ତ ରାମ, ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ନଗର କଂଗ୍ରେସ ସଭାପତି ଅଭୟ ମହାନ୍ତି, ବ୍ଲକ କଂଗ୍ରେସ ସଭାପତି ମାନସ ରଥ, ସରପଞ୍ଚ ପ୍ରମୋଦ ସାହୁ, ସରପଞ୍ଚ ଦିଲ୍ଲୀପ ମହାନ୍ତି, ପୂର୍ବତନ ସରପଞ୍ଚ ବିଶ୍ୱଜିତ ପୋଥାଳ, ପୂର୍ବତନ ସରପଞ୍ଚ କାହ୍ନୁଚରଣ ରାଉତ, ଜିଲ୍ଲା ନିଖିଳ ଉତ୍କଳ ଗ୍ରାମୀଣ ଚାଷୀ ମୂଲିଆ ସଂଘ ସଭାପତି ଇଂ ବେଦଦ୍ୟୁତି ପୃଷ୍ଟି, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ କେଦାର ଦଳେଇ, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ, ଜିଲ୍ଲା କଂଗ୍ରେସ ସେବା ଦଳ ଅଧ୍ୟକ୍ଷ ଡ ଜଗଦାନନ୍ଦ ବେହେରା, ଜିଲ୍ଲା ସଂଖ୍ୟାଲଘୁ ସେଲ୍ ଅଧ୍ୟକ୍ଷ ଇମତିୟାଜ ଅହମ୍ମଦ ଖାଁ, ସେଖ୍ ଅମିନୁସ ସାଜେଦିନ, କଂଗ୍ରେସ ନେତା ଲକ୍ଷ୍ମୀନାରାୟଣ ସାମନ୍ତରାୟ, ଦେବେନ୍ଦ୍ର ଦାଶ, ଇଂ ଜ୍ଞାନରଞ୍ଜନ ଜେନା, ସମୀର ଖୁଣ୍ଟିଆ, କାଳନ୍ଦୀ ଜେନା, ସେଖ୍ ସଫାତ, କିଶୋର ପଟ୍ଟନାୟକ, ପ୍ରବୀର ପରିଜା, ସୌମ୍ୟରଞ୍ଜନ ମହାନ୍ତି, ଦୀପକ ପାଲ, ଦାଶରଥି ସ୍ୱାଇଁ, ଦିଲ୍ଲୀପ ସିଂହ, ସ୍ୱରୁପ କାନୁନଗୋ, ଉମେଶ ସ୍ୱାଇଁ, ଆଶୀର୍ବାଦ ତ୍ରିପାଠୀ, ହିଫଜୁଲ୍ ରହେମାନ, ସନ୍ଦୀପ ସ୍ୱାଇଁ, ସୂର୍ଯ୍ୟକାନ୍ତ ସାହୁ, ଦେବୀପ୍ରସାଦ ପରିଡା, ଦୀପକ ସ୍ୱାଇଁ, ଅତୁଲ୍ୟ ବିଶ୍ୱାଳ, ସେଖ ଅମିନୁସ ସାଜେଦିନ, ବୃନ୍ଦାବନ ପ୍ରଧାନ, ମିର୍ଜା ସାମସୁଦ୍ଦିନ ବେଗ, ଅବନୀକାନ୍ତ ମହାରଣା, ତ୍ରିପୁରେଶ୍ୱର ମଲ୍ଲିକ, ପ୍ରଣବ ମହାପାତ୍ର, ବିଜୟ ପଲାଉରୀ ପ୍ରମୁଖ ଯୋଗଦେଇ ଓଡ଼ିଆ ବନ୍ଦରେ ସାମିଲ ହୋଇଥିଲେ। ଜଗତସିଂହପୁର ସହରର ଡାକବଙ୍ଗଳା, ଗାନ୍ଧୀ ଛକ, ଚର୍ଚ୍ଚିକା ବଜାର, ହାଟ ବଜାର, ଆଳିପିଙ୍ଗଳ ବଜାର, ଡିହସାହି ବଜାର ଆଦି ବିଭିନ୍ନ ସ୍ଥାନରେ କଂଗ୍ରେସ କର୍ମୀ ପିକେଟିଂ କରିଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସହ ଜିଲ୍ଲାର ସମସ୍ତ ଅଫିସ, ବ୍ୟାଙ୍କ, କଲେଜ, ସ୍କୁଲ, ବ୍ୟବସାୟ ପ୍ରତିଷ୍ଠାନ ଆଦି ବନ୍ଦ ରହିବା ସହ ବନ୍ଦକୁ ସଫଳ କରିବାକୁ ସ୍ୱତଃ ପ୍ରବୃତ ଭାବେ ସହଯୋଗ କରିଥିବାରୁ ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସେହିପରି ଜଗତସିଂହପୁର ଜିଲ୍ଲାର ସମସ୍ତ ବ୍ଲକ ଓ ପୌରାଞ୍ଚଳରେ ଓଡ଼ିଶା ବନ୍ଦ ସଂପୂର୍ଣ୍ଣ ସଫଳ ହୋଇଛି। ଜଗତସିଂହପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି, ସୌମ୍ୟାଶ୍ରୀଙ୍କ ମୃତ୍ୟୁର ନ୍ୟାୟିକ ତଦନ୍ତ ଦାବି ସହ ଘଟଣାରେ ସଂପୃକ୍ତ ସମସ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

**ଏରସମା:** ଏରସମା ବ୍ଲକ୍‌ର ବିଭିନ୍ନ ସ୍ଥାନରେ ସର୍ବଦଳୀୟ ବନ୍ଦ ପାଳନ ସଫଳ ହୋଇଛି। ଏଥିରେ ସରକାରୀ, ବେସରକାରୀ କାର୍ଯ୍ୟାଳୟ ଓ ବିଭିନ୍ନ ଛକ ବଜାର ବନ୍ଦ ରହିଥିଲା। ରାସ୍ତା ଅବରୋଧ କରାଯାଇଥିଲା। ବ୍ଲକ ମୁଖ୍ୟାଳୟସ୍ଥ ଗାନ୍ଧୀ ଛକରେ କଂଗ୍ରେସ ପକ୍ଷରୁ ପିସିସି ଉପସଭାପତି ଡଃ ଲଲାଟେନ୍ଦୁ ମହାପାତ୍ର, ନଳିନୀ ସ୍ୱାଇଁ, ବ୍ଲକ ସଭାପତି ବହ୍ଲବାନନ୍ଦ ସ୍ୱାଇଁ, ଅଭିଜିତ ସାହୁ, ସଂଶୟ ସ୍ୱାଇଁ ପ୍ରମୁଖଙ୍କ ସହିତ ସିପିଆଇ ପକ୍ଷରୁ ଶଶୀଭୂଷଣ ସ୍ୱାଇଁ, ପ୍ରସନ୍ନ କୁଅଁର, ଦାମୋଦର ବେହେରା ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲା। ଆମ୍ବିକି, ଭିତରଅନ୍ଧାରି, ଜପା, କୋଠି, ପଏଦା, ପୋଖରୀଆପଡା, ନାରାଦିଆ ବଜାର ବନ୍ଦ କରାଯାଇଥିଲା।

**ନାଉଗାଁ:** ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣାରେ ୧୨ ଘଣ୍ଟିଆ ଓଡିଶା ବନ୍ଦ ଡାକରା ସଫଳ ହୋଇଛି। ନାଉଗାଁ ବ୍ଲକ୍ କଂଗ୍ରେସ ସଭାପତି ବିଚିତ୍ରନନ୍ଦ ଲେଙ୍କାଙ୍କ ନେତୃତ୍ୱରେ ନାଉଗାଁ ବଜାରର ସମସ୍ତ ଦୋକାନ ବନ୍ଦ ରହିବା ସହିତ ପେଟ୍ରୋଲ ପମ୍ପ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ବସ ଚଳାଚଳ ବନ୍ଦ ହୋଇଥିଲା। ଏଫ୍‌ଏମ୍ ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କରିବା ସହିତ ଅପାରଗ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଦାବୀ କରିଛି ଯୁବ ଓ ଛାତ୍ର କଂଗ୍ରେସ। ଯଦି ଆଗାମୀ ଦିନରେ ଛାତ୍ରୀ ସୌମ୍ୟାଶ୍ରୀଙ୍କ ହତ୍ୟା ଘଟଣା ରାଜ୍ୟ ସରକାରୀ ଚପାଇ ଦେବାକୁ ଉଦ୍ୟମ କରନ୍ତି, ଏହି ଆନ୍ଦୋଳନ ତୀବ୍ର ରୂପ ନେବ ବୋଲି ଚେତାବନୀ ଦେଇଛି କଂଗ୍ରେସ।

**ତିର୍ତ୍ତୋଲ:** ଏଫ୍‌ଏମ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ନ୍ୟାୟ ଦାବିରେ ଆଜ ମିଳିତ ବିରୋଧୀ ଦଳ ପକ୍ଷରୁ ଓଡ଼ିଶା ବନ୍ଦ କରାଯାଇଛି। ଓଡିଶା ବନ୍ଦର ସିଧାସଳଖ ପ୍ରଭାବ ତିର୍ତ୍ତୋଲ ବ୍ଲକର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଥିଲା। କଂଗ୍ରେସ ନେତା ଇଂ ହିମାଂଶୁ ମଲ୍ଲିକ ଓ ପିସିସି ସଭ୍ୟ ଦେବପ୍ରସାଦ ନାୟକଙ୍କ ପରାମର୍ଶକ୍ରମେ ବ୍ଲକ କଂଗ୍ରେସ ନେତୃବୃନ୍ଦ ତିର୍ତ୍ତୋଲ ସରଣୀ ବଜାରରେ ଟାୟାର ଜାଳି ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଯେଉଁ ଲୋକ ଆସୁଥିଲେ ସେମାନଙ୍କୁ ଚକଲୋଟ ଦେଇ ବନ୍ଦ ପାଳନକୁ ସମର୍ଥନ ଦେବାକୁ ଅନୁରୋଧ କରିଥିଲେ। ବାଇକ ରାଲିରେ ଯାଇ ଡିଆରଡିଏ କାର୍ଯ୍ୟାଳୟ, ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ଜିଲ୍ଲା ଆଞ୍ଚଳିକ ପରିବହନ କାର୍ଯ୍ୟା।ଳୟ, ବ୍ଲକ, ତହସିଲ, ଆଦକିବ ସାରଳା ଦାସ ମହାବିଦ୍ୟାଳୟ, ବିଭିନ୍ନ ସରକାରୀ ବିଦ୍ୟାଳୟ, ବିଇଓ ଅଫିସ, ବ୍ୟାଙ୍କ ବନ୍ଦ କରିବାକୁ ଅନୁରୋଧ କରିଥିଲେ। ସଅଁରା ଛକରେ ଟାୟାର ଜାଳି ଜୟପୁର-ଜଗତସିଂହପୁର ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। କୃଷ୍ଣାନନ୍ଦପୁର, ଜଗନ୍ନାଥପୁର, କଟରା, କନକପୁର, ମୂଳିସିଂହ ବଜାର ବନ୍ଦ କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ବ୍ଲକ କଂଗ୍ରେସ ଉପସଭାପତି ଜିତେନ୍ଦ୍ର ମହାନ୍ତି, ଅଶ୍ୱିନୀ ସ୍ୱାଇଁ, ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ସଫି ଆଜମ୍, ମଣିଜଙ୍ଗା ସରପଞ୍ଚ ଶଶଧର ମଲ୍ଲିକ, ତୁଳଙ୍ଗ ସମିତି ସଭ୍ୟ ଦେବୀପ୍ରସାଦ ପାଳ, ପ୍ରଶାନ୍ତ ଲେଙ୍କା, ଜୟନ୍ତ ପରିଜା, ତ୍ରିଲୋଚନ ସାହୁ, ମହମ୍ମଦ ଅବଦୁଲ ୱାହିଦ, ମହମ୍ମଦ ଇସମାଇଲି, ବ୍ରଜକିଶୋର ମଲ୍ଲିକ, ବିକ୍ରମ ଦାଶ, ପ୍ରଦୀପ୍ତ ଶତପଥୀ, ଗଗନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ବିରିଡ଼ି:** ଫକୀରମୋହନ ବିଶ୍ୱବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ପ୍ରତିବାଦରେ ବିରିଡି ବ୍ଲକ କଂଗ୍ରେସ ସଭାପତି ପ୍ରିୟବ୍ରତ ମିଶ୍ରଙ୍କ ନେତୃତ୍ୱରେ କଂଗ୍ରେସ ଓ ସିପିଆଇ, ସିପିଏମର ନେତୃବୃନ୍ଦଙ୍କ ଓଡ଼ିଶା ବନ୍ଦ ସଫଳ ହୋଇଛି। ବିରିଡି ଛକରେ ମୁଖ୍ୟରାସ୍ତା ଅବରୋଧ କରିବା ସହ ଯୁବ ଓ ଛାତ୍ର କର୍ମକର୍ତ୍ତା ସରକାରୀ, ବେସରକାରୀ ଅଫିସ, ସ୍କୁଲ, କଲେଜ, ବଜାର ବନ୍ଦ କରିଥିଲେ। ପୂର୍ବତନ ସଭାପତି ଅଶୋକ ଜେନା, ପୂର୍ବତନ ସରପଞ୍ଚ ବିମଳ ସେଠୀ, ବଳରାମ ମଲ୍ଲିକ, ଜ୍ୟୋସ୍ନାରାଣୀ ବେହେରା, ସିପିଆଇଏମ ନେତା ଗଣେଶ ମାଣିଆ, ଯୁଧିଷ୍ଠିର ଦାସ, ସିପିଆଇ ନେତା ତ୍ରୈଲୋକ୍ୟ ଜେନା, ନାରାୟଣ ଭୋଳ, ବିରିଡ଼ି ବ୍ଲକ କଂଗ୍ରେସ ସମସ୍ତ ପଞ୍ଚାୟତର ସଭାପତି ଚିତ୍ତରଞ୍ଜନ ବେହେରା, ସୌମ୍ୟକାନ୍ତ ସିଂହ,ଆଖିଲ ରାଉଳ, ସୁରଜ ଦାସ, ଅଜୟ ମଲ୍ଲିକ, ଅସିତ ମହାନ୍ତି, ଶୁଭେନ୍ଦ୍ର ରାଉତରାୟ, ଦୟାନିଧି ସେଠୀ, ଶ୍ରୀକାନ୍ତ ପଣ୍ଡା, ଶିବପ୍ରସାଦ ମହାପାତ୍ର, ନୃସିଂହ ଖୁଣ୍ଟିଆ, ଅଭୟ ମଲ୍ଲ, ଭାଗ୍ୟଧର ଜେନା ପ୍ରମୁଖ ଯୋଗଦେଇଥିଲେ।





**ବାଲିକୁଦା:** ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଦାସଙ୍କ ଆହ୍ୱାନକ୍ରମେ ଆଜି ବାଲିକୁଦା ବ୍ଲକରେ ଭାରତ ବନ୍ଦ ସଫଳ ହୋଇଛି। ବାଲିକୁଦା-ଏରସମା କଂଗ୍ରେସ ପକ୍ଷରୁ ରାଜ୍ୟ କଂଗ୍ରେସ ଉପସଭାପତି ଡା ଲଲାଟେନ୍ଦୁ ମହାପାତ୍ର, ବାଲିକୁଦା-ଏରସମା କଂଗ୍ରେସ ନେତା ନଳିନୀ ସ୍ୱାଇଁ, ବାଲିକୁଦା ସରପଞ୍ଚ ରାଜକିଶୋର ସାହୁ, ବ୍ଲକ କଂଗ୍ରେସ ସଭାପତି ବିକ୍ରମ ପରିଡା, କଂଗ୍ରେସ ନେତା ବିଭୂତି ଭୂଷଣ ସ୍ୱାଇଁ, ଲକ୍ଷ୍ମୀଧର ମଲ୍ଲିକ, ଅଡଙ୍ଗା ସରପଞ୍ଚ ସୁବ୍ରତ ମହାନ୍ତି, ବୈରାଗୀ ରାଉତ, ଭାଗୀରଥି ମୁଦୁଲି, ରମେଶ ସ୍ୱାଇଁ, ଆର୍ତ୍ତବନ୍ଧୁ ବିଶ୍ୱାଳ, ସୁଶାନ୍ତ ଦାସ, ମହନୀ ରାଉତ, ସମିତିସଭ୍ୟ ନିରଞ୍ଜନ ଦାସ, ସାଧୁଚରଣ ସାହୁ, ମିଳନ ମହାରଣା, ଦିଲ୍ଲୀପ ମହାର, ନାଥ କାଣ୍ଡି, ତପନ ସ୍ୱାଇଁ ପ୍ରମୁଖ ଟାୟାର ଜାଳି ବାଲିକୁଦା ମୁଖ୍ୟ ରାସ୍ତା ଅବରୋଧ କରିବା ସହ ବାଲିକୁଦା କଲେଜ, ବ୍ଲକ, ତହସିଲ, ମହିଳା କଲେଜ, ବ୍ୟାଙ୍କ ବନ୍ଦ କରିଥିଲେ। ସେହିପରି ଅଖିଳ ଭାରତୀୟ କଂଗ୍ରେସ ସଂଯୋଜକ ସୁପ୍ରିମକୋର୍ଟ ଆଇନଜୀବୀ ସୁଶାନ୍ତ କାନୁନଗୋ ନିଜ ସମର୍ଥକଙ୍କ ସହ କଣିଆ ବଜାର ବନ୍ଦ କରିଥିଲେ।

**ରଘୁନାଥପୁର:** ଏଫଏମ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାରେ ଶାସନାଧୀନ ସରକାରଙ୍କୁ ଦାୟୀ କରି ରାଜ୍ୟ ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ଦିଆଯାଇଥିବା ୧୨ ଘଣ୍ଟିଆ ବନ୍ଦ ଡାକରା ରଘୁନାଥପୁର ବ୍ଲକ ଅଞ୍ଚଳରେ ସଫଳ ହୋଇଛି। କାଁଭା ଚାହା ଜଳଖିଆ ଦୋକାନକୁ ଛାଡିଦେଲେ ଦୋକାନ ବଜାର ବନ୍ଦ ରହିଥିଲା। ବସ ଓ ଟ୍ରକ ସହ ଚାରିଚକିଆ ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଥିଲା। ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା ଓ ପ୍ରଶାନ୍ତ ଦାସଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀ ବ୍ଲକ ଛକ ନିକଟସ୍ଥ କଟକ-ପାରାଦୀପ ରାସ୍ତା ଉପରେ ବସିରହି ପ୍ରତିବାଦ କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ପ୍ରତିବାଦ ସଭାରେ ଜିଲ୍ଲା କଂଗ୍ରେସ ଉପସଭାପତି ସର୍ବେଶ୍ୱର ପଣ୍ଡା, ବସନ୍ତ ଦାଶ, ମାନସ ଗୋଚ୍ଛାୟତ, ବସନ୍ତ ସ୍ୱାଇଁ, ବିନ୍ଦୁସାର ମହାପାତ୍ର, ଯୋଗେନ୍ଦ୍ର ବାରିକ, ଦୈତାରୀ ରାଉତ, ବିଷ୍ଣୁ ବିଶ୍ୱାଳ ଯୋଗ ଦେଇଥିଲେ। ଜଇପୁର ଛକ ନିକଟରେ ଟାୟାର ଜାଳି ରାସ୍ତା ଅବରୋଧ କରାଯାଇଥିଲା। ମନୋରଞ୍ଜନ ଜେନାଙ୍କ ନେତୃତ୍ୱରେ ମନୋରଞ୍ଜନ ଦାସ, ନାରାୟଣ ନାୟକ, କୀର୍ତ୍ତିରଞ୍ଜନ ରାୟ, ପ୍ରଦୀପ୍ତା ଦାସ ଓ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ଛାତ୍ରୀ ମୃତ୍ୟୁ ଘଟଣା ପାଇଁ ଶିକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ଦାବି କରିଥିଲେ। ସକାଳୁ କଂଗ୍ରେସ କର୍ମୀ ବ୍ଲକ, ତହସିଲ ଓ ସ୍କୁଲ, କଲେଜ ଓ ବ୍ୟବସାୟୀଙ୍କୁ ଦୋକାନ ବନ୍ଦ କରିବାକୁ ଅନୁରୋଧ କରିଥିଲେ। ତାରପୁର ବାଇପାସ୍, ଜଇପୁର ଛକ ବଜାର, ରେଢୁଆ ମାର୍କେଟ, ନାଳିବର ବଜାର ଓ ଅଟୋ ଆସୋସିଏସନ ପକ୍ଷରୁ ଅଟୋ ଚଳାଚଳ ସ୍ୱତପ୍ରବୃତ ଭାବେ ବନ୍ଦ ରହିଥିଲା।

**ପାରାଦୀପ:** ଫକୀରମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ନ୍ୟାୟ ଦାବିରେ ଆଜି କଂଗ୍ରେସ ପକ୍ଷରୁ ଓଡ଼ିଶା ବନ୍ଦ କରାଯାଇଥିଲା। ଏହି ବନ୍ଦକୁ କମ୍ୟୁନିଷ୍ଟ ପାର୍ଟି ସମେତ ୭ଟି ଦଳ ସମର୍ଥନ କରିଥିଲେ। ବନ୍ଦର ପ୍ରଶାସନିକ ଭବନ ସମ୍ମୁଖରେ କଂଗ୍ରେସର ବହୁ କର୍ମୀ ଏକତ୍ରିତ ହୋଇ ଗାଡ଼ି ଚଳାଚଳ ବନ୍ଦ କରିଥିଲେ। ସିଆଇଏସଏଫ ଓ ପୁଲିସ କର୍ମଚାରୀ ଆନ୍ଦୋଳନକାରୀଙ୍କୁ ମଧ୍ୟ ସମର୍ଥନ ଜଣାଇଥିଲେ। ସ୍ୱତପ୍ରବୃତ୍ତ ଭାବେ ପାରାଦୀପରେ ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା। ବଡପଡ଼ିଆ ଅଞ୍ଚଳରେ ଚା' ଦୋକାନ ଖୋଲାଯାଇ ନ ଥିବା ଦେଖିବାକୁ ମିଳିଥିଲା। ପାରାଦୀପ କଂଗ୍ରେସ ନେତା ନିରଞ୍ଜନ ନାୟକ, ନଗର କଂଗ୍ରେସ ସଭାପତି କେଦାର ବିଶ୍ୱାଳଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ବନ୍ଦ କରାଯାଇଥିଲା। ସମସ୍ତ ଦୋକାନ ବଜାର, ବ୍ୟାଙ୍କ, ପେଟ୍ରୋଲ ପମ୍ପ, ବ୍ୟବସାୟିକ ଅନୁଷ୍ଠାନ, ରେଳ ଚଳାଚଳ, ବସ୍ ସେବା, ଶିକ୍ଷାନୁଷ୍ଠାନ ବନ୍ଦ ରହିଥିଲା। କଂଗ୍ରେସ୍ କର୍ମୀଙ୍କ ସହିତ କମ୍ୟୁନିଷ୍ଟ ପାର୍ଟି କର୍ମୀ ସାମିଲ ହୋଇଥିଲେ। ଏହି ବନ୍ଦ ଡାକରାରେ ପାରାଦୀପର ବରିଷ୍ଠ କଂଗ୍ରେସ୍ ନେତା କାଳନ୍ଦୀ ଦାସ, ତ୍ରିନାଥ ମହାନ୍ତି, ଜ୍ୟୋତିରଞ୍ଜନ ଦାସ, ପଦ୍ମସମ୍ଭୁତ ମହାନ୍ତି, କୃପାସିନ୍ଧୁ ଦାସ, ଚନ୍ଦ୍ରଶେଖର ମହାପାତ୍ର, ସୁନାକର ବାରିକ, ସୁଶାନ୍ତ ବାରିକ, ମହିଳା କଂଗ୍ରେସ୍ ନେତ୍ରୀ ବିନତି ପଢିଆରୀ, ଖୁଲଣା ଜେନା, କୌଶଲ୍ୟା ମହାନ୍ତି, ପୁଷ୍ପା ଦାସ, ଧରିତ୍ରୀ ସାମଲ, ଛାତ୍ର କଂଗ୍ରେସ୍ ନେତା ରାକେଶ ମହାପାତ୍ର, ଜନ୍ମେଜୟ ମଲ୍ଲିକ ପ୍ରମୁଖ ସାମିଲ ଥିଲେ।

**କୁଜଙ୍ଗ:** ଆଜି କଂଗ୍ରେସର ବନ୍ଦ ସଫଳ ହୋଇଛି। ସମସ୍ତ ସ୍କୁଲ, କଲେଜ, ସରକାରୀ, ବେସରକାରୀ କାର୍ଯ୍ୟାଳୟ, ବ୍ୟବସାୟିକ ପ୍ରତିଷ୍ଠାନ, ଦୋକାନ ବଜାର, ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଛାତ୍ରୀଙ୍କ ମୃତ୍ୟୁର ନ୍ୟାୟିକ ତଦନ୍ତ, ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଥିଲା। ଶ୍ରମିକ ନେତା ସୁବାସ ମାହାପତ୍ରଙ୍କ ନେତୃତ୍ୱରେ ନାରୀନେତ୍ରୀ ଜିନ୍ନୟି ସାହାଣୀ, ନିରଞ୍ଜନ ନାୟକ, ପ୍ରିୟମ୍ବଦା ପାଣି, ଆଇନଜୀବୀ ମଞ୍ଜୁଲତା ରାଉତ, ସିପିଆଇ ନେତା ଅଜୟ ବେହେରା, ଶରତ ବେହେରା, ଶରତ ବଳିୟାରସିଂ, ରବି ମାଝୀ, ରବି ମହାପାତ୍ର, ନିମାଇଁ ମହାପାତ୍ର, ସଲିଳ ସାମନ୍ତରାୟ, ଅଶୋକ ନାଥ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ସେହିପରି କଂଗ୍ରେସ ନେତା ବୀରେନ ଦଳାଇଙ୍କ ସମର୍ଥକ ଡାକଘର ଛକରେ ରାସ୍ତାରୋକ କରିଥିଲେ। ପୂର୍ବତନ ବ୍ଲକ କଂଗେସ ସଭାପତି ଶ୍ରୀ ତ୍ରିପାଠୀ, ଚିତ୍ତରଞ୍ଜନ ସାହୁ, ବିଶ୍ୱନାଥ ମଲିକ, ଆଇଏନଟିୟୁସି ଜିଲ୍ଲା ଉପସଭାପତି ଅବିନାଶ ମଲିକ ଓ ଆଇନଜୀବୀ ମଞ୍ଜୁଲତ ରାଉତ ପ୍ରମୁଖ ସାମିଲ ଥିଲେ।

## ନାଉଗାଁହାଟ ବିଦ୍ୟାଳୟରେ ବନ ମହୋତ୍ସବ




**ନାଉଗାଁ, ୧୭।୭ (ସମିସ):** ନାଉଗାଁ ବ୍ଲକ୍ ଅନ୍ତର୍ଗତ ନାଉଗାଁହାଟ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ସନ୍ତୋଷୀ ସେଠୀଙ୍କ ପୌରୋହିତ୍ୟରେ ଏନ୍‌ସିସି ଅଧିକାରୀ ତଥା ଇକୋ କ୍ଲବ୍ ଇନଚାର୍ଜ ମାନସ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବନ ମହୋତ୍ସବ ପାଳିତ ହୋଇଛି। ଏନ୍‌ସିସି କ୍ୟାଡେଟ୍, ଇକୋ କ୍ଲବ୍ ଛାତ୍ରଛାତ୍ରୀ ଓ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସହ ଏକ ସଚେତନତା ରାଲି କରାଯାଇଥିଲା। ପରେ ବିଦ୍ୟାଳୟ ପ୍ରାଙ୍ଗଣରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ ନିରଞ୍ଜନ ମହାନ୍ତି ଯୋଗଦେଇ ବନ ମହୋତ୍ସବ ପାଳନର ତାତ୍ପର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ପରେ ବିଦ୍ୟାଳୟ ପ୍ରାଙ୍ଗଣରେ ଚାରା ରୋପଣ କରାଯାଇଥିଲା। ଶକ୍ତି କ୍ଲବ୍ ଇନଚାର୍ଜ ଶିକ୍ଷୟିତ୍ରୀ ସମୀକ୍ଷା ଗିରି, ଶିକ୍ଷକ ପୁରୁଷୋତ୍ତମ ତ୍ରିପାଠୀ, ସନ୍ତୋଷ ପରିଡା, ପ୍ରଳୟ ବେହେରା, ସ୍ୱାତି ସ୍ୱାଇଁ, ସଙ୍ଗୀତା ସ୍ୱାଇଁ, ବେବିନା ସେଠୀ ପ୍ରମୁଖ ଯୋଗ ଦେଇଥିଲେ।


## ନଦୀକୁ ଡେଇଁ ଯୁବତୀ ନିଖୋଜ

**ଆଳି, ୧୭।୭ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ଗୋବିନ୍ଦପୁରସ୍ଥ କେନ୍ଦ୍ରାପଡ଼ା ଓ ଯାଜପୁର ଜିଲ୍ଲାକୁ ସଂଯୋଗ କରୁଥିବା ଗୋବିନ୍ଦପୁର-ସିଂପୁର ସେତୁ ଉପରୁ ଆଜି ପୂର୍ବାହ୍ନ ୧୧ ସମୟରେ ଜଣେ ଯୁବତୀ ଭରା ନଦୀକୁ ଡେଇଁ ନିଖୋଜ ହୋଇଯାଇଛନ୍ତି। ଆଜି ଯୁବତୀ ଜଣକ କମ୍ପ୍ୟୁଟର କ୍ଲାସରୁ ଫେରି ଗୋବିନ୍ଦପୁର ସେତୁ ଉପରେ ପହଞ୍ଚି ଥିଲେ। ହଠାତ କେହି କିଛି ଭାବିବା ପୂର୍ବରୁ ସାଙ୍ଗରେ ନେଇଥିବା ସାଇକଲକୁ ସେତୁ ଉପରେ ରଖି ଖରସ୍ରୋତା ନଦୀକୁ ଡେଇଁ ପଡ଼ିଥିଲେ। ନଦୀରେ ବନ୍ୟା ଯୋଗୁଁ ଭାସିଯାଇଥିଲେ। ବିଂଝାରପୁର ପୁଲିସ ଓ ଦମକଳ ବାହିନୀ ପହଞ୍ଚି ଖୋଜା ଖୋଜି କରି ପାଇ ନ ଥିବା ଜଣାପଡ଼ିଛି।

## ବନ୍ୟା ପାଣିରେ ବୁଡ଼ି ଯାଉଥିବା ଯୁବକ ଉଦ୍ଧାର

**ପଟ୍ଟାମୁଣ୍ଡାଇ/ମାଳିପୁର, ୧୭।୭ (ସମିସ):**

ସମ୍ପ୍ରତି ଦୁଇଦିନ ଧରି ବ୍ରାହ୍ମଣୀର ଜଳ ପତ୍ତନ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ପଟ୍ଟାମୁଣ୍ଡାଇ ବ୍ଲକର ଶ୍ରୀରାମପୁର, ଡାମରପୁର ଓ ବଳଭଦ୍ରପୁର ପଞ୍ଚାୟତ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି। ମାଳିପୁର ବସ୍ ରହଣୀ ଓ ପୂର୍ତ୍ତ ବିଭାଗ ରାସ୍ତାକୁ ସଂଯୋଗ କରୁଥିବା ତିନୋଟି ଯାକ ପଞ୍ଚାୟତର ଗ୍ରାମ୍ୟ ରାସ୍ତା ଜଳମଗ୍ନ ହୋଇଛି। ଶ୍ରୀରାମପୁର ପଞ୍ଚାୟତର ପ୍ରାୟତଃ ଆଠ ହଜାର ଓ ଡାମରପୁର ପଞ୍ଚାୟତର ସାତ ହଜାର ଲୋକ ଜଳବନ୍ଦୀ ଥିବାବେଳେ ଉଭୟ ପଞ୍ଚାୟତକୁ ଗୋଟିଏ ଲେଖାଏଁ ଡଙ୍ଗା ପ୍ରଶାସନ ତରଫରୁ ଯୋଗାଇ ଦିଆଯାଇଥିବାବେଳେ ପ୍ରାୟତଃ ସାତ ହଜାର ଲୋକ ଜଳବନ୍ଦୀ ଥିବା ବଳଭଦ୍ରପୁର ପଞ୍ଚାୟତକୁ ଦୁଇଟି ଡଙ୍ଗା ବିନା ଶୁଳ୍କରେ ଯାତାୟାତ ପାଇଁ ଯୋଗାଇ ଦିଆଯାଇଥିବା ଜାଣିବାକୁ ମିଳିଛି। ତେବେ ଆଜି ସକାଳେ ବଳଭଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ଛତ୍ରଧାରୀପାଟଣା ଗ୍ରାମର ପ୍ରଫୁଲ୍ଲ ପରିଡା (୩୩) ନାମକ ଜଣେ ଯୁବକ ପାଣି ସୁଅରେ ଭାସି ଯାଉଥିବାବେଳେ ଡଙ୍ଗା ବାହକ ନରି ମଲିକ, ବାବୁ ସେଠୀ, ଗଗନ ସେଠୀ ଗ୍ରାମବାସୀଙ୍କ ସହାୟତାରେ ପ୍ରଫୁଲ୍ଲଙ୍କୁ ଉଦ୍ଧାର କରିଥିଲେ।



ସନ୍ଧ୍ୟାରେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ମଲ୍ଲିକ, ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବିଡିଓ ଅଶୋକ ମହାନ୍ତି, ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି କାର୍ଯ୍ୟାଳୟର ସହନିର୍ବାହୀ ଯନ୍ତ୍ରୀ ପ୍ରସନ୍ନ ରାଉତ, ବିନୟ ମିଶ୍ର, ଡାମରପୁର ସରପଞ୍ଚ ବସନ୍ତ ନାଥ ପ୍ରମୁଖ ବନ୍ୟାଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ବନ୍ୟାଞ୍ଚଳକୁ ଅଧିକ ସଂଖ୍ୟକ ଡଙ୍ଗା ଯୋଗାଇ ଦିଆଯିବାକୁ ଦାବି ହେଉଛି।

## ବିଚିତ୍ରାନନ୍ଦ ବିଶ୍ୱାଳଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

**ନାଉଗାଁ, ୧୭।୭ (ସମିସ):** ଓଷକଣା ପଞ୍ଚାୟତ ସମିତି ସଭ୍ୟ ବିରେନ୍ଦ୍ର ବିଶ୍ୱାଳଙ୍କ ବାପା ବିଚିତ୍ରାନନ୍ଦ ବିଶ୍ୱାଳଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ବିଧାୟକ ଚିରଞ୍ଜୀବି ବିଶ୍ୱାଳ, ଜିଲ୍ଲା ବିଜୁ ଜନତା ଦଳ ସଭାପତି ତଥା ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଯୋଗଦେଇ ସ୍ମୃତିଚାରଣ କରିଥିଲେ। ସରପଞ୍ଚ ସଂଘ ସଭାପତି ଦୋଳଗୋବିନ୍ଦ ରାଉଳ, ଗଳଧାରୀ ସରପଞ୍ଚ ଦିଲ୍ଲୀପ ନାୟକ, ଘୋଡାଂଶ ସରପଞ୍ଚ ନିହାର ବସ୍ତିଆ, ସମିତି ସଭ୍ୟ ତରୁଣକାନ୍ତ ବାରିକ, ଡାବର ସମିତିସଭ୍ୟ ସୁବଳ ବେହେରା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବିଚିତ୍ରାନନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## କିଶୋର ନ୍ୟାୟ ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ ସଚେତନତା

**ଜଗତସିଂହପୁର,୧୭।୭ (ସମିସ):** ଜଗତସିଂହପୁର ବ୍ଲକ୍ ଅନ୍ତର୍ଗତ ପୁରୁଣାଗଡ଼ସ୍ଥ ବୀଣାପାଣି ଉଚ୍ଚବିଦ୍ୟାଳୟରେ ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ କିଶୋର ନ୍ୟାୟ ଆଇନ-୨୦୧୫ ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ, ବରିଷ୍ଠ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱାଗତ ଭାଷଣ ଦେଇଥିଲେ। ପରେ ଆଇନ ସେବା ପ୍ରାଧିକରଣ ସଚିବ କହିଥିଲେ, କିଶୋର ନ୍ୟାୟ ଆଇନ ଅନୁଯାୟୀ ବିଭିନ ମାମଲା ସହ ଜଡ଼ିତ ଥିବା ୧୮ ବର୍ଷରୁ କମ୍ ପିଲାଙ୍କୁ ସୁରକ୍ଷା ପ୍ରଦାନ କରିବା ହେଉଛି ଏହି ଆଇନର ମୂଳ ଲକ୍ଷ୍ୟ। ଶିଶୁଙ୍କୁ ଦଣ୍ଡ ବଦଳରେ ପୁନର୍ବାସ କରାଇବା ସହ ସେମାନଙ୍କ ସହିତ ଜଡ଼ିତ ଥିବା ମୋକଦ୍ଦମାର ପରିଚାଳନା କରାଇବା ପାଇଁ ଏହି ଆଇନ ରୂପରେଖ ପ୍ରଦାନ କରିଥାଏ। ସଚିବ ଭାରତୀୟ ସମ୍ବିଧାନର ଧାରା ୨୧(କ) ଅନୁଯାୟୀ ୬ ବର୍ଷରୁ ୧୪ ବର୍ଷ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କୁ ନିଶୁଳ୍କ ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଧାନ ବିଷୟରେ ସଚେତନ କରାଇବା ସହ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବରିଷ୍ଠ ଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ।

ସକାଳ THE SAKALA



# ଓଡ଼ିଶା ବନ୍ଦ ଜନଜୀବନ ପ୍ରଭାବିତ, କାରବାର ବାଧାପ୍ରାପ୍ତ

ଭୁବନେଶ୍ୱର,୧୭।୭(ସମିସ): ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ ଛାତ୍ରୀ ଆତ୍ମାହୁତି ଘଟଣାର ପ୍ରତିବାଦରେ କଂଗ୍ରେସ ପକ୍ଷରୁ ଗୁରୁବାର ଓଡ଼ିଶା ବନ୍ଦ ରହିଥିଲା। ଏହି ବନ୍ଦର ପ୍ରଭାବରେ ସାରା ରାଜ୍ୟରେ ବ୍ୟବସାୟିକ କାରବାର ଗୁରୁତର ଭାବେ ପ୍ରଭାବିତ ହୋଇଥିଲା। ବ୍ୟାଙ୍କଠାରୁ ଆରମ୍ଭ କରି ଶିଳ୍ପ ସଂସ୍ଥା, ବୀମା, ଡାକ ସେବା ସବୁ ଅଚଳ ହୋଇଯାଇଥିଲା। ଏଥିଯୋଗୁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଥିଲେ।

ଓଡ଼ିଶା ବନ୍ଦ ଯୋଗୁ ରାଜ୍ୟ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳ ବା ପାଇକାରୀ ମଣ୍ଡି କଟକ ମାଲଗୋଦାମ, ଛତ୍ରବଜାର, ଭୁବନେଶ୍ୱରର ଆଇଗିଣିଆ,ୟୁନିଟ୍-୧ ହାଟ,ସମ୍ବଲପୁର କ୍ଷେତରାଜପୁର ଏବଂ ବ୍ରହ୍ମପୁରର ପାଇକାରୀ ମଣ୍ଡିଗୁଡିକ ସମ୍ପୂର୍ଣ୍ଣ ରୂପେ ବନ୍ଦ ରହିଥିଲା। ରାଜ୍ୟର ପ୍ରମୁଖ ତନଖି ଫାଟଗୁଡିକରେ ବାହାର ରାଜ୍ୟରୁ ଏହି ମଣ୍ଡିଗୁଡିକୁ ଆସୁଥିବା ଟ୍ରକ୍‌ଗୁଡିକ ଲମ୍ବାଧାଡିରେ ଛିଡା ହୋଇଥିବା ପରିଲକ୍ଷିତ ହୋଇଥିଲା। ଏହାବାଦ୍ ପାରାଦୀପ, ଧାମରା ଏବଂ ଗୋପାଳପୁର ବନ୍ଦରରେ ମଧ୍ୟ ପଣ୍ୟ କାରବାର ବିଶେଷ ଭାବ ପ୍ରଭାବିତ ହୋଇଥିଲା। ଆନ୍ଦୋଳନକାରୀମାନେ ପିକେଟିଂ କରି ବନ୍ଦର ଗେଟ୍ ନିକଟରେ କର୍ମଚାରୀଙ୍କୁ ଯିବାରୁ ବନ୍ଦ କରିଥିଲେ। ବନ୍ଦର ସବୁଠାରୁ ବଡ଼ ପ୍ରଭାବ ବ୍ୟାଙ୍କ କାରବାର ଉପରେ ପଡିଥିଲା। ଏଥିଯୋଗୁ ସମଗ୍ର ରାଜ୍ୟରେ ସରକାରୀଠାରୁ ଆରମ୍ଭ କରି ଘରୋଇ ବ୍ୟାଙ୍କ ସବୁ ବନ୍ଦ ରହିଥିଲା। ରାଜଧାନୀ ଭୁବନେଶ୍ୱରର ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ), ଷ୍ଟେଟ୍ ବ୍ୟାଙ୍କର ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟ ଏବଂ ମୁଖ୍ୟ ଶାଖା ସମ୍ମୁଖରେ ଆନ୍ଦୋଳନକାରୀମାନେ ପିକେଟିଂ କରି ବନ୍ଦ କରିଥିଲେ।

ବନ୍ଦ ପରିପ୍ରେକ୍ଷୀରେ ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ପେଟ୍ରୋଲ ପମ୍ପମାଲିକମାନେ ଆଗୁଆ ପେଟ୍ରୋଲ ଟାଙ୍କି ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଥିଲେ। ଯାହାଫଳରେ ଆଜି ସାରା ରାଜ୍ୟରେ ପ୍ରାୟ ୩୧୦୦ ପେଟ୍ରୋଲ ପମ୍ପ ବନ୍ଦ ରହିଥିଲା। ଏ ସମ୍ପର୍କରେ ସର୍ବଭାରତୀୟ ପେଟ୍ରୋଲ ପମ୍ପ ଡିଲର ମହାସଂଘର ମହାସଚିବ ସଞ୍ଜୟ ଲାଠ୍ କହିଛନ୍ତି ଯେ, ଓଡ଼ିଶା ବନ୍ଦକୁ ନଜରରେ ରଖି ଡିଲରମାନେ ପମ୍ପ ବନ୍ଦ ରଖିଥିଲେ। ପରେ ଦିନ ୩ଟା ପରେ ଅପରାହ୍ଣ ପରେ ଧୀରେ ଧୀରେ ଚାରିଆଡେ ପମ୍ପଗୁଡିକ ଖୋଲିଥିଲା। ଆଜି ହୋଇଥିଲା ଏହି ବନ୍ଦ ଯୋଗୁ ରାଜ୍ୟରେ ପ୍ରାୟ ୫୧ କୋଟି ଟଙ୍କାର କାରବାର ପ୍ରଭାବିତ ହୋଇଛି। ଏହାଛଡା ବନ୍ଦ ପ୍ରଭାବରେ ଡିପୋଗୁଡିକରେ ଟ୍ୟାଙ୍କରରେ ତେଲ ଲୋଡିଂ ମଧ୍ୟ ହୋଇ ପାରି ନ ଥିଲା। ବନ୍ଦ ଉପରେ ମତ ରଖି ଓଡ଼ିଶା ବ୍ୟବସାୟୀ ସଂଘର ସାଧାରଣ ସମ୍ପାଦକ ସୁଧାକର ପଣ୍ଡା କହିଛନ୍ତି ଯେ, ସାରା ରାଜ୍ୟରେ ବନ୍ଦ ପାଳନ ଯୋଗୁ ପାଇକାରୀ ମଣ୍ଡିଗୁଡିକୁ ମାଲ ପରିବହନ ବନ୍ଦ ହୋଇଯାଇଛି।

## ପେଟ୍ରୋଲ ପମ୍ପଠାରୁ ବ୍ୟାଙ୍କ, ବୀମା, ଡାକ ସେବା ସବୁ ଅଚଳ




ରାୟଗଡ଼ା


ନବରଙ୍ଗପୁର


ବ୍ରହ୍ମପୁର


ରାଉରକେଲା


ବଲାଙ୍ଗିର


ବାଲେଶ୍ୱର


କେନ୍ଦ୍ରାପଡ଼ା


ଜଗତସିଂହପୁର


ବାରିପଦା


କେନ୍ଦୁଝର


ରାଉରକେଲା


ତରଭା


ଅନୁଗୁଳ



କଳାହାଣ୍ଡି


ପୁରୀ

## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ସୃଜନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରି ପାଇବେ। ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ଚାକିରିରେ ସହକର୍ମୀଙ୍କ ସହଯୋଗ ମିଳିବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ବିଦେଶ ଯାତ୍ରା ଯୋଗ ଅଛି। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଆଜିର ଇତିହାସ

- ୧୮୫୭- ବମ୍ବେ ବିଶ୍ୱବିଦ୍ୟାଳୟର ସ୍ଥାପନା।
- ୧୯୪୩- ବ୍ରିଟିଶ ସେନା ଇଟାଲୀର କଟାନିୟା ସହର ଉପରେ ଆକ୍ରମଣ କଲା।
- ୧୯୭୭- ଭିଏତନାମ ଜାତିସଂଘର ସଦସ୍ୟ ହେଲା।
- ୧୯୮୦- ସଂପୂର୍ଣ୍ଣ ଭାବେ ଭାରତ ଦ୍ୱାରା ନିର୍ମିତ ଉପଗ୍ରହ 'ରୋହିଣୀ-୧' ପୃଥିବୀ କକ୍ଷରେ ସ୍ଥାପିତ ହେଲା।
- ୨୦୧୨- ବଲିଉଡ୍ ଅଭିନେତା ରାଜେଶ ଖାନ୍ନାଙ୍କ ଦେହାନ୍ତ।

## ଅନ୍ତର୍ଜାତୀୟ ନେଲସନ ମଣ୍ଡେଲା ଦିବସ



ପ୍ରତିବର୍ଷ ଜୁଲାଇ ୧୮ ତାରିଖକୁ ଅନ୍ତର୍ଜାତୀୟ ନେଲସନ ମଣ୍ଡେଲା ଦିବସ ଭାବେ ପାଳନ କରାଯାଉଛି। ଦକ୍ଷିଣ ଆଫ୍ରିକାର ପୂର୍ବତନ ରାଷ୍ଟ୍ରପତି ନେଲସନ ମଣ୍ଡେଲା ଜଣେ ବର୍ଣ୍ଣବୈଷମ୍ୟ ବିରୋଧୀ ନେତା ଭାବେ ସାରା ବିଶ୍ୱରେ ପରିଚିତ। ୧୯୧୮ ଜୁଲାଇ ୧୮ ରେ ସେ ଜନ୍ମଗ୍ରହଣ କରିଥିବାରୁ ଏହି ଦିନଟିକୁ ନେଲସନ ମଣ୍ଡେଲା ଦିବସ ଭାବେ ପାଳନ କରାଯାଇଆସୁଛି। ତାଙ୍କ ନୀତି ଏବଂ ଆଦର୍ଶକୁ ମନେ ପକାଇବା ତଥା ଭେଦଭାବ ଭୁଲି ବିଶ୍ୱକୁ ଏକତାର ବନ୍ଧନରେ ବାନ୍ଧି ରଖିବା ଏହି ଦିବସ ପାଳନର ଉଦ୍ଦେଶ୍ୟ। ଏହି ଦିନ ସମସ୍ତଙ୍କୁ ଦାରିଦ୍ର ତଥା ସାମାଜିକ ଅନ୍ୟାୟ ବିରୁଦ୍ଧରେ ପଦକ୍ଷେପ ନେବାକୁ ଉତ୍ସାହିତ କରାଯାଏ। ଜାତିସଂଘର ଅନୁମୋଦନ କ୍ରମେ ୨୦୧୦ ମସିହାରୁ ପ୍ରତିବର୍ଷ ଜୁଲାଇ ୧୮ ତାରିଖକୁ 'ମଣ୍ଡେଲା ଦିବସ' ଭାବେ ପାଳନ କରାଯାଉଛି। ଦକ୍ଷିଣ ଆଫ୍ରିକାର ପ୍ରଥମ କୃଷ୍ଣକାୟ ରାଷ୍ଟ୍ରପତି ହେବାର ସେ ସୌଭାଗ୍ୟ ଅର୍ଜନ କରିଥିଲେ। ସେ ଆଫ୍ରିକାରେ ସାମାଜିକ ନ୍ୟାୟ ପାଇଁ ୬୭ ବର୍ଷ ଧରି ସଂଗ୍ରାମ ଜାରି ରଖିଥିଲେ। ୬୭ ବର୍ଷର ଜୀବନକାଳ ମଧ୍ୟରେ ଜେଲ୍ ଯିବା, ଦେଶଦ୍ରୋହ ମାମଲାର ସମ୍ମୁଖୀନ ହେବା ପରେ ବି ସେ ନିଜ ମନୋବଳରୁ ବିଚ୍ୟୁତ ହୋଇ ନ ଥିଲେ। ସେ ଦକ୍ଷିଣ ଆଫ୍ରିକାରେ ଜାତିବାଦ ପ୍ରଥା ବିରୋଧରେ ସ୍ୱର ଉତ୍ତୋଳନ କରିବା ସହ ସାମାଜିକ ସମାନତା ପାଇଁ ତାଙ୍କ ଜୀବନକୁ ଉତ୍ସର୍ଗ କରିଥିଲେ। ତାଙ୍କର ଏହି ନିଃସ୍ୱାର୍ଥପର କାମ ପାଇଁ ତାଙ୍କୁ ୨୫୦ରୁ ଅଧିକ ପୁରସ୍କାର ମିଳିଥିଲା। ୧୯୯୦ ମସିହାରେ ତାଙ୍କୁ ଭାରତ ରତ୍ନ ଏବଂ ୧୯୯୩ ମସିହାରେ ନୋବେଲ ଶାନ୍ତି ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ୨୦୧୩ ଡିସେମ୍ବର ୫ ତାରିଖରେ ତାଙ୍କର ପରଲୋକ ଘଟିଥିଲା।

## ଭାରତର ପ୍ରଥମ ମହିଳା ଡାକ୍ତର କାଦମ୍ବିନୀ ଗାଙ୍ଗୁଲି




ଭାରତର ପ୍ରଥମ ତାଲିମପ୍ରାପ୍ତ ମହିଳା ଡାକ୍ତର ହେବାର ସୌଭାଗ୍ୟ ଅର୍ଜନ କରିଥିଲେ କାଦମ୍ବିନୀ ଗାଙ୍ଗୁଲି। ସେ ୧୮୬୧ ମସିହା ଆଜିର ଦିନରେ ବିହାରସ୍ଥିତ ଭାଗଲପୁରରେ ଜନ୍ମ ଗ୍ରହଣ କରିଥିଲେ। ସେ ସମୟରେ ଝିଅମାନଙ୍କ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉ ନ ଥିଲା। ମାତ୍ର ସେହି ସମୟରେ ଡାକ୍ତରୀ ପଢ଼ି ନିଜର ଏକ ଭିନ୍ନ ପରିଚୟ ସୃଷ୍ଟି କରିବାରେ ସଫଳ ହୋଇଥିଲେ କାଦମ୍ବିନୀ। ୧୮୮୨ରେ କାଦମ୍ବିନୀ ଓ ତାଙ୍କ ବାନ୍ଧବୀ ଚନ୍ଦ୍ରମୁଖୀ ବସୁ ଦେଶର ପ୍ରଥମ ମହିଳା ସ୍ନାତକ ହେବାର ଗୌରବ ଅର୍ଜନ କରିଥିଲେ। ସ୍ନାତକ ପରେ ୨୧ ବର୍ଷ ବୟସରେ ସେ ପ୍ରଫେସର ତଥା ସାମାଜିକ କାର୍ଯ୍ୟକର୍ତ୍ତା ଦ୍ୱାରକାନାଥ ଗାଙ୍ଗୁଲିଙ୍କୁ ବିବାହ କଲେ। ଦ୍ୱାରକାନାଥ ମହିଳା ସଶକ୍ତୀକରଣ ଦିଗରେ କାମ କରୁଥିଲେ। ସେ ହିଁ କାଦମ୍ବିନୀଙ୍କୁ ଡାକ୍ତରୀ ପାଠ ପଢ଼ିବାକୁ ଉତ୍ସାହିତ କରିଥିଲେ। ୧୮୮୬ରେ ସେ କଲିକତା ବିଶ୍ୱବିଦ୍ୟାଳୟରୁ ମେଡିସିନ୍ ଡିଗ୍ରୀ ପ୍ରାପ୍ତ କରି ପ୍ରଥମ ଭାରତୀୟ ମହିଳା ଡାକ୍ତର ହେବାର ପରିଚୟ ହାସଲ କଲେ। କେବଳ ସେତିକି ନୁହେଁ, ସେ ଥିଲେ ପ୍ରଥମ ଦକ୍ଷିଣ ଏସୀୟ ମହିଳା, ଯାହାଙ୍କୁ ୟୁରୋପୀୟ ମେଡିସିନ୍‌ରେ ପ୍ରଶିକ୍ଷଣ ମିଳିଥିଲା। ବ୍ରିଟେନ୍‌ରେ କାମ ଓ ଅଧ୍ୟୟନ କରିବା ସହ ସେ ସ୍ତ୍ରୀରୋଗ ବିଶେଷଜ୍ଞତା ହାସଲ କଲେ। ଏହାପରେ ୧୮୯୦ରେ ସେ ଭାରତ ଫେରିଲେ ଓ ଏଠାରେ ଡାକ୍ତରୀ ଅଭ୍ୟାସ ଜାରି ରଖିଲେ। ତାଙ୍କ ଭୂମିକା କେବଳ ଚିକିତ୍ସା କ୍ଷେତ୍ରରେ ସୀମିତ ନ ଥିଲା, ମହିଳାଙ୍କ ଅଧିକାର ଦିଗରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ଥିଲେ କାଦମ୍ବିନୀ। ୧୮୮୯ ରେ ସେ ଅନ୍ୟ ଛଅ ଜଣଙ୍କ ସହ ମିଶି ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସର ପ୍ରଥମ ମହିଳା ପ୍ରତିନିଧିମଣ୍ଡଳ ଗଠନ କରିଥିଲେ। ୧୯୨୩ ମସିହା ଅକ୍ଟୋବର ୩ରେ ତାଙ୍କର ଦେହାନ୍ତ ହୋଇଥିଲା।

## ୪୦୦୦ କୋଟି ଟଙ୍କାର ପ୍ରୋଜେକ୍ଟ 'ରାମାୟଣ'



ନୀତେଶ ତିୱାରିଙ୍କ ଫିଲ୍ମ 'ରାମାୟଣ'କୁ ନେଇ ଦର୍ଶକେ ବେଶ୍ ଉତ୍ସାହିତ ଅଛନ୍ତି। ଏହି ଫିଲ୍ମ ଦୁଇଟି ପାର୍ଟରେ ରିଲିଜ୍ ହେବ। ଏହାର ପ୍ରଥମ ପାର୍ଟ ୨୦୨୬ ଦୀପାବଳି ଓ ଏହାର ଦ୍ୱିତୀୟ ପାର୍ଟ ୨୦୨୭ ଦୀପାବଳିରେ ଆସିବ। ପୂର୍ବରୁ ଫିଲ୍ମର ବଜେଟ୍ ୧୬୦୦ କୋଟି ହେବ ବୋଲି କୁହାଯାଉଥିଲା। ନିକଟରେ ଏକ ପଡକାଷ୍ଟରେ ଏହାର ବଜେଟ୍ ସମ୍ପର୍କରେ ପଚାରାଯିବାରୁ ପ୍ରଯୋଜକ ନମିତ ମଲହୋତ୍ରା କହିଛନ୍ତି- 'ରାମାୟଣ' ଏକ ଲାଇଫ୍‌ଟାଇମ୍ ପ୍ରୋଜେକ୍ଟ। ଦୁଇଟିଯାକ ପ୍ରୋଜେକ୍ଟ ପୂର୍ଣ୍ଣ ହେବା ବେଳକୁ ପାଖାପାଖି ୪୦୦୦ କୋଟି ଟଙ୍କା ଖର୍ଚ୍ଚ ହୋଇ ଯାଇଥିବ। ଆମେ ଏକ ବଡ଼ ପୌରାଣିକ କାହାଣୀକୁ ସାରା ବିଶ୍ୱକୁ ଦେଖେଇବାକୁ ଚାହୁଁଛୁ।' ଯଦି ଏହାର ବଜେଟ୍ ୪୦୦୦ କୋଟି ହେଉଛି ତାହେଲେ ଭାରତୀୟ ସିନେମା ଇତିହାସରେ ଏହା ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ ହେବ। 'ରାମାୟଣ'ର ପ୍ରଯୋଜନା ଦାୟିତ୍ୱରେ ନମିତ ମଲହୋତ୍ରାଙ୍କ ପ୍ରାଇମ୍ ଫୋକସ୍ ଷ୍ଟୁଡିଓ ଓ ବିଏଫ୍‌ଏକ୍ସ ଷ୍ଟୁଡିଓ ଡିଏନ୍‌ଜି ରହିଛି। ଏହାବାଦ୍ ଏଥିରେ ରାବଣ ଭୂମିକାରେ ଅଭିନୟ କରୁଥିବା ସାଉଥ୍ ଇଣ୍ଡଷ୍ଟ୍ରୀର ଲୋକପ୍ରିୟ ଅଭିନେତା ଯଶ୍ ମଧ୍ୟ ସହ ପ୍ରଯୋଜକ ଅଛନ୍ତି।

## ଧୂମପାନ ଭଳି କ୍ଷତିକାରକ ଡେସ୍କ ଚାକିରି



ଦୀର୍ଘ ସମୟ ପର୍ଯ୍ୟନ୍ତ ବସିରହି କାମ କରିବା ଶରୀର ପାଇଁ କ୍ଷତିକାରକ। ଏହା ମଧୁମେହ, ମାଂସପେଶୀ ଦୁର୍ବଳତା, ପିଠି ଯନ୍ତ୍ରଣା, ଡିପ୍ ଭେନ୍ ଥ୍ରୋମ୍ବୋସିସ୍, ଅବସାଦ ଏବଂ କୋଲନ କ୍ୟାନସର୍ ଭଳି ଅନେକ କର୍କଟ ରୋଗର କାରଣ ସାଜିପାରେ ବୋଲି ଅନେକ ଅଧ୍ୟୟନରୁ ମଧ୍ୟ ପ୍ରକାଶ ପାଇଛି। ତେଣୁ ଧୂମପାନ ଯେଭଳି ପ୍ରାଣଘାତୀ, ଅଧିକ ସମୟ ବସିବା ତାହା ସହ ସମାନ ବୋଲି ବିବେଚନା କରାଯାଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ଗତିହୀନ ଭାବେ ବା ସ୍ଥିର ଭାବେ ଦୀର୍ଘ ସମୟ ବସି ରହି କାମ କରିବା ମୃତ୍ୟୁର ଚତୁର୍ଥ ସବୁଠୁ ବଡ଼ କାରଣ ବୋଲି କୁହାଯାଉଛି। ଦୀର୍ଘ ସମୟ ପର୍ଯ୍ୟନ୍ତ ବସି ରହିବା ସହ ମେଦବୃଦ୍ଧି, ଉଚ୍ଚ ରକ୍ତଚାପ, ମଧୁମେହ ଆଦି ଅନେକ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟରେ ଏକ ମଜଭୁତ ସମ୍ପର୍କ ଥିବା କଥାକୁ ସୂଚାଇଛି। ଯାହାକି ମେଟାବଲିକ୍ ସିଣ୍ଡ୍ରୋମ, ହୃଦ୍‌ରୋଗ ଏବଂ କର୍କଟର କାରଣ ହୋଇପାରେ। ତେବେ ଯେଉଁମାନେ ନିତିଦିନ ୮ ଘଣ୍ଟାରୁ ଅଧିକ ସମୟ ବସି ରହି କାମ କରୁଛନ୍ତି ସେମାନଙ୍କୁ ମେଦବୃଦ୍ଧି ଏବଂ ଧୂମପାନ ଯୋଗୁଁ ହେଉଥିବା ମୃତ୍ୟୁ ଭଳି ପରିସ୍ଥିତି ସାମ୍ନା କରିବାକୁ ପଡ଼ିଥାଏ। ତେଣୁ ଦୀର୍ଘ ସମୟ ବସି ରହି କାମ କରୁଥିବା ଲୋକଙ୍କୁ ମଝିରେ ମଝିରେ ବ୍ରେକ୍ ନେବା, କାମ ମଧ୍ୟରେ ହାଲକାଫୁଲକା ବ୍ୟାୟାମ କରିବା ପାଇଁ ପରାମର୍ଶ ଦିଆଯାଇଛି।




## ଦେହକୁ ହିତ ଅଞ୍ଜିର



**ଅଞ୍ଜିର ଏକ ସ୍ୱାଦିଷ୍ଟ ଏବଂ ପୌଷ୍ଟିକ ଫଳ। ଏଥିରେ ସବୁ ଫଳ ଓ ପନିପରିବାଠାରୁ ଅଧିକ ଆଲକାଲାଇନ୍ ଥାଏ। ଏହା ପଟାସିୟମ, କ୍ୟାଲସିୟମ, ଭିଟାମିନ୍–ଏ, ବି୨, ସି, କ୍ୟାଲସିୟମ, ଲୌହସାର, ମାଙ୍ଗାନିଜ୍ ଆଦି ପୌଷ୍ଟିକତତ୍ତ୍ୱରେ ଭରପୁର। ତେଣୁ ଏହା ମନୁଷ୍ୟ ଶରୀରର ପୁଷ୍ଟିସାଧନ କରି ନାନା ରୋଗ ଦୂର କରିଥାଏ।**

- ଅଞ୍ଜିର ତନ୍ତୁଯୁକ୍ତ ହୋଇଥିବାରୁ ପେଟ ସଫା କରିବା ସହ କୋଲେଷ୍ଟ୍ରଲ, ଶ୍ୱାସ, ଅର୍ଶ ଓ ଯକୃତ ସମ୍ବନ୍ଧୀୟ ରୋଗ ନିୟନ୍ତ୍ରଣ କରିଥାଏ।
- ଅଞ୍ଜିରରେ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ଥିବାରୁ ଏହା ଓଜନ ହ୍ରାସ, ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ ପାଇଁ ହିତକର। କୋଷ୍ଠକାଠିନ୍ୟର ଉପଶମ ପାଇଁ ଏହା ବହୁତ ଉପଯୋଗୀ। ଏଥପାଇଁ ରାତିରେ ୨ଟି ଅଞ୍ଜିରକୁ ପାଣିରେ ଭିଜାଇ ପରଦିନ ସକାଳୁ ପାଣି ପିଇବା ସହିତ ଅଞ୍ଜିର ଖାଇବା ଦ୍ୱାରା ଅସ୍ଥି ଶକ୍ତ ହୁଏ। ରୋଗପ୍ରତିରୋଧକଶକ୍ତି ମଧ୍ୟ ବୃଦ୍ଧି ପାଇଥାଏ। ଏହା ରକ୍ତଚାପ ନିୟନ୍ତ୍ରଣ କରି ହୃଦ୍‌ରୋଗ ଆଶଙ୍କାକୁ ମଧ୍ୟ ହ୍ରାସ କରିପାରେ।
- ସେହିପରି ୨ଟି ଅଖରୋଟ୍, ଆଲମଣ୍ଡ ୨ଟି, ୨ଟି ଶୁଖିଲା ଖଜୁରୀ, ମୁଠାଏ କିସ୍‌ମିସ୍ ସହିତ ୨ଟି ଅଞ୍ଜିରକୁ ଭଲଭାବେ ସଫା କରି ରାତିରେ ଏକ ଗ୍ଲାସ ପାଣିରେ ଭିଜାଇ ରଖି ପରଦିନ ସକାଳୁ ସେହି ପାଣି ସହିତ ଭିଜିଥିବା ନଟ୍‌ସ ଖାଇବା ଦ୍ୱାରା ଶାରୀରିକ ଓ ମାନସିକ ପୁଷ୍ଟିସାଧନ ହୋଇ ତ୍ୱଚା ଉଜ୍ଜ୍ୱଳ ହୁଏ। ପାଚନ ପ୍ରକ୍ରିୟା ସକ୍ରିୟ ରୁହେ।
- ଅନ୍ୟପଟେ ମାତ୍ରାଧିକ ଅଞ୍ଜିର ଖାଇଲେ ଏହା ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। ଆଲର୍ଜି, ରକ୍ତ ପତଳା କରିବାକୁ ଔଷଧ ଖାଉଥିଲେ, ଯକୃତଜନିତ ସମସ୍ୟା, ପାଚନପ୍ରକ୍ରିୟା ଅତି ସମ୍ବେଦନଶୀଳ ହୋଇଥିଲେ ସେମାନେ ଡାକ୍ତରଙ୍କ ପରାମର୍ଶ କରି ଅଞ୍ଜିର ଖାଇବା ଆବଶ୍ୟକ।

'ସକାଳ'ର ସ୍ୱାସ୍ଥ୍ୟ

## ବାରିଆଟ୍ରିକ୍ ସର୍ଜରୀ



ଫିଟ୍ ଆଉ ସ୍ଲିମ୍ ରହିବା ସମସ୍ତଙ୍କର ଇଚ୍ଛା ଥାଏ। ହେଲେ ଅଧୁନା ଜୀବନଶୈଳୀ, ଅଧିକ ତେଲ ଓ ମସଲାଯୁକ୍ତ ଖାଦ୍ୟ ସେବନ ଓ ବ୍ୟାୟାମ ଅଭାବରୁ ମେଦବହୁଳତା ସମସ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ତେବେ ଦୀର୍ଘ ସମୟ ଧରି ଡାଏଟ୍, ବ୍ୟାୟାମ ଓ ଔଷଧ ସେବନ ଦ୍ୱାରା ଓଜନ ହ୍ରାସ ନ ହେଲେ ଏଥିପାଇଁ ସର୍ଜରୀ ବିକଳ୍ପ ରହିଛି। ଏହି ସର୍ଜରୀ ନାଁ ହେଉଛି ବାରିଆଟ୍ରିକ୍ ସର୍ଜରୀ। ଏହି ସର୍ଜରୀ ଏବେ ମେଟାବୋଲିକ ସର୍ଜରୀ ଭାବେ ଅଭିହିତ ହେଉଛି। ତେବେ ଅଧିକ ମେଦବହୁଳତାକୁ ନେଇ ଚିନ୍ତିତ ଥିବା ବ୍ୟକ୍ତିଙ୍କ ପାଇଁ ଏହି ସର୍ଜରୀ ଭଲ ବିକଳ୍ପ ହୋଇଥିଲେ ମଧ୍ୟ ଏହା ବ୍ୟୟବହୁଳ। ମୁଖ୍ୟତଃ ବିଏମ୍‌ଆଇ ୩୫ରୁ ଅଧିକ ହେଲେ ଏହି ସର୍ଜରୀ କରାଯାଇଥାଏ। ନିର୍ଦ୍ଦିଷ୍ଟ ବୟସ ମଧ୍ୟରେ ଏହି ସର୍ଜରୀ କରାଯିବାର ନିୟମ ରହିଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତାନୁସାରେ, ମେଦବହୁଳତା କେବଳ ସୌନ୍ଦର୍ଯ୍ୟକୁ ପ୍ରଭାବିତ କରେ ନାହିଁ, ଧୀରେ ଧୀରେ ଏହା ମଧୁମେହ, ଉଚ୍ଚ ରକ୍ତଚାପ, ହୃଦ୍‌ସମ୍ପର୍କିତ ରୋଗ, ଯକୃତ ରୋଗ, ନିଦ୍ରାହୀନତା ଆଦି ରୋଗ ସୃଷ୍ଟି କରାଏ। ତେଣୁ ଡାଏଟ୍, ଔଷଧ ସେବନ, ଶାରୀରିକ ବ୍ୟାୟାମ ଦ୍ୱାରା ଓଜନ ହ୍ରାସ ହୋଇ ନ ପାରିଲେ ଏହି ବାରିଆଟ୍ରିକ୍ ସର୍ଜରୀ କରାଯାଇଥାଏ। ମୁଖ୍ୟତଃ ଏହି ସର୍ଜରୀରେ ପାକସ୍ଥଳୀର ଆକାରକୁ ଛୋଟ କରାଯାଇଥାଏ। ଏହି ସର୍ଜରୀ ଦ୍ୱାରା ଶରୀରର ଭୋକ, ମେଟାବୋଲିଜିମ୍ ଏବଂ ଇନ୍‌ସୁଲିନ୍ ପ୍ରକ୍ରିୟାର ପରିବର୍ତ୍ତନ ହୋଇଥାଏ। ଏହାଦ୍ୱାରା ଭୋକ ନିୟନ୍ତ୍ରଣରେ ରହୁଥିବାରୁ ଓଜନ ମଧ୍ୟ ନିୟନ୍ତ୍ରଣରେ ରହେ। ସେହିପରି ବିଭିନ୍ନ ଗବେଷଣାରୁ ପ୍ରମାଣିତ ହୋଇଛି ଯେ, ବାରିଆଟ୍ରିକ୍ ବା ମେଟାବୋଲିକ ସର୍ଜରୀ ଟାଇପ୍-୨ ମଧୁମେହ, ଉଚ୍ଚ ରକ୍ତଚାପ, ପିସିଓଏସ୍ ଏବଂ ସ୍ଲିପ୍ ଏପନିଆ ପରି ରୋଗ ନିୟନ୍ତ୍ରଣ କରିପାରେ। ତେବେ ସର୍ଜରୀ ପୂର୍ବ ଏବଂ ପରେ ଡାକ୍ତରଙ୍କ ପରାମର୍ଶରେ ରହିବାକୁ ହୋଇଥାଏ।

## ହୃଦ୍‌ଘାତ ପୂର୍ବରୁ ସଙ୍କେତ



ମଣିଷ ଶରୀରର ହାର୍ଟ ବା ହୃତ୍‌ପିଣ୍ଡ ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ଶରୀରକୁ ଶକ୍ତି ଯୋଗାଏ। ଆଜିକାଲିର ଜୀବନ ଓ ଖାଦ୍ୟପେୟ ଶୈଳୀ, କାର୍ଯ୍ୟଚାପ, ନିଶା ସେବନ ଆଦି ଯୋଗୁଁ ଅଧିକାଂଶ ହୃଦ୍‌ରୋଗର ଶିକାର ହେଉଛନ୍ତି। ହୃଦ୍‌ଘାତ ଯୋଗୁଁ ବିଶ୍ୱରେ ପ୍ରତିବର୍ଷ ଅନେକ ଲୋକଙ୍କ ଜୀବନ ଯାଉଛି। ତେଣୁ ହୃଦ୍‌ଘାତ ପୂର୍ବର ସଙ୍କେତ ପାଇବା ପାଇଁ ଆମେରିକା, ମିସିସିପି ବିଶ୍ୱବିଦ୍ୟାଳୟର ଇଞ୍ଜିନିୟରମାନେ ଏକ ପିନ୍ଧିବାଯୋଗ୍ୟ ଉପକରଣ ତିଆରି କରିଛନ୍ତି। ଏହା ଦ୍ୱିତୀୟ ପର୍ଯ୍ୟାୟ ଗବେଷଣାର ଅନ୍ତର୍ଭୁକ୍ତ ରହିଛି। ଏହି ଉପକରଣ ହୃଦ୍‌ଘାତ ଆଶଙ୍କା ପୂର୍ବରୁ ଚେତାବନୀ ଦେଇପାରିବ ବୋଲି ଆଶା କରାଯାଉଛି। ଆଖପାଖରେ କୌଣସି ଡାକ୍ତରୀ ପରୀକ୍ଷଣର ସୁବିଧା ନ ଥିଲେ ଏହି ଉପକରଣ ପିନ୍ଧିଥିଲେ ଦୂରଦୂରାନ୍ତ ସମୟରେ ମଧ୍ୟ ହୃଦ୍‌ଘାତର ଆଶଙ୍କା ସମ୍ବନ୍ଧରେ ପୂର୍ବ ସୂଚନା ପାଇପାରିବେ। ତେଣୁ ଇଞ୍ଜିନିୟରମାନେ ଉପକରଣକୁ ହାଲୁକା ଏବଂ ଶକ୍ତି ସଂରକ୍ଷଣକାରୀ ସହ ଅଧିକ ସଠିକ୍ ସୂଚନା ଦେବାକୁ ସ୍ୱତନ୍ତ୍ର ଭାବେ ବନାଇଛନ୍ତି। ଏଥିରେ ଏଆଇ ଏବଂ ଉନ୍ନତ ଗଣିତର ଉପଯୋଗ କରାଯିବା ସହ ଇଲେକ୍ଟ୍ରୋକାର୍ଡିଓଗ୍ରାମର ବିଶ୍ଳେଷଣ କରିବାକୁ ଏହି ଉପକରଣରେ ଏକ ଚିପ୍ ଡିଜାଇନ୍ ମଧ୍ୟ କରାଯାଇଛି। ଏହା ହୃତ୍‌ପିଣ୍ଡର ବିଦ୍ୟୁତ୍ ସଙ୍କେତ ଗ୍ରାଫ୍। ଏହା ହୃଦ୍‌ଘାତ ଆଶଙ୍କା ସଙ୍କେତ ଦେଇଥାଏ। ଡାକ୍ତରଙ୍କ କହିବାନୁସାରେ, ହୃଦ୍‌ଘାତର ସମୟଟି ବହୁତ ମହତ୍ତ୍ୱପୂର୍ଣ୍ଣ ହୋଇଥାଏ। ଯେତେ ଶୀଘ୍ର ଏହାକୁ ଚିକିତ୍ସା କରାଯାଏ ବିପଦକୁ ଏଡାଇ ଦିଆଯାଇପାରେ। ଏ ଦୃଷ୍ଟିରୁ ନୂତନ ଉପଯୋଗଉପକରଣଟି ଭବିଷ୍ୟତରେ ହୃଦ୍‌ରୋଗଜନିତ ମୃତ୍ୟୁକୁ ସ୍ୱଳ୍ପ ମାତ୍ରାରେ ହ୍ରାସ କରିପାରିବ ବୋଲି ଆଶା ଓ ବିଶ୍ୱାସ ରହିଛି।

## ଚକୋଲେଟ୍, ଚିପ୍‌ସରୁ ହୋଇପାରେ ଟାଇପ୍ ୨-ମଧୁମେହ



ଆଜିକାଲି ପିଲାମାନେ ଘରୋଇ ଖାଦ୍ୟ ବଦଳରେ ଅଧିକ ତେଲମସଲା ଯୁକ୍ତ ଜଙ୍କ୍‌ଫୁଡ, ଚକୋଲେଟ୍, ଚିପ୍‌ସ ଆଦି ଖାଇବାକୁ ଗୁରୁତ୍ୱ ଦେଉଛନ୍ତି। ପିଲାଙ୍କ ଦୈନିକ କ୍ୟାଲୋରୀରେ ମାତ୍ର ୫ ପ୍ରତିଶତ ଚିନି ଗ୍ରହଣ କରିବା ନିୟମ ରହିଥିବାବେଳେ ଏବେ ୪ରୁ ୧୦ବର୍ଷ ପିଲା ଦୈନିକ ୧୩ ପ୍ରତିଶତ ଚିନି ଓ ୧୧ରୁ ୧୮ ବର୍ଷ ମଧ୍ୟରେ ପିଲାମାନେ ୧୫ ପ୍ରତିଶତ ଚିନି ସେବନ କରୁଛନ୍ତି। ଯାହାଫଳରେ ସ୍ୱଳ୍ପ ବୟସରୁ ସେମାନେ ଟାଇପ୍-୨ ମଧୁମେହର ଶିକାର ହେଉଛନ୍ତି। ସେହିପରି ଜଙ୍କଫୁଡ୍, ସ୍ନାକ୍ସ, ଚକୋଲେଟ ଏବଂ ଶର୍କରାଯୁକ୍ତ ପାନୀୟରେ କୃତ୍ରିମ ଚିନି ଓ ଅନ୍ୟାନ୍ୟ ରାସାୟନିକ ପଦାର୍ଥ ମିଶାଯାଉଥିବାରୁ ଏହାକୁ ସେବନ କରିବା ଦ୍ୱାରା ପିଲାଙ୍କ ସ୍ୱାସ୍ଥ୍ୟ ପ୍ରଭାବିତ ହେଉଛି। ତେଣୁ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମୁତାବକ, ପିଲାଙ୍କ ଜଳଖିଆରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ଯଥା- ଫଳ ଏବଂ ଦୁଗ୍ଧ, ମଧ୍ୟାହ୍ନଭୋଜନରେ ରୁଟି, ଗଜା ମୁଗ, ଡାଲି, ସିଝା ପରିବା, ପନୀର ଆଦି ସାମିଲ କରିପାରିବେ। ସନ୍ଧ୍ୟାରେ ପିଲାଙ୍କୁ ସନ୍ତୁଳିତ ସ୍ନାକ୍ସ, ରାତ୍ରୀଭୋଜନରେ ରୁଟି, ସବ୍‌ଜି ସାମିଲ କରିବା ଆବଶ୍ୟକ। ଡାଲି, ରାଜମା ତଥା ସମସ୍ତ ପ୍ରକାର ଶସ୍ୟ ଆଦି ଖାଇବା ଦ୍ୱାରା ମଧ୍ୟ ଟାଇପ୍-୨ ମଧୁମେହକୁ କିଛି ମାତ୍ରାରେ ନିୟନ୍ତ୍ରଣ କରାଯାଇପାରିବ। ସେହିପରି ଅଦା, ହଳଦୀ, ଗୋଲମରିଚ ଆଦିକୁ ଖାଦ୍ୟପ୍ରସ୍ତୁତିରେ ବ୍ୟବହାର କରିବା ଉଚିତ। ଡାକ୍ତରଙ୍କ ଅନୁଯାୟୀ, ଡାଏଟ୍‌ରେ ଅଖରୋଟ୍, ପିସ୍ତା ଏବଂ ବ୍ରାଜିଲ୍ ନଟ୍‌ସ, ଚିୟା ସିଡ୍‌ସ, କଖାରୁ ମଞ୍ଜି ଆଦି ସାମିଲ କଲେ ସେମାନେ ବଳଶାଳୀ ହୋଇଥାନ୍ତି। ତେଣୁ ଖାଦ୍ୟପେୟରେ ସତର୍କତା ଅବଲମ୍ବନ ସହିତ ପିଲାମାନେ ଶାରୀରିକ ସକ୍ରିୟ ରହିବା ଜରୁରି। ଦୈନିକ ସନ୍ତୁଳିତ ଖାଦ୍ୟ ଗ୍ରହଣ ସହ ତିନି ଲିଟର ପାଣି ପିଇବା ଦ୍ୱାରା ପିଲାମାନେ ସୁସ୍ଥ ଓ ନୀରୋଗ ରହିପାରନ୍ତି।

ସକାଳ
THE SAKALA
www.sakalaepaper.com

# ଚତୁର୍ଥ ଟେଷ୍ଟରୁ ବାଦ୍ ପଡ଼ିପାରନ୍ତି କରୁନ

ମାଞ୍ଚେଷ୍ଟର୍,୧୭।୭ (ଏଜେନ୍ସି):


ଏକ ହାଲ୍‌କା ମୁହୂର୍ତ୍ତରେ କୋଚ୍ ଗମ୍ଭୀରଙ୍କ ସହ ଜାଡେଜା

ଚଳିତ ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ୪ର୍ଥ ଟେଷ୍ଟ ମ୍ୟାଚ୍ ଜୁଲାଇ ୨୩ରୁ ସ୍ଥାନୀୟ ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ଖେଳାଯିବ। ଏଥିଲାଗି ଭ୍ରମଣକାରୀ ଭାରତୀୟ ଦଳ ଗୁରୁବାରଠାରୁ ଅଭ୍ୟାସ ଆରମ୍ଭ କରିଦେଇଛି। ଲର୍ଡ୍ସରେ ଅନୁଷ୍ଠିତ ସିରିଜ ୩ୟ ଟେଷ୍ଟକୁ ଘରୋଇ ଇଂଲଣ୍ଡ ନାଟକୀୟ ଭାବେ ୨୨ ରନରେ ଜିତି ସିରିଜରେ ୨-୧ରେ ଅଗ୍ରଣୀ ରହିଛି। ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଏହି ସମ୍ମାନଜନକ ସିରିଜକୁ ବଞ୍ଚାଇ ରଖିବାକୁ ହେଲେ ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଭାରତୀୟ ଦଳକୁ ୪ର୍ଥ ଟେଷ୍ଟରେ ବିଜୟ ଜରୁରୀ ହୋଇପଡ଼ିଛି।

ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ ତତ୍ତ୍ୱାବଧାନରେ ଭାରତୀୟ ଖେଳାଳିମାନେ ଗୁରୁବାର ଏଠାରେ ହାଲ୍‌କା ଅଭ୍ୟାସ କରିଛନ୍ତି। ଏଥିରେ ଦଳର ପ୍ରାୟ ସମସ୍ତ ଖେଳାଳି ଅଂଶଗ୍ରହଣ କରିଥିଲେ। ତେବେ ଲର୍ଡ୍ସ ପରାଜୟ ପରେ ଭାରତୀୟ ମ୍ୟାନେଜମେଣ୍ଟ ଦଳରେ କେତୋଟି ପରିବର୍ତ୍ତନ କରିବା ନେଇ ସମ୍ଭାବନା ରହିଛି। ବିଶେଷ କରି ୮ ବର୍ଷ ପରେ ଟେଷ୍ଟ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ କରିଥିବା ଭେଟେରାନ ବ୍ୟାଟର୍ କରୁନ ନାୟାରଙ୍କୁ ୪ର୍ଥ ଟେଷ୍ଟରେ ବାଦ୍ ଦେବାନେଇ ରିପୋର୍ଟ ପ୍ରକାଶ ପାଇଛି। ତାଙ୍କ ସ୍ଥାନରେ ଅନ୍ୟତମ ଇନଫର୍ମ ବ୍ୟାଟର୍ ସାଇ ସୁଦର୍ଶନ ମାଞ୍ଚେଷ୍ଟର ଟେଷ୍ଟରେ ଚୂଡ଼ାନ୍ତ ଏକାଦଶରେ ସାମିଲ ହୋଇପାରନ୍ତି। ପ୍ରଥମ ୩ଟି ମ୍ୟାଚ୍‌ରେ ଖେଳିବାର ସୁଯୋଗ ପାଇଥିବା ୩୩ ବର୍ଷୀୟ ବିଦର୍ଭ ବ୍ୟାଟର୍ କରୁନ ୬ଟି ପାଳିରେ ଯଥାକ୍ରମେ ୦, ୨୦, ୩୧, ୨୬, ୪୦ ଓ ୧୪ ସହ ମୋଟ୍ ୧୩୧ ରନ କରିଛନ୍ତି। ତାଙ୍କର ଆଭରେଜ ୨୧.୮୩ ରହିଥିବାବେଳେ ୪୦ ରନ ଶ୍ରେଷ୍ଠ ପାଳି ରହିଛି। ନାୟାରଙ୍କ ଏହି ନୈରାଶ୍ୟଜନକ ପ୍ରଦର୍ଶନ ହିଁ ଟିମ୍ ମ୍ୟାନେଜମେଣ୍ଟ ପାଇଁ ଚିନ୍ତାର କାରଣ ପାଲଟିଛି। ଅପରପକ୍ଷରେ ୪ର୍ଥ ଟେଷ୍ଟରେ ମଧ୍ୟ ବାମହାତୀ ଦ୍ରୁତ ବୋଲର ଅର୍ଶଦୀପ୍ ସିଂହଙ୍କୁ ସାମିଲ କରାଯାଇପାରେ। ୱାର୍କଲୋଡ୍‌କୁ ନଜରରେ ରଖି ଅଭିଜ୍ଞ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କୁ ପୁଣିଥରେ ବିଶ୍ରାମ ଦେବାନେଇ ଟିମ୍ ମ୍ୟାନେଜମେଣ୍ଟ ଚିନ୍ତା କରୁଛି। ଫଳରେ ପ୍ରଥମ ୩ଟି ମ୍ୟାଚରେ ଖେଳିବାର ସୁଯୋଗ ପାଇ ନ ଥିବା ଅର୍ଶଦୀପ୍ ଏଠାରେ ଟେଷ୍ଟ ପଦାର୍ପଣ କରିପାରନ୍ତି।

## ଭାରତ ପାଇଁ ମାଞ୍ଚେଷ୍ଟର ଅଭେଦ୍ୟ ଦୁର୍ଗ

ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ଭାରତୀୟ ଦଳର ରେକର୍ଡ ବହୁତ ଖରାପ ରହିଛି। ୮୯ ବର୍ଷ ହେଲା ଭାରତ ଏହି ଗ୍ରାଉଣ୍ଡରେ ଟେଷ୍ଟ ମ୍ୟାଚ୍ ଖେଳି ଆସୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ବିଜୟ ସ୍ୱାଦ ଚାଖିପାରିନି। ୧୯୩୬ରେ ଭାରତ ଏଠାରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳିଥିଲା। ରାଜକୁମାର ଅଫ୍ ବିଜିନଗରମ ଭାବେ ପରିଚିତ ବିଜୟ ଆନନ୍ଦଙ୍କ ନେତୃତ୍ୱରେ ଭାରତ ଏହି ଟେଷ୍ଟ ଖେଳିଥିଲା। ଭାରତ ପ୍ରଥମ ପାଳିରେ ମାତ୍ର ୨୦୩ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ଘରୋଇ ଇଂଲଣ୍ଡ ୱାଲି ହାମଣ୍ଡଙ୍କ ୧୬୭ ରନ ବଳରେ ୫୭୧/୮ରେ ପ୍ରଥମ ପାଳି ଘୋଷଣା କରିଥିଲା। ଏହାପରେ ଭାରତ ଦୁଇ ଓପନର୍ ବିଜୟ ମର୍ଚ୍ଚାଣ୍ଟ (୧୧୪) ଓ ମୁସ୍ତାକ ଅଲି (୧୧୨)ଙ୍କ ଶତକ ବଳରେ ଦ୍ୱିତୀୟ ପାଳିରେ ୫ ୱିକେଟ୍‌ରେ ୩୯୦ ରନ କରି ମ୍ୟାଚକୁ ଡ୍ର ରଖିବାରେ ସଫଳ ହୋଇଥିଲା। ଅଦ୍ୟାବଧି ଏହି ଗ୍ରାଉଣ୍ଡରେ ଭାରତ ୯ ଟେଷ୍ଟ ଖେଳି ୪ଟି ହାରିଥିବାବେଳେ ୫ଟି ଡ୍ର ରଖିଛି। ଶେଷଥର ଲାଗି ଭାରତ ୨୦୧୪ରେ ଏଠାରେ ଟେଷ୍ଟ ଖେଳି ଏକ ପାଳି ଓ ୫୪ ରନରେ ଆଲିଷ୍ଟର୍ କୁକ୍‌ଙ୍କ ନେତୃତ୍ୱାଧୀନ ଇଂଲଣ୍ଡଠାରୁ ହାରିଥିଲା। ତେଣୁ ଏଥର ଗିଲ୍‌ଙ୍କ ନେତୃତ୍ୱରେ ଭାରତ ଏଠାରେ ସ୍ମରଣୀୟ ବିଜୟ ହାସଲ ଲକ୍ଷ୍ୟରେ ରହିଛି।

# ଭାରତର ଦ୍ୱିତୀୟ ସର୍ବବୃହତ୍ ରନ୍‌ଚେଜ୍

ସାଉଥାମ୍ପଟନ, ୧୭।୭ (ଏଜେନ୍ସି): ଘରୋଇ ଇଂଲଣ୍ଡ ବିପକ୍ଷରେ ଏଠାରେ ଖେଳାଯାଇଥିବା ପ୍ରଥମ ଏକଦିବସୀୟ ମ୍ୟାଚରେ ଭାରତୀୟ ମହିଳା କ୍ରିକେଟ୍ ଦଳ ୪ ୱିକେଟ୍‌ରେ ବିଜୟୀ ହୋଇଛି। ୨୫୯ ରନର ଲକ୍ଷ୍ୟକୁ ପିଛା କରିଥିବା ଭାରତ ଦୀପ୍ତି ଶର୍ମା ଅପରାଜିତ ଅର୍ଦ୍ଧଶତକ ବଳରେ ୬ ୱିକେଟ ହରାଇ ୧୦ ବଲ୍ ପୂର୍ବରୁ ଲକ୍ଷ୍ୟ ହାସଲ କରିନେଇଥିଲା। ଏହି ଫର୍ମାଟ୍‌ରେ ଭାରତର ଦ୍ୱିତୀୟ ଶ୍ରେଷ୍ଠ ରନ ଚେଜ୍ ହୋଇଛି। ଏଥିସହ ୩ ମ୍ୟାଚ୍‌ବିଶିଷ୍ଟ ସିରିଜରେ ଭାରତ ୧-୦ରେ ଅଗ୍ରଣୀ ରହିଛି। ସିରିଜର ଦ୍ୱିତୀୟ ମ୍ୟାଚ୍ ଶନିବାର ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଖେଳାଯିବ।

ସ୍ଥାନୀୟ ରୋଜ୍ ବାଉଲ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ପ୍ରଥମ ଏକଦିବସୀୟ ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଘରୋଇ ଇଂଲଣ୍ଡ ମହିଳା କ୍ରିକେଟ୍ ଦଳ ୫୦ ଓଭରରେ ୬ ୱିକେଟ୍ ହରାଇ ୨୫୮ ରନ କରିଥିଲା। ଦଳ ପକ୍ଷରୁ ସୋଫି ଡଙ୍କଲୀ ୮୩, ଡେଭିଡସନ ରିଚାର୍ଡ୍ସ ୫୩, ଅଧିନାୟିକା ନାଟାଲୀ ସ୍କିଭର-ବ୍ରଣ୍ଟ ୪୧, ଇମା ଲାମ୍ବ ୩୯ ଓ ସୋଫି ଇକଲେଷ୍ଟୋନ ଅପରାଜିତ ୨୩ ରନ କରିଥିଲେ। ଭ୍ରମଣକାରୀ ଭାରତୀୟ ଦଳ ପକ୍ଷରୁ ସ୍ନେହ ରାଣା ଓ କ୍ରାନ୍ତି ଗୌଡ଼ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ସମସ୍ତ ବ୍ୟାଟର୍‌ଙ୍କ ମିଳିତ ସଫଳତା ବଳରେ ସହଜରେ ମ୍ୟାଚ୍ ଜିତିନେଇଥିଲା। ଦୁଇ ଓପନର୍ ସ୍ମୃତି ମନ୍ଧାନା ୩୬, ପ୍ରତୀକ ରାୱଲ ୨୮, ହର୍ଲିନ ଦେଓଲ ୨୭, ଜେମିମା ରୋଡ୍ରିଗ୍ସେଜ ୪୮, ଅଧିନାୟିକା ହର୍‌ମନପ୍ରୀତ୍ କୌର ୧୭ ରନ କରିଥିଲେ। ସେହିଭଳି ଦୀପ୍ତି ୬୨ ଓ ଅମନଜୋତ୍ କୌର ୨୦ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ଦଳକୁ ଜିତାଇଥିଲେ। ଦୀପ୍ତି ତାଙ୍କ ୧୪ତମ ଅର୍ଦ୍ଧଶତକୀୟ ପାଳିରେ ୬୪ ବଲ୍ ଖେଳି ୩ ଚୌକା ଓ ଗୋଟିଏ ହାତରେ ଏକ ସୁନ୍ଦର ଛକା ମାରିଥିଲେ। ଦୀପ୍ତି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।



**ଏକଦିବସୀୟ ମହିଳା କ୍ରିକେଟ୍‌ରେ ଭାରତର ସଫଳ ରନଚେଜ୍**

| ଟାର୍ଗେଟ୍ | ପ୍ରତିପକ୍ଷ | ବର୍ଷ |
|---|---|---|
| ୨୬୫ | ଅଷ୍ଟ୍ରେଲିଆ | ୨୦୨୧ |
| ୨୫୯ | ଇଂଲଣ୍ଡ | ୨୦୨୫ |
| ୨୫୨ | ନ୍ୟୁଜିଲାଣ୍ଡ | ୨୦୨୨ |
| ୨୪୮ | ଦ.ଆଫ୍ରିକା | ୨୦୧୯ |
| ୨୪୫ | ଦ.ଆଫ୍ରିକା | ୨୦୧୭ |

## ଡୁରାଣ୍ଡ କପ୍ ପୁରସ୍କାର ରାଶି ୩ ଗୁଣା ବଢ଼ିଲା

କୋଲକାତା, ୧୭।୭ (ଏଜେନ୍ସି): ଏସିଆ ମହାଦେଶର ସର୍ବପୁରାତନ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଡୁରାଣ୍ଡ କପ୍ ଆସନ୍ତା ୨୩ରୁ ଆରମ୍ଭ ହେବାକୁ ଯାଉଛି। ସମ୍ମାନଜନକ ଡୁରାଣ୍ଡ କପ୍‌ର ଏହି ୧୩୪ତମ ସଂସ୍କରଣ ଲାଗି ଗୁରୁବାର ଆୟୋଜକଙ୍କ ପକ୍ଷରୁ ପୁରସ୍କାର ରାଶି ଘୋଷଣା କରାଯାଇଛି। ଏଥର ପୁରସ୍କାର ବାବଦରେ ୩ କୋଟି ଟଙ୍କା ପ୍ରଦାନ କରାଯିବ। ଯାହାକି ଗତ ସଂସ୍କରଣ ତୁଳନାରେ ପାଖାପାଖି ୩ଗୁଣ ଅଧିକ। ଗତ ବର୍ଷ ପୁରସ୍କାର ବାବଦକୁ ୧ କୋଟି ୨୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଚାମ୍ପିଅନ ଓ ରନର୍ସଅପ୍ ବାଦ ଏଥର ସେମିଫାଇନାଲ, କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ଦଳଙ୍କୁ ମଧ୍ୟ ଆର୍ଥିକ ପୁରସ୍କାର ଦିଆଯିବ। ସେହିଭଳି ୩ଟି ବ୍ୟକ୍ତିଗତ ପୁରସ୍କାର ବାବଦକୁ ୩ଟି ଏସ୍‌ୟୁଭି କାର୍ ପ୍ରଦାନ କରାଯିବ ବୋଲି ଡୁରାଣ୍ଡ କପ୍‌ର ଅଧ୍ୟକ୍ଷ ତଥା ଭାରତୀୟ ଆର୍ମିର ଇଷ୍ଟର୍ଣ୍ଣ କମାଣ୍ଡ ମୁଖ୍ୟ ଲେଫନାଣ୍ଟ ଜେନେରାଲ ମୋହିତ ମାଲ୍‌ହୋତ୍ରା କହିଛନ୍ତି। ଜୁଲାଇ ୨୩ରେ ଇଷ୍ଟ ବେଙ୍ଗଲ୍ ଏଫ୍‌ସି ଓ ସାଉଥ ୟୁନାଇଟେଡ୍ ଏଫ୍‌ସି ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ସ୍ଥାନୀୟ ଯୁବା ଭାରତୀ କ୍ରୀଡ଼ାଙ୍ଗନରେ ଖେଳାଯିବ।

■ ଡ. ବିସି ରାୟ ଟ୍ରଫି

## ୨୧ ଜଣିଆ ଓଡ଼ିଶା ଦଳ ଘୋଷିତ



କଟକ,୧୭।୭(ସମିସ): ଜାତୀୟ କନିଷ୍ଠ ବାଳକ ଫୁଟବଲ ଚାମ୍ପିଅନସିପ୍ ଡ. ବିସି. ରାୟ ଟ୍ରଫି ଆସନ୍ତା ୨୦ ତାରିଖରୁ ଆରମ୍ଭ ହେବ। ପଞ୍ଜାବର ଅମୃତସରରେ ୧୦ଦିନ ଧରି ହେବାକୁ ଥିବା ଏହି ଚାମ୍ପିଅନସିପ୍ ନିମନ୍ତେ ଗୁରୁବାର ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ୨୧ ଜଣିଆ ରାଜ୍ୟ ଦଳ ଘୋଷଣା କରିଛି। ଦଳରେ ସୌମ୍ୟରଞ୍ଜନ ଦେବତା, ଉଦୟ ଏକ୍କା, ବିଷ୍ଣୁପ୍ରସାଦ ସାହୁ, କିରଣ ମୁଣ୍ଡା, ଶିବ ମୁଣ୍ଡା, ଆୟୂଷ ଅଶ୍ରୁଜିତ, ଶଙ୍କର ଭୁଏ, ଜେଙ୍ଗା ଲାକ୍ରା, କୃଷ୍ଣଚନ୍ଦ୍ର ହାଁସଦା, ଅନିକେତ ଖାଡିଆ, ସ୍ୱାଗତମ ସାହୁ, ସତ୍ୟ ନାଏକ, ରାଜ କୁମାର ରାଓ, ସମୀର ଟପ୍ପୋ, ଅମନ ଲାକ୍ରା, ପିଣ୍ଟୁ ନାଗ, ବିକି ମାଝୀ, ଇଶାନ୍ତ କୁଜୁର, ପ୍ରସନ୍ନଜିତ ବାଡା, ବିଜୟ ମୁର୍ମୁ, ମହମ୍ମଦ ଫରହାନ ଏହସାନ ସ୍ଥାନ ପାଇଛନ୍ତି। ସେଖ ମନଜୁର ଦଳର ମୁଖ୍ୟ କୋଚ୍ ରହିଥିବା ବେଳେ ଧନେଶ୍ୱର ତିର୍କୀ ସହକାରୀ କୋଚ୍, ଚିତ୍ତରଞ୍ଜନ ବେହେରା ମ୍ୟାନେଜର, ସରୋଜ କୁମାର ବେହେରା ଫିଜିଓ ଭାବେ ଦଳ ସହ ଗସ୍ତ କରିବେ। ଓଡ଼ିଶା ଗ୍ରୁପ-ସିରେ ସ୍ଥାନ ପାଇଛି। ଏହି ଗ୍ରୁପରେ ଝାଡ଼ଖଣ୍ଡ, ମଣିପୁର ଏବଂ କର୍ଣ୍ଣାଟକ ରହିଛନ୍ତି। ଜିଏନଡିୟୁ ସ୍ପୋର୍ଟସ କମ୍ପ୍ଲେକ୍ସରେ କର୍ଣ୍ଣାଟକ ବିପକ୍ଷରେ ଓଡ଼ିଶା ପ୍ରଥମ ମ୍ୟାଚ୍ ଖେଳିବ।

## ଗୋଟିଏ ଓଭରରେ ହେଟ୍‌ମାୟରଙ୍କ ୫ ଛକା

ଗୁୟାନା, ୧୭।୭ (ଏଜେନ୍ସି): କ୍ରିକେଟ୍ ୱେଷ୍ଟଇଣ୍ଡିଜ ଆନୁକୂଲ୍ୟରେ ଆୟୋଜିତ ଗ୍ଲୋବାଲ୍ ସୁପର୍ ଲିଗ୍‌ର ୯ମ ସଂସ୍କରଣରେ ସିମ୍ରନ ହେଟ୍‌ମାୟରଙ୍କ ବିସ୍ଫୋରକ ବ୍ୟାଟିଂ ଦେଖିବାକୁ ମିଳିଛି। ସ୍ଥାନୀୟ ପ୍ରୋଭିଡେନ୍ସ ଷ୍ଟାଡିୟମରେ ଅନୁଷ୍ଠିତ ଏକ ମ୍ୟାଚରେ ହେଟ୍‌ମାୟର ଗୋଟିଏ ଓଭରରେ ୫ଟି ଛକା ମାରିଛନ୍ତି। ହୋବାର୍ଟ ହରିକେନ୍ସ ଓ ଗୁୟାନା ଆମାଜନ ୱାରିୟର୍ସ ମଧ୍ୟରେ ଏହି ମ୍ୟାଚ୍ ଖେଳାଯାଉଥିଲା। ଏଥିରେ ଗୁୟାନା ଆମାଜନ ପକ୍ଷରୁ ଖେଳୁଥିବା ହେଟ୍‌ମାୟର ପ୍ରତିପକ୍ଷ ବାମହାତୀ ସ୍ପିନର ଫାବିଆନ ଆଲେନଙ୍କ ଏକ ଓଭରରେ ଏହି ବିସ୍ଫୋରକ ବ୍ୟାଟିଂ କରିଥିଲେ। ଗୁୟାନା ପାଳିର ୧୦ମ ଓଭର ବୋଲିଂ କରିଥିବା ଆଲେନଙ୍କ ପ୍ରଥମ ୪ଟି ବଲ୍‌କୁ ହେଟ୍‌ମାୟର ଛକା ମାରିଥିଲେ। ତେବେ ୫ମ ବଲ୍‌ରୁ ୨ ରନ ହୋଇଥିବାବେଳେ ଅନ୍ତିମ ବଲ୍‌ରୁ ପୁଣି ଏକ ଛକା ହୋଇଥିଲା। ଫଳରେ ଆଲେନ ଏହି ଓଭରରେ ୩୨ ରନ ବ୍ୟୟ କରିଥିଲେ। ହେଟ୍‌ମାୟର ୧୦ ବଲରେ ୩୯ ରନର ବିସ୍ଫୋରକ ପାଳି ଖେଳିବାରୁ ଗୁୟାନା ଆମାଜନ ୧୨୬ ରନର ଲକ୍ଷ୍ୟକୁ ୧୬.୩ ଓଭରରେ ୬ ୱିକେଟ୍ ହରାଇ ହାସଲ କରିନେଇଥିଲା।

## ଡୋପ୍ ଟେଷ୍ଟରେ ରୁଥ୍ ବିଫଳ

ନାଇରୋବି, ୧୭।୭ (ଏଜେନ୍ସି): ମହିଳା ମାରାଥନରେ ବିଶ୍ୱ ରେକର୍ଡର ଅଧିକାରିଣୀ ରହିଥିବା କେନିଆର ରୁଥ୍ ଚେପନଗେଇଚ୍ ଡୋପ୍ ଟେଷ୍ଟରେ ବିଫଳ ହୋଇ ସାମୟିକ ବାସନ୍ଦ ହୋଇଛନ୍ତି। ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥ୍‌ଲେଟିକ ଇଣ୍ଟେଗ୍ରିଟି ୟୁନିଟ୍ ପକ୍ଷରୁ ଗୁରୁବାର ଏହି ସୂଚନା ଦିଆଯାଇଛି। ଗତ ଅକ୍ଟୋବରରେ ଅନୁଷ୍ଠିତ ଚିକାଗୋ ମାରାଥନରେ ୩୦ ବର୍ଷୀୟା ରୁଥ୍ ୨ ଘଣ୍ଟା ୯ ମିନିଟ୍ ଓ ୫୬ ସେକେଣ୍ଡରେ ରେସ୍ ଫିନିଶ କରି ବିଶ୍ୱରେକର୍ଡ କରିଥିଲେ।

## ପ୍ରଫେସନାଲ୍ ଫୁଟ୍‌ବଲରୁ ଅବସର ନେଲେ ଆଦିତି



ନୂଆଦିଲ୍ଲୀ, ୧୭।୭ (ଏଜେନ୍ସି): ପ୍ରଥମ ଭାରତୀୟ ମହିଳା ଭାବେ ୟୁରୋପ୍‌ରେ ପ୍ରଫେସନାଲ ଫୁଟ୍‌ବଲ୍ ଖେଳିଥିବା ଆଦିତି ଚୌହାନ ଅବସର ଘୋଷଣା କରିଛନ୍ତି। ୧୭ ବର୍ଷର ଲମ୍ବା କ୍ୟାରିୟରରେ ଗୋଲ୍‌ରକ୍ଷକ ଆଦିତି ଜାତୀୟ ଦଳ ପକ୍ଷରୁ ୫୭ ମ୍ୟାଚ୍ ଖେଳିଛନ୍ତି। ୨୦୧୨, ୨୦୧୬ ଓ ୨୦୧୯ରେ ସାଫ୍ ଚାମ୍ପିଅନସିପ୍ ଜିତିଥିବା ଭାରତୀୟ ମହିଳା ଫୁଟ୍‌ବଲ ଦଳର ସେ ପ୍ରମୁଖ ସଦସ୍ୟା ରହିଥିଲେ। ୨୦୧୧ରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିବା ଆଦିତି ୨୦୨୩ରେ ତାଙ୍କର ଶେଷ ମ୍ୟାଚ୍ ଖେଳିଥିଲେ। ୩୨ ବର୍ଷୀୟା ଆଦିତି ୨୦୧୫ରେ ଇଂଲଣ୍ଡରେ ଆୟୋଜିତ ମହିଳା ସୁପର୍ ଲିଗ୍‌ରେ ୱେଷ୍ଟ ହାମ୍ ୟୁନାଇଟେଡ୍ ପକ୍ଷରୁ ଖେଳିବାକୁ ଚୁକ୍ତି କରିଥିଲେ। ଏଥିସହ ସେ ଦେଶର ପ୍ରଥମ ମହିଳା ଫୁଟ୍‌ବଲ ଖେଳାଳି ଭାବେ ୟୁରୋପ୍‌ରେ ପ୍ରଫେସନାଲ ଲିଗ୍ ଖେଳି ଚର୍ଚ୍ଚାକୁ ଆସିଥିଲେ। ୱେଷ୍ଟ ହାମ୍ ଦଳ ପାଇଁ ସେ ଦୁଇ ବର୍ଷ ଖେଳିଥିଲେ। ଅବସର ପରେ ଦେଶରେ ଫୁଟ୍‌ବଲର ଉନ୍ନତି ଲାଗି କାର୍ଯ୍ୟ କରିବେ ବୋଲି ଆଦିତି କହିଛନ୍ତି।

**ଜାପାନ ଓପନ୍**

## ଲକ୍ଷ୍ୟ, ସାତ୍ତ୍ୱିକ-ଚିରାଗଙ୍କ ବିଦାୟ

ଟୋକିଓ, ୧୭।୭ (ଏଜେନ୍ସି): ଚଳିତ ଜାପାନ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ଦ୍ୱିତୀୟ ରାଉଣ୍ଡରୁ ଭାରତର ଲକ୍ଷ୍ୟ ସେନଙ୍କୁ ବିଦାୟ ନେବାକୁ ପଡ଼ିଛି। ଗୁରୁବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ମୁକାବିଲାରେ ଲକ୍ଷ୍ୟ ୧୯-୨୧, ୧୧-୨୧ ସିଧାସଳଖ ଗେମ୍‌ରେ ଘରୋଇ ଖେଳାଳି କୋଡାଇ ନାରାଓକାଙ୍କ ନିକଟରୁ ପରାସ୍ତ ହୋଇଛନ୍ତି। ଫଳରେ ଚଳିତ ବର୍ଷ ଅଲ୍ ଇଂଲଣ୍ଡ ଟୁର୍ଣ୍ଣାମେଣ୍ଟ ପରେ ଲକ୍ଷ୍ୟ କ୍ରମାଗତ ୫ମଥର ଲାଗି କ୍ୱାର୍ଟର ଫାଇନାଲକୁ ଉଠିବାରେ ବିଫଳ ହୋଇଛନ୍ତି। ଅପରପକ୍ଷରେ ପୁରୁଷ ଡବଲ୍ସରେ ବିଶ୍ୱର ପୂର୍ବତନ ଏକ ନମ୍ବର ଯୋଡ଼ି ଭାରତର ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ମଧ୍ୟ ଦ୍ୱିତୀୟ ରାଉଣ୍ଡରେ ଅଟକିଯାଇଛନ୍ତି। ଏହି ଭାରତୀୟ ଯୋଡ଼ି ୨୨-୨୪, ୧୪-୨୧ ଗେମ୍‌ରେ ଚାଇନାର ଲିଆଙ୍ଗ କେଙ୍ଗ୍ ୱି ଓ ୱାଙ୍ଗ୍ ଚାଙ୍ଗ୍ ଯୋଡ଼ିଙ୍କ ନିକଟରୁ ପରାସ୍ତ ହୋଇଥିଲେ। ପୂର୍ବରୁ ଗତକାଲି ପିଭି ସିନ୍ଧୁ ମଧ୍ୟ ପ୍ରଥମ ରାଉଣ୍ଡରେ ପରାଜୟର ସମ୍ମୁଖୀନ ହୋଇଥିଲେ।

**ସାହାଣୀ କପ୍**

## ଇଞ୍ଜୁରୀ ଟାଇମ୍‌ରେ ଜିତିଲା ଖୋର୍ଦ୍ଧା



କେଉଁଝରର ଜୋନ୍‌ରେ ଅନୁଷ୍ଠିତ ଏକ ମ୍ୟାଚ୍

କଟକ,୧୭।୭(ସମିସ): ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା(ଫାଓ) ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ମିଳିତ ଆନୁକୂଲ୍ୟରେ ୬୪ତମ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନସିପ୍ ସାହାଣୀ କପ୍ ୪ଟି ଜୋନ୍‌ରେ ଖେଳାଯାଉଛି। ଗୁରୁବାର ଦ୍ୱିତୀୟ ଦିବସରେ କେନ୍ଦ୍ରାପଡ଼ା ଜୋନ୍‌ରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଖୋର୍ଦ୍ଧା ଇଞ୍ଜୁରୀ ଟାଇମ୍‌ରେ ୨ଟି ଗୋଲ୍ ସ୍କୋର କରି ରୋମାଞ୍ଚକ ବିଜୟ ହାସଲ କରିଥିଲା। ଖୋର୍ଦ୍ଧା ଏବଂ ପାରାଦୀପ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା। ଉଭୟ ଦଳ ପ୍ରଥମାର୍ଦ୍ଧରେ ୨ଟି ଲେଖାଏ ଗୋଲ ସ୍କୋର କରିଥିଲେ। ପାରାଦୀପର କେ. ରିତିକ୍, ପ୍ରକାଶ ନାୟକ, ଖୋର୍ଦ୍ଧାର ତୋଫାନ ନାୟକ ଏବଂ ରଞ୍ଜନ ସ୍ୱାଇଁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଦ୍ୱିତୀୟାର୍ଦ୍ଧର ୭୬ତମ ମିନିଟରେ ପ୍ରକାଶ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇ ପାରାଦୀପକୁ ୩-୨ରେ ଆଗୁଆ ରହିଥିଲେ। ନିର୍ଦ୍ଧାରିତ ୯୦ ମିନିଟ ପର୍ଯ୍ୟନ୍ତ ପାରାଦୀପ ବିଜୟ ଆଶାରେ ରହିଥିଲା। ମାତ୍ର ଇଞ୍ଜୁରି ଟାଇମ୍‌ରେ ଖୋର୍ଦ୍ଧା ମ୍ୟାଚ୍‌ର ଚିତ୍ରପଟ୍ଟ ବଦଳାଇ ଦେଇଥିଲା। ୯୧ତମ ମିନିଟରେ ଚନ୍ଦନ ନାୟକ ଏବଂ ୯୫ତମ ମିନିଟରେ ତୋଫାନ ନାୟକଙ୍କ ଗୋଲ୍ ବଳରେ ଖୋର୍ଦ୍ଧା ଅବିଶ୍ୱସନୀୟ ବିଜୟ ହାସଲ କରିଥିଲା। କେନ୍ଦ୍ରାପଡ଼ା ଜୋନରେ ଅନ୍ୟ ଏକ ମ୍ୟାଚ୍‌ରେ କଟକ ୫-୦ ଗୋଲରେ ପୁରୀକୁ ହରାଇଛି। ସେହିପରି ବୌଦ୍ଧ ଜୋନରେ ବରଗଡ ୪-୦ ଗୋଲରେ କଳାହାଣ୍ଡିକୁ, ଦେବଗଡ଼ ୨-୦ ଗୋଲରେ ନୟାଗଡ଼କୁ, କେନ୍ଦୁଝର ଜୋନରେ ସୁବର୍ଣ୍ଣପୁର ୬-୦ ଗୋଲରେ ବାଲେଶ୍ୱରକୁ ହରାଇଥିବା ବେଳେ ସୁନ୍ଦରଗଡ଼ ଏବଂ ଢେଙ୍କାନାଳ ବିପକ୍ଷ ମ୍ୟାଚ୍ ୧-୧ ଗୋଲରେ ଡ୍ର ରହିଥିଲା। ବ୍ରହ୍ମପୁର ଜୋନରେ କୋରାପୁଟ ୪-୦ ଗୋଲରେ ମୟୂରଭଞ୍ଜକୁ ଏବଂ ମାଲକାନଗିରି ୮-୧ ଗୋଲରେ ରାୟଗଡାକୁ ହରାଇଛି।

### ଅଗଷ୍ଟ ୧୦ରେ କଳିଙ୍ଗରେ ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର୍

## ଯୋଗ୍ୟତା ମାନଦଣ୍ଡ ଜାରି କଲା ଏଏଫ୍‌ଆଇ

ଭୁବନେଶ୍ୱର, ୧୭।୭ (ସମିସ):



ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଅଗଷ୍ଟ ୧୦ରେ ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର୍ ବ୍ରୋଞ୍ଜ ଲେଭଲ୍ ମିଟ୍ ଅନୁଷ୍ଠିତ ହେବ। ୱାର୍ଲ୍ଡ ଆଥ୍‌ଲେଟିକ୍ସ (ଡବ୍ଲ୍ୟୁଏ), ଆଥ୍‌ଲେଟିକ୍ ଫେଡେରେସନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଏହି ଏକଦିବସୀୟ ମେଗା ଇଭେଣ୍ଟ ଆୟୋଜିତ ହେବ। ଏଥିରେ ଅଂଶଗ୍ରହଣ କରିବା ଲାଗି ଏଏଫ୍‌ଆଇ ପକ୍ଷରୁ ଗୁରୁବାର ଯୋଗ୍ୟତା ମାନଦଣ୍ଡ ଘୋଷଣା କରାଯାଇଛି। ପୁରୁଷ ଓ ମହିଳା ୧୦୦ ମିଟର ଲାଗି ଯଥାକ୍ରମେ ଯୋଗ୍ୟତା ମାନଦଣ୍ଡ ୧୦.୬୦ ଓ ୧୧.୮୦ ସେକେଣ୍ଡ ଧାର୍ଯ୍ୟ କରାଯାଇଛି। ସେହିଭଳି ପୁରୁଷ ୨୦୦ ମିଟର ଲାଗି ୨୧.୩୦ ସେକେଣ୍ଡ ଓ ମହିଳାଙ୍କ ଲାଗି ୨୩.୫୦ ସେକେଣ୍ଡ ରଖାଯାଇଛି। ତେବେ ଜାଭେଲିନ୍ ଇଭେଣ୍ଟରେ ଦୁଇଥରର ଅଲିମ୍ପିକ୍ସ ପଦକ ବିଜେତା ନୀରଜ ଚୋପ୍ରା ଏହି ପ୍ରତିଯୋଗିତାରେ ଭାଗନେବେ ନାହିଁ ବୋଲି ବୋଲି ଜଣାପଡ଼ିଛି।

**ଭାଗନେବେନି ନୀରଜ**

ଉଲ୍ଲେଖଯୋଗ୍ୟ, ୱାର୍ଲ୍ଡ ଆଥ୍‌ଲେଟିକ୍ସ ଆନୁକୂଲ୍ୟରେ ଆୟୋଜିତ ଏହି କଣ୍ଟିନେଣ୍ଟାଲ୍ ଟୁର୍ ହେଉଛି ଏକ ଟ୍ରାକ୍ ଆଣ୍ଡ ଫିଲ୍ଡ ପ୍ରତିଯୋଗିତାର ଏକ ବାର୍ଷିକ ସିରିଜ। ସମ୍ମାନଜନକ ଡାଏମଣ୍ଡ ଲିଗ୍ ପରେ ଏହା ଦ୍ୱିତୀୟସ୍ତରର ଏକଦିବସୀୟ ପ୍ରତିଯୋଗିତା। ସେହିଭଳି ବ୍ରୋଞ୍ଜ-ଲେଭଲ୍ ଟୁର୍ ମିଟ୍ ସ୍ୱର୍ଣ୍ଣ ଓ ରୌପ୍ୟସ୍ତରଠାରୁ କମ୍ ମାନ୍ୟତା। କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେବାକୁ ଥିବା ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର୍ ବ୍ରୋଞ୍ଜ ଲେଭଲ୍ ମିଟ୍‌ରେ ଆୟୋଜକ ଭାରତ ସମେତ ୧୦ ଦେଶର ୧୫୦ରୁ ଊର୍ଦ୍ଧ୍ୱ ଆଥ୍‌ଲେଟ୍ ଭାଗନେବେ। ପୁରୁଷ, ମହିଳା ଓ ମିକ୍ସଡ୍ ବର୍ଗରେ ୨୦ଟି କ୍ରୀଡ଼ା ଇଭେଣ୍ଟରେ ଏହି ପ୍ରତିଯୋଗିତା ଆୟୋଜିତ ହେବ। ଏହି ପ୍ରତିଯୋଗିତା ସହ ଦୀର୍ଘ ୮ ବର୍ଷ ପରେ ଆଇକନିକ କଳିଙ୍ଗ ଷ୍ଟାଡିୟମକୁ ଏକ ବିଶ୍ୱସ୍ତରୀୟ ଦୌଡ଼କୁଦ ଇଭେଣ୍ଟ ଫେରିଛି। ଶେଷ ଓ ପ୍ରଥମଥର ଲାଗି ୨୦୧୭ରେ କଳିଙ୍ଗ ଷ୍ଟାଡିୟମରେ ଏସିଆନ୍ ଆଥ୍‌ଲେଟିକ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଥିଲା।

**ଯୋଗ୍ୟତା ମାନଦଣ୍ଡ**

**ପୁରୁଷ**

| | |
|---|---|
| ୧୦୦ମି | ୧୦.୬୦ ସେକେଣ୍ଡ |
| ୨୦୦ମି | ୨୧.୩୦ ସେକେଣ୍ଡ |
| ୪୦୦ମି | ୪୬.୨୦ ସେକେଣ୍ଡ |
| ୮୦୦ମି | ୧:୪୮.୫୦ ସେକେଣ୍ଡ |
| ୫୦୦୦ମି | ୧୪:୧୦.୦୦ ସେକେଣ୍ଡ |
| ଲଙ୍ଗ ଜମ୍ପ | ୭.୮୦ ମିଟର |
| ଟ୍ରିପଲ ଜମ୍ପ | ୧୬.୬୦ ମିଟର |
| ଜାଭେଲିନ୍ | ୭୫ ମିଟର |

**ମହିଳା**

| | |
|---|---|
| ୧୦୦ମି | ୧୧.୮୦ ସେକେଣ୍ଡ |
| ୨୦୦ମି | ୨୩.୫୦ ସେକେଣ୍ଡ |
| ୪୦୦ମି | ୫୩.୦୦ ସେକେଣ୍ଡ |
| ୮୦୦ମି | ୨:୦୫.୦୦ ସେକେଣ୍ଡ |
| ୧୫୦୦ମି | ୪:୧୮.୦୦ ସେକେଣ୍ଡ |
| ୧୦୦ମି ହର୍ଡଲ୍ସ | ୧୩.୫୫ ସେକେଣ୍ଡ |
| ଲଙ୍ଗ ଜମ୍ପ | ୬.୦୦ ମିଟର |
| ଜାଭେଲିନ୍ | ୫୨ ମିଟର |

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS